

୧୦ ୱିକେଟ୍‌ରେ ଜିତିଲା ନ୍ୟୁଜିଲାଣ୍ଡ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-226 ♦WEDNESDAY ♦11 FEBRUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୨୬ ♦ବୁଧବାର ♦୧୧ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ମନିଲଣ୍ଡରିଂ ମାମଲା // ଟିନା ଅମ୍ବାନୀଙ୍କୁ ସମନ କରିବ ଇଡି

■ ନୂଆଦିଲ୍ଲୀ, ୧୦।୨ (ଏଜେନ୍ସି): ବଢ଼ିବାରେ ଲାଗିଛି ଅନିଲ ଅମ୍ବାନୀ ଏବଂ ତାଙ୍କ ପରିବାର ପାଇଁ ସମସ୍ୟା। ମନି ଲଣ୍ଡରିଂ ମାମଲାରେ ପଚରାଉଚରା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଖୁବ୍ ଶୀଘ୍ର ରିଲାଏନ୍ସ ଗ୍ରୁପ୍ ଅଧକ୍ଷ ଅନିଲ ଅମ୍ବାନୀଙ୍କ ପତ୍ନୀ ଟିନା ଅମ୍ବାନୀଙ୍କୁ ନୂତନ ସମନ ଜାରି କରିବ। ୬୮ ବର୍ଷୀୟ ପୂର୍ବତନ ଅଭିନେତ୍ରୀ ଟିନା ଅମ୍ବାନୀଙ୍କୁ ଫେବୃଆରୀ ୯ ତାରିଖରେ ତଦନ୍ତକାରୀ ସଂସ୍ଥା ସମ୍ମୁଖରେ ହାଜର ହେବାର ଥିଲା, କିନ୍ତୁ ସେ ହାଜର ହୋଇ ନ ଥିଲେ। ଅଧିକାରୀଙ୍କ ଅନୁଯାୟୀ, ତାଙ୍କୁ ଖୁବ୍ ଶୀଘ୍ର ସମନ କରାଯିବ। ଏହି ମାମଲା ନ୍ୟୁୟର୍କରେ ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ କ୍ରୟ ସହିତ



ବଢ଼ିଲା ଅନିଲ ଅମ୍ବାନୀଙ୍କ ଅଡୁଆ

ଜଡିତ। ନ୍ୟୁୟର୍କର ମାନହାଟନରେ ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ (କଣ୍ଡୋମିନିୟମ୍) କ୍ରୟ ସହିତ ଜଡିତ ଆର୍ଥିକ କାରବାର ସମ୍ପର୍କରେ ତାଙ୍କୁ ପଚରାଉଚରା କରାଯିବ ବୋଲି ବିଶ୍ୱାସ କରାଯାଉଛି। ଇଡି ଏହି ମାମଲାରେ ପୂର୍ବତନ ରିଲାଏନ୍ସ କମ୍ୟୁନିକେସନ୍ସ (ଆର୍‌କମ୍) ସଭାପତି ପୁନିତ ଗର୍ଗଙ୍କୁ ମଧ ଗିରଫ କରିଛି। ଉଲ୍ଲେଖଯୋଗ୍ୟ ଯେ ଅନିଲ ଧୀରୁଭାଇ ଅମ୍ବାନୀ ଗ୍ରୁପ୍ (ଏଡିଏଜି) ଏବଂ ଏହାର ସମ୍ପୃକ୍ତ ସଂସ୍ଥାଗୁଡ଼ିକ ବିରୁଦ୍ଧରେ ୪୦ ହଜାର କୋଟି ଟଙ୍କାର ବ୍ୟାଙ୍କିଙ୍ଗ୍ ଏବଂ କର୍ପୋରେଟ୍ ଠକେଇ ତଦନ୍ତ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏକ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍‌ଆଇଟି) ଗଠନ କରିଛି।

## ୩ ଘଣ୍ଟାରେ ହଟିବ ଡିପ୍‌ଫେକ୍ ଓ ଏଆଇ କଣ୍ଟେଣ୍ଟ

■ ନୂଆଦିଲ୍ଲୀ, ୧୦।୨ (ଏଜେନ୍ସି): କେନ୍ଦ୍ର ସରକାର ଡିପଫେକ୍ ସମେତ ଏଆଇ-ଜେନେରେଟେଡ୍ କଣ୍ଟେଣ୍ଟ ବା ବିଷୟବସ୍ତୁକୁ ନେଇ ଅନ୍‌ଲାଇନ୍ ପ୍ଲାଟଫର୍ମଗୁଡ଼ିକ ପାଇଁ ନିୟମ କଡ଼ାକଡ଼ି କରିଛନ୍ତି। ଏହା ଅଧୀନରେ ଏକ୍ସ ଏବଂ ଇନଷ୍ଟାଗ୍ରାମ ଭଳି ପ୍ଲାଟଫର୍ମଗୁଡ଼ିକୁ କୋର୍ଟଙ୍କ ଆଦେଶ ପାଇବାର ତିନି ଘଣ୍ଟା ମଧ୍ୟରେ ସେମାନଙ୍କର ପ୍ଲାଟଫର୍ମରୁ ଏଆଇ କଣ୍ଟେଣ୍ଟ ହଟାଇବାକୁ ପଡ଼ିବ। ଏଥିପାଇଁ ସରକାର ସୂଚନା ପ୍ରଯୁକ୍ତିବିଦ୍ୟା ନିୟମ, ୨୦୨୧ରେ ସଂଶୋଧନ କରିଛନ୍ତି। ନୂତନ ନିୟମ ଫେବୃଆରୀ ୨୦ରୁ କାର୍ଯ୍ୟକାରୀ ହେବ। ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ଏବେ ୩୬ ଘଣ୍ଟା ପରିବର୍ତ୍ତେ ୩ ଘଣ୍ଟା ମଧ୍ୟରେ ସରକାର କିମ୍ବା କୋର୍ଟଙ୍କ ଆଦେଶ ଉପରେ କାର୍ଯ୍ୟ କରିବାକୁ ପଡ଼ିବ। ଏହାସହିତ, ବ୍ୟବହାରକାରୀଙ୍କ ଅଭିଯୋଗ ସମାଧାନ ପାଇଁ ସମୟସୀମା ହ୍ରାସ କରାଯାଇଛି। ଏହି ନୂତନ ନିୟମରୁ ନିୟମିତ ସମ୍ପାଦନା ଏବଂ ସତ୍ ଉଦ୍ଦେଶ୍ୟ ଶିକ୍ଷାଗତ କିମ୍ବା ଡିଜାଇନ୍ କାର୍ଯ୍ୟ ଭଳି କିଛି ଜିନିଷକୁ ବାଦ୍ ଦିଆଯାଇଛି। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ (ମାଇଟି) ଏକ ବିଜ୍ଞପ୍ତିରେ କହିଛି ଯେ ମୁଖ୍ୟ ପରିବର୍ତ୍ତନଗୁଡ଼ିକ ମଧ୍ୟରେ କୃତ୍ରିମ ବିଷୟବସ୍ତୁକୁ ସୂଚନା ଭାବରେ ଚିହ୍ନଟ କରିବା ଅନ୍ତର୍ଭୁକ୍ତ। ଆଇଟି ନିୟମ ଅନୁଯାୟୀ ବେଆଇନ କାର୍ଯ୍ୟକଳାପ ନିର୍ଣ୍ଣୟ କରିବା ପାଇଁ ଏଆଇ ବିଷୟବସ୍ତୁକୁ ଅନ୍ୟ ସୂଚନା ପରି ବ୍ୟବହାର କରାଯିବ। ଏହି ନିୟମଗୁଡ଼ିକ ଏଆଇ କଣ୍ଟେଣ୍ଟର ବାଧ୍ୟତାମୂଳକ ଲେବଲ୍ ଆବଶ୍ୟକ କରୁଛି। ▶ପୃଷ୍ଠା-୭

**କେନ୍ଦ୍ରର ବଡ଼ କାର୍ଯ୍ୟାନୁଷ୍ଠାନ**

**ସୋସିଆଲ ମିଡିଆ ପାଇଁ ନୂଆ ନିୟମ**


# ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ନୋଟିସ୍

## ଅନାସ୍ଥା ନିଷ୍ପତ୍ତି ପର୍ଯ୍ୟନ୍ତ ଲୋକସଭାକୁ ଆସିବେନି ଓମ୍ ବିର୍ଲା

■ ନୂଆଦିଲ୍ଲୀ, ୧୦।୨ (ଏଜେନ୍ସି): ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ନେଇ ବିରୋଧୀ ଏବଂ ସରକାର ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ଏହି କାରଣରୁ ଗତ ତିନି ତାରିଖ ଠାରୁ ଲୋକସଭା ଅଚଳ ରହିଛି। ଅଚଳାବସ୍ଥା ଦୂର ହେବାର ନାଁ ଧରୁନଥିବା ବେଳେ ବିଭିନ୍ନ କାରଣ ଦର୍ଶାଇ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ନୋଟିସ ଦେଇଛନ୍ତି ବିରୋଧୀ ଦଳ। ଆସନ୍ତା ମାର୍ଚ୍ଚ ୯ ତାରିଖରେ ଏହା ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଓମ୍ ବିର୍ଲା ଘୋଷଣା କରିଛନ୍ତି ଯେ ଅନାସ୍ଥା ପ୍ରସ୍ତାବ ଉପରେ ନିଷ୍ପତ୍ତି ନଆସିବା ପର୍ଯ୍ୟନ୍ତ ସେ ଲୋକସଭାକୁ ଆସିବେ ନାହିଁ। ଏହି ଘଟଣା ଜତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି।

ବାଚସ୍ପତିଙ୍କ ଉପରେ ଅସନ୍ତୁଷ୍ଟ ବିରୋଧୀ ଦଳ ସଭ୍ୟ ଅଭିଯୋଗ କରୁଛନ୍ତି ଯେ ସେ ଆଦୌ ନିରପେକ୍ଷ ହୋଇ ଗୃହ ପରିଚାଳନା କରୁ ନାହାନ୍ତି। ତେଣୁ ବିଙ୍କୁ ବାଚସ୍ପତି ପଦରୁ ହଟାଇବା ଲାଗି





ସେମାନେ ଅନାସ୍ଥା ନୋଟିସ ଦେଇଛନ୍ତି। ଆସନ୍ତା ମାର୍ଚ୍ଚ ୯ ତାରିଖରେ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଆରମ୍ଭ ହେବାକୁ ଯାଉଥିବା ବେଳେ ସେହିଦିନ ହିଁ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ହୋଇପାରେ। ଅତିକମରେ ୫୦ ଜଣ ସାଂସଦ ହାତ ଉଠାଇ ଏହି ପ୍ରସ୍ତାବକୁ ସମର୍ଥନ କଲେ ଅନାସ୍ଥା ଉପରେ ଆଲୋଚନା ପାଇଁ ଅନୁମତି ମିଳିବ। ବିରୋଧୀ ଦଳ ପକ୍ଷରୁ ଅନାସ୍ଥା ନୋଟିସ ମିଳିବା ପରେ ଏହା ଉପରେ ପଦକ୍ଷେପ ନେବା ଲାଗି ବିର୍ଲା ଲୋକସଭା ମହାସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ସେ ଘୋଷଣା କରିଛନ୍ତି ଯେ ଅନାସ୍ଥା ଉପରେ ଆଲୋଚନା ଏବଂ ନିଷ୍ପତ୍ତି ନହେବା ପର୍ଯ୍ୟନ୍ତ ସେ ଗୃହକୁ ଆସିବେ ନାହିଁ। ସମ୍ବିଧାନର ଧାରା ୯୬(୧) ଅନୁଯାୟୀ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ଉପରେ ଆଲୋଚନା ଏବଂ ମତଦାନ ବେଳେ ବାଚସ୍ପତି ଗୃହରେ ଅଧ୍ୟକ୍ଷତା କରିପାରିବେ ନାହିଁ। ତେବେ ସେ ଗୃହରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିପାରିବେ ଏବଂ ତାଙ୍କ ବିରୋଧରେ ଆଗତ ଅଭିଯୋଗର ଉତ୍ତର ଦେଇପାରିବେ।

ସୂଚନାଯୋଗ୍ୟ ଯେ ସଂସଦର ଚଳିତ ବଜେଟ ଅଧିବେଶନରେ ରାହୁଲଙ୍କୁ ନେଇ ବିରୋଧୀ ଦଳର ଟାର୍ଗେଟରେ ଅଛନ୍ତି ବାଚସ୍ପତି ଓମ୍ ବିର୍ଲା। ଭାରତ ଓ ଚୀନ ମଧ୍ୟରେ ଲଦାଖ ସଂଘର୍ଷ ଉପରେ ପୂର୍ବତନ ସେନା ଅଧକ୍ଷ ଜେନେରାଲ ଏମଏମ୍ ନରବାଣେ ଲେଖିଥିବା ଅପ୍ରକାଶିତ ପୁସ୍ତକର କିଛି ଅଂଶ ପଢ଼ିବାକୁ ଚାହୁଁଥିଲେ ରାହୁଲ ଗାନ୍ଧୀ। ବାଚସ୍ପତି ତାଙ୍କୁ ଅନୁମତି ଦେଉ ନଥିବାରୁ ଗତ ତିନି ତାରିଖ ଠାରୁ ଲୋକସଭା ଅଚଳ ରହିଛି। ପୁଣି ଏହି ପ୍ରସଙ୍ଗରେ ବିରୋଧୀ ଦଳର ୮ ଜଣ ସାଂସଦଙ୍କୁ ବାଚସ୍ପତି ସସ୍‌ପେଣ୍ଡ କରିଥିବାରୁ ବିରୋଧୀ କ୍ଷୁବ୍ଧ ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅନୁପସ୍ଥିତିରେ ତାଙ୍କ ଆସନ ନିକଟରେ ବିରୋଧୀ ଦଳର ମହିଳା ସାଂସଦ ଏକାଠି ହେବା ଘଟଣାକୁ ବାଚସ୍ପତି ଅଲଗା ରଙ୍ଗ ଦେଉଥିବାରୁ ବିରୋଧୀ ଭୀଷଣ ଅସନ୍ତୁଷ୍ଟ। ଏହିସବୁ କାରଣ ଦର୍ଶାଇ ସେମାନେ ଅନାସ୍ଥା ନୋଟିସ ଦେଇଥିବା କହିଛନ୍ତି ବିରୋଧୀ।

ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିବାରେ ଏହା ପ୍ରଥମ ଘଟଣା ନୁହେଁ। ଏହାପୂର୍ବରୁ ତିନି ଜଣ ବାଚସ୍ପତିଙ୍କ ବିରୋଧରେ ▶ପୃଷ୍ଠା-୭

## ଜଳୁଛି ମଣିପୁର; ଇଣ୍ଟରନେଟ ବନ୍ଦ

### ଉପଦ୍ରବୀ ପୁଣି ଜାଳିଦେଲେ ୨୫ ଘର ଓ ସରକାରୀ କ୍ୱାର୍ଟର

■ ଇମ୍ଫାଲ, ୧୦।୨ (ଏଜେନ୍ସି): ମଣିପୁରରେ ନୂଆ ବିଜେପି ସରକାର ଗଠନର ସପ୍ତାହେ ଭିତରେ ପୁଣି ହିଂସା ସୃଷ୍ଟି ହୋଇଛି। ଗତ ୪ ଦିନ ହେଲା ଉଖରୁଲ ଜିଲ୍ଲାରେ ନିଆଁ ଜଳୁଛି। ଲିତାନ ସରେଇଖୋଙ୍ଗ ଗ୍ରାମରେ ୨୫ ଘର ଏବଂ ଚାରୋଟି ସରକାରୀ କ୍ୱାର୍ଟରଙ୍କୁ ଉପଦ୍ରବୀ ଜଳାଇ ଦେଇଛନ୍ତି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ସମ୍ପୂର୍ଣ୍ଣ ଜିଲ୍ଲାରେ କର୍ଫ୍ୟୁ ଲଗାଇ ଦିଆଯାଇଛି। ମଙ୍ଗଳବାର ସକାଳ ୧୧ଟା ୩୦ରୁ ପାଞ୍ଚ ଦିନ ପାଇଁ ଜିଲ୍ଲାରେ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଛି। ତାଙ୍ଗଖୁଲ ଏବଂ କୁକି ଜନଜାତି ମଧ୍ୟରେ ହିଂସା ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଅଞ୍ଚଳର ସୁରକ୍ଷାବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସୂଚନା ଅନୁଯାୟୀ, ଗତ ୭ ତାରିଖ ସନ୍ଧ୍ୟାରେ ଲିତାନ ସରେଇଖୋଙ୍ଗରେ ମଦ ନିଶାଣରେ ହୋଇଥିବା ଝଗଡ଼ାରୁ ହିଂସା ଆରମ୍ଭ ହୋଇଥିଲା। ଏଠାରେ ତାଙ୍ଗଖୁଲ ନାଗା ସମ୍ପ୍ରଦାୟର ଯୁବକ ଷ୍ଟର୍ଲିଙ୍ଗ ସହ ଝଗଡ଼ା ହୋଇଥିଲା। ଏହାକୁ ନେଇ ଉଭୟ ସମ୍ପ୍ରଦାୟ ମୁହାଁମୁହିଁ ହୋଇଥିଲେ। ଏହି ହିଂସାରେ ଗୁରୁତର ଆହତ ଜଣେ ବିଧାୟକଙ୍କୁ ଚିକିତ୍ସା ଲାଗି ନୂଆଦିଲ୍ଲୀକୁ ଏୟାରଲିଫ୍ଟ କରାଯାଇଛି।



ଉପଦ୍ରବୀ ଉଖରୁଲ ଜିଲ୍ଲା ଲିତାନ ଅଞ୍ଚଳର ଆଖପାଖ ଗାଁର ଅନେକ ଘରେ ନିଆଁ ଲଗାଇ ଦେଇଥିଲେ। ହିଂସା ସମୟରେ ରାଇଫଲରୁ ଗୁଳି ମାଡ଼ ମଧ କରାଯାଇଥିଲା। ଅଞ୍ଚଳରେ ହିଂସା ବ୍ୟାପିବା ପରେ କର୍ଫ୍ୟୁ ଲଗା ଯାଇଥିଲା। ଏବେ ବି ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ମାତ୍ର ବହୁସଂଖ୍ୟାରେ ସୁରକ୍ଷାବାହିନୀ ମୁତୟନ କରାଯାଇଥିବାରୁ ସ୍ଥିତି ନିୟନ୍ତ୍ରଣରେ ଅଛି। ହିଂସା ପ୍ରଭାବିତ କ୍ଷେତ୍ରରେ ବିଏସଏଫ, ସିଆରପିଏଫ, ଆସାମ ରାଇଫଲ୍ସ ଯବାନଙ୍କୁ ମୁତୟନ କରାଯାଇଛି। ହିଂସାକୁ ଦେଖି ଲୋକେ ଘର ଛାଡ଼ିବା ଆରମ୍ଭ କରିଦେଇଛନ୍ତି। ଏହି ଅଞ୍ଚଳ ରାଜଧାନୀ ଇମ୍ଫାଲଠାରୁ ୩୫ କିମି ଦୂରରେ ରହିଛି। ଏଠାରେ ତାଙ୍ଗଖୁଲ ନାଗା ଏବଂ ▶ପୃଷ୍ଠା-୭

## ପିୟୁସିସି ପାଇଁ ବକେୟା ଚାଲାଣ ପଇଠ ବାଧ୍ୟତାମୂଳକ: ହାଇକୋର୍ଟ

■ କଟକ, ୧୦।୨ (ସମିସ): ଗାଡିର ବୈଧ ପ୍ରଦୂଷଣ ପ୍ରମାଣପତ୍ର(ପିୟୁସିସି) ନ ଥିଲେ ପେଟ୍ରୋଲ କଟକଣା ଓ ବକେୟା ଚାଲାଣ ପଇଠ ନ କଲେ ପ୍ରମାଣପତ୍ର ଦିଆନଯିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାରେ ଆଜି ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ବାକି ଚାଲାଣ ପଇଠ ନେଇ ରହିଥିବା ନିୟମାବଳୀ ଅନୁସାରେ ରାଜ୍ୟ ସରକାରଙ୍କ ତରଫରୁ କରାଯାଇଥିବା ଯୁକ୍ତିକୁ ହାଇକୋର୍ଟ ଗ୍ରହଣ କରିଛନ୍ତି। ଏଥିସହ ସଂଶୋଧିତ କେନ୍ଦ୍ର ମୋଟର ଯାନ ନିୟମାବଳୀର ଧାରା ୧୬୭ ଓ ଉପଧାରା ୧୨ ଆଧାରରେ ଗାଡ଼ିର ପିୟୁସିସି ପାଇଁ ପ୍ରଥମେ ବାକି ଥିବା ଚାଲାଣ ପଇଠ ବାଧ୍ୟତାମୂଳକ ବୋଲି ହାଇକୋର୍ଟ କହିଛନ୍ତି। ସ୍ନିଗ୍ଧା ପାତ୍ରଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏବେ ଗାଡି ମାଲିକଙ୍କୁ ପୁଣି ବାକି ଚାଲାଣ ପଇଠ ଚିନ୍ତା ବଢ଼ିଛି।

ଆଜି ମାମଲାର ଶୁଣାଣି ବେଳେ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ପିୟୁସିସି ପାଇଁ ୯୦ଦିନର ବାକି ଚାଲାଣ ପଇଠ କରିବାକୁ ହେବ ବୋଲି କେନ୍ଦ୍ର ମୋଟରଯାନ ସଂଶୋଧିତ ନିୟମାବଳୀରେ ଉଲ୍ଲେଖ ରହିଥିବା ଦର୍ଶାଇଥିଲେ। ସେହିଭଳି ଏହି ପ୍ରସଙ୍ଗରେ ବିଭିନ୍ନ ରାଜ୍ୟର ହାଇକୋର୍ଟ ଓ ସର୍ବୋଚ୍ଚ ▶ପୃଷ୍ଠା-୭

## ୨୫୦ ନୂଆ ଆମ୍ବୁଲାନ୍ସର ଶୁଭାରମ୍ଭ



■ ଭୁବନେଶ୍ୱର, ୧୦।୨ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମଠାରେ ଦ୍ୱିତୀୟ ପର୍ଯ୍ୟାୟରେ ୨୫୦ଟି ନୂଆ ଆମ୍ବୁଲାନସର ଶୁଭାରମ୍ଭ କରିଛନ୍ତି। ରାଜ୍ୟବାସୀଙ୍କୁ ଜରୁରୀକାଳୀନ ଚିକିତ୍ସା ସୁବିଧା ସମୟମଧ୍ୟରେ ପହଞ୍ଚାଇବା ଲକ୍ଷ୍ୟରେ ରାଜ୍ୟ ସରକାର ୪୨୮ଟି ନୂଆ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରିଛନ୍ତି। ଗତ ଡିସେମ୍ବର ୨୩ ତାରିଖରେ ୧୫୦ଟି ଆମ୍ବୁଲାନ୍ସର ଶୁଭାରମ୍ଭ ହୋଇଥିଲା। ଏହି ସମସ୍ତ ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ପ୍ରାୟ ୧୧୧ କୋଟି ଟଙ୍କା ବିନିଯୋଗ କରିଛନ୍ତି।

**ଏୟାରଷ୍ଟ୍ରିପରେ ମଧ କରାଯିବ ଆମ୍ବୁଲାନ୍ସ ବ୍ୟବସ୍ଥା: ମୁଖ୍ୟମନ୍ତ୍ରୀ**

ବର୍ତ୍ତମାନ ସାରା ରାଜ୍ୟରେ ୮୬୬ଟି ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଚାଲୁଥିବା ବେଳେ, ଗର୍ଭବତୀ ମହିଳା ଏବଂ ଅସୁସ୍ଥ ଶିଶୁମାନଙ୍କ ପାଇଁ 'ଜନନୀ ଏକ୍ସପ୍ରେସ୍' ନାମରେ ଆଉ ୫୦୦ଟି ସ୍ୱତନ୍ତ୍ର ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଉଛି। ଏହି ଆମ୍ବୁଲାନ୍ସ ସେବାଗୁଡ଼ିକ ରାଜ୍ୟବାସୀଙ୍କ ପାଇଁ ଏକ ଜୀବନରେଖା ଭାବେ କାମ କରୁଛି। ▶ପୃଷ୍ଠା-୭

**ସାଇବର୍ ଠକେଇ ଉପରମୁହାଁ**

### ଓଡ଼ିଶା ପୁଲିସ୍‌କୁ ଅଡୁଆରେ ପକାଇଲା କେନ୍ଦ୍ରମନ୍ତ୍ରୀଙ୍କ ତଥ୍ୟ

## ୩ ବର୍ଷରେ ୧୪୪୨ କୋଟି ଲୁଟ୍

■ ଭୁବନେଶ୍ୱର, ୧୦।୨ (ସମିସ): ଓଡ଼ିଶାରେ ସାଇବର ଠକେଇ ଉପରମୁହାଁ। ଠକଙ୍କୁ ଧରିବାରେ ଓଡ଼ିଶା ପୁଲିସ୍ ଆଶାନୁରୂପ ସଫଳତା ପାଉନାହିଁ। କାଁ ଭାଁ ଅପରାଧୀଙ୍କୁ ଧରୁଥିଲେ ମଧ ସେମାନଙ୍କ ପାଖରୁ ଠକେଇ ଅର୍ଥ ଭରଣା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଗତ ୩ ବର୍ଷରେ ସାଇବର ଠକମାନେ ୧୪୪୨ କୋଟି ଟଙ୍କା ଲୁଟି ନେଇଥିବା ବେଳେ ପୁଲିସ ମାତ୍ର ୨୪ କୋଟି ଟଙ୍କା ଭରଣା କରିପାରିଛି। ଅର୍ଥାତ୍ ମୋଟ୍ ଠକେଇ ଅର୍ଥର ମାତ୍ର ୧.୬୬% ଅର୍ଥ ଭରଣା ହୋଇଛି। ରାଜ୍ୟରେ ସାଇବର ଠକେଇ ବଢ଼ୁଥିବାବେଳେ ଏହାକୁ ରୋକିବାରେ ସରକାର ବିଫଳ ହୋଇଥିବା ଖୋଦ୍ କେନ୍ଦ୍ର ସରକାର ସ୍ୱୀକାର କରିଛନ୍ତି। ରାଜ୍ୟସଭାରେ ଓଡ଼ିଶାରେ ସାଇବର ଅପରାଧ ଓ ଠକେଇ ସମ୍ପର୍କିତ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ଏକ



**୨୦୨୩-୨୪ ସର୍ବାଧିକ ୧୧୫୫କୋଟି ଲୁଟ୍**

**ମାତ୍ର ୧.୬୬% ଅର୍ଥ ଭରଣା କରିଛି ଓଡ଼ିଶା ପୁଲିସ**

ପ୍ରଶ୍ନର ବିତ୍ତ ରାଷ୍ଟ୍ର ମନ୍ତ୍ରୀ ପଙ୍କଜ ଚୌଧୁରୀ ରଖିଥିବା ଉତ୍ତରରେ ଓଡ଼ିଶା ପୁଲିସର ଦକ୍ଷତା ଉପରେ ପ୍ରଶ୍ନ ଚିହ୍ନ ଆଙ୍କିଛି।

କେନ୍ଦ୍ରମନ୍ତ୍ରୀଙ୍କ ସୂଚନା ଅନୁସାରେ ୨୦୨୨-୨୩ ଆର୍ଥିକ ବର୍ଷରେ ଓଡ଼ିଶାରେ ମୋଟ୍ ୧୫୯୪ଟି ସାଇବର ଠକେଇ ହୋଇଛି। ପ୍ରାୟ ୨୫୫ କୋଟିରୁ ଅଧିକ ଟଙ୍କା ସାଇବର ଲୁଟେରାମାନେ ଲୁଟି ନେଇଥରେ ବେଳେ ମାତ୍ର ୧୦ କୋଟି ଟଙ୍କା ଭରଣା ହୋଇ ପାରିଛି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ପୂର୍ବବର୍ଷ ଅପେକ୍ଷା ପ୍ରାୟ ଦୁଇଗୁଣ ଏବଂ ସର୍ବାଧିକ ସାଇବର ଠକେଇ ରୋକର୍ଡ ହୋଇଛି। ମୋଟ୍ ୧୧୫୫ କୋଟି ଟଙ୍କା ଲୁଟି ସମ୍ପର୍କରେ ୨୩୬୩ ଟି ମାମଲା ରୁଜୁ ହୋଇଛି। ତନ୍ମଧ୍ୟରୁ ମାତ୍ର ସାଢ଼େ ୪ କୋଟି ଟଙ୍କା ଅର୍ଥାତ୍ ୦.୩% ଅର୍ଥ ଫେରାଇ ଆଣିବାକୁ ପୁଲିସ ସମର୍ଥ ହୋଇଛି। ଅନୁରୂପ ଭାବେ ୨୦୨୪-୨୫ ରେ ୯୧୯ଟି ମାମଲାରେ ସାଢ଼େ ୩୧ କୋଟି ଟଙ୍କା ଠକେଇ ହୋଇଥିବାବେଳେ ପ୍ରାୟ ୯ କୋଟି ଟଙ୍କା ଫେରାଇ ଅଣାଯାଇ ପାରିଛି। ଏହି ତିନି ବର୍ଷରେ ମୋଟ୍ ୧୪୪୨ କୋଟି ଟଙ୍କା ସାଇବର ଠକେଇ ▶ପୃଷ୍ଠା-୭

## ୬ ମହିଳାଙ୍କୁ ଦଳିଦେଲା ଦନ୍ତା; ୩ ମୃତ

### ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ଅନ୍ୟ ୩ ଗୁରୁତର

■ ଢେଙ୍କାନାଳ, ୧୦।୨ (ସମିସ): କାଠ ସଂଗ୍ରହ କରିବାକୁ ଯାଇଥିବା ବେଳେ ୩ ମହିଳାଙ୍କୁ ଦଳିଦେଲା ଦନ୍ତା। ଢେଙ୍କାନାଳ ଜିଲ୍ଲା ସଦର ରେଞ୍ଜ ପାଟପୁରି ଜଙ୍ଗଲରେ ଆଜି ଏପରି ଏକ ଅଘଟଣ ଘଟିଛି। ଦନ୍ତାହାତୀ ଆକ୍ରମଣରେ ୩ଜଣ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ, ଲୋଚାପଲ୍ଲୀ ଗ୍ରାମର ଇନ୍ଦୁ ପ୍ରଧାନ, ଟୁନୀ ବେହେରା, କୁନ୍ତଳା ପ୍ରଧାନ। ସେହିପରି ଆହତମାନେ ହେଲେ, ରମା ଦେହୁରୀ, ରସ୍ମିତା ପ୍ରଧାନ ଏବଂ ଝିଲି ପ୍ରଧାନ। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

**ନବୀନଙ୍କ ଶୋକ ଓ ସମବେଦନା**

ଏହି ଦୁଃଖଦ ଘଟଣାରେ ପ୍ରାଣ ହରାଇଥିବା ମହିଳାଙ୍କ ପରିବାର ସଦସ୍ୟଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ



କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ଘଟଣାରେ ସମସ୍ତ ଆହତଙ୍କ ଆଶୁଆରୋଗ୍ୟ କାମନା କରୁଛି। ଏହି ଅପୂରଣୀୟ କ୍ଷତି ଅତ୍ୟନ୍ତ ଦୁଃଖଦାୟକ। ଏପରି ଅସମୟରେ ଶୋକସନ୍ତପ୍ତ ପରିବାର ତଥା ଆତ୍ମୀୟ ସ୍ୱଜନଙ୍କ ସାଥିରେ ମୋର ସମବେଦନା ରହିଛି।

ବାରମ୍ବାର ମଣିଷ-ହାତୀ ମଧ୍ୟରେ ଦେଖାଯାଉଥିବା ସଂଘର୍ଷ ସ୍ଥିତି ବେଶ ଚିନ୍ତାଜନକ। ଏହା ଅନେକ ସମ୍ବେଦନଶୀଳ ଦିଗକୁ ଇଙ୍ଗିତ କରୁଛି। ସୁରକ୍ଷା ଉପାୟକୁ ସୁଦୃଢ଼ କରିବା, ▶ପୃଷ୍ଠା-୭

## ଅଷ୍ଟମ ଅନୁଚ୍ଛେଦରେ ସ୍ଥାନ ପାଇବ ନାହିଁ 'ସଉରା'

### ହୋ, କୁଇ, ମୁଣ୍ଡାରୀ, ଭୂମିଜ ଭାଷା ପାଇଁ ହୋଇପାରେ ସମାନ ନୀତି

■ ଭୁବନେଶ୍ୱର, ୧୦।୨ (ସମିସ): ହୋ, ମୁଣ୍ଡାରୀ, ସଉରା, ଭୂମିଜ, କୁଇ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ବିଜେଡି ଦୀର୍ଘ ବର୍ଷ ହେଲା କେନ୍ଦ୍ର ସରକାରଙ୍କ ନିକଟରେ ନିୟମିତ ଭାବେ ଦାବି କରି ଆସିଛି। ଅତୀତରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ଅନେକ ଥର କେନ୍ଦ୍ରକୁ ଚିଠି ଲେଖିଛନ୍ତି। ବିଜେଡିର ସାଂସଦମାନେ ମଧ ନିୟମିତ ଭାବରେ ସଂସଦରେ ଏନେଇ ସ୍ୱର ଉତ୍ତୋଳନ କରି ଆସିଛନ୍ତି। ମୁଖ୍ୟତଃ ଆଦିବାସୀମାନେ ଏହି ଭାଷାର ବ୍ୟବହାର କରୁଥିବାରୁ ସେମାନଙ୍କର ଅଧିକାର, ସାଂସ୍କୃତିକ ସଂରକ୍ଷଣ ତଥା ଭାଷା ବିକାଶ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିଜେଡି କେନ୍ଦ୍ର




ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ତେବେ ଓଡ଼ିଶାର ଏହି ପ୍ରମୁଖ ଦାବି ପୂରଣ କ୍ଷେତ୍ରରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାବେଳେ ଏବେ କେନ୍ଦ୍ର ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ବୁଲେଇ ବଙ୍କେଇ ଏହି ଦାବିକୁ ଖାରଜ କରିଦେଇଛନ୍ତି। ସଂସଦରେ

**ନିର୍ଦ୍ଦିଷ୍ଟ ମାନଦଣ୍ଡ ନ ଥିବା ଦର୍ଶାଇ ନାସ୍ତିବାଣୀ ଶୁଣାଇଲେ କେନ୍ଦ୍ରମନ୍ତ୍ରୀ**

**ଓଡ଼ିଶାର କୋଟିଏରୁ ଊର୍ଦ୍ଧ୍ୱ ଆଦିବାସୀଙ୍କ ଦାବିକୁ କେନ୍ଦ୍ରର ଉପେକ୍ଷା**

**ଭାଷା ସଂରକ୍ଷଣ କ୍ଷେତ୍ରରେ କେନ୍ଦ୍ରର ଆଭିମୁଖ୍ୟ ନକାରାତ୍ମକ: ଭାଷାବିତ୍**

ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାଶ ଉଇକେଙ୍କ ଉତ୍ତର ରାଜ୍ୟର କୋଟିଏରୁ ଊର୍ଦ୍ଧ୍ୱ ଆଦିବାସୀଙ୍କୁ ନିରାଶ କରିଛି। ସୌରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ନିର୍ଦ୍ଧାରଣ କରିବାକୁ ଲୋକସଭାରେ କଂଗ୍ରେସ ସାଂସଦ ସପ୍ତଗିରି ଉଲ୍ଲାକା କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ଏହାର ଉତ୍ତରରେ କେନ୍ଦ୍ର ମନ୍ତ୍ରୀ ଦୁର୍ଗାଦାଶ ଉଇକେ କହିଛନ୍ତି ଯେ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ କୌଣସି ଭାଷାକୁ ସାମିଲ ପାଇଁ ସରକାରଙ୍କ ନିକଟରେ ନିର୍ଦ୍ଦିଷ୍ଟ ମାନଦଣ୍ଡ ନାହିଁ। ତେଣୁ ଏହି ଭାଷାକୁ ସାମିଲ ପାଇଁ କୌଣସି ସମୟସୀମା ନିର୍ଦ୍ଧାରଣ କରାଯାଇ ପାରିବ ନାହିଁ ବୋଲି ସେ ସଫାସଫା ମନା କରିଦେଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ରାଜ୍ୟର ଆଦିବାସୀ ସମାଜ ବହୁଳ ଭାବରେ ଉପରୋକ୍ତ ଭାଷା ସଉରା ଭାଷା ବ୍ୟବହାର କରିଥାଆନ୍ତି। ସଉରା ଭାଷା ସହ ହୋ, ମୁଣ୍ଡାରୀ, ଭୂମିଜ, କୁଇ ପରି ଭାଷାର ସଂରକ୍ଷଣ ଏବଂ ବିକାଶ ପାଇଁ ଏହା ▶ପୃଷ୍ଠା-୭

ସକାଳ THE SAKALA



■ ଜିଲ୍ଲାସ୍ତରୀୟ ସୁରକ୍ଷିତ ଇଣ୍ଟରନେଟ୍ ଦିବସ

## ସାଇବର ସୁରକ୍ଷା ସଚେତନତା ଉପରେ ଗୁରୁତ୍ୱ



କେନ୍ଦ୍ରାପଡ଼ା,୧୦।୨(ସମିସ): ଜିଲ୍ଲାସ୍ତରୀୟ ସୁରକ୍ଷିତ ଇଣ୍ଟରନେଟ୍ ଦିବସ ଅବସରରେ ସରକାରୀ ପଲିଟେକ୍ନିକ୍ କଲେଜରେ ଜିଲ୍ଲାସ୍ତରୀୟ ସାଇବର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଡିଜିଟାଲ୍ ଯୁଗରେ ସୁରକ୍ଷିତ ଇଣ୍ଟରନେଟ୍ ବ୍ୟବହାରର ଆବଶ୍ୟକତା ଓ ସାଇବର ଅପରାଧରୁ ରକ୍ଷା ପାଇବାର ବିଭିନ୍ନ ପଦ୍ଧତି ସମ୍ପର୍କରେ ଏହି କାର୍ଯ୍ୟକ୍ରମରେ ଅଲୋଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟର ଯୋଗଦେଇ ସାଇବର ସୁରକ୍ଷା ଓ ଇଣ୍ଟରନେଟ୍‌ର ସଚେତନତା ଓ ଦାୟିତ୍ୱଶୀଳ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ବର୍ତ୍ତମାନ ସମୟରେ ଅନଲାଇନ୍ ଠକାମି ଘଟଣା ବୃଦ୍ଧି ପାଇଥିବାରୁ ସାଧାରଣ ଲୋକଙ୍କୁ ସଚେତନ ହେବା ଆବଶ୍ୟକ। ସାଇବର ଠକାମିର ଶିକାର ହେଲେ ପ୍ରଥମ ୩୦ ମିନିଟ୍‌କୁ "ଗୋଲ୍ଡେନ ଆୱାର' ଭାବେ ଧରାଯାଏ। ଏହି ସମୟ ମଧ୍ୟରେ ସାଇବର ଥାନାରେ ଅଭିଯୋଗ ଦାଖଲ କରାଗଲେ ଅଭିଯୁକ୍ତଙ୍କୁ ଧରିବା ଓ ଠକାଯାଇଥିବା ଟଙ୍କା ପୁନରୁଦ୍ଧାର କରିବା ପୁଲିସ ପାଇଁ ସହଜ ହୋଇଥାଏ ବୋଲି ସେ ମତ ପ୍ରକାଶ କରିଥିଲେ। ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଶୁଭେନ୍ଦୁ ଶେଖର ସାହୁ ଇଣ୍ଟରନେଟ୍‌ର ସୁରକ୍ଷିତ ବ୍ୟବହାର ଉପରେ ବିସ୍ତୃତ ପ୍ରସ୍ତୁତିକରଣ ଦେଇଥିଲେ। ସେ ଏଆଇ ସମ୍ବନ୍ଧିତ ସାଇବର ଆପଦ, କୃତିମ ବୁଦ୍ଧିମତାର ଦାୟିତ୍ୱଶୀଳ ବ୍ୟବହାର, ସାଇବର ହାଇଜିନ୍ ପ୍ରଥା ଓ ସାଇବର ଅପରାଧ ରିପୋର୍ଟ କରିବା ପ୍ରକ୍ରିୟା ବିଷୟରେ ଛାତ୍ରଛାତ୍ରୀଙ୍କୁ ଜଣାଇଥିଲେ। ଡିଜିଟାଲ୍ ଜଗତରେ ସୁରକ୍ଷିତ ରହିବା ପାଇଁ ସଚେତନତା ଓ ସଠିକ୍ ତଥ୍ୟ ଅତ୍ୟାବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ। ଏ ଅବସରରେ ସାଇବର ବିପଦ ଓ କୃତ୍ରିମ ବୁଦ୍ଧିମତା ସମ୍ବନ୍ଧରେ ଏକ ଇଣ୍ଟରଆକ୍ଟିଭ୍ କୁଇଜ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ। ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ଏହି ସଚେତନତା କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଭାଗ ନେଇଥିଲେ। ଡେରାବିଶ ତହସିଲଦାର ସରୋଜ ନାୟକ, ଡେରାବିଶ ବିଡିଓ ନମିତା ବାରିକ, ସହକାରୀ ଜିଲ୍ଲା ନିଯୁକ୍ତି ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ, ଡେରାବିଶ ପୁଲିସ ଏସଆଇ, ସରକାରୀ ପଲିଟେକନିକ କଲେଜ ଅଧ୍ୟକ୍ଷ, ଅଧ୍ୟାପକ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ଶ୍ରୀମୁଖ ସିଂହାର ନୀତି ପାଇଁ ୩ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ

କେନ୍ଦ୍ରାପଡ଼ା,୧୦।୨(ସମିସ): ଆସନ୍ତାକାଲି ଫାଲଗୁନ ମାସ କୃଷ୍ଣପକ୍ଷ ନବମୀ ତିଥି



ବୁଧବାର ଥିବାରୁ ମହାପ୍ରଭୁଙ୍କ ଶ୍ରୀମୁଖ ସିଂହାର ନୀତି ଅନୁଷ୍ଠିତ ହେବ। ଏହି ପବିତ୍ର ଓ ପାରମ୍ପରିକ ନୀତି ପାଳନ ନିମନ୍ତେ ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ପ୍ରାୟ ୩ ଘଣ୍ଟା ସର୍ବସାଧାରଣଙ୍କ ପାଇଁ ଦର୍ଶନ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ପ୍ରଥମେ ଜୟ ମଙ୍ଗଳା ଆଳତି ସମ୍ପନ୍ନ ହେବା ପରେ ଚିତ୍ରକର ସେବକ ରତ୍ନ ସିଂହାସନକୁ ଯାଇ ମହାପ୍ରଭୁଙ୍କ ଶ୍ରୀମୁଖ ସିଂହାର ନୀତି ସମ୍ପାଦନ କରିବେ। ଏହି ନୀତି ମହାପ୍ରଭୁଙ୍କ ପାରମ୍ପରିକ ସେବା ପ୍ରଣାଳୀର ଏକ ଗୁପ୍ତ ଓ ବିଶେଷ ଅଂଶ ହେତୁ ଏହି ସମୟ ମଧ୍ୟରେ ଭକ୍ତଙ୍କ ସାଧାରଣ ଦର୍ଶନ ବନ୍ଦ ରଖାଯାଇଥାଏ। ଶ୍ରୀମୁଖ ସିଂହାର ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କୁ ମହାସ୍ନାନ କରାଯାଇ ଅନ୍ୟାନ୍ୟ ନୀତିକାନ୍ତି କାର୍ଯ୍ୟ ଆରମ୍ଭ ହେବ। ଏହି ପାରମ୍ପରିକ ନୀତିକୁ ଦେଖିବା ପାଇଁ ପ୍ରତିବର୍ଷ ଭକ୍ତମାନଙ୍କ ମଧ୍ୟରେ ବିଶେଷ ଆଗ୍ରହ ଦେଖାଯାଇଥାଏ। ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତଙ୍କୁ ଦର୍ଶନ ସମୟରେ ପରିବର୍ତ୍ତନ ସମ୍ପର୍କରେ ଅବଗତ ରହିବା ସହ ନୀତିକାନ୍ତି ସମୟରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଗୋଲରାହାଟରେ ଜଳ ଅର୍ପଣ ମହୋତ୍ସବ

ଡେରାବିଶ, ୧୦।୨(ସମିସ): ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ତିଳକପୁରରେ ଜଳଜୀବନ ମିଶନ ପକ୍ଷରୁ ଜଳ ଅର୍ପଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କେନ୍ଦ୍ରାପଡା ବିଭାଜନ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସହକାରୀ ଯନ୍ତ୍ରୀ ବିଭୁଦତ୍ତ ଦାଶ ସଂଯୋଜନା କରିଥିଲେ। ବିଭାଗୀୟ ନିର୍ବାହୀ ସହକାରୀ ଯନ୍ତ୍ରୀ ତପନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ରଘୁରାମ ଆର ଆୟର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଡେରାବିଶ ବଡିଓ ନମିତା ବାରିକ, ତହସିଲଦାର ସରୋଜକାନ୍ତ ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲିକ, ବିଧାୟକଙ୍କ ପ୍ରତିନିଧି ମନୋରଞ୍ଜନ ଉପାଧ୍ୟାୟ, ୧୨ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ ଓ ଗୋଲରାହଟ ସରପଞ୍ଚ କାଶୀନାଥ କାଣ୍ଡି ଯୋଗଦେଇ ଜଳ ଅର୍ପଣ ମହୋତ୍ସବ ଦ୍ୱାରା କିପରି ପାନୀୟଜଳ ଅପଚୟକୁ ରୋକାଯାଇପାରିବ ଓ ପାନୀୟ ଜଳର ସୁବିନିଯୋଗ ଉପରେ ମତ ରଖିଥିଲେ। ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଜ୍ୟୋତିରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ଅତିଥି ଓ ଉପସ୍ଥିତ ଜନସାଧାରଣଙ୍କ ପକ୍ଷରୁ ପାନୀୟଜଳ ଅପଚୟକୁ ରୋକିବା ଓ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ଶପଥ ନେଇଥିଲେ। ଏ ଅବସରରେ ପାନୀୟ ଜଳ ସଂରକ୍ଷଣ ସମ୍ପର୍କିତ ଚିତ୍ରାଙ୍କନ, ବକ୍ତୃତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜନସାଧାରଣଙ୍କୁ ନେଇ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତିଳକପୁରରେ ନିର୍ମିତ ୧ ଲକ୍ଷ ଲିଟର କ୍ଷମତା ସମ୍ପନ୍ନ ପାନୀୟଜଳ ଉତ୍ସକୁ ବିଭାଗ ପକ୍ଷରୁ ସରପଞ୍ଚ କାଶୀନାଥ କାଣ୍ଡିଙ୍କୁ ହସ୍ତାନ୍ତର କରାଯାଇଥିଲା। ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଷ୍ଟିମେଟ) ସ୍ୱାଗତିକା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

ଏବେ ବି ବଞ୍ଚିଛି ଜାତିପ୍ରଥା

## ଦଳିତ ସହାୟିକାଙ୍କ ନିଯୁକ୍ତି ପରେ ଅଙ୍ଗନବାଡିକୁ ଆସୁନାହାନ୍ତି ଶିଶୁ

ରାଜନଗର,୧୦।୨(ସମିସ)

ଆଜିର ଡିଜିଟାଲ ଯୁଗରେ ଜାତିପ୍ରଥା ବଞ୍ଚିଛି। ଅଙ୍ଗନବାଡି କେନ୍ଦ୍ରରେ ଦଳିତ ଯୁବତୀ ସହାୟିକା ଭାବେ ନିଯୁକ୍ତି ପାଇଲେ ବୋଲି ଅଙ୍ଗନବାଡି କେନ୍ଦ୍ରକୁ ଶିଶୁଙ୍କୁ ପଢିବାକୁ ଛାଡୁନାହାନ୍ତି ଗ୍ରାମବାସୀ। ଏପରିକି ସହାୟିକାଙ୍କ ହାତରୁ ଗର୍ଭବତୀ ଓ ପ୍ରସୂତି ମହିଳା ଓ ଶିଶୁମାନଙ୍କ ପାଇଁ ଆସୁଥିବା ଖାଦ୍ୟ ମଧ୍ୟ ଗ୍ରହଣ କରୁନାହାନ୍ତି। ପରମ୍ପରା ଓ ଜାତିପ୍ରଥାକୁ ନେଇ ୮୨ ଦିନ ହେଲା ଅଙ୍ଗନବାଡି କେନ୍ଦ୍ରରେ ତାଲା ଝୁଲୁଛି। ଏ ନେଇ ଅଙ୍ଗନବାଡି କର୍ମୀଙ୍କଠାରୁ ଆରମ୍ଭ କରି ସୁପରଭାଇଜର ଓ ସିଡିପିଓ ବାରମ୍ବାର ଗାଁକୁ ଯାଇ ଗାଁ ମୁରବି ଓ ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଗ୍ରାମବାସୀ ପରମ୍ପରା ଓ ଜାତିପ୍ରଥାକୁ ଧରି ଶିଶୁଙ୍କୁ ପଢିବାକୁ ଛାଡୁନାହାନ୍ତି କି ଖାଦ୍ୟ ଗ୍ରହଣ କରୁନାହାନ୍ତି। ଏଭଳି ଅଭାବନୀୟ ଘଟଣା କେନ୍ଦ୍ରାପଡା ଜିଲ୍ଲା ରାଜନଗର ଥାନା ଅନ୍ତର୍ଗତ ଘଡିଆମାଳ ପଞ୍ଚାଯତ ନୂଆଗାଁରେ ଘଟିଛି। ଆଜି ରାଜନଗର ତହସିଲଦାର ଯୀଶୁକୃଷ୍ଣ ଦାସ ଗାଁରେ ପହଞ୍ଚି ଲୋକଙ୍କୁ ବୁଝାଇବାକୁ ଉଦ୍ୟମ କରିଛନ୍ତି।

ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତ ନୂଆଗାଁ ଅଙ୍ଗନବାଡି କେନ୍ଦ୍ରରେ ସହାୟିକା ପଦବୀ ଦୀର୍ଘଦିନ ହେବ ଖାଲିପଡିଛି। ୨୦୨୪ରେ ସହାୟିକା ପଦ ନିମନ୍ତେ ବିଜ୍ଞାପନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଥିଲା। କେହି ଏନେଇ ଆବେଦନ କରି ନ ଥିଲେ। ୨୦୦୫ ନଭେମ୍ବରରେ ପୁନର୍ବାର ବିଜ୍ଞାପନ ପ୍ରକାଶ ପାଇଥିଲା। ଗାଁର ଶର୍ମିଷ୍ଠା ସେଠୀ ଏକମାତ୍ର ପ୍ରାର୍ଥୀ ଭାବେ ଆବେଦନ କରିଥିଲେ। ଗ୍ରାମବାସୀ ସିଡିପିଓଙ୍କ ନିକଟରେ ଶର୍ମିଷ୍ଠାଙ୍କୁ ନିଯୁକ୍ତି ନ ଦେବାକୁ ଲିଖିତ ଭାବେ ଜଣାଇଥିଲେ। ପଦବୀ ପାଇଁ ଜଣେ ମାତ୍ର ଆବେଦନ କରିଥିବା ଶର୍ମିଷ୍ଠାଙ୍କୁ ୨୦୨୫ ନଭେମ୍ବର ୨୦ ତାରିଖରେ ନୂଆଗାଁ ଅଙ୍ଗନବାଡି କେନ୍ଦ୍ରର ସହାୟିକା ଭାବେ ନିଯୁକ୍ତି ଦିଆଯାଇଥିଲା। ଶର୍ମିଷ୍ଠା ନିଯୁକ୍ତି ପାଇ ଅଙ୍ଗନବାଡି କେନ୍ଦ୍ରକୁ ଯିବା ପରେ ଆଉ କୌଣସି ଶିଶୁ ପାଠ ପଢିବାକୁ ଅଙ୍ଗନବାଡି କେନ୍ଦ୍ରକୁ ଆସୁନାହାନ୍ତି। ନଭେମ୍ବର ୨୧ ତାରିଖଠାରୁ ଆଜିଯାଏଁ ୮୨ ଦିନ ହେଲା ଅଙ୍ଗନବାଡି କେନ୍ଦ୍ରକୁ ଗାଁର କୌଣସି ଶିଶୁ ପଢିବାକୁ ଆସୁନାହାନ୍ତି। ଏହି ଅଙ୍ଗନବାଡି କେନ୍ଦ୍ରକୁ ୨୦ ଜଣ ୩ରୁ ୬ ବର୍ଷ ବୟସର ଶିଶୁ ପଢିବାକୁ ଆସିନାହାନ୍ତି। ଏଥିସହିତ ଶର୍ମିଷ୍ଠା ଦଳିତ ଯୁବତୀ ହୋଇଥିବାରୁ ତାଙ୍କ ହାତରୁ କୌଣସି ଖାଦ୍ୟ ସାମଗ୍ରୀ ଗାଁ ଲୋକେ ଗ୍ରହଣ କରୁନାହାନ୍ତି। ସେଥିପାଇଁ ଡିସେମ୍ବର ମାସଠାରୁ ଗାଁର ଗର୍ଭବତୀ, ପ୍ରସୂତି ମହିଳା , ୬ ମାସରୁ ୩ ବର୍ଷ ଯାଏଁ ଶିଶୁ ଓ କିଶୋରୀ ବାଳିକା ଶୁଖିଲା ଖାଦ୍ୟ ମଧ୍ୟ ନେଉନାହାନ୍ତି। ଏ ସମ୍ପର୍କରେ ଅଙ୍ଗନବାଡି କର୍ମୀ ଲିଖିତ ଭାବେ



ସିଡିପିଓଙ୍କୁ ଜଣାଇବା ପରେ ସିଡିପିଓ ଲିଖିତ ଭାବେ ଜିଲ୍ଲା ସାମାଜମଙ୍ଗଳ ଅଧିକାରିଣୀ, ଉପଜିଲ୍ଲାପାଳଙ୍କୁ ଜଣାଇଛନ୍ତି। ଅଙ୍ଗନବାଡି କର୍ମୀଙ୍କଠାରୁ ଆରମ୍ଭ କରି ସୁପରଭାଇଜର ଓ ସିଡିପିଓ ବାରମ୍ବାର ଗାଁରେ ପହଞ୍ଚି ଲୋକଙ୍କୁ ବୁଝାଇଥିଲେ ମଧ୍ୟ ଗ୍ରାମବାସୀ ନିଜ ଜିଦରେ ଅଟଳ ଅଛନ୍ତି। ଶିଶୁଙ୍କୁ ପଢିବାକୁ କେନ୍ଦ୍ରକୁ ଛାଡିବେ ନାହିଁ କି କୌଣସି ଖାଦ୍ୟ ସାମଗ୍ରୀ ଗ୍ରହଣ କରିବେ ନାହିଁ ବୋଲି ରୋକଠୋକ ଶୁଣାଇ ଦେଇଛନ୍ତି। ଏ ସମ୍ପର୍କରେ ଗାଁର ମୁରବି ନିର୍ମଳ ବାରିକଙ୍କୁ ପଚାରିବାରୁ ଗାଁରେ ଅଙ୍ଗନବାଡି କେନ୍ଦ୍ର ୩ ମାସ ହେଲା ବନ୍ଦ ରହିଛି। ଯେଉଁ ପିଲା ପୋଷ୍ଟିଂ ପାଇଛି ତାକୁ ଗାଁ ଲୋକେ ଗ୍ରହଣ କରୁନାହାନ୍ତି। ଗାଁରେ ପରମ୍ପରା ଅଛି, ଜାତିପ୍ରଥା ଅଛି। ଯଦି ସେ ଜିନିଷ ଗମେଣ୍ଟ ଉଠାଇ ଦେଇଛି, ସେ ପିଲା ଚାକିରି କରିଛି କରୁ। ଆମ ପିଲା ଅଙ୍ଗନବାଡି ଯିବେ ନାହିଁ ବୋଲି କହିଛନ୍ତି। ସିଡିପିଓ ଦୀପାଳୀ ମିଶ୍ରଙ୍କୁ ପଚାରିବାରୁ ଅଙ୍ଗନବାଡି କେନ୍ଦ୍ରକୁ ପିଲାଙ୍କୁ ଗ୍ରାମବାସୀ ନ ଛାଡିବା ଓ ଖାଦ୍ୟ ଗ୍ରହଣ ନ କରିବା ସମ୍ପର୍କରେ ଅଙ୍ଗନବାଡି କର୍ମୀ ଲିଖିତ ଭାବେ ଜଣାଇଛନ୍ତି। ଏ ନେଇ ଜିଲ୍ଲା ପ୍ରଶାସନକୁ ଜଣାଇଛୁ ଓ ସରକାରଙ୍କୁ ଜଣାଇଛୁ। ଗାଁରେ ବାରମ୍ବାର ପହଞ୍ଚି ଗାଁ ଲୋକଙ୍କୁ ବୁଝାଇଛୁ, ଗ୍ରାମବାସୀ ପିଲାଙ୍କୁ କେନ୍ଦ୍ରକୁ ଛାଡୁନାହାନ୍ତି କି କୌଣସି ଖାଦ୍ୟ ଗ୍ରହଣ କରୁନାହାନ୍ତି ବୋଲି କହିଛନ୍ତି। ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କୁ ପଚାରିବାରୁ ଆଲୋଚନା ଜାରି ରହିଛି। ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଆଶା ରଖିଛୁ ବୋଲି କହିଛନ୍ତି।

● ଗର୍ଭବତୀ, ପ୍ରସୂତି ମହିଳା ଓ ଶିଶୁ ନେଉନାହାନ୍ତି ଖାଦ୍ୟ

● ୮୨ ଦିନ ହେଲା ଅଙ୍ଗନବାଡିରେ ତାଲା

## ଗରଦପୁର ଯୁବ ମହୋତ୍ସବର ତୃତୀୟ ସନ୍ଧ୍ୟା

ଗରଦପୁର,୧୦।୨(ସମିସ): ଗରଦପୁରରେ ଚାଲିଥିବା ଯୁବ ମହୋତ୍ସବର ତୃତୀୟ ସନ୍ଧ୍ୟା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ଲୋକସଂସ୍କୃତି ଓ ସ୍ୱଦେଶୀ ପଦାର୍ଥର ଆକର୍ଷଣ ମୁଗ୍ଧ କରିଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ସହିତ କଟକ ଓ ଜଗତସିଂପୁର ଜିଲ୍ଲାରୁ ହଜାର ହଜାର ଲୋକଙ୍କ ସମାଗମ ଦେଖିବାକୁ



ମିଳିଥିଲା। ମହୋତ୍ସବ ପଡ଼ିଆରେ ମାଆଙ୍କ ହାତ ତିଆରି ବିଭିନ୍ନ ସାମଗ୍ରୀ ପ୍ରତି ଆଗ୍ରହ ଦେଖିବାକୁ ମିଳିଥିଲା। ବିଶେଷକରି ବଡ଼ି, ମିକ୍ସଚର, ପାମ୍ପଡ ଓ ଘରୋଇ ଆଚାର ପାଇଁ ଲୋକେ ଆଗ୍ରହ ଦେଖାଇ ବହୁ ପରିମାଣରେ କ୍ରୟ କରିଥିଲେ। ଘରେ ବ୍ୟବହୃତ ଆସବାବପତ୍ର, ହସ୍ତଶିଳ୍ପ ସାମଗ୍ରୀ, ଗ୍ରାମ୍ୟ ଜୀବନଶୈଳୀକୁ ପ୍ରତିଫଳିତ କରୁଥିବା ଦୈନିକ ପ୍ରୟୋଜନୀୟ ସାମଗ୍ରୀର ଭଣ୍ଡାରରେ ପରିଣତ ହୋଇଥିଲା ମହୋତ୍ସବ ପ୍ରାଙ୍ଗଣ। ଏହି ମହୋତ୍ସବ ଗ୍ରାମ ଅଞ୍ଚଳର କାରିଗର ଓ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ନୂତନ ବଜାର ଦେଇଥିବାରୁ ସେମାନେ ଆର୍ଥିକ ଭାବେ ସଶକ୍ତ ହେବା ଦେଖିବାକୁ ମିଳିଥିଲା। କୁନି କୁନି ପିଲାଙ୍କ ପାଇଁ ଦୋଳି, ଗାଡି ଚାଳନା, ସ୍ଲାଇଡର ସହ ବିଭିନ୍ନ ଆମୋଦପ୍ରମୋଦ ଖେଳନାର ବ୍ୟବସ୍ଥା ଥିବାରୁ ପରିବାର ସହ ଆସିଥିବା ଦର୍ଶକ ଉତ୍ସାହର ସହିତ ମଜା ନେଇଥିଲେ। ହାତ ତିଆରି ପାରମ୍ପରିକ ଚକୁଳିର ସୁଗନ୍ଧରେ ସମଗ୍ର ପ୍ରାଙ୍ଗଣ ମହକି ଉଠିଥିଲା, ଯାହା ଲୋକଙ୍କୁ ପାରମ୍ପରିକ ଖାଦ୍ୟ ପ୍ରତି ଆକର୍ଷିତ କରିଥିଲା। ମହିଳା ସ୍ୱାବଲମ୍ବନର ଅନନ୍ୟ ଉଦାହରଣ ଭାବେ ଏହି ଯୁବ ମହୋତ୍ସବ ନଜରକୁ ଆସିଥିଲା। ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ମହିଳା ତାଙ୍କ ହସ୍ତଶିଳ୍ପ ଓ ଖାଦ୍ୟ ପଦାର୍ଥ ପ୍ରଦର୍ଶନ ସହ ବ୍ୟବସାୟ କରି ନିଜର କୌଶଳ ପ୍ରମାଣ କରିଥିଲେ। ମାତ୍ର ୩ ଦିନ ମଧ୍ୟରେ ପ୍ରାୟ ୩୦ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ତଥ୍ୟ ମିଳିଥିବାରୁ ଏହି ମହୋତ୍ସବର ସଫଳତା ପ୍ରମାଣିତ ହୋଇଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ସୁମଧୁର ସଙ୍ଗୀତ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା। ସଙ୍ଗୀତର ତାଳେ ତାଳେ ଦର୍ଶକ ଝୁମିଥିଲେ।

● ଓଳାଭର ବଜାର ଜବରଦଖଲ ଉଚ୍ଛେଦ ପୂର୍ବରୁ ଛୁଟିରେ ତହସିଲଦାର

## ଆଜି ଆଡିସିନାଲ ତହସିଲଦାରଙ୍କ ଉପସ୍ଥିତିରେ ହେବ ଉଚ୍ଛେଦ

ରାଜକନିକା,୧୦।୨(ସମିସ): କନିକା ତହସିଲର ବହୁଚର୍ଚ୍ଚିତ ଓଳାଭର ବଜାରରେ ଥିବା କେତେକ ବେଆଇନ ଜବରଦଖଲକୁ ଆସନ୍ତାକାଲି ଉଚ୍ଛେଦ କରାଯିବ ବୋଲି ଡାକବାଜି ଯନ୍ତ୍ର ଜରିଆରେ ପ୍ରଚାର ହୋଇଛି। ତେବେ ଜବରଦଖଲ ଉଚ୍ଛେଦ ପୂର୍ବରୁ ତହସିଲଦାର ଛୁଟିରେ ଯାଇଛନ୍ତି। ଫଳରେ ଆଡିସିନାଲ ତହସିଲଦାରଙ୍କ ଉପସ୍ଥିତିରେ ଉଚ୍ଛେଦ



ହେବ ବୋଲି ଜଣାପଡ଼ିଛି। ଆଗରୁ ଏହି ଜବରଦଖଲ ଉଚ୍ଛେଦ ପାଇଁ ଗତ ୬ ତାରିଖ ଧାର୍ଯ୍ୟ ହୋଇଥିବାବେଳେ ପୁଲିସ ସହାୟତା ମିଳି ନ ଥିବାରୁ ତାହାକୁ ୧୧ ତାରିଖ ଯାଏ ଘୁଞ୍ଚାଇ ଦେଇଥିବା ଶୁଣିବାକୁ ମିଳିଥିଲା। ତେବେ ଓଳାଭର ବଜାରର ଏହି ବେଆଇନ ଜବରଦଖଲ ଯୋଗୁଁ ସାଧାରଣରେ ବହୁ ଅସୁବିଧା ହୋଇଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଏକାଧିକବାର ଅଭିଯୋଗ ହେବା ପରେ ବଜାରର ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ବାଧ୍ୟ ହୋଇଥିଲା। ଜବରଦଖଲ ହଟାଇବାକୁ ଦୀର୍ଘଦିନ ଧରି କସରତ ଜାରି ରହିଥିବାବେଳେ ଆସନ୍ତାକାଲି ଉଚ୍ଛେଦ ହେବାକୁ ଥିବାବେଳେ ହଠାତ କନିକା ତହସିଲଦାର ଭାନୁମତୀ ମାଝୀ ଛୁଟିରେ ଯିବା ସାଧାରଣରେ ନାନା ଆଲୋଚନା ହେଉଛି। ନିୟମ ମୁତାବକ ପ୍ରତି ସରକାରୀ ଜମି ଉଚ୍ଛେଦ ସମୟରେ ଜଣେ ଅଧିକାରୀ ସ୍ୱତନ୍ତ୍ର ଭାବେ ଉଚ୍ଛେଦ ଅଧିକାରୀ ଭାବେ ନିଯୁକ୍ତ ରହିବା ଭଳି ଏହି ଉଚ୍ଛେଦରେ ଯଦିଓ କନିକା ତହସିଲର ଦୀନେଶ ପ୍ରଧାନ ଦାୟିତ୍ୱରେ ରହିଛନ୍ତି, ତେବେ ଏହି ଉଚ୍ଛେଦ ପ୍ରକ୍ରିୟାରେ ବାରମ୍ବାର ବିଭିନ୍ନ ଆଳଦେଖାଇ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରିବାକୁ ନେଇ ସାଧାରଣରେ ତହସିଲ ପ୍ରତି ନାନା ଅରୁଚିକର ଆଲୋଚନା ଜାରି ରହିଥିବାବେଳେ ଆଜି ତହସିଲଦାର ହଠାତ ଛୁଟିରେ ଯିବା ସେସବୁ ଆଲୋଚନାକୁ ବଢ଼ାଇ ଦେଇଛି। ସବୁଠୁ ଆଶ୍ଚର୍ଯ୍ୟର କଥା କନିକା ତହସିଲ ନିଜ ଆଡୁ କେବେ କୌଣସି ଜବରଦଖଲ ଉଚ୍ଛେଦ କରି ନ ଥିବାବେଳେ ଆବେଦନକାରୀଙ୍କ ଦ୍ୱାରା ବହୁ ଉଦ୍ୟମ ସହ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ଉଚ୍ଛେଦ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିବା ଆବେଦନକାରୀ ନଳିନୀକାନ୍ତ ପୃଷ୍ଟି କହିଛନ୍ତି। ବିଭିନ୍ନ ଆଳ ଦେଖାଇ ଦିନ ଗଡ଼ାଇ ଚାଲିଥିବା ତହସିଲ ପ୍ରଶାସନର ବହୁ ବିଳମ୍ବରେ ଏହି ଉଚ୍ଛେଦ କରିବାକୁ ଯାଉଥିବାବେଳେ ଏଯାବତ ଆବେଦନକାରୀଙ୍କୁ ଏହି ଉଚ୍ଛେଦ ନେଇ କୌଣସି ସୂଚନା ଦିଆଯାଇ ନ ଥିବା ଆବେଦନକାରୀ ନଳିନୀକାନ୍ତ ପୃଷ୍ଟି ଗୁରୁତର ଅଭିଯୋଗ କରିଛନ୍ତି। ଓଳାଭର ବଜାରର ଏହି ବେଆଇନ ଅବରୋଧ ହଟିବାକୁ ନେଇ ସାଧାରଣରେ ସ୍ୱାଗତ କରାଯାଇଥିବାବେଳେ ଆଗୁଆ ନୋଟିସ ପାଇ ମଧ୍ୟ କେତେକ ବ୍ୟବସାୟୀ ଏଯାବତ ନିଜ ଆଡୁ ଜବରଦଖଲ ହଟାଇ ନ ଥିବାରୁ ଆସନ୍ତାକାଲି ଉଚ୍ଛେଦ ପାଇଁ ସାଧାରଣରେ ଉତ୍କଣ୍ଠା ବଢ଼ିଛି।

## ମା' ତାରିଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଡେରାବିଶ, ୧୦।୨(ସମିସ): ଇନ୍ଦାଳୋ ପଞ୍ଚାୟତ ଅନ୍ତର୍ଗତ ଅଡ଼ଙ୍ଗାସ୍ଥ ମା' ତାରିଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ୨୪ତମ ବାର୍ଷିକ ମହୋତ୍ସବ ଓ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୭ ତାରିଖରେ ଯଜ୍ଞର ଶୁଭାଧିବାସ



କରାଯାଇଥିବାବେଳେ ୮ ତାରିଖରେ କଳସଯାତ୍ରା ଓ ଅଗ୍ନିସ୍ଥାପନ କରାଯାଇଥିଲା। ୯ ତାରିଖ ଗୁରୁପୂଜା, ସୂର୍ଯ୍ୟପୂଜା, ମଣ୍ଡଳପୂଜା ଓ ମାଙ୍କର ଷୋଡ଼ଶ ଉପଚାର ପୂଜା, ଚଣ୍ଡିପାଠ ଓ ଯଜ୍ଞ କରାଯାଇ ଆଜି ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ହେବା ସହିତ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଚରୁଅନ୍ନ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗ୍ରାମର ଅଭୟ ଲେଙ୍କା, ପ୍ରଶାନ୍ତ ସାମନ୍ତରାୟ, ବାପିନା ରାଉତ, ନିରଞ୍ଜନ ପରିଡ଼ା, ସୁନୀଲ ରାଉତ, ମନୋରଞ୍ଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ବିଲିକଣା କାଳୀ ପଡ଼ିଆରେ ହିନ୍ଦୁ ସମ୍ମିଳନୀ

ପଟ୍ଟାମୁଣ୍ଡାଇ,୧୦।୨(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଏକଶତ ବର୍ଷ ପୂର୍ତ୍ତି ଅବସରରେ ପତ୍ରପୁର ନିକଟ ବିଲିକଣା କାଳୀ ପଡିଆରେ ହିନ୍ଦୁ ସମ୍ମିଳନୀ ବ୍ଲକ ସଂଯୋଜକ ପ୍ରିୟରଞ୍ଜନ ଦାଶଙ୍କ ଅଧ୍ୟକ୍ଷତା ଓ ଗୋଲୋକ ବିହାରୀ ଭୂୟାଁଙ୍କ ସଂଚଳନାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାମୀ କ୍ରିଷ୍ଣାନନ୍ଦ ଗିରି ମୁଖ୍ୟଅତିଥି, ପ୍ରିୟବ୍ରତ ପରିଜା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବାବେଳେ ଜିଲ୍ଲା କାର୍ଯ୍ୟବାହ ବିନୋଦ ଦାସ, ପତଞ୍ଜଳି ଯୋଗ ସମିତିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂପ୍ରସାଦ ଦାସ, ଶ୍ରୀମତୀ କଳ୍ପନା ପରିଡା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଦେଶର ଏକତା, ଅଖଣ୍ଡତା, ଭାରତୀୟ ସଂସ୍କୃତି ଓ ପରମ୍ପରା ବିଷୟରେ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସମାଜସେବୀ ବ୍ରଜସୁନ୍ଦର ଭୂୟାଁ, ଅନନ୍ତ ପରିଡା, ରଞ୍ଜନ ରାଉତ, ବିନୋଦ ପରିଡା, ଦାମୋଦର ରାଉଳ, ଅଭୟ ସାହୁ, ସୁମନ୍ତ ରାଉତ, ଅକ୍ଷୟ ଦାସ, ବିକାଶ ନାୟକ, ପୁରୁଷୋତ୍ତମ ନାୟକ, ଅଧର ମଲିକ, ସୂର୍ଯ୍ୟକାନ୍ତ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଅଭିରାମ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ନାଟ୍ୟ ନିର୍ଦ୍ଦେଶକ ପ୍ରଫୁଲ୍ଲ ମିଶ୍ରଙ୍କ ପରଲୋକ

ରାଜନଗର,୧୦।୨(ସମିସ): ନାଟ୍ୟ ନିର୍ଦ୍ଦେଶକ, ରାଜନଗର ଗାଁର ମୁରବି, ରାଜନଗର ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ଆଜି ସକାଳେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୭



ବର୍ଷ ହୋଇଥିଲା। ସ୍ୱର୍ଗତ ମିଶ୍ର ଦୀର୍ଘଦିନ ଧରି ଅସୁସ୍ଥତା ଯୋଗୁଁ ଭୁବନେଶ୍ୱରର ଏକ ପ୍ରାଇଭେଟ ହସ୍ପିଟାଲରେ ଚିକିତ୍ସା ହେଉଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୂର୍ବତନ ସରପଞ୍ଚ ପ୍ରଭାତ ମିଶ୍ର, ସର୍ବେଶ୍ୱର ନାୟକ, ନରହରି ନାଥ, ସୋମନାଥ ବାରିକ, ବାସୁଦେବ ସାହୁ, ମଧୁ ସାହୁ, ପ୍ରେମାନନ୍ଦ ସେଠୀ, ସୁଶାନ୍ତ ସେଠୀ, ସମାଜସେବୀ ସଞ୍ଜୟ ବାଗ, ଜୟଦୁର୍ଗା ବଣିକ ସଂଘ ସଭାପତି ବାଇଧର ସେଠୀ, ପଣ୍ଡିତ ଶଙ୍କର୍ଷଣ ମିଶ୍ର ପ୍ରମୁଖ ଶେଷ ଦର୍ଶନ କରିଥିଲେ। ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ସମାଜସେବୀ କୈଳାସ ମହାନ୍ତି, ସରପଞ୍ଚ ସୁଶ୍ରୀ ସଂଗୀତା ମିଶ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## କାଉ ମଡ଼କ, ବାର୍ଡ ଫ୍ଲୁ ଆଶଙ୍କାରେ ଲୋକେ ଆତଙ୍କିତ

ପଟ୍ଟାମୁଣ୍ଡାଇ,୧୦।୨(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ପୋଖରିଆପଡ଼ା ଗ୍ରାମରେ କିଛିଦିନ ହେବ କାଉ ଘୁମେଇ ପାଗଳଙ୍କ ଭଳି ବୁଲି ବୁଲି ପଡି ମାରିଯାଉଥିବା ଦେଖିବାକୁ ମିଳୁଛି। ଗତ ୩ରୁ ୪ ଦିନ ମଧ୍ୟରେ କେତେକ କାଉଙ୍କର ଏଭଳି ଭାବେ ମୃତ୍ୟୁ ହେଲାଣି। ଯାହାକୁ ନେଇ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। କାଉ ବେକ ଫୁଲି ଯାଇଥିବାବେଳେ ମରିବା ପୂର୍ବରୁ ରାଉଣ୍ଡ ରାଉଣ୍ଡ ଘୁରିଘୁରି ଥରୁଛନ୍ତି। ପରେ ସେଠାରେ ଆଖି ମିଟି ମିଟି କରି ପଡି ମରି ଯାଉଛନ୍ତି। କେଉଁ କାରଣରୁ କାଉର ମୃତ୍ୟୁ ହେଉଛି ସେନେଇ ସଠିକ୍ ଭାବେ



ଜଣାପଡ଼ିନାହିଁ। ଏ ନେଇ ପଟ୍ଟାମୁଣ୍ଡାଇ ପ୍ରାଣୀ ବିଶେଷଜ୍ଞ ପ୍ରଦୀପ ଜେନାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଯାଞ୍ଚ ପରେ ମୃତ୍ୟୁର କାରଣ ଜଣାପଡ଼ିବ।

## ହାଟପାଟଣା ରୁଦ୍ର ମହାଯଜ୍ଞ ପ୍ରସ୍ତୁତି ବୈଠକ

ପଟ୍ଟାମୁଣ୍ଡାଇ,୧୦।୨(ସମିସ): ସ୍ଥାନୀୟ ହାଟପାଟଣା ହଟକେଶ୍ୱର ମହାଦେବଙ୍କ ୧୪ତମ ବାର୍ଷିକ ରୁଦ୍ର ମହାଯଜ୍ଞ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ କମିଟି ସଭାପତି ଭୀମସେନ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ପୁରୁଷୋତ୍ତମ ଦାସ, ନିରଞ୍ଜନ ମହାନ୍ତି, ବ୍ରହ୍ମାନନ୍ଦ ରାଉତ, ବିଜୟ କବି, ତ୍ରିଲୋଚନ



ମହାନ୍ତି, ବିଜୟ ଦାସ, ସୁରେଶ ମହାନ୍ତି, ଦାଶରଥୀ ପରିଡା, ସୁଶାନ୍ତ ନାୟକ, ଉମାକାନ୍ତ ଦାସ, ଭକ୍ତରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଏହି ରୁଦ୍ର ମହାଯଜ୍ଞ ଆସନ୍ତା ୧୨ରୁ ୧୫ ତାରିଖ ଶିବରାତ୍ରୀ ପର୍ଯ୍ୟନ୍ତ ୪ଦିନ ବ୍ୟାପି ଅନୁଷ୍ଠିତ ହେବ।

# ସମସ୍ୟାରେ ଜର୍ଜରିତ ତେଣ୍ଡାକୁଡ଼ା ପଞ୍ଚାୟତ

କେନ୍ଦ୍ରାପଡ଼ା, ୧୦।୨(ସମିସ)

କେନ୍ଦ୍ରାପଡା ଜିଲ୍ଲାରେ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟର ପ୍ରତୀକ ପାଟକୁରା ନିର୍ବାଚନମଣ୍ଡଳୀର ଗରଦପୁର ବ୍ଲକ ଅନ୍ତର୍ଗତ ତେଣ୍ଡାକୁଡ଼ା ପଞ୍ଚାୟତବାସୀ ଅବହେଳିତ ହୋଇଆସୁଛନ୍ତି। ଶିକ୍ଷାକ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ପୁରାତନ ଓ ବ୍ରିଟିଶ ଅମଳରୁ ସ୍ଥାପିତ ଉଚ୍ଚବିଦ୍ୟାଳୟ ଫଜଲ୍ ହକ୍ ହାଇସ୍କୁଲ ସରକାରୀ ହୋଇଥିଲେ ହେଁ ୨୦୧୮-୧୯ରେ ଏହାର ୭୫ତମ ସ୍ଥାପନା ପୂର୍ତ୍ତି ଉତ୍ସବ ପାଳନ ହୋଇଛି। ତେବେ ଏଠାରେ ଜଣେ ନିୟମିତ ପ୍ରଧାନଶିକ୍ଷକ ନାହାଁନ୍ତି। ଏହି ବିଦ୍ୟାଳୟର ପୁରାତନ ବିଦ୍ୟାର୍ଥୀ ସଂଗଠନ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ ମଧ୍ୟ ଅଦ୍ୟାବଧି ପ୍ରଧାନଶିକ୍ଷକ ନିଯୁକ୍ତ ହୋଇନାହାନ୍ତି। ବିଦ୍ୟାଳୟରେ ଶିକ୍ଷାର ମାନ କମି କମି ଯାଇଥିବାରୁ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବି କମିଗଲାଣି। ଯେଉଁ ଛାତ୍ରଛାତ୍ରୀ ଅଛନ୍ତି, ସେହି ଅନୁପାତରେ ଶିକ୍ଷକ ଶିକ୍ଷୟିତ୍ରୀ ସମେତ ଅଫିସ ଷ୍ଟାଫ୍ ନାହାଁନ୍ତି। ବିଦ୍ୟାଳୟର ସୁରକ୍ଷା ଦୃଷ୍ଟିରୁ ଏହାର ଚାରିପଟରେ ମାପ ହୋଇ ପାଚେରି ନିର୍ମାଣର ଆବଶ୍ୟକତା ଓ ଗୋଟିଏ ପଟର ପାଚେରି ଯାହା ୨ ବର୍ଷରୁ ଊର୍ଦ୍ଧ୍ୱ ଭାଙ୍ଗିଯାଇଛି। ତାହା ମରାମତି ହୋଇନାହିଁ। ତାହା ଯଥାଶୀଘ୍ର କରାଯାଉ। ବିଦ୍ୟାଳୟର ଯଥେଷ୍ଟ ଭିତ୍ତିଭୂମି ଥିବା ସତ୍ତ୍ୱେ ଷ୍ଟାଫ୍ କ୍ୱାର୍ଟର ନ ଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ ଦୈନିକ ଘରୁ ଯିବା ଆସିବା କରୁଥିବାରୁ ଶିକ୍ଷାଦାନ ବ୍ୟାହତ ହେଉଛି।

ଏଠାରେ ଅବସ୍ଥାପିତ ବିଜୟ ମହାବିଦ୍ୟାଳୟ ଯଦିଓ ସରକାରୀ ଫଜିକୃତ ହୋଇଛି, କେବଳ +୨ କଳା ଓ ବାଣିଜ୍ୟ ଶିକ୍ଷାଦାନ କରାଯାଉଛି। ବିଜ୍ଞାନ ବିଭାଗ ଓ ସ୍ନାତକ ଶିକ୍ଷା ପ୍ରଦାନକୁ ଫଜିକୃତ କରାଇବାକୁ ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜୀବୀ ଦାବି କରୁଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ରରେ ତେଣ୍ଡାକୁଡ଼ା ସରକାରୀ ଡାକ୍ତରଖାନା ବ୍ରିଟିଶ ଅମଳରୁ ସ୍ଥାପନ ହୋଇଥିଲେ ବି ଏଠାରେ ଆବଶ୍ୟକୀୟ ଡାକ୍ତର ଓ ନିଜସ୍ୱ ପରୀକ୍ଷାଗାର ନଥିବାରୁ ରୋଗୀ ହନ୍ତସନ୍ତ ହୋଇ କଟକ ବଡ଼ ଡାକ୍ତରଖାନାକୁ ଯିବାକୁ ବାଧ ହେଉଛନ୍ତି। ଏଠାରେ ଜଣେ ସ୍ତ୍ରୀ ଓ ପ୍ରସୂତୀ, ଶିଶୁରୋଗ ବିଶେଷଜ୍ଞଙ୍କ ଆବଶ୍ୟକତା ଅଛି। ଗମନାଗମନ କ୍ଷେତ୍ରରେ ତେଣ୍ଡାକୁଡ଼ା ରାଜସ୍ୱ ମୌଜାର ପାଇକା ନଦୀବନ୍ଧରୁ ବଡିହଗଡ଼ାରୁ-ବାଙ୍କାବଜାର ଓ ରଫିକ୍ ଛକ ପର୍ଯ୍ୟନ୍ତ ରାସ୍ତା କାମ ବିଦ୍ୟୁତ୍, ଜଳଯୋଗାଣ ଓ ରାସ୍ତା ବିଭାଗର ସମନ୍ୱୟ ଅଭାବରୁ ଠିକାଦାର ଅଧାପନ୍ତରିଆ ଅବସ୍ଥାରେ ଛାଡି ଦେଇଥିବାରୁ ପଞ୍ଚାୟତବାସୀ ଯିବା ଆସିବା କରିବାରେ ଅସୁବିଧା ହେବା ସହିତ ଦୁର୍ଘଟଣା ଘଟୁଛି। ପାଇକା ନଦୀବନ୍ଧ ଓ ତତ୍ ସଂଲଗ୍ନ ଉପରମୁଣ୍ଡରୁ ବର୍ଷାଦିନେ ଯେଉଁ ବର୍ଷା ପାଣି ତେଣ୍ଡାକୁଡ଼ା ପୋଷ୍ଟ ଅଫିସ ପଛପଟ ଦେଇ ଅଶ୍ରୁଖୋଳା ଯୋରକୁ ନିଷ୍କାସିତ ହେଉଥିଲା, ଡମସାହି ସୋଠ ପୂର୍ବରୁ ତାହା କିଛି ବ୍ୟକ୍ତିବିଶେଷଙ୍କ ଦ୍ୱାରା ଅବରୋଧ ହୋଇ ଥିବାରୁ ଦଣ୍ଡାସାହି, ହାବେଳିସାହି, ଗଡିଆକୂଳ ସାହି, ବୈଦ୍ୟଗଡ଼ା ସାହି, ବାଉରୀ ସାହି, ଡମସାହି, କହ୍ଲାର ସାହି, ବାରିକ ସାହି, ଧୋବାସାହି ଇତ୍ୟାଦି ପଡ଼ାଗ୍ରାମ ବର୍ଷାଦିନେ ଜଳମଗ୍ନ ହେଉଛି। ଆବଶ୍ୟକ ଜମି ଅଧିଗ୍ରହଣ କରି ଜଳ ନିଷ୍କାସନ ମାର୍ଗ ଚଉଡ଼ା କରିବା ସହିତ ଡ଼ମସାହି ସୋଠକୁ ପ୍ରଶସ୍ତ କରି ନୂଆ ପୋଲ ନିର୍ମାଣ ପାଇଁ ଦାବି ହୋଇଛି। ଅଶ୍ରୁଖୋଳା ଯୋର ପଞ୍ଚାୟତ ଦେଇ ବହି ଯାଇଥିବା ପଞ୍ଚାୟତ ବାସିନ୍ଦାଙ୍କ ଜୀବନରେଖା ଏହି ଯୋର ପାଇଁ ସରକାରଙ୍କ ପକ୍ଷରୁ ପୁନରୁଦ୍ଧାର ପ୍ରକ୍ରିୟା ଆଖିଦୃଶିଆ ହେଉନାହିଁ ବା ଆଗକୁ ଯାଉନାହିଁ। ସରକାରଙ୍କ ପ୍ରତି ପଞ୍ଚାୟତରେ ଗୋଟିଏ ବ୍ୟାଙ୍କ ପ୍ରତିଶ୍ରୁତି ଏଠାରେ ପାଣିରେ ଗାର ହୋଇଛି। ଏହି ପଞ୍ଚାୟତରେ ପ୍ରଚୁର ସରକାରୀ ଜମି ଥିବାରୁ ଭିତ୍ତିଭୂମି ଯୋଗାଇ ଦେଇ ଏଠାରେ ଜାତୀୟକରଣ ବ୍ୟାଙ୍କର ଶାଖା ଖୋଲାଇବାକୁ ପ୍ରୟାସ ପ୍ରଚେଷ୍ଟା କରାଯାଉ। ଏଥିସହ ପଞ୍ଚାୟତର ନାମ ଇଂରାଜୀରେ ବନାମ ପରିବର୍ତ୍ତନ ବହୁକାଳରୁ ଓଡ଼ିଆରେ ପ୍ରଚଳିତ ପଞ୍ଚାୟତର ନାମ ତେଣ୍ଡାକୂଳ ଯାହା ବ୍ୟାକରଣ ସମ୍ମତ ଓ ଇଂରେଜ ଅମଳରେ ଟ୍ୟାଣ୍ଡାକୁରା ହୋଇଯାଇଛି। ତାହାକୁ ତେଣ୍ଡାକୂଳ କରାଇବାକୁ ପଞ୍ଚାୟତବାସୀ ଦାବି ଜଣାଇଛନ୍ତି। ଏହି ଅଞ୍ଚଳର ଚାଷୀ ବିଭିନ୍ନ ପ୍ରକାର ନୂତନ ଚାଷ କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ପ୍ରୟୋଗ କରିବା ପାଇଁ ଉତ୍ସାହୀ ଅଛନ୍ତି। କିନ୍ତୁ ଜିଲ୍ଲାର କୃଷି ଅଧିକାରୀ ଓ ଉଦ୍ୟାନବିତ ସହଯୋଗର ହାତ ବଢ଼ାଇଲେ ଚାଷୀ ବହୁଳ ଭାବରେ ଉପକୃତ ହେବେ। ଉପରୋକ୍ତ ସମସ୍ୟା ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ଅବଗତ କରାଯାଇଥିବା ଜଣାପଡ଼ିଛି।

# ତେଜିଲା ବୋଲଗଡ଼ ବିଡ଼ିଓଙ୍କ ବଦଳି ଦାବି

ଖୋର୍ଦ୍ଧା, ୧୦।୨ (ସମିସ)




## ବ୍ଲକ କାର୍ଯ୍ୟାଳୟ ଆଗରେ ସାମୂହିକ ଗଣଧାରଣା

ବୋଲଗଡ ବିଡ଼ିଓ ସୁମନ ସୁଦ୍ଧା କୁଣ୍ଡୁଙ୍କ ବଦଳି ଦାବିରେ ବିକ୍ଷୋଭ ଶୋଭାଯାତ୍ରା ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସାମୁହିକ ଗଣଧାରଣା ଦିଆଯାଇଛି।

ପ୍ରକାଶ ଥାଉକି, ବିଡ଼ିଓ ଗତ ସାଧାରଣତନ୍ତ୍ର ଦିବସରେ ଅନୁପସ୍ଥିତ ରହିବାକୁ ନେଇ ଆରମ୍ଭ ହୋଇଥିଲା ବିବାଦ। ଆଜି ପୂର୍ବାହ୍ନରେ ବ୍ଲକ ଅଧକ୍ଷା ହୁଲ୍ଲାଶ ପ୍ରଧାନଙ୍କ ନେତୃତ୍ୱରେ ବୋଲଗଡ ତହସିଲ କାର୍ଯ୍ୟାଳୟଠାରୁ ହଜାରରୁ ଉଦ୍ଧ୍ୱର୍ ଜନସାଧାରଣ ଏକ ବିଶାଳ ଶୋଭାଯାତ୍ରା ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଡ଼ିଓଙ୍କ ବଦଳି ନହେବା ପର୍ଯ୍ୟନ୍ତ ୩୦ରୁ ଉର୍ଦ୍ଧ୍ୱ ସରପଂଚ ଓ ସମିତିସଭ୍ୟ/ସଭ୍ୟା ବ୍ଲକ ଆଗରେ ଧାରଣା ସହ ଆନ୍ଦୋଳନ ଜାରି ରହିବାକୁ ଚେତାବନୀ ଦେଇଛନ୍ତି। ଏଠାରୁ ବିବାଦୀୟ ବିଡ଼ିଓଙ୍କ ବଦଳି ନ ହେଲେ ବ୍ଲକ ଅଫିସ କାମ ଅଚଳ କରି ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଧାରଣା ସ୍ଥଳରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ପହଂଚି ଆନ୍ଦୋଳନକୁ ସମର୍ଥନ ଜଣାଇ ସେମାନଙ୍କ ସହ ସାମିଲ ହୋଇଥିଲେ। ବ୍ଲକରେ ବିଡ଼ିଓଙ୍କ ମନମୁଖୀ ଶାସନ ଚଳିବ ନାହିଁ। ତେଣୁ ତୁରନ୍ତ ତାଙ୍କୁ ଏଠାରୁ ବଦଳି କରାଯାଇ ଲୋକଙ୍କୁ ଉପଯୁକ୍ତ ସେବା ପ୍ରଦାନ କରାଯାଉ ବୋଲି ବିଧାୟକ ଶ୍ରୀ ସାହୁ କହିଛନ୍ତି। ମାଣିବନ୍ଧ ସରପଂଚ ସୁନନ୍ଦା ବରାଳ କୁହନ୍ତି ବିଡ଼ିଓ ବ୍ଲକର କୌଣସି ଜନ ପ୍ରତିନିଧି ମାନଙ୍କୁ ସମ୍ମାନ ଦେଉ ନାହାନ୍ତି। ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ସେମାନଙ୍କୁ ଅଣଦେଖା କରୁଛନ୍ତି। ବ୍ଲକରେ ଚାଲିଥିବା ଉନ୍ନତି ମୂଳକ କାର୍ଯ୍ୟରେ ସେ ବାଧକ ସୃଷ୍ଟି କରୁଛନ୍ତି ବିଡ଼ିଓ ବଦଳି ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି ବ୍ଲକ ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ। ବୋଲଗଡ ଜନସାଧାରଣ ଓ ନିର୍ବାଚିତ ପ୍ରତିନିଧିଙ୍କ ପକ୍ଷରୁ ଚାଲିଥିବା ଏହି ଆନ୍ଦୋଳନକୁ ଭାଜପା ନେତା ଅଜିତ ପଟ୍ଟନାୟକ, ଭାଜପା ମଣ୍ଡଳ ସଭାପତି ଦିପକ ବିଶ୍ୱାଳ ପ୍ରମୁଖ ସମର୍ଥନ ଜଣାଇଛନ୍ତି।

ସୂଚନାଯୋଗ୍ୟ ବିଡ଼ିଓଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଗତ ୨୭ ତାରିଖରେ ବୋଲଗଡ ଜନସାଧାରଣ ୧୨ଘଣ୍ଟିଆ ବନ୍ଦ ଡାକରା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ଦେଇଥିଲେ। ପରେ ବ୍ଲକ ଅଧକ୍ଷା, ଉପାଧକ୍ଷାଙ୍କ ସମେତ ଏକାଧିକ ପଞ୍ଚାୟତ ସରପଞ୍ଚ ସମିତି ସଭ୍ୟ, ୩ଜିଲ୍ଲା ପରିଷଦ ପୁନଶ୍ଚ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟମଣ୍ଡିତ ପ୍ରଧାନଙ୍କୁ ଦାବିପତ୍ର ଦେଇଥିଲେ। ଅନ୍ୟପଟେ ଗତ ସୋମବାର ଏକାଧିକ ଗ୍ରାମବାସୀ ବିଡ଼ିଓଙ୍କ ସପକ୍ଷରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇ ନିର୍ଦ୍ଦୋଶ ବୋଲି ଯୁକ୍ତି ଉପସ୍ଥାପନ କରିଥିଲେ। ସେପଟେ ନିଜେ ବିଡ଼ିଓ ସୁମନ ସୁଦ୍ଧା କୁଣ୍ଡୁ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଥିଲେ। ଅନ୍ୟପକ୍ଷରେ ପଞ୍ଚାୟତ ପ୍ରତିନିଧି ମାନେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବସି ରହିବାର ଚେତାବନୀ ଦେଇଛନ୍ତି।

## ଅଘୋଷିତ ବିଦ୍ୟୁତ୍ କାଟ୍ ନେଇ ଜନ ଅସନ୍ତୋଷ

ବାଲୁଗାଁ, ୧୦।୨(ସମିସ): ସମଗ୍ର ଚିଲିକା ନିର୍ବାଚନ ମଣ୍ଡଳୀ ତଥା ବାଲୁଗାଁ ବାଣପୁର ଅଂଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍ ଓ ଲୋଭୋଲଟେଜ ସହ ବିଦ୍ୟୁତ କମ୍ପାନୀର ଜୋର ଜୁଲମକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ସମଗ୍ର ଅଂଚଳରେ ଘରୋଇ କମ୍ପାନୀ ଟାଟା ବିଦ୍ୟୁତ ସେବା ଯୋଗାଇ ଦେଇଆସୁଥିବା ସହ ଏହାର ରକ୍ଷଣ ବେକ୍ଷଣା ଓ ବିଦ୍ୟୁତ୍ ବିଲ ଆଦାୟ ଦାୟିତ୍ୱ ମଧ୍ୟ ଉକ୍ତ ଟାଟା କମ୍ପାନୀ ତୁଲାଉଅଛି। ଘରୋଇ ଟାଟା କମ୍ପାନୀର ସେବା ପ୍ରଦାନକୁ ନେଇ ବିଭିନ୍ନ ଅଞ୍ଚଳରେ ବାରମ୍ବାର ଅଭିଯୋଗ ହେଉଥିବା ବେଳେ ଟାର୍ଗେଟ ପୂରଣ ପାଇଁ ବକେୟା ଆଦାୟକୁ ନେଇ ବିଦ୍ୟୁତ୍ କାଟ୍ ର ନାଲିଆଖି ଦେଖାଇ ଟଙ୍କା ଆଦାୟ କରୁଥିବା ସହ କମ୍ପାନି ତରଫରୁ ଜୋର ଜୁଲମ କରି ବାଧ୍ୟତାମୂଳକ ଭାବେ ପ୍ରିପେଡ ଚାଇନା ମିଟର ବସାଇ ମିଟର ରିଡିଙ୍ଗ୍‌ରେ ଅନିୟମିତତା ହେବାକୁ ନେଇ ଅଭିଯୋଗ ମଧ୍ୟ ହେଉଛି। ମରାମତି, ଗ୍ରୀଡ୍‌ରୁ ବିଦ୍ୟୁତ କାଟ ଓ ମେଣ୍ଟେନାନ୍ସ ଆଦି ବିଭିନ୍ନ ଆଳ ଦେଖାଇ ସମଗ୍ର ବାଲୁଗାଁ ବାଣପୁର ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଥିବା ସହିତ ଦୈନନ୍ଦିନ ଦିବା ହେଉ ବା ରାତ୍ର ସମୟରେ ମଧ୍ୟ ୧୦ ରୁ ୧୨ ଥର ଅଘୋଷିତ ବିଦ୍ୟୁତ କାଟ ହେଉଥିବା ଜଣାଯାଇଛି। ଯାହା ଫଳରେ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ବ୍ୟବସାୟ ପ୍ରତିଷ୍ଠାନ ସହ ଜନସାଧାରଣଙ୍କ ବହୁ ଜରୁରୀ କାଳୀନ କାର୍ଯ୍ୟରେ ବାଧା ଉପୁଜି ଲୋକ ନାହିଁ ନଥିବା ହଇରାଣ ହରକତ ହେଉଥିବା ଜଣାଯାଇଛି। ଏଥି ସହ ଅଞ୍ଚଳର ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଟାର୍ଗେଟ ପୂରଣ ପାଇଁ ବିଭାଗ କର୍ମଚାରୀ ମାନେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ମୋଟା ଅଙ୍କର ଫାଇନ ପକାଇ ସାଧାରଣ ଲୋକଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଆସୁଛି। ଏହାକୁ ନେଇ କିଛି ଉପଭୋକ୍ତା ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି। ତେବେ ବର୍ତ୍ତମାନ ଖରାଦିନ ଆସି ଯାଇଥିବା ସହ ରାଜ୍ୟରେ କିଛିଦିନ ମଧ୍ୟରେ ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଆରମ୍ଭ ହେବାକୁ ଆସୁଥିବା ବେଳେ ଏଭଳି ବିଦ୍ୟୁତ କାଟ୍ ଯୋଗୁଁ ପିଲାମାନଙ୍କ ପାଠପଢାରେ ନା ନା ଅସୁବିଧା ସୃଷ୍ଟି ହେବ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

## ହାତୀ ଆକ୍ରମଣରେ ଜଣେ ଆହତ

ବେଗୁନିଆ, ୧୦।୨(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ପଞ୍ଚାୟତର ଖଡ଼ିପଦର ଗ୍ରାମରେ ଗତ ୬ ତାରିଖ ଦିନ ଜଣେ ବ୍ୟକ୍ତି ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିଲେ। ମଙ୍ଗଳବାର ସନ୍ଧ୍ୟା ୮ ଟା ସମୟରେ ହୀରାପୁର ପଞ୍ଚାୟତ ଇନ୍ଦିପୁର ଗ୍ରାମର ଆନନ୍ଦ ମାଝୀ (୩୨) ସିକୋ ଗ୍ରାମରୁ ସଉଦା କରି ଘରକୁ ଫେରୁଥିବାବେଳେ ଗ୍ରାମ ମୁଣ୍ଡରେ ଥିବା ଖେଳ ପଡିଆ ଭିତରୁ ବାହାରୁଥିବା ଏକ ହାତୀ ସମ୍ମୁଖରେ ପଡି ଯାଇଥିଲେ। ତେବେ ହାତୀଟିକୁ ଅତର୍କିତ ଭାବେ ଦେଖି ଆନନ୍ଦ ହତବାକ ହୋଇଯାଇଥିବା ସମୟରେ ହାତୀ ତାଙ୍କୁ ଟେକି ତଳେ କଚାଡି ଦେଇଥିଲା। ଫଳରେ ତାଙ୍କର ଡାହାଣ ହାତ ଏବଂ ବାମ ଗୋଡ଼ ଭାଙ୍ଗିଯାଇ ଥିବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ଖୋର୍ଦ୍ଧା ଡାକ୍ତରଖାନା ପଠାଯାଇଛି। ଖଡ଼ିପଦର ଗ୍ରାମରେ ହାତୀ ଆକ୍ରମଣରେ ମୃତ୍ୟୁ ବରଣ କରିଥିବାରୁ ରାସ୍ତାରୋକ ସମୟରେ ପ୍ରଶାସନିକ ଅଧିକାରୀମାନେ ବିଦ୍ୟୁତ କାଟ ହେବନି ବୋଲି କହିଥିବାବେଳେ ବିଦ୍ୟୁତ କାଟ ଯୋଗୁଁ ବାରମ୍ବାର ଏପରି ଘଟଣାର ପୁନରାବୃତ୍ତି ହେଉଛି ବୋଲି ସାଧାରଣରେ ଅସନ୍ତୋଷ ବ୍ୟାପିବାରେ ଲାଗି ରହିଛି।

## କିଡ୍‌ନୀ ରୋଗାକ୍ରାନ୍ତ ଦେବେନ୍ଦ୍ରଙ୍କୁ ସହାୟତା



ଜଟଣୀ, ୧୦।୨(ସମିସ): ପୁରୀ ଜିଲ୍ଲା ଗୋପ ଅଞ୍ଚଳର ରଙ୍ଗ ମିସ୍ତ୍ରି ଦେବେନ୍ଦ୍ର ମହାନ୍ତି ଦୀର୍ଘ ୯ ମାସ ହେଲା ଦୁଇଟି ଯାକ କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ମାତ୍ର ଅର୍ଥାଭାବ ଦେବେନ୍ଦ୍ରଙ୍କ ଚିକିତ୍ସାରେ ବାଧକ ହୋଇଛି। ତେବେ ଏହି ଖବର ଗଣମାଧ୍ୟମରୁ ଜାଣିବା ପରେ ଜଟଣୀ ରାଣିପୁର ଅଂଚଳର ସମାଜ ସେବୀ ତଥା ବାପା ମା ସେବାଶ୍ରମର ପ୍ରତିଷ୍ଠାତା ଗୌତମ ମହାରଣା ଦେବଦୂତ ସାଜି ଅସହାୟ ଦେବେନ୍ଦ୍ରଙ୍କୁ ସାହାଯ୍ୟର ହାତ ବଢ଼ାଇଛନ୍ତି। ସୂଚନା ଅନୁସାରେ, ଗୋପ ବ୍ଲକ ଅନ୍ତର୍ଗତ ବେଦପୁର ଗ୍ରାମର ଦେବେନ୍ଦ୍ର କୁମାର ମହାନ୍ତି ରଙ୍ଗମିସ୍ତ୍ରୀ ଭାବେ କାମ କରି ପରିବାର ପ୍ରତିପୋଷଣ କରନ୍ତି. ଗତ ୯ ମାସ ପୂର୍ବେ ହଠାତ ଦେବେନ୍ଦ୍ରଙ୍କ ଶରୀର ଅସୁସ୍ଥ ହୋଇଥିଲା। ଚିକିତ୍ସାରେ ଦୁଇଟିଯାକ କିଡ଼ନୀ ନଷ୍ଟ ହୋଇଯାଇଥିବା ଡାକ୍ତରଙ୍କ ପକ୍ଷରୁ ସୂଚନା ମିଳିଥିଲା। ଅନ୍ୟପଟେ ପରିବାରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଆଉ ନିଜ କର୍ମସ୍ଥଳ କୁ ଯାଇପାରିବେ ନାହିଁ, ଫଳରେ ଦେବେନ୍ଦ୍ରଙ୍କ ପତ୍ନୀ ମାମୁନି ମୁଣ୍ଡରେ ଚିନ୍ତାର ଚଡକ ପଡିଯାଇଥିଲା। ଘରେ ଯାହା କିଛି ଥିଲା ବିକି ଭାଙ୍ଗି ସ୍ୱାମୀଙ୍କ ପାଇଁ ଚିକିତ୍ସା ରେ ଖର୍ଚ୍ଚ ହୋଇଯାଇଥିଲା। କାଳକ୍ରମେ ଦେବେନ୍ଦ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରେ ଲାଗିଥିଲା ବେଳେ ଲକ୍ଷାଧିକ ଟଙ୍କାର ଖର୍ଚ୍ଚ ଆହୁରି ପରିବାର କୁ ବିଚଳିତ କରିବାରେ ଲାଗିଲା। ଏନେଇ ପତ୍ନୀ ମାମୁନି ସ୍ୱାମୀଙ୍କୁ ନେଇ ବାପ ଘରକୁ ପଳାଇଯାଇଥିଲେ। ହେଲେ ସେଠାରେ ବାପ ଘର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେଠାରେ ମଧ୍ୟ ଦେବେନ୍ଦ୍ରଙ୍କ ଚିକିତ୍ସା ଅଟକି ରହିଥିଲା। ତେବେ ଏହାରି ମଧ୍ୟରେ ଗଣମାଧ୍ୟମ ପକ୍ଷରୁ ଖବର ପ୍ରକାଶିତ ହୋଇଥିଲା। ତେଣୁ ଆଜି ଜଟଣୀ ରାଣିପୁର ଅଂଚଳରୁ ସମାଜସେବୀ ଗୌତମ ଏକ ଟିମ ସହିତ ଅସହାୟ ଦେବେନ୍ଦ୍ରଙ୍କୁ ଭେଟି ସହଯୋଗର ହାତ ବଢ଼ାଇଛନ୍ତି।

## କାର୍ ଦୁର୍ଘଟଣାଗ୍ରସ୍ତ; ନୟାଗଡ଼ ବ୍ଲକ୍ ଅଧକ୍ଷ ଆହତ

ଖୋର୍ଦ୍ଧା,୧୦।୨(ସମିସ): ୫୭ନଂ ଜାତୀୟ ରାଜପଥର ବାମଡିହ ଠାରେ ଆଜି ନୟାଗଡ ବ୍ଲକ ଅଧକ୍ଷଙ୍କ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଅଧକ୍ଷ କିଶୋର ଚନ୍ଦ୍ର ସାହୁ ଆହତ ହୋଇଥିବାବେଳେ ତାଙ୍କ ଡ୍ରାଇଭର ମଧ୍ୟ ଆହତ ହୋଇଛନ୍ତି। ପୁଲିସ ସୂଚନା ଅନୁସାରେ, ଓଡି-୦୨ସିସି-୦୭୦୫ ନଂ ବିଶିଷ୍ଟ କାର ଯୋଗେ ଅଧକ୍ଷ ଶ୍ରୀ ସାହୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରୁଥିଲେ। ତେବେ ଅପରାହ୍ନ ସାଢେ ୧ରୁ ୨ଟା ମଧ୍ୟରେ ବାଘମାରୀ ଥାନା ଅନ୍ତର୍ଗତ ବାମଡିହ ଠାରେ ବେଗୁନିଆ ଅଭିମୁଖେ ଆସୁଥିବା ଓଡି-୩୩ଏକ୍ୟୁ-୩୩୮୫ ନଂ ବିଶିଷ୍ଟ ଏକ ବ୍ୟାଟେରୀ ଚାଳିତ କାର୍ କୁ ସମ୍ମୁଖ ଭାଗରୁ ଧକ୍କାଦେଇ ଗହୀର ଭିତରକୁ ଖସି ପଡିଥିଲା। ଏଥିରେ ଗାଡିରେ ବସିଥିବା ଅଧକ୍ଷ ଶ୍ରୀ ସାହୁ ଆହତ ହୋଇଥିବାବେଳେ ଡ୍ରାଇଭର ସଞ୍ଜୟ କୁମାର କାଠୁଆ ମଧ୍ୟ ଆହତ ହୋଇଛି। ଖବର ପାଇ ବାଘମାରୀ ପୁଲିସ ଘଟଣାସ୍ଥଳରେ ପହଁଚି ଦୁଇଟିଯାକ



କାରକୁ ଜବତ କରିଛି। ଅଧକ୍ଷ ଶ୍ରୀ ସାହୁଙ୍କ ଅଭିଯୋଗ କ୍ରମେ ପୁଲିସ ୪୨/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଛି।

## ୪ ଲକ୍ଷର ସୁନା ଅଲଙ୍କାର ଓ ଟଙ୍କା ଚୋରି

ଚିଲିକା,୧୦।୨(ସମିସ): ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ଥାନା ଅନ୍ତର୍ଗତ ହରିପୁର ଗ୍ରାମର ଜଣଙ୍କ ଘରୁ ଚୋରମାନେ ରାତ୍ରୀରେ ପଶି ୪ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଅଲଙ୍କାର ଓ ନଗଦ ୪୦ହଜାର ଟଙ୍କା ଲୁଟି ନେଇଛନ୍ତି। ନାଚୁଣୀ ଥାନା ଅନ୍ତର୍ଗତ ହରିପୁର ଗ୍ରାମର ଶ୍ରୀମତୀ ଲୁସୁନା ଭୁଜୁବଳ, ସ୍ୱାମୀ-ସୁଶାନ୍ତ ଭୁଜୁବଳ ଗତ ୯ ତାରିଖ ଦିନ ନିଜର ଝିଅାରୀ ବିବାହ କାର୍ଯ୍ୟରେ ଯୋଗ ଦେବା ପାଇଁ ନିଜ ସଢୁ ଘର କଳାପଥର ଯାଇଥିଲେ। ଘରେ କେବଳ ବୃଦ୍ଧା ମାଆ ଥିଲେ। ରାତ୍ରୀରେ କାହିଁକି ଏକୁଟିଆ ରହିବ ବୋଲି ପଡୋଶୀ ଘରର ଲୋକମାନେ ବୃଦ୍ଧା ମାଆକୁ ଡାକି ନିଜ ଘରେ ଶୁଆଇଥିଲେ। ଘରେ କେହି ନ ରହିବା ସୁଯୋଗ ନେଇ ଚୋରମାନେ ବାରିପଟ କବାଟ ତାଡି ଘର ଭିତରେ ପଶିଥିଲେ। ଘର ଭିତରେ ଥିବା ଆଲମାରିକୁ ଶାବଳରେ ଭାଙ୍ଗି ସେଥିରେ ଥିବା ସୁନାରୁପା ଅଲଙ୍କାର ସମେତ ନଗଦ ୪୦ ହଜାର ଟଙ୍କା ନେଇ ଯାଇଥିବା ଲୁସୁନା ଭୁଜୁବଳ ନାଚୁଣୀ ଥାନାରେ ଏତଲାରେ ଦର୍ଶାଇଛନ୍ତି। ଅଲଙ୍କାର ଗୁଡିକର ଆନୁମାନିକ ମୂଲ୍ୟ ୪ଲକ୍ଷ ଟଙ୍କା ହେବ । ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ତରବରିଆ ଭାବେ ଜିପିଏଲ୍‌ଏଫ୍ ଗୃହ ନିର୍ମାଣକୁ ବିରୋଧ

ବେଗୁନିଆ,୧୦।୨(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ୱାର୍ଡ ନମ୍ବର ୮ ରେ ଅଙ୍ଗନବାଡ଼ି କେନ୍ଦ୍ର, କଲ୍ୟାଣ ମଣ୍ଡପ ଓ ମିଶନ ଶକ୍ତି ଗୃହ ନିର୍ମାଣ ହୋଇଛି। ଏହି ସ୍ଥାନରେ କଲ୍ୟାଣ ମଣ୍ଡପ ଲାଗି ଠିକାଦାର ମାଧ୍ୟମରେ ଜିପିଏଲ୍‌ଏଫ୍ ଗୃହ ନିର୍ମାଣ କରାଯାଉ ଥିବାରୁ ଆଗାମୀ ଦିନରେ ଗାଡ଼ି ପାର୍କିଂ ଓ ବର୍ଷା ଜଳ ନିଷ୍କାସନ ସମସ୍ୟା ଲାଗି ରହିବ ବୋଲି ସଚେତନ ନାଗରିକ ମାନେ ମତ ପ୍ରକାଶ କରିଛନ୍ତି। ଏପରିକି ଗ୍ରାମରେ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ବର୍ଷା ହେଲେ ପାଣି ଜମିବା ସହ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ି ପାରେ ବୋଲି ସ୍ପଷ୍ଟ ରୂପେ ବାରି ହୋଇ ପଡୁଥିବାରୁ ପ୍ରକାଶ କୁମାର ପଣ୍ଡା, ଧରଣୀଧର ପାଣିଗ୍ରାହୀ, ସରୋଜ ମହାପାତ୍ର, କୈଳାସ ମହାପାତ୍ର, ଭକ୍ତବନ୍ଧୁ ମହାପାତ୍ର, ଦିଲ୍ଲୀପ ପାଣିଗ୍ରାହୀ, ତ୍ରୈଲୋକ୍ୟ ପାଣିଗ୍ରାହୀ ସମେତ ଉପ ଜିଲ୍ଲାପାଳ, ବିଡ଼ିଓ ଏବଂ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସ୍ଥାନୀୟ ପ୍ରଶାସନର ଦୂରଦୃଷ୍ଟି ଅଭାବ ଯୋଗୁଁ ଠିକାଦାର ତରବରିଆ ଭାବରେ କାର୍ଯ୍ୟ କରୁଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି।

## ନୀଳାମ୍ବୁ ମହୋତ୍ସବର ପଞ୍ଚମ ସନ୍ଧ୍ୟା

ଟାଙ୍ଗୀ,୧୦।୨(ସମିସ): ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଚାନ୍ଦପୁର ଦଶଦୋଳ ପଡିଆରେ ଅନୁଷ୍ଠିତ ଚତୁର୍ଥ ବାର୍ଷିକ ନିଳାମ୍ବୁ ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ଏହି ବ୍ଲକ ଅଧିନସ୍ଥ କୁହୁଡି ରତନପୁର ମା' ମଙ୍ଗଳା ପାଇକ ଆଖଡା ଦଳର ଆକର୍ଷଣୀୟ ପାଇକ ଆଖଡାର ମନୋରମ ଦୃଶ୍ୟ ସହସ୍ରାଧିକ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି ଅବସରରେ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଭୁପ୍ରସାଦ ମିଶ୍ର, ଧ୍ରୁବ ଚରଣ ପରିଡା, ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ପ୍ରିୟରଂଜନ ପାତ୍ର ଓ ଅଶ୍ୱିନୀ କୁମାର ପାତ୍ର, ସଂପାଦକ ମନୋଜ କୁମାର ପଟ୍ଟନାୟକ ଯୋଗଦେଇ ଥିଲେ। ଏହି ଅବସରରେ ଏ ଅଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ପୂର୍ବତନ ଚାନ୍ଦପୁର ସରପଞ୍ଚ ନଥୁମଲ୍ଲ ମହାରାଜୀ, ଯୁବ ଶିଳ୍ପୋଦ୍ୟୋଗୀ ଦର୍ଶନ କୁମାର ସାହୁ, ଦିପକ ସେନାପତି, ପୂର୍ବତନ କନ୍ଧନୟାଗଡ ସରପଞ୍ଚ ଅରୁଣ କୁମାର ସୁବୁଦ୍ଧି ଙ୍କୁ ସମ୍ମାନିତ କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ସଭ୍ୟ ପ୍ରଦୀପ କୁମାର ମହାପାତ୍ର। ପଞ୍ଚମ ସଂଧ୍ୟାରେ ମା ମଙ୍ଗଳା ପାଇକ ଆଖଡା ରୋମ ଟାଙ୍କୁରା ପାଇକ ଦୃଶ୍ୟ ଦର୍ଶକ ଙ୍କୁ ବିମୋହିତ କରିଥିଲା। ସହଯୋଗ କରିଥିଲେ ରଜନୀକାନ୍ତ ମିଶ୍ର, ପ୍ରଶାନ୍ତ କୁମାର ବେହେରା ପ୍ରଦୀପ କୁମାର ସାହୁ ।ଉଦଘୋଷକ ଭାବେ ଅଧାପକ ସତ୍ୟନାରାୟଣ ମହାପାତ୍ର କାର୍ଯ୍ୟ ସଂପାଦନ କରିଥିଲେ।

## ମହିଳାଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତ ଗିରଫ; ଛୁରି ଜବତ

ଜଟଣୀ, ୧୦।୨ (ସମିସ): ଜଟଣୀ ଥାନା ଅନ୍ତର୍ଗତ ଲୋକ କଲୋନୀରେ ଜଣେ ମହିଳାଙ୍କୁ ଛୁରୀରେ ଆକ୍ରମଣ କରିବା ଘଟଣାରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ଟାଙ୍ଗି ଭୂଷଣ୍ଡପୁରର କୁଦିଆରୀ ଅଞ୍ଚଳରେ ରହୁଥିବା ଆକବର୍ ଖାନ୍ ଓରଫ୍ ରାଜା (୫୨)। ତା ନିକଟରୁ ଆକ୍ରମଣରେ ବ୍ୟବହୃତ ଛୁରୀ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତକାଲି ସକାଳେ ଜଟଣୀ ଲୋକ କଲୋନିରେ ଅଭିଯୋଗକାରୀ ସନୋଜ ସାହାଣୀଙ୍କ ମା' ରଶ୍ମିତା ସାହାଣୀ ନିଜ ଘର ସମ୍ମୁଖରେ ଫୁଲ ତୋଳୁଥିଲେ। ଏହି ସମୟରେ ପୂର୍ବ ବିବାଦକୁ କେନ୍ଦ୍ରକରି ଅଭିଯୁକ୍ତ ଆକବର୍ ଓ ତାର କିଛି ସହଯୋଗୀ ଆସି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ପେଟକୁ ଛୁରୀରେ ଆକ୍ରମଣ କରିଥିଲା। ଫଳରେ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରିଥିଲେ। ଥାନାରେ



ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଖୋର୍ଦ୍ଧାରୋଡ୍ ଷ୍ଟେସନ୍ ର ୭ନମ୍ବର ପ୍ଲାଟଫର୍ମ ଲୋକ ସେଡ୍ ନିକଟରୁ ଗିରଫ କରିଥିଲା ଏବଂ ତା ନିକଟରୁ ଆକ୍ରମଣରେ ବ୍ୟବହୃତ ଛୁରୀକୁ ଜବତ କରିଥିଲା। ଏ ନେଇ ଥାନାରେ ଏକ କେସ ନଂ ୬୮/୨୬ ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ ପରେ ପୁଲିସ କୋର୍ଟ ଚାଲାଣ କରିଛି।

## ରୋଷେଇ ବଗିଚା ଉଦ୍‌ଘାଟିତ




ନିରାକାରପୁର,୧୦।୨ (ସମିସ): ଓଡ଼ିଶା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓ ପରିବେଶ ଅଧ୍ୟୟନ କେନ୍ଦ୍ର ସହାୟତାରେ ଆଜି ଖୋର୍ଦ୍ଧା ଜିଲ୍ଲା କମାଗୁରୁ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ଦିବସୀୟ ରୋଷେଇ ବଗିଚା ସମ୍ବନ୍ଧୀୟ ଦକ୍ଷତା ବିକାଶ ଓ ରୋଷେଇ ବଗିଚା ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ ସୁଧାଂଶୁ ଶେଖର ମହାନ୍ତି ସଭାପତିତ୍ୱ କରିଥିବାବେଳେ ଅତିଥି ଭାବେ କୃଷି ବିଶେଷଜ୍ଞ ରମେଶ ଚନ୍ଦ୍ର ରାଉତ, ଶିକ୍ଷାବିତ୍ ଗୋଦାବରୀଶ ସାହୁ ଓ ଅଧାପିକା ଡ. ରେଣୁବାଳା ସାମନ୍ତରାୟ ଉପସ୍ଥିତ ଥିଲେ। ଶେଷରେ ଅଧାପକ ଅଭିରାମ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସୁନା ଗହଣା ସହ ଟଙ୍କା ଚୋରି

ବେଗୁନିଆ,୧୦।୨(ସମିସ): ବାଘମାରୀ ଥାନା ଅନ୍ତର୍ଗତ ସିମୋର ଗ୍ରାମର ମାନସ କୁମାର ମିଶ୍ରଙ୍କ ଘରେ ସୋମବାର ଦିନ ରାତ୍ରରେ ଘରର ଝରକା ଭାଙ୍ଗି ସୁନା ଗହଣା ସହ ନଗଦ ୬ ଶହ ଟଙ୍କା ନେଇ ଯାଇଛନ୍ତି। ମଙ୍ଗଳବାର ଦିନ ପୂର୍ବାହ୍ନରେ ଅଭିଯୋଗ ପାଇ ପୁଲିସ ଘଟଣା ସ୍ଥଳରେ ପହଁଚି ସାଇଣ୍ଟିଫିକ ଟିମ୍ ସହ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ ହୋଇଥିଲା। ଯାହାକି ଚୋରୀ ହୋଇଥିବା ୧ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଥାନା ଅଧିକାରୀ ସୁଚିତ୍ରା ଜେନା କହିଛନ୍ତି।

## ବ୍ଲକସ୍ତରୀୟ କୃମିନାଶକ ଦିବସ

ବେଗୁନିଆ,୧୦।୨(ସମିସ): ବେଗୁନିଆ ସଦର ମହକୁମାସ୍ଥିତ ସରକାରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ କୃମି ନାଶକ ଦିବସ ପାଳିତ ହୋଇଛି। ଏଥିରେ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦେବାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି, ଏବିଇଓ ନଳିନୀ ପ୍ରଭା ଦେବୀ ମୁଖ୍ୟବକ୍ତା ଓ ବିଆରସିସି କୈଳାସ ଚନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେଲେ କୃମି ସଂକ୍ରମଣରୁ ରକ୍ଷା ହୋଇ ପାରିବ ବୋଲି ମତ ପ୍ରକାଶ କରିଥିଲେ। ବ୍ଲକର ୧୪୧ଟି ସରକାରୀ ବିଦ୍ୟାଳୟ ଏବଂ + ୨ ବିଦ୍ୟାଳୟ ସହ ୨୮ ଟି ବେସରକାରୀ ବିଦ୍ୟାଳୟ ସହ ୨୩୬ ଟି ଅଙ୍ଗନବାଡି କେନ୍ଦ୍ରରେ ୧ରୁ ୧୯ ବର୍ଷରୁ କମ ବୟସର ଛାତ୍ରଛାତ୍ରୀଙ୍କୁ କୃମି ନାଶକ ବଟିକା ଓ ସିରପ ଦିଆ ଯାଇଛି। ତେବେ ଅନୁପସ୍ଥିତ ଛାତ୍ରଛାତ୍ରୀଙ୍କୁ ୧୭ ତାରିଖରେ ଦିଆଯିବ ବୋଲି ପିଏଚଇଓ ପ୍ରଭାସିନୀ ପଣ୍ଡା ସୂଚନା ଦେଇଛନ୍ତି।

## ଜାତୀୟ ରାଜପଥ କଟିଂରେ ବିପଦପୂର୍ଣ୍ଣ ରାସ୍ତା ପାର୍

ଖୋର୍ଦ୍ଧା,୧୦।୨(ସମିସ)



ଅସୁରକ୍ଷିତ ଜାତୀୟ ରାଜପଥ। ଭୁବନେଶ୍ୱର ଖଣ୍ଡଗିରି ଛକଠାରୁ ବାଣପୁର ଏବଂ ଖୋର୍ଦ୍ଧାରୁ ନୟାଗଡ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନ ପାଲଟିଛି ମରଣଯନ୍ତା। ଯାନବାହନ ଦୃର୍ଘଟଣା ନୀତିଦିନିଆ ଘଟଣାରେ ପରିଣତ ହୋଇଛି। ବିଶେଷତଃ ଜାତୀୟ ରାଜପଥରୁ ଆପ୍ରୋଚ୍ ରୋଡ୍‌କୁ ସଂଯୋଗ କରୁଥିବା ରାସ୍ତା ଯୋଗୁ ପ୍ରତି ମୁହୂର୍ତରେ ଦୁର୍ଘଟଣାର ଭୟ ଘାରୁଛି। ଚାଳକମାନେ କଟିଂରେ ହଠାତ୍ ଏଭଳି ଗାଡ଼ି ବୁଲାଉଛନ୍ତି ଯେ ସେହି କଟିଂ ଦେଇ ଜାତୀୟ ରାଜପଥରେ ଯାଉଥିବା ଗାଡ଼ିଚାଳକଙ୍କ ସହ ଧକ୍କା ହେବାର ଭୟ ଦେଖାଦେଉଛି। ଅନେକ ସମୟରେ ଜାତୀୟ ରାଜପଥ କଟିଂ (ରାସ୍ତା ଅତିକ୍ରମ) ସ୍ଥଳଗୁଡିକରେ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇଛି, ଯାହା ଗମ୍ଭୀର ଚିନ୍ତାର ବିଷୟ ହୋଇଛି। ବିଶେଷ କରି ଏହି ସବୁ କଟିଂ ବାଇକ୍ ଚାଳକଙ୍କ ପାଇଁ ବେଶି ଚିନ୍ତାର ବିଷୟ ହୋଇଛି।

ତେବେ ଜାତୀୟ ରାଜପଥରୁ ଗାଡ଼ିଗୁଡ଼ିକ ଆପ୍ରୋଚ ରାସ୍ତାକୁ ଯିବା ପାଇଁ ଏକାଧିକ କଟ୍ ରହିଛି। ଏପରିକି କେତେକ ସ୍ଥାନରେ ଲୋକମାନେ ରାସ୍ତା ପାର ହେବା ଲାଗି ବେଆଇନ କଟ୍ କରୁଛନ୍ତି। ଏହି କଟିଂ ସ୍ଥଳରେ ପର୍ଯ୍ୟାପ୍ତ ସତର୍କତା ସୂଚନା ବୋର୍ଡ ନାହିଁ। ଗାଡ଼ିଗୁଡ଼ିକ ଏହି କଟ୍ ଦେଇ ଯିବାବେଳେ କ୍ଷୀପ୍ର ଗତିରେ ଜାତୀୟ ରାଜପଥରୁ ଆପ୍ରୋଚ୍ ରାସ୍ତାକୁ ଯାଉଛନ୍ତି ଅବା ଆପ୍ରୋଚ୍ ରାସ୍ତାରୁ ଜାତୀୟ ରାଜପଥକୁ ଆସୁଛନ୍ତି। ଏଣୁ ଏହି ସ୍ଥାନରେ ବେଶୀ ଦୁର୍ଘଟଣା ଘଟିବାର ଆଶଙ୍କା ରହୁଛି। ଫଳରେ ଜାତୀୟ ରାଜପଥରେ ସିଧା ଯାଉଥିବା ଗାଡି ଚାଳକ ହଡବଡେଇବା ସହ ଗାଡି କୁ ଉକ୍ତ ଚାଳକଙ୍କ ଦେହରେ ହେଉ ନଚେତ ଅନ୍ୟ କେଉଁଠାରେ ପିଟି ଦେଉଥିବା ନଜିର ରହିଛି। ରାତ୍ରୀ ସମୟରେ କଟିଂଗୁଡିକରେ ଦୁର୍ଘଟଣା ବୃଦ୍ଧି ପାଉଛି। ଯାହା ନିକଟରେ ୧୬ ନଂ ଜାତୀୟ ରାଜପଥର ପିତାପଲ୍ଲୀ ଛକ ଓ ତୋଟାପଡା ଛକରେ ହୋଇଥିବା କେତେକ ଦୁର୍ଘଟଣା ଘଟଣା ସ୍ପଷ୍ଟ କରୁଛି। ୧୬ନଂ ଓ ୫୭ନଂ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ସର୍ଭିସ ରୋଡ୍ ସହ ମିଶିବା ପାଇଁ ଅନେକ କଟ୍ ରହିଛି। କିନ୍ତୁ ଏହି ସବୁ କଟ୍ ଏବେ ବିପଦର କାରଣ ହେଲାଣି। ଏକମୁହାଁ ଭାରିଯାନ, ଘରୋଇ ବସ୍ ପ୍ରଭୃତି ଯାତାୟାତବେଳେ ଏହି କଟ୍ ସ୍ଥାନମାନଙ୍କରେ ଦୁର୍ଘଟଣା ଘଟୁଛି। ପୁଣି ଭାରିଯାନ ଉପରେ ସ୍ପିଡ ବ୍ରେକର ଲାଗୁନି। କେବଳ ବିଭିନ୍ନ ଛକ ସ୍ଥାନରେ ସୂଚନା ଫଳକଟିଏ ଟାଙ୍ଗି ଦିଆଯାଉଛି। ଜାତୀୟ ରାଜପଥ, ପରିବହନ ବିଭାଗ ଏବଂ ପୁଲିସ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଅଭାବରୁ ଦୈନିକ ଦୃର୍ଘଟଣା ଘଟୁଛି। ଏହାକୁ ନିୟନ୍ତ୍ରଣ ପାଇଁ ସରକାରୀସ୍ତରରେ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ଜାତୀୟ ରାଜପଥରେ ପୁଲିସ ପାଟ୍ରୋଲିଂ ଏବଂ ଇଂଟରସେପ୍ଟର ବ୍ୟବସ୍ଥା ରହିଛି। ମାତ୍ର ଏହା କେବଳ ଜୋରିମନାରେ ସୀମିତ।

ଅନ୍ୟପକ୍ଷରେ କେତେକ କଟ୍ ସ୍ଥାନରେ ବାରମ୍ବାର ଦୁର୍ଘଟଣା ପରେ ଉକ୍ତ କଟ୍‌କୁ ଅସ୍ଥାୟୀଭାବେ ବନ୍ଦ କରାଯାଇଥିଲେ ମଧ୍ୟ ତାହାକୁ ଖୋଲି ଅମାନିଆ ଗାଡି ଚାଳକମାନେ ଯାତାୟତ କରୁଛନ୍ତି। ଫଳରେ ଦୁର୍ଘଟଣା ହାର ବୃଦ୍ଧାପାଉଛି। ତେଣୁ ତୁରନ୍ତ ଜାତୀୟ ରାଜପଥ କର୍ତୃପକ୍ଷ ଅସ୍ଥାୟୀଭାବେ ବନ୍ଦ କରିଥିବା କଟ ଗୁଡିକୁ ପୁର୍ଣ୍ଣତଃ ସ୍ଥାୟୀଭାବେ ବନ୍ଦ କରିବା ସହ ଜାତୀୟ ରାଜପଥରୁ ସଂଯୋଗୀକରଣ ସ୍ଥାନ ପୂର୍ବରୁ ଧଳାଗାର ଟାଣି ସତର୍କ କରିବାକୁ ଲୋକେ ଦାବି କରିଛନ୍ତି।

ପ୍ରକାଶ ଥାଉକି, ୨୦୨୩ରେ ୩୭୧ଟି ଦୁର୍ଘଟଣାରେ ୧୫୮ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୨୪ରେ ୩୫୦ଟି ଦୁର୍ଘଟଣାରେ ୧୫୨ଜଣଙ୍କ ଜୀବନ ଯାଇଛି। ୨୦୨୫ରେ ୩୬୦ଟି ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୧୪୪ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ଚଳିତ ବର୍ଷ ଜାନୁୟାରୀ ମାସରେ ବିଭିନ୍ନ ସ୍ଥାନରେ ୮ଟି ଦୁର୍ଘଟଣାରେ ୧୪ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୭ଜଣ ଗୁରୁତର ଆହତ ହୋଇଥିବା ପରିବହନ ଓ ପୁଲିସ ବିଭାଗ ତଥ୍ୟ କହୁଛି।

## ଜାତୀୟ କୃମିନାଶକ ଦିବସ ପାଳିତ

ଟାଙ୍ଗୀ,୧୦।୨ (ସମିସ): ଟାଙ୍ଗୀ ବ୍ଲକ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ



ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସ୍ୱାସ୍ଥ୍ୟକର୍ମୀ କାହ୍ନୁଚରଣ ପରିଡ଼ା, ରଶ୍ମିତା ପ୍ରଧାନ, ଅଙ୍ଗନବାଡି କର୍ମୀ ଭାରତୀ ଦେଇ, ଆଶାକର୍ମୀ ଦୀପିକା ସିଲ୍, ସୁପ୍ରିୟା ମଣ୍ଡଳ ପ୍ରମୁଖ ଅତିଥି ରୂପେ ଯୋଗଦେଇ ପିଲାମାନଙ୍କ ଉପରେ କୃମି ସଂକ୍ରମଣର ପ୍ରଭାବ ଏବଂ କୃମିନାଶର ଉପକାର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ମୋଟ ୯୨ଜଣ ଶିଶୁଙ୍କୁ କୃମି ନାଶକ ବଟିକା ଆଲବେଣ୍ଡାଜଲ ସେବନ କରିବାକୁ ଦିଆଯାଇଥିଲା। ଅବଶିଷ୍ଟ ଶିଶୁଙ୍କୁ ୧୭ ତାରିଖ ମପଅପ୍ ଡେ ରେ ଦିଆଯିବ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। ଶିକ୍ଷୟିତ୍ରୀ ରୂପାଳୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

■ ମହିଳାଙ୍କ ଗଳିତ ମୃତଦେହ ମାଟି ତଳୁ ଉଦ୍ଧାର ଘଟଣା

# ହତ୍ୟା ମାମଲା ରୁଜୁ ; ସନ୍ଦେହ ଘେରରେ ସ୍ୱାମୀ

**ଭବାନୀପାଟଣା,୧୦।୨(ସମିସ):** ଭବାନୀପାଟଣା ସହର ଉପକଣ୍ଠ ଶ୍ରୀପୁର ସ୍ଥିତ ଏକ ଫାର୍ମହାଉସ ଅଞ୍ଚଳରୁ ସୋମବାର ମଧ୍ୟାହ୍ନରେ ଜଣେ ମହିଳାଙ୍କ ଗଳିତ ଶବ ମାଟିତଳୁ ପୁଲିସ ଜବତ କରିଥିଲା। ତେବେ ମହିଳାଙ୍କ ପରିଚୟ ଜଣା ପଡି ନ ଥିଲା। ପୁଲିସ ତଦନ୍ତ ପରେ ମୃତା ମହିଳାଙ୍କ ପରିଚୟ ଜାଣିପାରିଛି। ମୃତା ମହିଳାଙ୍କ ନାମ ବର୍ଷା ପଟେଲ (୨୫) ଓ ସେ ଭବାନୀପାଟଣା ସଦର ଥାନା ଅଧୀନ ସରଲାଞ୍ଜି ଅଞ୍ଚଳର ବୋଲି ଜଣାପଡ଼ିଛି। ଏହି ଘଟଣା ପରେ ମୃତ ମହିଳାଙ୍କ ସ୍ୱାମୀ ନୀଳାମ୍ବର ଓରଫ ଲଳିତ ପଟେଲର ପତ୍ତା ମିଳୁ ନ ଥିବାରୁ ପୁଲିସ ଟାର୍ଗେଟରେ ଲଳିତ ରହିଛି। ୨୦୨୩ରେ ଉଭୟେ ପ୍ରେମ ବିବାହ କରିଥିଲେ। ତେବେ ଉଭୟଙ୍କ ପରିବାର ଏହି ବିବାହରେ ସହମତି ନଥିବା କାରଣରୁ ସେମାନେ ଗାଁ ବାହାରେ ରହୁଥିଲେ। ବର୍ତ୍ତମାନର ଠିକଣା ଥିଲା ଭବାନୀପାଟଣା ଇରିଗେସନ କଲୋନୀ। କୌଣସି କଥାରୁ ବର୍ଷା ଓ ଲଳିତ ମଧ୍ୟରେ ତିକ୍ତତା ହେବାରୁ ଏପରି ଅଘଟଣ ହୋଇଥିବା ଆଶଙ୍କା କରାଯାଉଛି। ଏନେଇ ସଦର ଥାନାରେ ସୋମବାର ରାତିରେ ବର୍ଷାର ବାପା ପ୍ରକାଶ ପଟେଲ ଥାନାରେ ଲିଖିତ ରିପୋର୍ଟ ଦେବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

ପ୍ରକାଶ ଯେ, ସୋମବାର ସ୍ଥାନୀୟ ସଫେଇ କର୍ମଚାରୀ ସଫେଇ କରୁଥିବାବେଳେ ପୋତା ଯାଇଥିବା ଅବସ୍ଥାରେ ମୃତ ମହିଳାଙ୍କ ଆଙ୍ଗୁଠିକୁ ଦେଖିଥିଲେ। ପ୍ରଥମେ ଫାର୍ମହାଉସ ମାଲିକ ଏବଂ ପରେ ପୁଲିସ ଖବର ଦେବାରୁ ପୁଲିସ ପହଞ୍ଚି ମୃତ ଦେହକୁ ଜବତ କରିଥିଲ। ପୁଲିସ ଉପସ୍ଥିତିରେ ମହିଳାଙ୍କ ବ୍ୟବଚ୍ଛେଦ ହୋଇଥିଲା। ମୃତ ମହିଳା ଶାଢ଼ୀ ପିନ୍ଧିଥିବାବେଳେ ଶବ ଦେହରେ ଥିବା ଏକ ମଙ୍ଗଳ ସୂତ୍ରକୁ ପୁଲିସ ଜବତ କରିଛି। ମୃତ ମହିଳାଙ୍କ ପାଦରେ ଜୋତା ନଥିଲା କିନ୍ତୁ ମୋଜା ପିନ୍ଧିଥିବା ଜଣାପଡ଼ିଛି। ତାଙ୍କ ସ୍ୱାମୀ ଲଳିତ ରାଜ୍ୟ ବାହାରେ କେଉଁଠି ଆତ୍ମଗୋପନ କରିଥିବା ପୁଲିସ ଜାଣିବାପରେ ଏକ ପୁଲିସ ଟିମ୍ ଲଳିତକୁ ଠାବ କରିବା ପାଇଁ ଜାଲ ବିଛାଇଛି ବୋଲି ସୂଚନା ମିଳିଛି। ତେବେ ଲଳିତ ଧରାପଡ଼ିବା ପରେ ହିଁ ପ୍ରକୃତ ରହସ୍ୟ ଉନ୍ମୋଚନ ହେବ ବୋଲି ଚର୍ଚ୍ଚା ହେଉଛି।

କୃଷି ଓ ଉଦ୍ୟାନ କୃଷି ଯୋଜନାର ସମୀକ୍ଷା ବୈଠକ

# ପ୍ରଗତିଶୀଳ ଚାଷୀଙ୍କୁ ସମ୍ବର୍ଦ୍ଧନା

**ନୂଆପଡ଼ା,୧୦।୨(ସମିସ)**

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ କୃଷି ଓ ଉଦ୍ୟାନ କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ ରବିରତୁ ପାଇଁ ଫସଲ ଖସଡ଼ା, ସାର ବଣ୍ଟନ, ଅଣ ଧାନ ଚାଷ , ଡିଜିଟାଲ କ୍ରପ ସର୍ଭେ ଏବଂ ବିଭିନ୍ନ ପ୍ରୋତ୍ସାହନ ବିତରଣ କାର୍ଯ୍ୟକ୍ରମ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଏହାସହ ଶ୍ରୀ ଅନ୍ନ ଅଭିଯାନ ଓ ଚାଷୀ ରେଜିଷ୍ଟ୍ରି ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ ଜିଲ୍ଲାରେ ଅଧିକ ପ୍ରସେସିଂ ୟୁନିଟ ସ୍ଥାପନ ଉପରେ ଜୋର ଦେଇଥିବା ବେଳେ ପ୍ରତିଦିନ ମଣ୍ଡି ଦ୍ୱାରା ମାଣ୍ଡିଆ କ୍ରୟ ସୁନିଶ୍ଚିତ କରିବା ପାଇଁ ସମ୍ବନ୍ଧିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ ୧୩୧ଟି ଆଦର୍ଶ କୃଷି ଗ୍ରାମର ପ୍ରଗତି ସମୀକ୍ଷା କରି ସମସ୍ତ ବ୍ଲକ କୃଷି ଅଧିକାରୀଙ୍କୁ ପ୍ରତ୍ୟେକ ଆଦର୍ଶ କୃଷି ଗ୍ରାମରେ ପ୍ରି ସଦସ୍ୟ, ବିଡିଓ, ସିଭିଲ ସୋସାଇଟି, ଏନଜିଓ ଓ ଅନ୍ୟାନ୍ୟ ହିତାଧିକାରୀ ମାନଙ୍କ ସହ ଆଲୋଚନା ସଭା ଆୟୋଜନ କରି ଗୁରୁତ୍ୱପୂର୍ଣ୍ଣ ଅଭାବ ଚିହ୍ନଟ କରି ସେଗୁଡ଼ିକୁ ପୂରଣ କରିବା ପାଇଁ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଉଦ୍ୟାନ କୃଷି ବିଭାଗର ଯୋଜନାମାନ, ଯଥା ଉଦ୍ୟାନ କୃଷି ଅଭିବୃଦ୍ଧି ପାଇଁ ସମନ୍ୱିତ ମିଶନ, 'ପ୍ରତି ବୁନ୍ଦାରୁ ଅଧିକ ଉତ୍ପାଦନ' ଯୋଜନା ଏବଂ ଖାଇବା ତେଲର ଜାତୀୟ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ଏହି ଅବସରରେ ପାଞ୍ଚଜଣ ପ୍ରଗତିଶୀଳ ଓ ସଫଳ ଉଦ୍ୟାନ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ବୋଡ଼େନ ବ୍ଲକର ଅକ୍ଷୟ ନିଆଲ, ଖରିଆରର ଚୁଳମଣି ବୈଠୁ, ସିନାପାଲିର କୃଷ୍ଣ ହଂସ, କୋମନାର ସଞ୍ଜୀବ ସାହୁ ଏବଂ ନୂଆପଡ଼ାର ରୁପ କୁମାର ସାହୁ। ଶ୍ରୀ ସାହୁ ଛତୁ ଚାଷ ମାଧ୍ୟମରେ ସ୍ୱାବଲମ୍ବୀ ହୋଇଥିବା ସହ ପିଲାଙ୍କୁ ଉଚ୍ଚ ଶିକ୍ଷିତ କରିବାରେ ସଫଳ ହୋଇଛନ୍ତି। ଏହି ସୂଚନା ଜାଣି ଜିଲ୍ଲାପାଳ ଖୁସି ପ୍ରକାଶ କରିଥିଲେ। ସେହିପରି ଜିଲ୍ଲାପାଳ ସମସ୍ତ କୃଷି ଅଧିକାରୀଙ୍କୁ 'ଚାଷ ଅଛି ଯାହାର କି ଆନନ୍ଦ ତାହାର' କଲର ଟ୍ୟୁନ ରଖିବାକୁ ପ୍ରସ୍ତାବ ଦେଇଥିଲେ। ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଁସଦା ବିଭାଗୀୟ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ କୃଷି ଓ ଉଦ୍ୟାନ କୃଷି ବିଭାଗର ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।



## ତେରେସିଂହାରେ ଆର୍ଥିକ ଓ ଡିଜିଟାଲ ସାକ୍ଷରତା ଶିବିର




**କର୍ଲାମୁଣ୍ଡା,୧୦।୨(ସମିସ):** କର୍ଲାମୁଣ୍ଡା ବ୍ଲକ୍ ଅଧୀନ ତେରେସିଂହା ଗ୍ରାମ ତ୍ରିନାଥ ମଣ୍ଡପଠାରେ ଆର୍ଥିକ ଏବଂ ଡିଜିଟାଲ ସାକ୍ଷରତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ତେରେସିଂହା ଶାଖା ପକ୍ଷରୁ ଆୟୋଜିତ ଏହି ଶିବିରରେ ଶାଖା ପରିଚାଳକ ଦିନମଣି ନାଏକ ଉପସ୍ଥିତ ରହି ବ୍ୟାଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଉକ୍ତ ଶିବିରରେ ସ୍ଥାନୀୟ ସିଆରପି ମମିତା ରଣା, ଗୋଷ୍ଠୀ ସଭାନେତ୍ରୀ, ସମ୍ପାଦିକାଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଯୋଗ ଦେଇଥିଲେ। ଏଥିରେ ବ୍ୟାଙ୍କ କ୍ୟାସିଅର ରବୀନ୍ଦ୍ର ବାର୍ଲା, ଅସ୍ଥାୟୀ କର୍ମଚାରୀ ସୁଶାନ୍ତ ରଣା ସହଯୋଗ କରିଥିଲେ।

## ଜୟପାଟଣା ୫୬ପ୍ରହର ଅଖଣ୍ଡ ନାମଯଜ୍ଞ



**ଜୟପାଟଣା,୧୦।୨(ସମିସ):** ମହାବୀରପଡ଼ା ନାମଯଜ୍ଞ କମିଟି ଆନୁକୂଲ୍ୟରେ ୫୬ ପ୍ରହର ଅଖଣ୍ଡ ନାମଯଜ୍ଞ ଆୟୋଜନ କରାଯାଇଛି। ନାମଯଜ୍ଞ କର୍ତ୍ତା ଭାବେ ଘାସିରାମ ଅଗ୍ରୱାଲ ଓ ସହଧର୍ମିଣୀ ସଂଗୀତା ଅଗ୍ରୱାଲ ରହିଥିବାବେଳେ ମୁଖ୍ୟ ପୂଜକ ଶେଷ ଦେବ ଯୋଶୀ, ସ୍ୱାସସ୍ତି ବାଚକ, ସ୍ମୃତି ରଞ୍ଜନ ପଣ୍ଡା, ଯାପକ ଦିନେଶ ପାଣିଗ୍ରାହୀ, ବିମ୍ବୁଗ୍ର ପଣ୍ଡା, ବଦ୍ରିନାରାୟଣ ପଣ୍ଡା, ଆଚାର୍ଯ୍ୟ ଶ୍ରୀପତି ଠାକୁର, ସ୍ୱସ୍ତି ବାଚକ ମଣ୍ଟୁ ବିହାରୀ ପଣ୍ଡା ଦାୟିତ୍ୱ ନେଇଛନ୍ତି। ଏହି ୫୬ ପ୍ରହର ନାମଯଜ୍ଞରେ ବିଭିନ୍ନ ସ୍ଥାନରୁ ମହିଳା ଓ ପୁରୁଷ ସଂକୀର୍ତ୍ତନ ଦଳ ଆସିବା ସହ ଗାଇକା ଲଳିତା ସାହୁଙ୍କ ଦଳ ମୁଖ୍ୟ ଆକର୍ଷଣ ରହିଛି।

# ବ୍ଲକ୍ସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଶିବିର

**କର୍ଲାମୁଣ୍ଡା,୧୦।୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବିଡିଓ ସୁଚରିତା ମୁଗ୍ରୀ, ସରପଞ୍ଚ ସଂଘ ବ୍ଲକ ସଭାପତି ବରୁଣ ଛତ୍ରୀଆ, ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସାମ୍ବାଦିକ ପ୍ରଦୀପ କୁମାର ସାହୁ, ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଦୀପ କୁମାର ମାଝୀ, ଗଜବାହଲ ସରପଞ୍ଚ ଅରବିନ୍ଦ ଗହୀର ପ୍ରମୁଖ ଯୋଗ ଦେଇଥିଲେ। ସଭାର ପିଇଓ ବସନ୍ତ କୁମାର ମିଶ୍ର ସଂଯୋଜନା କରିଥିଲେ। ଏଥିରେ ଜିଲ୍ଲାସ୍ତରରୁ ବିଭିନ୍ନ ବିଭାଗର ଡାକ୍ତରମାନେ ଯୋଗ ଦେଇ ଥିବା ବେଳେ ଶିବିରରେ ୩୭୯ ଜଣବ୍ୟକ୍ତି ପଞ୍ଜିକୃତ ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ ଧାର୍ଯ୍ୟ ସମୟରେ କିଛି ଡାକ୍ତର ଆସିଥିବାବେଳେ କିଛି ବିଭାଗର ଡାକ୍ତରମାନେ ବିଳମ୍ବରେ ଆସିଥିବା ଯୋଗୁଁ ଲୋକଙ୍କ ମନରେ ଅସନ୍ତୋଷ ଦେଖା ଯାଇଥିଲା। ତବେ ଶିବିର ରେ ୫୦ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣ ପତ୍ର, ୨୬ ଜଣଙ୍କୁ ବସ ଓ ଟ୍ରେନ ପାସ୍, ଜଣେ ଲେଖା ବ୍ୟକ୍ତି ଙ୍କୁ ଟ୍ରାଏ ସାଇକେଲ ଓ ହୁଇଲ ଚେୟାର ଓ ଦୁଇ ଜଣଙ୍କୁ ଆଶାବାଡ଼ି ପ୍ରଦାନ କରାଯାଇଥିଲା।



ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ମାମଲା

# ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍ ଓ ୫୦ ହଜାର ଜରିମାନା

**ସମ୍ବଲପୁର, ୧୦।୨ (ସମିସ) :** ସମ୍ବଲପୁର ଅତିରିକ୍ତ ଜିଲ୍ଲାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ବିଚାରପତି ଅଭିଲାଷ ସେନାପତି ନାବାଳିକା ଦୁଷ୍କର୍ମ ଉଦ୍ୟମ ମାମଲାର ବିଚାରକରି ଅଭିଯୁକ୍ତ ଦେବେନ୍ଦ୍ର ଭୁଏ ଓରଫ୍ ଦେବେନ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରିବାସହ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ଆଉ ଏକ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି।

ଘଟଣାଟି ସମ୍ବଲପୁର ଜିଲ୍ଲା ଶାସନ ଥାନା ଅଞ୍ଚଳରେ ଘଟିଥିଲା। ୨୪-୫-୨୦୨୧ରେ ଶାସନ ଥାନାରେ ପୀଡ଼ିତା ଲିଖିତ ଅଭିଯୋଗ କରିଥିଲେ ଯେ, ୨୩ ତାରିଖ ସକାଳ ପ୍ରାୟ ୭ଟା ସମୟରେ ପୀଡ଼ିତା ତାଙ୍କ ଗାଁ ପୋଖରୀ ନିକଟସ୍ଥ ଏକ ପଡ଼ିଆକୁ ଶୌଚ ପାଇଁ ଯାଇଥିଲା। ସେଠାରେ ସେ ଦେଖିଲେ ଯେ, ଜଣେ ଅଜଣା ବ୍ୟକ୍ତି ମହୁଆ ଗଛ ଉପରେ ଫଳ ତୋଳୁଛନ୍ତି। ପୀଡ଼ିତା ଅନ୍ୟ ନିକାଞ୍ଚନ ସ୍ଥାନକୁ ଯିବାପରେ ଅଭିଯୁକ୍ତ ଦେବେନ୍ଦ୍ର ଭୁଏ ସେଠାକୁ ଆସି ତାକୁ ଜୋର୍‌ଜବରଦସ୍ତି ନିକଟସ୍ଥ ଜଙ୍ଗଲକୁ ନେଇ ଯାଇଥିଲା। ସେଠାରେ ଅଭିଯୁକ୍ତ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲା। କିନ୍ତୁ ସେହି ସମୟରେ ଗ୍ରାମର ଜଣେ ବ୍ୟକ୍ତି ପହଞ୍ଚିଯିବାରୁ ସେ ତା'କବଳରୁ ଖସି ଘରକୁ ଚାଲିଯାଇଥିଲା। ସେ ବାପାମା'ଙ୍କୁ ଏହି ବିଷୟରେ ଜଣାଇବାପରେ ଗାଁରେ ଏକ ବୈଠକ ବସିଥିଲା କିନ୍ତୁ ସେଠାକୁ ଅଭିଯୁକ୍ତ ବା ତାର ପରିବାରବର୍ଗ ଆସିନଥିଲେ। ଗ୍ରାମବାସୀ ତାକୁ ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଅଭିଯୋଗ ପାଇବାପରେ ଶାସନ ଥାନା ଅଧିକାରୀ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତ ଦେବେନ୍ଦ୍ର ଭୁଏକୁ ଗିରଫ କରି କୋର୍ଟଚାଲାଣ କରାଗଲା। ଶାସନ ଥାନାଧିକାରୀ ଘଟଣାର ତଦନ୍ତ କରି ଅଭିଯୁକ୍ତ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ଆଜି ଅତିରିକ୍ତ ଜିଲ୍ଲା ଜଜ୍ ଓ ପୋକ୍ସୋ ବିଚାରପତି ଅଭିଲାଷ ସେନାପତି ୨୭ ଜଣଙ୍କ ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ଅଭିଯୁକ୍ତ ଦେବେନ୍ଦ୍ର ଭୁଏକୁ ଦୋଷୀ ସାବ୍ୟସ୍ତ କରି ସେକ୍ସନ ୬ ପୋକ୍ସୋ ଆକ୍ଟରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ୧ ବର୍ଷ ଲେଖାଏ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ପ୍ରସନ୍ନ ସାହୁ ମାମଲା ପରିଚାଳନା କରିଥିଲେ।

## ସିଙ୍ଗଝରରେ ଘାସରାମ ଦାସଙ୍କ ଜୟନ୍ତୀ



**ସିନାପାଲି,୧୦।୨ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ସିଙ୍ଗଝରେ ସତନାମୀ ସମାଜ ଦ୍ୱାରା ସନ୍ଥ ଶିରୋମଣୀ ଶ୍ରୀଗୁରୁ ଘାସିଦାସ ବାବାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ସଭାପତି ଭାବେ ଘାସିରାମ ସତନାମୀ ଯୋଗ ଦେଇଥିବା ବେଳେ, ସମ୍ପାଦକ ଭାବେ ସୁଶାନ୍ତ ସତନାମୀ ଉପସ୍ଥିତ ଥିଲେ। ଏହାସହ ବିଜୁ ସତନାମୀ, କ୍ଷୀରଧର ସତନାମୀ, ଲାବଣ୍ୟ ସତନାମୀ, ତ୍ରିଲୋଚନ ସତନାମୀ, ନକୁଳ ସତନାମୀ ଭଳି ଅନ୍ୟାନ୍ୟ କର୍ମକର୍ତ୍ତାମାନେ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ କଣ୍ଡେତରାର ବାଳିକା ପନ୍ଥୀ ନୃତ୍ୟ ଦଳ ନୃତ୍ୟ ପରିବେଷଣ କରିଥିଲେ। ସମାରୋହ ଅବସରରେ ବକ୍ତାମାନେ ଗୁରୁ ଘାସିଦାସ ବାବାଙ୍କ ଜୀବନ ଦର୍ଶନ, ସତନାମ ପଥ ଓ ସମାଜ ସୁଧାରରେ ତାଙ୍କର ଅବଦାନ ବିଷୟରେ ଆଲୋକପାତ କରିଥିଲେ।

## ୨୧୬ କଫ୍‌ସିରପ୍ ଜବତ, ୨ ଗିରଫ



**ସମ୍ବଲପୁର, ୧୦।୨ (ସମିସ) :** ହୀରାକୁଦ ଥାନା ଅଧୀନ ଡେଙ୍ଗିମଚାଠାରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରି ୨୧୬ ବୋତଲ କଫସିରପ୍ ଜବତ କରିବାସହ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ଡେଙ୍ଗିମଚା ନିକଟରେ ରାସ୍ତାରେ କଫସିରପ୍ ବିକ୍ରୟ କରୁଥିବା ଖବରପାଇ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ମୋଟ ୨୧୬ ବୋତଲ କଫସିରପ୍ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ସଲିମ ଶେଖ (୨୪) ଓ ଟୁନା ଭୋଇ (୧୯) ଙ୍କୁ ଗିରଫ କରାଯାଇଛି। ଉଭୟ ହୀରାକୁଦ ଥାନା ଅନ୍ତର୍ଗତ ଡେଙ୍ଗିମଚା ନିବାସୀ ହୋଇଥିବା ସୂଚନା ମିଳିଛି।

# ୩୯ କେନ୍ଦୁପତ୍ର ତୋଳାଳିଙ୍କୁ ମିଳିବ ଦୁଇଲକ୍ଷ ଲେଖାଏଁ ସହାୟତା

**ସମ୍ବଲପୁର, ୧୦।୨ (ସମିସ) :** ସମ୍ବଲପୁର (କେନ୍ଦୁପତ୍ର) ଡିଭିଜନର ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଡିଭିଜନସ୍ତରୀୟ କଲ୍ୟାଣ ଟ୍ରଷ୍ଟ ଫଣ୍ଡ ବୋର୍ଡର ତୃତୀୟ ବୋର୍ଡ ବୈଠକ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୯ ଜଣ କେନ୍ଦୁପତ୍ର ତୋଳାଳୀଙ୍କ ସମେତ ୩ ଜଣ ସିଜିନାଲ କର୍ମଚାରୀଙ୍କୁ ପ୍ରତ୍ୟେକ ଦୁଇ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ ରାଶି ପାଇଁ ଯେଉଁ ସୁପାରିଶ କରାଯାଇଥିଲା ତାହା ମଞ୍ଜୁର ହୋଇଥିବା ଜଣାପଡ଼ିଛି।

ଡିଭିଜନସ୍ତରୀୟ କଲ୍ୟାଣ ଟ୍ରଷ୍ଟ ଫଣ୍ଡ ବୋର୍ଡର ସଭାପତି ଡିଏଫ୍‌ଓ ଗୌରୀଶଙ୍କର ଦାଶ ସ୍ୱାଗତ କରିଥିଲେ। ରାଜ୍ୟସ୍ତରୀୟ କଲ୍ୟାଣ କମିଟିରେ ବିଚାର ପାଇଁ ଡିଭିଜନସ୍ତରୀୟ କଲ୍ୟାଣ ଟ୍ରଷ୍ଟ ବୋର୍ଡ/କମିଟି ବୈଠକରେ ସୁପାରିଶ କରାଯାଇଥିବା ମାମଲାଗୁଡ଼ିକର ଅଗ୍ରଗତି ଉପରେ ଆଲୋଚନା କରାଯାଇଥିଲା। ଓଡ଼ିଶା ସରକାରଙ୍କ ଜଙ୍ଗଲ ଏବଂ ପରିବେଶ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ନଂ. ୨୬୭୮୩ / ଏଫ୍‌ଆଣ୍ଡଇ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ଏହି କାର୍ଯ୍ୟାଳୟ ଦ୍ୱାରା ପ୍ରାପ୍ତ ୩ଟି ମୃତ୍ୟୁ ଦାବି ମାମଲାଗୁଡ଼ିକର ସମସ୍ତ ଦୃଷ୍ଟିରୁ ଯାଞ୍ଚ କରାଯାଇଛି ଏବଂ ମାମଲାଗୁଡ଼ିକୁ ଅନଲାଇନ୍ ମାଧ୍ୟମରେ ଶୀଘ୍ର ଦେୟ ପାଇଁ ପାଣ୍ଠି ଜାରି କରିବାପାଇଁ ପ୍ରମୁଖ ମୁଖ୍ୟ ବନସଂରକ୍ଷକ (କେ.ଏଲ୍), ଓଡ଼ିଶା, ଭୁବନେଶ୍ୱରଙ୍କୁ ସୁପାରିଶ କରାଯାଇଛି। ବୈଠକରେ ସମ୍ବଲପୁର (କେନ୍ଦୁପତ୍ର) ଡିଭିଜନ ଡିଏଫ୍‌ଓ ଶ୍ରୀ ଦାଶଙ୍କ ସହିତ ସଦସ୍ୟଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ, ସୁବର୍ଣ୍ଣପୁର ଏବଂ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ, ସମ୍ବଲପୁର (କେ.ଏଲ୍) ଡିଭିଜନର ପ୍ରତିନିଧି ଗୋକୁଳ ମେହେର ବିଭାଗୀୟ ସଚିବ ଭାବେ ଉପସ୍ଥିତ ଥିଲେ। ଅନ୍ୟତମ ସଦସ୍ୟ ଜିଲ୍ଲା ମଙ୍ଗଳ ଅଧିକାରୀ, ସମ୍ବଲପୁର ଓ ବରଗଡ଼ ବୈଠକରେ ଉପସ୍ଥିତ ରହିପାରି ନ ଥିଲେ।

## ଯୁବତୀଙ୍କୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଯୁବକ କୋର୍ଟ ଚାଲାଣ

**ଥୁଆମୂଳ ରାମପୁର,୧୦।୨(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଅପହରଣ ଓ ଦୁଷ୍କର୍ମ କରାଯାଇଥିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଯୁବତୀଙ୍କ ପରିବାର ପକ୍ଷରୁ ଥୁଆମୂଳ ରାମପୁର ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଥିଲା। ଅଭିଯୋଗ ଅନୁସାରେ, ଗତ ୫ ତାରିଖ ସନ୍ଧ୍ୟାରେ ଯୁବତୀ ଜଣକ ନିକଟସ୍ଥ ନାଳକୁ ଯାଇଥିବା ବେଳେ ସାନଦେର୍ଲା ଗ୍ରାମର ରଞ୍ଜନ ନାଏକ ତାଙ୍କୁ ଅପହରଣ କରିଥିଲେ। ପରେ ଯୁବତୀଙ୍କୁ ଦୁଷ୍କର୍ମ କରି ସେ ଘଟଣାସ୍ଥଳରୁ ପଳାଇଯାଇଥିବା ଅଭିଯୋଗ ହୋଇଛି। ଘଟଣାପରେ ପୀଡ଼ିତା ରାତିସାରା ଅସହାୟ ଅବସ୍ଥାରେ ପଡିରହିଥିବା ବେଳେ ପରଦିନ ଭୋର୍ ସମୟରେ ଚେତା ଫେରି ପାଇଥିଲେ। ପରେ ସେ ନିକଟସ୍ଥ ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ ଓ ଏହି ଘଟଣା ବିଷୟରେ ପରିବାର ଲୋକେ ଜାଣିଥିଲେ। ଅଭିଯୋଗରେ ଏହା ମଧ୍ୟ ଉଲ୍ଲେଖ ହୋଇଛି ଯେ, ପୀଡିତାଙ୍କ ଯୁକ୍ତ ତିନି ପରୀକ୍ଷା ଚାଲୁଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଥିବାରୁ ସେ ପରୀକ୍ଷା ଦେଇପାରିନଥିଲେ। ଅଭିଯୋଗ ପାଇବା ପରେ ଥୁଆମୂଳ ରାମପୁର ପୁଲିସ ତୁରନ୍ତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ରଞ୍ଜନ ନାଏକଙ୍କୁ ଥାନାରେ ପଚରାଉଚରା କରିବା ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଥୁଆମୂଳ ରାମପୁର ପୁଲିସ ସୂତ୍ରରୁ ଜଣାପଡ଼ିଛି।

# ନୂଆପଡ଼ାରେ ଜାତୀୟ କୃମି ନାଶକ ଦିବସ



**ନୂଆପଡ଼ା,୧୦।୨(ସମିସ)**

ନୂଆପଡ଼ା ସଦରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଯାଇଛି। ପ୍ରତିବର୍ଷ ଫେବୃଆରୀ ୧୦ ତାରିଖରେ ସାରା ଦେଶରେ ଜାତୀୟ କୃମି ନାଶକ ଦିବସ ପାଳନ କରାଯାଏ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ଶିଶୁ ଓ କିଶୋର କିଶୋରୀମାନଙ୍କୁ କୃମି ସଂକ୍ରମଣରୁ ସୁରକ୍ଷିତ ରଖି ସ୍ୱାସ୍ଥ୍ୟବାନ କରିବା। ଏହି ଦିବସ ଉପଲକ୍ଷେ ଆଜି ସମଗ୍ର ଜିଲ୍ଲାର ସମସ୍ତ ବିଦ୍ୟାଳୟ ଅଙ୍ଗନବାଡ଼ି କେନ୍ଦ୍ରରେ ସାମୂହିକ ଭାବରେ ଆଲ୍ ବେଣ୍ଡାଜଲ ଔଷଧ ସେବନ ବିତରଣ ଓ ସେବନ କରାଯାଇଛି।

କାର୍ଯ୍ୟକ୍ରମ ଆରମ୍ଭରେ ଜିଲ୍ଲା ପ୍ରକଳ୍ପ ପରିଚାଳକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ସତ୍ୟନାରାୟଣ ତ୍ରିପାଠୀ ସମସ୍ତଙ୍କୁ ସ୍ୱାଗତ କରି ଏହି ଦିବସର ଲକ୍ଷ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିମାନେ ଛାତ୍ରୀମାନଙ୍କୁ ଉଦବୋଧନ ଦେଇ କୃମି ସଂକ୍ରମଣ ନ ଥିଲେ ପିଲାମାନେ ଶାରୀରିକ ଓ ମାନସିକ ଭାବେ ଅଧିକ ସୁସ୍ଥ ରହନ୍ତି, ପଢ଼ାଶୁଣାରେ ମନୋଯୋଗ ଦେଇପାରନ୍ତି ଏବଂ ପୋଷଣ ଅଭାବ ଜନିତ ସମସ୍ୟାରୁ ରକ୍ଷା ପାଇଥାନ୍ତି ବୋଲି କହିଥିଲେ। କୃମି ନିୟନ୍ତ୍ରଣ ପାଇଁ କିଛି ସହଜ ଓ ଦୈନନ୍ଦିନ ଅଭ୍ୟାସ ଅତ୍ୟନ୍ତ ଆବଶ୍ୟକ ବୋଲି ସେମାନେ ଉଲ୍ଲେଖ କରିଥିଲେ। ସେହିପରି, ଖୋଲାରେ ମଳତ୍ୟାଗ ନ କରି ସର୍ବଦା ଶୌଚାଳୟ ବ୍ୟବହାର କରିବା, ନିଜ ପରିବେଶକୁ ସଫା ଓ ନିର୍ମଳ ରଖିବା, ଫଳ ଓ ପନିପରିବାକୁ ସ୍ୱଚ୍ଛ ପାଣିରେ ଭଲଭାବେ ଧୋଇବା, ସର୍ବଦା ବିଶୁଦ୍ଧ ଜଳ ପାନ କରିବା, ନିଜ ନଖ ପରିଷ୍କାର ଓ ଛୋଟ ରଖିବା, ଚପଲ ବ୍ୟବହାର କରିବା ଏବଂ ଖାଇବା ପୂର୍ବରୁ ଓ ଶୌଚାଳୟ ବ୍ୟବହାର ପରେ ସାବୁନରେ ହାତ ଧୋଇବା ପାଇଁ ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦ୍ୱାରିକାନାଥ ଶତପଥୀ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ( ପରିବାର କଲ୍ୟାଣ) ଡା. ଜ୍ୟୋତିର୍ମୟ ସୁଭେନ୍ଦୁ ମହାନ୍ତି, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ଡା. ତନ୍ମୟ ସତପଥୀ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଅତିଥି ଭାବରେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ବିଶ୍ୱାଳ ସମସ୍ତ ଅତିଥି, ଶିକ୍ଷକ, ଶିକ୍ଷୟିତ୍ରୀ ଓ ସହଯୋଗୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଶ୍ରୀମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଆକ୍ରମଣ

**କଣ୍ଟାମାଳ, ୧୦।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଘଣ୍ଟାପଡା ଥାନା ଶ୍ରୀମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ପିସ୍ତଲ ଦେଖାଇ କେତେକ ଦୁର୍ବୃତ୍ତ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ ଫାଟକ ନିଟକରେ ପହଞ୍ଚି ୪ଜଣ ଦୁର୍ବୃତ୍ତ ୩ଟି ବାଇକ୍‌ରେ ପହଞ୍ଚି ପ୍ରଧାନ ଶିକ୍ଷକଙ୍କୁ ଖୋଜିଥିଲେ। ଏହି ସମୟରେ ଘରକୁ ବାହାରୁଥିବା ଅଙ୍ଗନବାଡ଼ି କର୍ମୀ ସେମାନେ କ'ଣ ପାଇଁ ଆସିଛନ୍ତି, କ'ଣ କାମ ଅଛି, କାହାକୁ ଖୋଜୁଛନ୍ତି ବୋଲି ପଚାରିଥିଲେ। ଉତ୍ତରରେ ସେମାନେ ପ୍ରଧାନ ଶିକ୍ଷକଙ୍କୁ ଖୋଜିଥିଲେ। ଏହାପରେ ପ୍ରଧାନ ଶିକ୍ଷକ ମଳିଆ ନାଏକଙ୍କୁ ଭେଟି ରଘୁନାଥ କହଁର ନାମକ ଜଣେ ଛାତ୍ରର ସାର୍ଟିଫିକେଟ ମାଗିଥିଲେ; ହେଲେ କେଉଁ ମସିହାରେ ପଢୁଥିଲେ ବୋଲି ପ୍ରଧାନ ଶିକ୍ଷକ ପଚାବାରୁ ସେମାନେ ତାଙ୍କୁ ପିସ୍ତଲ ଦେଖାଇ ଆକ୍ରମଣ କରିଥିଲେ। ଏହାଦେଖି ସ୍କୁଲର, ଶିକ୍ଷକ, ଶିକ୍ଷୟିତ୍ରୀ ଭୟଭୀତ ହୋଇପଡିଲେ। ଏ ନେଇ ଘଣ୍ଟାପଡା ଥାନାରେ ପ୍ରଧାନ ଶିକ୍ଷକ ଏତଲା ଦେଇଛନ୍ତି।

ପଥ ପାର୍ଶ୍ୱ ଆଲୋକୀକରଣ ପ୍ରହସନ

# ଚାରିବର୍ଷରେ ଜଳିଛି ଚାରି ମାସ




ରାଜକନିକା,୧୦।୨(ସମିସ): ଗ୍ରାମାଞ୍ଚଳରେ ସହରାଞ୍ଚଳ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ସରକାର ଗମନାଗମନ ସୁଗମ୍ୟ କରିବା ଦିଗରେ ୱାର୍ଡରୁ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ସମସ୍ତ ପଥପାଶ୍ୱର୍ ଆଲୋକୀକରଣ କରାଯାଇଥିଲା। ତେବେ ସରକାର କା ମାଲ୍ ଦରିଆମେ ଡାଲ୍ ନ୍ୟାୟରେ କେବଳ ଲାଇଟ୍ ପୋଷ୍ଟ ଦିନରେ ଶୋଭା ମଣ୍ଡନ କରିବା ବ୍ୟତୀତ ପତାକା ବନ୍ଧା, ଟେଲିଫୋନ କେବୁଲ୍ ଓ ବିଭିନ୍ନ ହୋର୍ଡିଂ ବନ୍ଧା ହେବାରେ ସାହାଯ୍ୟ କରୁଛି।

୨୦୧୯-୨୦ ଆର୍ଥିକ ବର୍ଷରେ ତତ୍କାଳୀନ ରାଜ୍ୟସଭା ସାଂସଦ ପ୍ରତାପ କେଶରୀ ଦେବଙ୍କ ଦ୍ୱାରା ଉନ୍ନୟନ ପାଣ୍ଠି ଅନୁଦାନରେ ରାଜକନିକା ବ୍ଲକ ମୁଖ୍ୟ ବ୍ୟବସାୟପେଣ୍ଠସ୍ଥଳ କଣ୍ଟପଡା ବଜାର ପଥପାଶ୍ୱର୍ରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା। ୨୦୨୨ ଜାନୁଆରୀ ୧ ତାରିଖ ଏହା ଉଦଘାଟିତ ହୋଇଥିଲା। ଚନ୍ଦନପୋଖରୀ ଛକଠାରୁ କଣ୍ଟପଡା ବଜାର ମଧ୍ୟ ଦେଇ ଆରସା ଛକ ପର୍ଯ୍ୟନ୍ତ ୫୭ଟି ଲାଇଟ୍ ପୋଷ୍ଟ ଲଗାଯାଇଥିଲା। କିଛିଦିନ ଭଲରେ ଜଳିଥିଲା। କିଛିଦିନ ପରେ ଲାଇଟ୍ ଲିଭିଯାଇଥିଲା। ତତ୍କାଳୀନ କଣ୍ଟପଡା ସରପଞ୍ଚଙ୍କ ଅଭିଯୋଗ କ୍ରମେ ଇଲେକ୍ଟ୍ରିକ୍ ବିଲ ବକେୟା ଥିବା ନେଇ ସଂଯୋଗ ବିଚ୍ଛିନ୍ନ ହୋଇଥିବା ଜାଣିବାକୁ ମିଳିଥିଲା। ସମସ୍ୟାର ସମାଧାନ ନ ହେବା ପୂର୍ବରୁ ମେଗା ଇଂଜିନିୟରିଂ କମ୍ପାନୀ ପକ୍ଷରୁ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାକୁ ଯାଉଥିବା ମେଗା ପାନୀୟ ଜଳ ପ୍ରକଳ୍ପର ପାଇପ୍ ମାଟିତଳେ ପୋତାଯିବା ଫଳରେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ନୂତନ ଭାବେ ପ୍ରଶସ୍ତୀକରଣ କରାଯାଇଥିବା ରାସ୍ତାର ସାଇଡ୍ (ପାଣି ନାଳ) ଭାଙ୍ଗିବା ସହ କିଛି ଲାଇଟ୍ ପୋଷ୍ଟର ମୂଳ ଭାଙ୍ଗି ଦିଆଯାଇଥିଲା। କିଛି ଲାଇଟ୍ ପୋଷ୍ଟ ଭାଙ୍ଗିଯିବା ସହ ବିଛାଯାଇଥିବା ଇଲେକ୍ଟ୍ରିକ୍ କେବୁଲ୍ ଛିଣ୍ଡି ନଷ୍ଟ ହୋଇଯାଇଥିଲା। ପରେ ମେଗା ଇଂଜିନିୟରିଂ କମ୍ପାନୀ ପକ୍ଷରୁ କାମଚଳା ରିପ୍ୟାରିଂ କରାଯାଇ ଷ୍ଟ୍ରିଟ୍‌ଲାଇଟକୁ ମରାମତି କରି ଦାୟିତ୍ୱ ସାରି ଦିଆଯାଇଥିଲା। ସେବେଠାରୁ କିଛିଦିନ ପାଇଁ ଏହି ଲାଇଟ ଜଳିଥିଲା। ପରେ ବନ୍ଦ ହୋଇଯାଇଥିଲା।

କଣ୍ଟାପଡ଼ା ବଜାର ପକ୍ଷରୁ ସତ୍ୟନାରାୟଣ ବଣିକ ସଂଘ ସକ୍ରିୟ ଭାବେ ଲାଇଟ୍ ଜଳାଇବା ପାଇଁ ପ୍ରୟାସ ଆରମ୍ଭ କରି କମିଟି ଦ୍ୱାରା ଅର୍ଥ ଖର୍ଚ୍ଚ କରି ଜଳାଇଥିଲେ ମଧ୍ୟ ଯଥାପୂର୍ବ ତଥା ପଙ୍ଗୁ ଅବସ୍ଥାରେ ପଡ଼ିରହିଛି। ଏପରି ଦୀର୍ଘ ବର୍ଷ ଧରି ଅନ୍ଧାର ରହିବା ଓ ରାସ୍ତାରେ ଗୋରୁ ଶୋଉବା ଫଳରେ ଯାତାୟାତରେ ସମସ୍ୟା ହେଉଛି। ଏମିତିକି ଛୋଟବଡ ଦୁର୍ଘଟଣା ଘଟୁଛି। ଏ ନେଇ ବ୍ଲକସ୍ତରୀୟ ଜନଅଭିଯୋଗ ଶୁଣାଣିରେ ଏକାଧିକ ଥର ଅଭିଯୋଗ ହୋଇଛି। ପ୍ରଥମେ ତତ୍କାଳୀନ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଦ୍ୱିତୀୟରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଓ ତୃତୀୟରେ ବର୍ତ୍ତମାନ ଜିଲ୍ଲାପାଳ ରଘୁରାମ ଆର୍. ଆୟାରଙ୍କ ଭେଟି ଅଭିଯୋଗ କରାଯାଇଛି। ଜିଲ୍ଲାପାଳ ତୁରନ୍ତ ସମସ୍ୟାର ସମାଧାନ ପାଇଁ ତତ୍କାଳୀନ ବିଡିଓ ଓ ବର୍ତ୍ତମାନ ବିଡିଓଙ୍କୁ ଦାୟିତ୍ୱ ଦେଇଥିଲେ । ଏ ସମ୍ପର୍କରେ ବିଡିଓ କୈଳାସ ଚନ୍ଦ୍ର ମହାଲିକଙ୍କୁ ପଚାରିବାରୁ ଆପାତତଃ ୬ରୁ ୭ ଲକ୍ଷ ଟଙ୍କାର ଏଷ୍ଟିମେସନ ହୋଇଛି। ଚଳିତ ଆର୍ଥିକ ବର୍ଷ ସରିବାକୁ ଯାଉଛି, ଏଥର ଫଣ୍ଡ ନାହିଁ, ଆସନ୍ତା ଏପ୍ରିଲ ମାସରେ ଏହାର କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ।

- ଜନଅଭିଯୋଗ ଶିବିରରେ ବାରମ୍ବାର ହୋଇଛି ଅଭିଯୋଗ
- ଶୁଣିବାକୁ, ଦେଖିବାକୁ, ବୁଝିବାକୁ କେହି ନାହିଁ
- କେବଳ ସରକାରୀ ଆଶ୍ୱାସନା, ଯେଉଁ ଅନ୍ଧାରକୁ ସେଇ ଅନ୍ଧାର

● ପୁଅବୋହୂ ବିକୁଛନ୍ତି ଗଞ୍ଜେଇ

## ପ୍ରତିବାଦ କରିବାରୁ ବୁଢ଼ା ବାପା ଓ ଝିଅକୁ ମାଡ଼



ପାରାଦୀ,୧୦।୨ (ସମିସ): ପାରାଦୀପ ଅଠରବାଙ୍କି ଲକ୍‌ପଡ଼ା ଅଞ୍ଚଳରେ ରହୁଥିବା ଏକ ପରିବାରରେ ଚୋରା ଗଞ୍ଜେଇ ବେପାର ଚାଲିଛି। ଯାହାକୁ ପରିବାରର ମୁଖିଆ ଜଣେ ବୁଢ଼ା ବାପା ବିରୋଧ କରିବାରୁ ତାଙ୍କୁ ଘରୁ ବାହାର କରିଦେବା ସହ ବଡ଼ ଝିଅକୁ ମାରି ଲହୁଲୁହାଣ କରିଥିବା ଆଦର୍ଶ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପରିବାରରେ ପୁଅ, ବୋହୂ ଓ ଝିଅ ମିଶି ଦିନକୁ ପ୍ରାୟ ଏକ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ବେପାର କରୁଥିବା ନେଇ ବଡ଼ ଝିଅ ଥାନାରେ କହିଛନ୍ତି। ନିଜର ବାପା ଏହାକୁ ବିରୋଧ କରିବାରୁ ତାଙ୍କୁ ଗଣ୍ଡେ ଖାଇବାକୁ ନ ଦେଇ ଘରୁ ବାହାର କରିଦେବା ଓ ଏଥିରେ ବଡ଼ ଝିଅ ପ୍ରତିବାଦ କରିବାରୁ ବଡ଼ ଝିଅ ସହ ବାପାଙ୍କୁ ଆକ୍ରମଣ କରିଥିବା ଥାନାରେ ବଡ଼ ଝିଅ ଅଭିଯୋଗ କରିଛି। ତେବେ ଆଦର୍ଶ ଥାନା ପକ୍ଷରୁ କ'ଣ ପଦକ୍ଷେପ ନେଉଛି ପୁଲିସ ବା ବୁଢା ବାପାଙ୍କୁ କ'ଣ ନ୍ୟାୟ ମିଳୁଛି ତାକୁ ଦେଖିବାକୁ ବାକି ରହିଲା। ଏତେବଡ ଚୋରା ଗଞ୍ଜେଇ ବେପାର କରୁଥିବା ପରିବାର ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ବାସିନ୍ଦା ଦାବି ଜଣାଇଛନ୍ତି।

## ବ୍ୟବସାୟଙ୍କ ହୃଦ୍‌ଘାତରେ ମୃତ୍ୟୁ



ରାଜନଗର,୧୦।୨(ସମିସ): ରାଜନଗର ଗ୍ରାମର ବ୍ୟବସାୟ ପଙ୍କଜ ସାହୁଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ ରାଜନଗର ଜଗନ୍ନାଥ ମନ୍ଦିର ପାଖରେ ପାନ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସ୍ୱାସ୍ଥ୍ୟରେ ସୁଧାର ନ ଆସିବାରୁ ଡାକ୍ତର ତାଙ୍କୁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ରାଜନଗର ବଣିକ ସଂଘ ପକ୍ଷରୁ ଦୁଇ ଘଣ୍ଟା ପାଇଁ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖାଯାଇଥିଲା। ସରପଞ୍ଚଙ୍କ ପ୍ରତିନିଧି ରମଣୀ ରଞ୍ଜନ ମହାପାତ୍ର, ବଣିକ ସଂଘ ସଭାପତି ବାଇଧର ସେଠୀ, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ସତ୍ୟବାନ ସେଠୀ, ଅନିରୁଦ୍ଧ ପରିଡା, ବିଚିତ୍ର ମଲ୍ଲିକ, ଚିତ୍ତରଞ୍ଜନ ଦାସ ପ୍ରମୁଖ ଶେଷ ଦର୍ଶନ କରିବା ସହିତ ପରିବାରକୁ ସମବେଦନା ଜଣାଇଛନ୍ତି।

## ସ୍ୱପ୍ନେଶ୍ୱର ମନ୍ଦିରରେ ହିନ୍ଦୁ ସମ୍ମିଳନୀ

କୁଜଙ୍ଗ,୧୦।୨(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଏକ ଶହ ବର୍ଷ ପୂର୍ତ୍ତି ଅବସରରେ ତାଳପଡ଼ା ମଣ୍ଡଳର ବିବଛପୁର ସ୍ୱପ୍ନେଶ୍ୱର ମହାଦେବ ମନ୍ଦିରରେ ଏକ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସାତ ଘଟିକାରୁ ଅପରାହ୍ନ ଦୁଇ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ସମ୍ମିଳନୀରେ ଶ୍ରୀମଦ୍ ଭଗବଦ୍ ଗୀତା ପାଠ, ଶ୍ରୀହନୁମାନ ଚାଳିଶା ପାଠ, କନ୍ୟା ପୂଜନ କାର୍ଯ୍ୟକ୍ରମ ସହ ଏକ ବୌଦ୍ଧିକ କାଳାଂଶ ହୋଇଥିଲା। ବର୍ତ୍ତମାନ ଭାରତର ପରିସ୍ଥିତି, ହିନ୍ଦୁମାନଙ୍କର ଅବସ୍ଥା ତଥା କର୍ତ୍ତବ୍ୟ ସମ୍ପର୍କରେ ବକ୍ତାମାନେ ଆଲୋଚନା କରିଥିଲେ। ଏଥିରେ କଟକ ବିଭାଗ ବୌଦ୍ଧିକ ପ୍ରମୁଖ ବିଜୟ କୁମାର ନାୟକ, ଜିଲ୍ଲା ମୁଖ୍ୟ ରାଜରାସ୍ତା ପ୍ରମୁଖ ରମାକାନ୍ତ ସାହୁ ନିଜର ବିଷୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶାରୀରିକ ପ୍ରମୁଖ ବାବାଜୀ ବେହେରା, ଖଣ୍ଡ କାର୍ଯ୍ୟବାହ ବିପିନ କୁମାର ମିଶ୍ର, ଖଣ୍ଡ ସେବା ପ୍ରମୁଖ ରାକେଶ କୁମାର ପତି, କେଶବ ପ୍ରଭାତ ଶାଖା କାର୍ଯ୍ୟବାହ ଶ୍ରୀକାନ୍ତ କୁମାର ଶତପଥି, ଅଜୟ କୁମାର ସ୍ୱାଇଁ, ଅନିଲ କୁମାର ଭୂୟାଁ, ମକୁନ୍ଦ ବେହେରା, ଅମରେନ୍ଦ୍ର ବିଶ୍ୱାଳ, ପଙ୍କଜ ଭାଇ, ସୀତାଂସୁ ଭାଇ, ଭାଗବତ ଭାଇ, ତାଳପଡା, ଶାଇଲୋ ଓ ଗରେଇ ପଞ୍ଚାୟତର ଗ୍ରାମ ମୁରବୀ, ଯୁବଗୋଷ୍ଠୀ, ମାତୃମଣ୍ଡଳୀ ତଥା ସ୍ୱପ୍ନେଶ୍ୱର୍ ମନ୍ଦିର ପରିଚାଳନା ସମିତି ମିଳିତ ଭାବେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଆଖପାଖ ଗ୍ରାମରୁ ପ୍ରାୟ ପାଞ୍ଚ ଶହ ଆବାଳବୃଦ୍ଧବନିତା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ପାରାଦୀପରେ ହିନ୍ଦୁ ସମ୍ମିଳନୀ



ପାରାଦୀପ, ୧୦।୨ (ସମିସ): ହିନ୍ଦୁ ସମାଜ ପକ୍ଷରୁ ପାରାଦୀପ ମଧୁବନ ଜଗନ୍ନାଥ କଲୋନୀଠାରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ହିନ୍ଦୁ ସମ୍ମିଳନୀରେ ପ୍ରଥମେ ଯଜ୍ଞ ଓ ହନୁମାନ ଚାଳିଶା ପାଠ ଓ ଗାୟତ୍ରୀ ସଂଗଠନ ଦ୍ୱାରା ଗାୟତ୍ରୀ ମନ୍ତ୍ର ପାଠ ସହିତ ସନ୍ଧ୍ୟାରେ ଦୀପ ଦାନ ଓ ଗାୟତ୍ରୀ ଭଜନ କରାଯାଇଥିଲା। ଏହି ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ ପକ୍ଷରୁ ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଆର୍‌ଏସ୍‌ଏସ୍ ଓଡ଼ିଶା ବିଭାଗ ବୌଦ୍ଧିକ ପ୍ରଚାରକ ବିଜୟ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୁଧୀର ପ୍ରସାଦ ନନ୍ଦ, ବିଶ୍ୱହିନ୍ଦୁ ପରିଷଦ ପୂର୍ବ ଓଡିଶାର ଧର୍ମ ପ୍ରଚାରକ ପ୍ରମୁଖ ଓ ଗାୟତ୍ରୀ ସଂଗଠନର ପ୍ରସନ୍ନ ରାଉତରାୟ ଓ ଜଗନ୍ନାଥ କଲୋନୀର ମୁରବୀ ସୁବଳ ଦାସ, ଆର୍‌ଏସ୍‌ଏସ ଜିଲ୍ଲା ପ୍ରମୁଖ ବାବାଜୀ ଚରଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ଅନ୍ୟ ବକ୍ତାମାନେ ସମାଜକୁ ଏକ ସୂତ୍ରରେ ବାନ୍ଧି ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଏ ସମସ୍ତ କାଯ୍ୟକ୍ରମକୁ ଜିଲ୍ଲା ସାମାଜିକ ଶାରୀରିକ ପ୍ରମୁଖ ହଟ କିଶୋର ସେଠି, ଗଜେନ୍ଦ୍ର ଗୁରୁଜୀ, ରୋଶନ ସାହାଣୀ, ସାରଦା ନାୟକ ପ୍ରମୁଖ ପରିଚାଳନା କରିଥିବା ବେଳେ ଜଗନ୍ନାଥ କଲୋନୀର ସମସ୍ତ ବାସିନ୍ଦା ଓ ୬ଟି ୱାର୍ଡର ବହୁ ଜନସାଧାରଣ ଯୋଗ ଦେଇଥିଲେ।

## ଓଡ଼ିଶା ବୋଟ୍ ମାଲିକଙ୍କୁ ମାଛ ସଂରକ୍ଷଣ ଉପରେ ଦିଗଦର୍ଶନ



ପାରାଦୀପ, ୧୦।୨ (ସମିସ): ବିଦେଶକୁ ରପ୍ତାନୀ ହେଉଥିବା ମାଛର ଗୁଣାତ୍ମକ ବ୍ୟବସ୍ଥା କରୁଥିବା ସଂସ୍ଥା ଏମପିଇଡିଏ ଓ ନେଟଫିଶ୍ ପକ୍ଷରୁ ଓଡିଶା ବୋଟ୍ ମାଲିକଙ୍କ ପାଇଁ ସ୍ୱଚ୍ଛତା ସଚେତନତା କରାଯାଇଛି। ବିଶେଷକରି ୧୭ ଜଣ ବୋଟ୍ ମାଲିକଙ୍କୁ ତାମିଲନାଡୁ କନ୍ୟାକୁମାରୀ ଠାରେ ଥିବା ମଟ୍ଟମ୍ ମାଛଧରା ବନ୍ଦର ଓ କେରଳ ଏର୍ଣ୍ଣାକୁଲା ସ୍ଥିତ ମୁନମ୍ବମ୍ ମାଛଧରା ବନ୍ଦର ପରିଭ୍ରମଣ କରିଥିଲେ। ଗତ ୨ରୁ ୭ ତାରିଖ ପର୍ଯ୍ୟନ୍ତ ଭ୍ରମଣରେ ସେମାନଙ୍କୁ ମାଛ ଧରିବା ଓ ତାକୁ ଉତ୍ତମ ବ୍ୟବସ୍ଥା ମଧ୍ୟରେ ସଂରକ୍ଷଣ କରିବା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା। ଏହାକୁ ପାରାଦୀପ ବନ୍ଦର ତା'ର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧିନରେ କରାଯାଇଥିଲା।ସମୁଦ୍ରରେ ମାଛ ଧରିବା ପରେ ତାକୁ କିପରି ବରଫ ଭଣ୍ଡାର ମଧ୍ୟରେ ସଂରକ୍ଷଣ କରାଯାଉଛି, ବୋଟ୍ ମାଛଧରା ବନ୍ଦରରେ ଲାଗିବା ପରେ ତାକୁ ସ୍ୱଚ୍ଛ ଟ୍ରେ' ଜରିଆରେ ଖଲାସ କରିବା ଏବଂ ବିକ୍ରୟ ଜାଗାରେ ସଫା ରଖିବା ଉପରେ ଦିଗଦର୍ଶନ ଦିଆଯାଇଥିଲା। ସୂଚନାଯୋଗ୍ୟ ଦେଶର ପ୍ରମୁଖ ମାଛଧରା ବନ୍ଦର ବନ୍ଦର ମଧ୍ୟରେ ବିଦେଶକୁ ରପ୍ତାନୀ ହେଉଥିବା ମାଛ ମଧ୍ୟରେ ମଟ୍ଟମ୍ ଓ ମୁନମ୍ବମ୍ ସ୍ୱଚ୍ଛତା ପ୍ରଣାଳୀ ଅପେକ୍ଷାକୃତ ଭାବେ ଭଲ ରହିଛି। ପାରାଦୀପ ମାଛଧରା ବନ୍ଦର ମଧ୍ୟରେ ସେହିଭଳି ଆଧୁନିକ ପ୍ରଣାଳୀରେ ମାଛ କାରବାର କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଉକ୍ତ ଭ୍ରମଣ ଟିମରେ ଏମ୍‌ପିଇଡିଏ ଓଡିଶା ସଂଯୋଜନା ସୁବ୍ରତ କୁମାର ମହାପାତ୍ର, ଓମ୍ପା ସଭାପତି ଶ୍ରୀକାନ୍ତ ପରିଡ଼ା, ସମ୍ପାଦକ ଅରବିନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଦେଶର ଅଗ୍ରଣୀ ମାଛ ଧରା ବନ୍ଦରଗୁଡ଼ିକର ଆଧୁନିକ ପରିଚାଳନା ପ୍ରଣାଳୀ ଓ ସର୍ବୋତ୍ତମ ପ୍ରଥାଗୁଡ଼ିକ ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଭବ ଲାଭ କରିବା ଏହି ପରିଦର୍ଶନର ଉଦ୍ଦେଶ୍ୟ ଥିଲା। ଭିଜିଟ୍‌ରୁ ମିଳିଥିବା ମୁଖ୍ୟ ଶିକ୍ଷା ଓ ସର୍ବୋତ୍ତମ ପ୍ରଥାଗୁଡ଼ିକ ଆଲୋଚନା କରାଯାଇଥିଲା ଓ ଅନ୍ୟାନ୍ୟ ଷ୍ଟେକ୍‌ହୋଲ୍ଡରଙ୍କ ସହଯୋଗରେ ଓଡ଼ିଶାର ମାଛ ଧରା ବନ୍ଦରଗୁଡ଼ିକରେ ଏହି ପ୍ରଥାଗୁଡ଼ିକ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଓଡ଼ିଶାର ମାଛ ଧରା ବନ୍ଦରଗୁଡ଼ିକରେ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ମାନଦଣ୍ଡର ଉନ୍ନତି।

## ସ୍ମୃତିଚାରଣ ସଭା



ଡେରାବିଶ, ୧୦।୨(ସମିସ): ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଛଚିଣା ଗ୍ରାମର ଧର୍ମପ୍ରାଣ ମହିଳା ମଞ୍ଜୁଲତା ଭୂୟାଁଙ୍କ ସ୍ମୃତିଚାରଣ ସଭା ସମାଜସେବୀ ଅନନ୍ତ କିଶୋର ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଦସ୍ୟଙ୍କ ସମେତ ଶିକ୍ଷାବିତ ବିଧାନ ସାମଲ, ବସନ୍ତ ଭୂୟାଁ, ଗୌରହରି ଜେନା, ଗୌରାଙ୍ଗ ସାହୁ, ସରପଞ୍ଚ ଅରକ୍ଷିତ କାଣ୍ଡି, ଦୁଃଶାସନ ସାହୁ ଓ ନିରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## କର୍କଟ ପୀଡ଼ିତ ଶିକ୍ଷକଙ୍କୁ ସହାୟତା

ଡେରାବିଶ, ୧୦।୨(ସମିସ): ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଗୌଡ଼ବିଶି ଗ୍ରାମର କର୍କଟ ପୀଡ଼ିତ ଶିକ୍ଷକ ପୃଥ୍ୱୀରାଜ ବେହେରାଙ୍କୁ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନସନ୍ ଯୋଜନାଭୁକ୍ତ) ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସମିତିର କର୍ମକର୍ତ୍ତା ଭକ୍ତରଞ୍ଜନ ସ୍ୱାଇଁ, ଅଶ୍ୱିନୀ ରାଉତ, ପ୍ରଶାନ୍ତ ଶତପଥୀ, ତ୍ରିଲୋଚନ ମଲିକ, ସେକ ବରକତୁଲ୍ଲା, ଶିବପ୍ରସାଦ ମିଶ୍ର, ଦିଲ୍ଲୀପ ଦାଶ, ହରେକୃଷ୍ଣ କର ଓ ଏସ୍‌କେ ସିରାଜୁଦ୍ଦିନ୍ ପ୍ରମୁଖ ଭୁବନେଶ୍ୱର ଏମସ୍ ମେଡିକାଲରେ ଚିକିତ୍ସିତ ହେଉଥିବା ଶିକ୍ଷକ ଶ୍ରୀ ବେହେରାଙ୍କୁ ଭେଟି ୪୪ ହାଜର ଟଙ୍କାର ଆର୍‌ଠଥକ ସହାୟତା ପ୍ରଦାନ କରିଛନ୍ତି। ଶ୍ରୀ ବେହେରା ପୂର୍ବରୁ ରାଧାକୃଷ୍ଣ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ସମୟରେ ଏହି ଦୁରାରୋଗ୍ୟ ରୋଗରେ ପୀଡ଼ିତ ହୋଇଥିଲେ। ସେ ସମୟରେ ତାଙ୍କର ଚିକିତ୍ସା ନିମନ୍ତେ ଶିକ୍ଷକ ସଂଘ ୭୫ ହଜାର ଟଙ୍କାର ଆର୍‌ଠଥକ ସହାୟତା ପ୍ରଦାନ କରିବା ସହିତ ତାଙ୍କୁ ତାଙ୍କ ଗ୍ରାମ ନିକଟସ୍ଥ ନୂଆପଡ଼ା ୟୁଜିୟୁପି ସ୍କୁଲକୁ ବଦଳି କରାଯାଇଥିଲା। ଶିକ୍ଷକ ସଂଘ ଶ୍ରୀ ବେହେରାଙ୍କ ଆଶୁ ଆରୋଗ୍ୟ କାମନା କରିବା ସହିତ ତାଙ୍କର ଏହି ବ୍ୟୟବହୁଳ ଚିକିତ୍ସା ନିମନ୍ତେ ବଦାନ୍ୟ ବ୍ୟକ୍ତି ତାଙ୍କୁ ସହାୟତା କରିବା ନିମନ୍ତେ ନିବେଦନ କରିଛି।

ଫେବର ଟାଇଲ ବଦଳରେ ହେଉଛି କଂକ୍ରିଟ ରାସ୍ତା

## ଲାଭ ପାଇଁ ବଳି ପଡୁଛି ପରିବେଶ

ରାଜକନିକା୧୦।୨(ସମିସ): ଲୋକଙ୍କ ଯାତାୟାତର ସୁଗମ ପାଇଁ ପକ୍କା ରାସ୍ତା ହେଉଛି। ଏସବୁ କଂକ୍ରିଟ ରାସ୍ତା ହେବା ଫଳରେ ଭୂଭାଗରେ ବର୍ଷା ପାଣି ମାଟି ଭିତରକୁ ଯାଇପାରୁନାହିଁ। ଫଳରେ ନିମ୍ନ ଆଡ଼କୁ ଗଡି ଡ୍ରେନେଜ ବ୍ୟବସ୍ଥାର ଆବଶ୍ୟକତା ହେଉଛି। ଅନେକ ଅଞ୍ଚଳରେ ଏବେ ଜଳବନ୍ଦୀ ସମସ୍ୟା। ମାଟି ରାସ୍ତାକୁ ବିକାଶ ଓ ସ୍ଥାୟିତ୍ୱ ନାମରେ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ରାସ୍ତା କଂକ୍ରିଟ ହେବା ଫଳରେ ଭୂତଳକୁ ବର୍ଷା ଜଳ ଯାଇପାରୁନାହିଁ। ଭୂଗର୍ଭର ଜଳସ୍ତର ମଧ୍ୟ କମିବାରେ ଲାଗିଛି। ପରିବେଶ ଓ ଜଳବାୟୁ ପ୍ରତି ଘାତକ ସାବ୍ୟସ୍ତ ହେଉଥିବା କଂକ୍ରିଟ ରାସ୍ତାକୁ ବଦଳାଇ ଫେବର ଟାଇଲ ପକାଇବାକୁ ସରକାରଙ୍କ କଡ଼ା ନିୟମ ରହିଛି। ତେବେ ରାଜକନିକା ବ୍ଲକ ପ୍ରଶାସନ ଏହି ନିୟମ ପାଳନ କରୁନି। ପ୍ରତି ପଞ୍ଚାୟତରେ କେବଳ କଂକ୍ରିଟ ରାସ୍ତା ହେଉଛି। ଏଥିପ୍ରତି ବ୍ଲକର ବିଡିଓ କିମ୍ବା ଜେଇ କାହାରି ନଜର ରହୁନାହିଁ। ସରକାରଙ୍କ ଘୋଷଣା ଓ ନିୟମକୁ ପାଦରେ ଦଳି ଅଧିକ ଲାଭ ସାଉଁଟି ଚାଲିଥିବା ବ୍ଲକର ନିର୍ମାଣ ବିଭାଗ କେବଳ ପକେଟ ଗରମ କରୁଥିବାବେଳେ ପରିବେଶ ପ୍ରତି ସଙ୍କଟ ଦେଖାଦେଇଛି।



ଫେବର ଟାଇଲ ପକାଇ ରାସ୍ତା କଲେ ଏହି ରାସ୍ତା ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟର ସ୍ଥାୟିତ୍ୱ ଦେଉଥିବାବେଳେ ଏହି କାମରେ ୧୦୦ ଟଙ୍କା କାମରୁ ଠିକାଦାର ୧୦ ଟଙ୍କା ଲାଭ ପାଇପାରିବେ। ତେଣୁ ଏହି ଟାଇଲ ବଦଳରେ କଂକ୍ରିଟ କାମ କଲେ ଠିକାଦାର ୬୦ରୁ ୭୦ ଟଙ୍କା ଲାଭ ପାଉଥିବାବେଳେ ଏଥିରେ ବିଡିଓ, ଯନ୍ତ୍ରୀ, କିରାଣି ସମସ୍ତେ ମୋଟା ଆଙ୍କର ପିସି ପାଉଛନ୍ତି। ତେଣୁ ପରିବେଶ ପଛେ ଚୁଲିକି ଯାଉ ନିଜ ରୋଜଗାର ବଢୁଥାଉ ନ୍ୟାୟରେ ଫେବର ଟାଇଲ କାମ ଆଦୌ ହେଉନାହିଁ। ଫେବର ଟାଇଲ କାମ ହେଲେ ରାସ୍ତା ଯଦି ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ସ୍ଥାୟୀ ରହିବ, ତେବେ ଗାଁ ରେ ଦଳୀୟ ଭୋଟ ସଂଗ୍ରହକାରୀ ଠିକାଦାର କ'ଣ କରିବେ?

### ଉତ୍କଟ ହେଉଛି ଭୂତଳ ଜଳ ସମସ୍ୟା

ତେଣୁ ଅଭିସନ୍ଧି କରି ବ୍ଲକର ସମସ୍ତ ନୂଆ ରାସ୍ତା ହେଉ କି ପୁରୁଣା ରାସ୍ତାର ପୁନରୁଦ୍ଧାର ଆଳରେ ସବୁ ବିଭାଗୀୟ କାମକୁ କଂକ୍ରିଟ ରାସ୍ତାରେ ପରିଣତ କରି ବ୍ଲକ ପରିବେଶ ପ୍ରତି ପ୍ରତିକୂଳ ଅବସ୍ଥା ସୃଷ୍ଟି କରାଯାଉଛି। ଏ ସମ୍ପର୍କରେ ବିଡିଓଙ୍କୁ ପଚାରିବାରୁ ସେ ଚିରାଚରିତ ଢଙ୍ଗରେ ମୁଁ ଦେଖୁଛି ବୋଲି କହିଛନ୍ତି। ଏଭଳି ବେଆଇନ କାମ ସମ୍ପର୍କରେ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଫେବର ଟାଇଲ ବିଛାଇ ରାସ୍ତା ନିର୍ମାଣ କରିବାକୁ ଗୁରୁତ୍ୱ ଦେବାକୁ ଦାବି ହୋଇଛି।

## ରାହାମା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



କୁଜଙ୍ଗ,୧୦।୨(ସମିସ): ସାରଳା ମହାବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ମହାବିଦ୍ୟାଳୟ ପରିସରରେ ଶ୍ରେଣୀଗୃହ ଓ ପ୍ରେକ୍ଷାଳୟର ଭିତ୍ତିପ୍ରସ୍ତର ସ୍ଥାପନ ସହିତ ନବନିର୍ମିତ ଶ୍ରେଣୀଗୃହର ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ସୁବାସ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିନେ ଅଭିନେତା ଅରିନ୍ଦମ ରାୟ, ଛାତ୍ର ସାଂସଦ ଉପଦେଷ୍ଟା ମନୋଜ ମହାନ୍ତି, ସୁରେନ୍ଦ୍ର ମିଶ୍ର, ବ୍ଲକ ଉନ୍ନୟନ ଅଧିକାରୀ ଦୀପକ ପ୍ରକାଶ ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ।

## ଜଗନ୍ନାଥ ବିଦ୍ୟାପୀଠ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ରାଜନଗର,୧୦।୨(ସମିସ): ବାଲିଝରୀସ୍ଥ ଜଗନ୍ନାଥ ବିଦ୍ୟାପୀଠର ୨୦୧୩ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିପ୍ରଚରଣ ବେହୁରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ଶତପଥୀ, ଶିକ୍ଷୟିତ୍ରୀ ଗୀତା ବେହେରା ଯୋଗଦେଇ ଛାତ୍ରଛାତ୍ରୀଙ୍କ ସହିତ ବିତାଇଥିବା ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ପରେ ଛାତ୍ରଛାତ୍ରୀ ସେମାନଙ୍କ ପ୍ରିୟ ଗୁରୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ରାକେଶ ଲେଙ୍କା, ବଣ୍ଟି ନାୟକ, ରାକେଶ ସ୍ୱାଇଁ, ଅମର ଖଣ୍ଡାଇ, ଅନୀଲ ସେଠୀ, ଆନନ୍ଦ ଦାସ, ଗଣେଶ ସେଠୀ, ସ୍ୱସ୍ତିକ ରାଉତ, ଅମରେଶ ଲେଙ୍କା, ବିକାଶ ସ୍ୱାଇଁ, ହାପି ବଳ, ବିଜୁ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ତେରୋହୀ ସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ପଟ୍ଟାମୁଣ୍ଡାଇ,୧୦।୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ତେରୋହୀ ଜନମଙ୍ଗଳ ନୋଡାଲ ଉପ୍ରା ସ୍କୁଲ ପ୍ରଧାନଶିକ୍ଷକ ବିଜୟ କରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଶାନ୍ତ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ସହକାରୀ ଶିକ୍ଷାଧିକାରୀ ସୁନିତୀ ଦାଶ ମୁଖ୍ୟଅତିଥି, ଶିକ୍ଷକ ନେତା କବି ଅଶୋକ ପରିଡା ମୁଖ୍ୟବକ୍ତା, ସ୍ୱପ୍ନେଶ୍ୱର କ୍ଲଷ୍ଟର ସିଆରସିସି ଲୋକନାଥ ନାୟକ, ପୂର୍ବତନ ସିଆରସିସି ଉମାକାନ୍ତ ବେହେରା, ପ୍ରାକ୍ତନ ପ୍ରଧାନଶିକ୍ଷକ କାହ୍ନୁଚରଣ ପ୍ରଧାନ, ବିଲିକଣା ହାଇସ୍କୁଲ ପ୍ରଧାନଶିକ୍ଷକ ସୁଶାନ୍ତ ଦାଶ, ବିବି ଉପ୍ରା ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପଲତା ନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷକ ଉତ୍ସବ ଚରଣ କୁଣ୍ଡ, ବଡ଼ମୋହନପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଜୟ ସାମଲ ଓ ସ୍କୁଲ ପରିଚାଳନା କମିଟି ସଭାପତି ମିନତୀ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକ ବିଜୟ କରଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରି ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଶିକ୍ଷକ ଶଙ୍କର ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ଶ୍ରୀକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

## ଖୁଣ୍ଟଲରେ ପୁରାତନ ଛାତ୍ର ସମାବେଶ

କୁଜଙ୍ଗ,୧୦।୨(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ତଳପଡ଼ା ପଞ୍ଚାୟତ ଆଖଣ୍ଡଳମଣି ବିଦ୍ୟାପୀଠ ଖୁଣ୍ଟଲରେ ପୁରାତନ ଛାତ୍ର ସମାବେଶ, ଗୁରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୦୧୫ ମାଟ୍ରିକ ବ୍ୟାଚର ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଦଳାଇ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଶିକ୍ଷକ ବିନୋଦ ବିହାରୀ ମୁଦୁଲି, ଅଞ୍ଜଳି ମହାପାତ୍ର, ବବିତା ନାୟକ, ହିମାଂଶୁ ଶେଖର ସାହୁ, ହରିହର ମିଶ୍ର, ସଞ୍ଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ପୁରୁଣା ଦିନର ସ୍ମୃତିକୁ ସାଉଁଟି ଥିଲେ। ଏହି ବ୍ୟାଚର ସଞ୍ଜୟ କୁମାର ସାହୁ, ସତିଶ ସ୍ୱାଇଁ, ବିଶ୍ୱରଞ୍ଜନ ଦାସ, ସ୍ନେହାଶିଷ ସାହୁ, ମାନସ ସାହୁ, ପିଙ୍କନ ପ୍ରଧାନ, ଭବାନୀ ଶଙ୍କର ସାହୁ, ଶୋହନ ମହାନ୍ତି, ସନ୍ଦୀପ ନାୟକ, ଲିମିତା ଦାସ, ପୂଜାଲିନ ସାହୁ, ସସ୍ମିତା ନାଥ, ଲିସା ରାଣୀ ସାହୁ, ସରିତା ରାଉତ, ସନ୍ଧ୍ୟା ମଣ୍ଡଳ, ଇସ୍ପିତା ରାଉତ, ଶୋଭାସୁନି ନନ୍ଦୀ, ସନାଲି ମହାନ୍ତି, ଶୁଭସ୍ମିତା ସାହାଣୀ ପ୍ରମୁଖ ଏଥିରେ ଯୋଗଦେଇଥିଲେ।

ବନ୍ଧୁମିଳନରେ କ୍ଷୋଭ ପ୍ରକାଶ କଲେ ପୁରୁଖା କର୍ମୀ

# ବିଚାରଠାରୁ ଦୂରେଇ ଯାଉଛି ବିଜେପି




କୁଜଙ୍ଗ, ୧୦।୨(ସମିସ): ରାଜ୍ୟରେ କ୍ଷମତାକୁ ଆସିବା ପରେ ବିଜେପି ତାର ମୂଳ ବିଚାରଠାରୁ ଦୂରେଇ ଯାଉଥିବା ଅଭିଯୋଗ କରିଛନ୍ତି ଦଳର ପୁରୁଖା କର୍ମୀମାନେ। ଦଳ କ୍ଷମତା ଆସିବା ପରେ କିଛି ଲୋକ ଦଳ ଅପେକ୍ଷା ନିଜ ପ୍ରଭାବ ବଢ଼ାଇବାରେ ଲିପ୍ତ ରହି ଦଳ ଓ ସରକାରଙ୍କୁ ବଦନାମ କରୁଛନ୍ତି। ଏ ସବୁର ନକାରାତ୍ମକ ପ୍ରଭାବ ତୃଣମୂଳ ସ୍ତରରେ ପଡ଼ିବାରୁ ଦଳ ଓ ସଂଗଠନ ଠାରୁ ସାଧାରଣ ଲୋକ ମୁହଁ ଫେରାଇବା ଆରମ୍ଭ କଲେଣି ବୋଲି ଅଭିଯୋଗ କରିଛନ୍ତି ଦଳର ପୁରୁଖା ଲୋକପ୍ରତିନିଧିମାନେ। ଦୀର୍ଘ ଦିନ ବିଜେପିରେ ନେତୃତ୍ୱ ନେଇ ନିଜର ପରିଚୟ ସୃଷ୍ଟି କରିଥିବା ଦଳୀୟ ଟିକଟ ଜିଲ୍ଲା ପରିଷଦ ନିର୍ବାଚନ ଲଢିଥିବା ନେତା ଓ ସଙ୍ଗଠକମାନେ ଏଭଳି ଅଭିଯୋଗ କରିଛନ୍ତି। ଗତ ୨୦୧୨ରେ ଜୋନ ୨ରେ ଦଳୀୟ ଟିକଟରେ ଜିଲ୍ଲା ପରିଷଦ ସଦସ୍ୟ ପାଇଁ ପ୍ରତିଦ୍ୱନ୍ଦିତା କରିଥିବା ମନୋଜ ପ୍ରଧାନ କୁହନ୍ତି ସଂଗଠନ, କ୍ୟାଡର୍ ଓ ସ୍ୱାର୍ଥ ନୁହେଁ; ସଂସ୍କାରକୁ ନେଇ ବିଜେପି ଅଗକୁ ବଢ଼ି ଆଜି ବିଶ୍ୱର ସର୍ବ ବୃହତ୍ ଦଳ ହୋଇପାରିଛି। ତେଣୁ ଏ କ୍ଷେତ୍ରରେ କୁଜଙ୍ଗ ଅଞ୍ଚଳରେ ଆତ୍ମ ସମୀକ୍ଷା କରିବା ସହ ଦଳରେ ସମସ୍ତଙ୍କୁ ନେଇ ଆଗକୁ ବଢ଼ିବା ସମୟର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଦଳର ବର୍ତ୍ତମାନ ସ୍ଥିତିକୁ ନେଇ ପୁରୁଣା କର୍ମୀମାନଙ୍କୁ ନେଇ କଳ୍ପତରୁ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ କୁଜଙ୍ଗ ଅନ୍ତର୍ଗତ ସମାଗୋଳସ୍ଥିତ ବିଲମା'ଙ୍କ ପୀଠରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ କାର୍ଯ୍ୟକର୍ତ୍ତାମାନେ ଏଭଳି କ୍ଷୋଭ ପ୍ରକାଶ କରିଛନ୍ତି। ଏହି ବୈଠକରେ ଆଇନଜୀବୀ ତଥା ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ଗତିକୃଷ୍ଣ ଶତପଥୀ ଯୋଗଦେଇ ଦେଢ଼ ବର୍ଷର ସରକାର ସମୟରେ ଅଞ୍ଚଳରେ କୌଣସି ବିକାଶ ହୋଇନଥିବା ଅଭିଯୋଗ କରିଥିଲେ। ଯେଉଁମାନେ ୧୯୮୭-୮୮ ମସିହାରୁ ବିଜେପିରେ ସାମିଲ ହୋଇ ନିଜର ତନ, ମନ, ଧନ ଓ ଯୌବନ ଦେଇ ଦଳ ଓ ଦଳର ଚିହ୍ନ ପଦ୍ମ ଫୁଲକୁ ତୃଣମୂଳ ସ୍ତରରେ ପହଞ୍ଚାଇଥିଲେ ସେମାନେ ଆଜି ଅଲୋଡ଼ା ହୋଇଛନ୍ତି। ସ୍ଥାନୀୟ ନେତା ରାଜ୍ୟ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ପଦରେ ରହିଥିଲେ ମଧ୍ୟ ତାଙ୍କର ରାଜନୈତିକ ଅନଭିଜ୍ଞତା ପାଇଁ ଦଳର କିଛି ଲୋକ ଫାଇଦା ଉଠାଇବାରେ ବ୍ୟସ୍ତ। ପ୍ରତିଷ୍ଠାତା ସଦସ୍ୟ, ପୁରୁଖା ତଥା ପୁରୁଣା ବିଚାରର କର୍ମକର୍ତ୍ତା ଓ କର୍ମୀଙ୍କୁ ସଂଗଠନ ଓ ଦଳରୁ ଦୂରେଇ ରଖିବା ପାଇଁ ଏମାନେ ପ୍ରୟାସ କରି ସଫଳ ମଧ୍ୟ ହୋଇଛନ୍ତି। ଯଦି ଏମିତି ଲାଗିରହେ ତେବେ ଆଗାମୀ ଦିନରେ ଦଳର ସତ୍ତା ଅଞ୍ଚଳରୁ ଲୋପ ପାଇଯିବ ବୋଲି ସେମାନେ କହିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଲିଙ୍ଗରାଜ ମହାରଣା, ବିଶ୍ୱରଞ୍ଜନ ସ୍ୱାଇଁ, ଆଇନଜୀବୀ ସୁକାନ୍ତ ମାଝୀ, ରମେଶ ଚନ୍ଦ୍ର ସାହୁ, ବଂଶୀଧର ସ୍ୱାଇଁ, ସୁବ୍ରତ ମାଝୀ, ଜିତେନ୍ ବେହେରା ଓ ଅବିନାଶ ଦାସ ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ମାମଲା

# ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍ ଓ ୫୦ ହଜାର ଜରିମାନା

ସମ୍ବଲପୁର, ୧୦।୨ (ସମିସ)

ସମ୍ବଲପୁର ଅତିରିକ୍ତ ଜିଲ୍ଲାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଲାଷ ସେନାପତି ନାବାଳିକା ଦୁଷ୍କର୍ମ ଉଦ୍ୟମ ମାମଲାର ବିଚାରକରି ଅଭିଯୁକ୍ତ ଦେବେନ୍ଦ୍ର ଭୁଏ ଓରଫ୍ ଦେବେନ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରିବାସହ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ଆଉ ଏକ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ଘଟଣାଟି ସମ୍ବଲପୁର ଜିଲ୍ଲା ଶାସନ ଥାନା ଅଞ୍ଚଳରେ ଘଟିଥିଲା। ୨୪-୫-୨୦୨୧ରେ ଶାସନ ଥାନାରେ ପୀଡ଼ିତା ଲିଖିତ ଅଭିଯୋଗ କରିଥିଲେ ଯେ, ୨୩ ତାରିଖ ସକାଳ ପ୍ରାୟ ୭ଟା ସମୟରେ ପୀଡ଼ିତା ତାଙ୍କ ଗାଁ ପୋଖରୀ ନିକଟସ୍ଥ ଏକ ପଡ଼ିଆକୁ ଶୌଚ ପାଇଁ ଯାଇଥିଲା। ସେଠାରେ ସେ ଦେଖିଲେ ଯେ, ଜଣେ ଅଜଣା ବ୍ୟକ୍ତି ମହୁଆ ଗଛ ଉପରେ ଫଳ ତୋଳୁଛନ୍ତି। ପୀଡ଼ିତା ଅନ୍ୟ ନିକାଞ୍ଚନ ସ୍ଥାନକୁ ଯିବାପରେ ଅଭିଯୁକ୍ତ ଦେବେନ୍ଦ୍ର ଭୁଏ ସେଠାକୁ ଆସି ତାକୁ ଜୋର୍‌ଜବରଦସ୍ତି ନିକଟସ୍ଥ ଜଙ୍ଗଲକୁ ନେଇ ଯାଇଥିଲା। ସେଠାରେ ଅଭିଯୁକ୍ତ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲା। କିନ୍ତୁ ସେହି ସମୟରେ ଗ୍ରାମର ଜଣେ ବ୍ୟକ୍ତି ପହଞ୍ଚିଯିବାରୁ ସେ ତା'କବଳରୁ ଖସି ଘରକୁ ଚାଲିଯାଇଥିଲା। ସେ ବାପାମା'ଙ୍କୁ ଏହି ବିଷୟରେ ଜଣାଇବାପରେ ଗାଁରେ ଏକ ବୈଠକ ବସିଥିଲା କିନ୍ତୁ ସେଠାକୁ ଅଭିଯୁକ୍ତ ବା ତାର ପରିବାରବର୍ଗ ଆସିନଥିଲେ। ଗ୍ରାମବାସୀ ତାକୁ ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଅଭିଯୋଗ ପାଇବାପରେ ଶାସନ ଥାନା ଅଧିକାରୀ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତ ଦେବେନ୍ଦ୍ର ଭୁଏକୁ ଗିରଫ କରି କୋର୍ଟଚାଲାଣ କରାଗଲା। ଶାସନ ଥାନାଧିକାରୀ ଘଟଣାର ତଦନ୍ତ କରି ଅଭିଯୁକ୍ତ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ଆଜି ଅତିରିକ୍ତ ଜିଲ୍ଲା ଜଜ୍ ଓ ପୋକ୍‌ସୋ ବିଚାରପତି ଅଭିଲାଷ ସେନାପତି ୨୭ ଜଣଙ୍କ ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ଅଭିଯୁକ୍ତ ଦେବେନ୍ଦ୍ର ଭୁଏକୁ ଦୋଷୀ ସାବ୍ୟସ୍ତ କରି ସେକ୍ସନ ୬ ପୋକ୍‌ସୋ ଆକ୍ଟରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ୧ ବର୍ଷ ଲେଖାଏ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ପ୍ରସନ୍ନ କୁମାର ସାହୁ ମାମଲା ପରିଚାଳନା କରିଥିଲେ।

# ସମ୍ବଲପୁରର ଶୁଭାଶିଷ ହେଲେ ମିଷ୍ଟର ଇଣ୍ଡିଆ

ସମ୍ବଲପୁର, ୧୦।୨(ସମିସ): ମିଷ୍ଟର ଇଣ୍ଡିଆ ଭାବେ ପୁରସ୍କୃତ ହୋଇଛନ୍ତି ସମ୍ବଲପୁରର ଜଣେ ଯୁବକ। ହାଉସିଂ ବୋର୍ଡ କଲୋନୀର ରାମେଶ୍ୱର ଦାଶ ଓ ମଧୁସ୍ମିତା ଦାଶଙ୍କ ପୁତ୍ର ଶୁଭାଶିଷ ଦାସ ସମ୍ବଲପୁର ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଜାତୀୟସ୍ତରୀୟ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ସେ କୃତିତ୍ୱ ଲାଭ କରିଛନ୍ତି। ପୁରୀରେ ଆୟୋଜିତ ମିଶନ ଡ୍ରିମର ମିଷ୍ଟରଇଣ୍ଡିଆ ଟାଇଟଲ ସେ ହାସଲ କରିଥିବା ସମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ମିଶନ ଡ୍ରିମର ସିଜନ -୭ରେ ମିଷ୍ଟର ଇଣ୍ଡିଆ, ମିସ୍ ଇଣ୍ଡିଆ ଓ ମିସେସ୍ ଇଣ୍ଡିଆ ବର୍ଗ ରହିଥିଲା। ମିଷ୍ଟର ଇଣ୍ଡିରେ ଶୁଭାଶିଷ ବିଜେତା ହୋଇଛନ୍ତି। ଏହାସହ ସେ ମିଷ୍ଟର ଟାଲେଣ୍ଟେଡ ଓ ମଡେଲ ଅଫ ଦି ୟର ହାସଲ କରିଛନ୍ତି। ଆଇକନ ଫେସନ ଡିଜାଇନରେ ସେ ଟ୍ରେନିଂ ନେଉଥିଲେ। ପ୍ରତିଯୋଗିତାରେ ଓଡ଼ିଶା ସମେତ, ରାଜସ୍ଥାନ, ସିକିମ ଓ କଲିକତାରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶୁଭାଶିଷ ବର୍ତ୍ତମାନ ଆଇଆଇଟି ମାଡ୍ରାସରେ ପାଠ ପଢୁଛନ୍ତି। ଆଗକୁ ଏପରି ସମ୍ବଲପୁର ପାଇଁ ଗୌରବ ଆଣିବେ ବୋଲି ସେ କହିଛନ୍ତି।



## ପୋଲତଳୁ ନବଜାତ ଶିଶୁ କନ୍ୟାର ମୃତଦେହ ଉଦ୍ଧାର

ରେଢ଼ାଖୋଲ, ୧୦।୨(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହର ମଧ୍ୟ ଦେଇ ଯାଇଥିବା କେରାଣ୍ଡି ଜୋରର ଖନ୍ଦାପୋଲ ତଳୁ ମଙ୍ଗଳବାର ଏକ ନବଜାତ ଶିଶୁ କନ୍ୟାର ମୃତଦେହ ଉଦ୍ଧାର କରାଯାଇଛି। ଶିଶୁ କନ୍ୟାର ମୃତଦେହ ପାଣିରେ ଭାସୁଥିବାର ଖବରପାଇ ଦମକଳ ବାହିନୀ ପହଞ୍ଚି ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଗତକାଲି ରାତିରେ କେହି ମୃତଶିଶୁ କନ୍ୟାକୁ ପାଣିରେ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି। ଖବର ପାଇ ପୁଲିସ ମୃତ ଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ସେଭେନହିଲ୍‌ସ ସ୍କୁଲ ବସ୍ ଧକ୍କାରେ ଜଣେ ମୃତ





ସମ୍ବଲପୁର, ୧୦।୨(ସମିସ): ସଦର ଥାନା ସିନ୍ଦୁରପଙ୍କ ଛକରେ ଏକ ଦୁର୍ଘଟଣା ଘଟିଛି। ସେଭେନହିଲ୍‌ସ ନାମକ ପ୍ରାଇଭେଟ ସ୍କୁଲ୍ ବସ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଜଣେ ପଥଚାରୀ ରାସ୍ତା ଅତିକ୍ରମ କରିବାବେଳେ ବସ୍(ଓଡି୧୫କେ୮୦୪୭) ଦ୍ରୁତ ଗତିରେ ଯାଇ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ମୃତ ବ୍ୟକ୍ତି ଜଣଙ୍କ ହେଉଛନ୍ତି ସିନ୍ଦୁରପଙ୍କ ନବପଡ଼ାର ନିମାଇ ରଣବିଡ଼ା। ସୂଚନା ଅନୁସାରେ ସକାଳୁ ବସ୍‌ଟି ଛାତ୍ରଛାତ୍ରୀଙ୍କୁ ନେଇ ସ୍କୁଲ ଅଭିମୁଖେ ଆସୁଥିଲା। ଏହି ସମୟରେ ରାସ୍ତା ଅତିକ୍ରମ କରୁଥିବା ନିମାଇଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ମୃତ୍ୟୁ ହେବା ପରେ କିଛି ସମୟ ଉତ୍ତେଜନା ଦେଖାଦେଇଥିଲା। ସ୍କୁଲ ବସ୍ କାହିକି ଦୃତ ଗତିରେ ଯାଉଥିଲା ତାହା ଏବେ ପ୍ରଶ୍ନ ଘେରରେ। ପୁଲିସ ଉକ୍ତ ବସ୍‌କୁ ଜବତ କରିବା ସହ ଡ୍ରାଇଭରକୁ କୋର୍ଟଚାଲାଣ କରିଛି।

## ଝାରସୁଗୁଡ଼ାରେ ଖୋଲିଲା ଅଶୋକ ଲେଲ୍ୟାଣ୍ଡ ଟଚ୍‌ପଏଣ୍ଟ




ସମ୍ବଲପୁର, ୧୦।୨(ସମିସ): ଓଡ଼ିଶାର ୫୪ତମ ଅଶୋକ ଲେଲ୍ୟାଣ୍ଡ ଟଚପଏଣ୍ଟ ଝାରସୁଗୁଡାରେ ଆଜି ଉଦ୍‌ଘାଟିତ ହୋଇଛି। ଜୋନାଲ ମ୍ୟାନେଜର - ପୂର୍ବ ଅଶୋକ ଲେଲ୍ୟାଣ୍ଡର ଦୀପକ ରାଜଦାନ, ଆଞ୍ଚଳିକ ପରିଚାଳକ ଓଡ଼ିଶାର ଅଭିନବ ପ୍ରତୀକ, ଜାଲାନ ଅଟୋମୋବାଇଲ୍‌ସ ଅଧ୍ୟକ୍ଷ ଅଶୋକ କୁମାର ଜାଲାନ, ଯୋଗେଶ ଜାଲାନ(ନିର୍ଦ୍ଦେଶକ -ଜାଲାନ ଅଟୋମୋବାଇଲ୍ସ) ଏବଂ ମନୀଷ ଚୌଧୁରୀ ନିର୍ଦ୍ଦେଶକ - ଜାଲାନ ଅଟୋମୋବାଇଲ୍‌ସ ପ୍ରମୁଖଙ୍କ ଉପସ୍ଥିତିରେ ସୋରୁମ ଉଦ୍‌ଘାଟିତ ହୋଇଥିଲା। ଏହା ଜାଲାନ ଅଟୋମୋବାଇଲର ଚତୁର୍ଥ ଆଉଟଲେଟ୍। ଉଚ୍ଚମାନର ସେବା ପାଇଁ ୧୦ଟି ସର୍ଭିସ୍ ବେ ସହିତ ଆଧୁନିକ ଉପକରଣ ରହିଛି। ସମ୍ବଲପୁର-ରାଉରକେଲା ଏସ୍‌ଏଚ-୧୦ରେ ଏହି ସୋରୁମଟି ରହିଛି। ଆଖପାଖ କମ୍ପାନୀରେ ଚାଲୁଥିବା ଗାଡ଼ିଗୁଡ଼ିକ ଏହି ସୋରୁମ ସେବା ପ୍ରଦାନ କରିବ। ଉଦ୍‌ଘାଟନୀ ଉତ୍ସବରେ ପ୍ରାୟ ୨୦୦ ଲୋକ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଦିନ ଛଅ ଜଣ ଗ୍ରାହକଙ୍କୁ ଗାଡ଼ି ଚାବି ହସ୍ତାନ୍ତର କରାଯାଇଥିଲା।

## ୨୧୬ ବୋତଲ କଫ୍‌ସିରପ୍ ଜବତ, ୨ ଗିରଫ





ସମ୍ବଲପୁର, ୧୦।୨ (ସମିସ) : ହୀରାକୁଦ ଥାନା ଅଧୀନ ଡେଙ୍ଗିମଚାଠାରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରି ୨୧୬ ବୋତଲ କଫସିରପ୍ ଜବତ କରିବାସହ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ଡେଙ୍ଗିମଚା ନିକଟରେ ରାସ୍ତାରେ କଫସିରପ୍ ବିକ୍ରୟ କରୁଥିବା ଖବରପାଇ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ମୋଟ ୨୧୬ ବୋତଲ କଫସିରପ୍ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ସଲିମ ଶେଖ (୨୪) ଓ ଟୁନା ଭୋଇ (୧୯) ଙ୍କୁ ଗିରଫ କରାଯାଇଛି। ଉଭୟ ହୀରାକୁଦ ଥାନା ଅନ୍ତର୍ଗତ ଡେଙ୍ଗିମଚା ନିବାସୀ ହୋଇଥିବା ସୂଚନା ମିଳିଛି।

## ଯୁବତୀଙ୍କୁ ବିକ୍ରି ମାମଲା

# ଫେରାର ୨ ଅଭିଯୁକ୍ତ ରାଜସ୍ଥାନରୁ ଗିରଫ

ସମ୍ବଲପୁର, ୧୦।୨ (ସମିସ) : ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଦିଲ୍ଲୀ ବୁଲାଇବାକୁ ନେଇ ସେଠାରେ ୫ ଲକ୍ଷ ଟଙ୍କାରେ ବିକ୍ରି ମାମଲାରେ ପୂର୍ବରୁ ୩ ଜଣ ଅଭିଯୁକ୍ତ ଗିରଫ ହୋଇଥିବାବେଳେ ଆଉ ୨ ଜଣଙ୍କୁ ଯୁଯୋମୁରା ପୁଲିସ ରାଜସ୍ଥାନରୁ ଗିରଫ କରିଛି। ସେମାନେ ହେଲେ କଳାହାଣ୍ଡି ଜିଲ୍ଲା ଗଲାମୁଣ୍ଡା ଥାନା ସରସଗୁଡ଼ା ଗାଁର ଦଶରଥ ମଙ୍ଗରାଜ ଓରଫ୍ ଯୋଗେନ୍ଦ୍ର (୨୬) ଓ ସୁନ୍ଦରଗଡ଼ ଜିଲ୍ଲା ରାଉରକେଲା ପାନପୋଷର ମଞ୍ଜୁ ତିର୍କୀ (୩୨)। ପୁଲିସ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସୂଚନା ମିଳିଛି।

**ପୂର୍ବରୁ ଗିରଫ ହୋଇଥିଲେ ୩**

ଯୁଯୋମୁରା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଏକାଠି କାମ କରୁଥିବା ଦୁଇଜଣ ଝିଅ ସାଙ୍ଗ ଗତବର୍ଷ ଜୁଲାଇ ମାସରେ ଦିଲ୍ଲୀ ବୁଲିଯିବା ପାଇଁ କହିଥିଲେ। ସେମାନେ ସମ୍ବଲପୁର ସିଟି ରେଲଷ୍ଟେସନରୁ ଟ୍ରେନ୍‌ରେ ଦିଲ୍ଲୀକୁ ଯାଇ ପୁଣି ଦିଲ୍ଲୀରୁ ଅନ୍ୟ ଏକ ଟ୍ରେନ ଯୋଗେ ରାଜସ୍ଥାନ ଜୟପୁରକୁ ଯାଇଥିଲେ। ସେଠାରେ ଜଣେ ବୟସ୍କ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଥିଲା। ବୟସ୍କ ବ୍ୟକ୍ତି ଜଣଙ୍କ ଯୁବତୀଙ୍କ ପ୍ରତି ଅସଦାଚରଣ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ରାତିରେ ସେ ସେଠାରୁ ଖସି ପଳେଇ ଆସିଥିଲେ। ନ୍ୟାୟ ପାଇବା ଆଶାରେ ରାତିସାରା ଆଖୁ କ୍ଷେତରେ ଚାଲିଥିଲେ। ଭୋର୍ ୪ଟା ବେଳେ ଜଣେ ଲୋକଙ୍କ ସହ ତାଙ୍କର ଦେଖାହେବାରୁ ଯୁବତୀଜଣକ ନିକଟସ୍ଥ ଥାନା ବିଷୟରେ ପଚାରି ବୁଝିଥିଲେ। ଥାନାକୁ ଯାଇ ସମସ୍ତ ଘଟଣା ବିଷୟରେ କହିଥିଲେ। ପୁଲିସ ତାଙ୍କୁ ଏକ ସହାୟତା କେନ୍ଦ୍ରରେ ରଖି ପରିବାର ଲୋକଙ୍କୁ ଖବର ଦେବାରୁ ସେମାନେ ଯାଇ ଯୁବତୀଙ୍କୁ ଉଦ୍ଧାର କରିଥିଲେ। ପରେ ଯୁଯୋମୁରା ଥାନାରେ ଏନେଇ ଅଭିଯୋଗ ହୋଇଥିଲା। ଯୁଯୋମୁରା ପୁଲିସ ମାମଲା ରୁଜୁ କରିଛି। ଏହି ଘଟଣାରେ ପୁଲିସ ପୂର୍ବରୁ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେମାନେ ହେଲେ - ସୁନ୍ଦରଗଡ଼ ଜିଲ୍ଲା ଝାରତରଙ୍ଗ, ବେଦବ୍ୟାସ, ରାଉରକେଲାର ପିଙ୍କି ଭୁଏ (୩୫), ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଗରଡେଗାର ପୁନମ ସମାଦ (୩୨) ଓ ଉତ୍ତରପ୍ରଦେଶ ସୁଆର ଥାନା ମୀରାପୁର, ରାମପୁରର ଅନାଥ ସା (୨୪)। ସେମାନଙ୍କୁ ପୁଲିସ ୧୫/୧୧/୨୦୨୫ରେ ଗିରଫ କରିଥିଲା। ଏହି ମାମଲାରେ ଯୁଯୋମୁରା ପୁଲିସ ଅଧିକ ତଦନ୍ତ ଜାରି ରଖିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

# ଏପ୍ରିଲ ୯ରେ ମା' ବୁଢ଼ୀ ସମଲେଇଙ୍କ ମନ୍ଦିର ପ୍ରତିଷ୍ଠା



ସମ୍ବଲପୁର, ୧୦।୨ (ସମିସ) : ସମ୍ବଲପୁର ସହରର ଚାଉଁରପୁର ଗ୍ରାମରେ ଅବସ୍ଥିତ ମା' ବୁଢ଼ୀ ସମଲେଇଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ ଆଜି ଗ୍ରାମବାସୀ ମା' ସମଲେଶ୍ୱରୀଙ୍କ ମନ୍ଦିରକୁ ପହଞ୍ଚି ନିମନ୍ତ୍ରଣ ଦେବାସହ ପୂଜାର୍ଚ୍ଚନା କରି ଆଜ୍ଞାମାଳ ଗ୍ରହଣ କରିଥିଲେ। ପ୍ରକାଶ ଥାଉକି ମା'ଙ୍କ ଏହି ମନ୍ଦିର ପାଟଣା ରାଜା ବଳରାମ ଦେବ ୧୫୩୫ ଖ୍ରୀଷ୍ଟାବ୍ଦ ପୂର୍ବରୁ ସ୍ଥାପନ କରିଥିଲେ। ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ଉପସ୍ଥିତ ରହି ଦର୍ଶନ କରାଇବା ସହ ଗ୍ରାମବାସୀଙ୍କୁ ସମସ୍ତ ପ୍ରକାର ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଆଦିତ୍ୟ ନାଏକ, ମହାଦେବ ସେଠ, ଗଣେଷ ମହତ୍ତମ, କିଶୋର ମାଝୀ, ତରଣୀସେନ ପାଣ୍ଡେ, ବୃନ୍ଦାବନ ସେଠ, ଲକ୍ଷ୍ମଣ ଦେହେରି, ଶତ୍ରୁଘନ ସେଠ, ସୁଚିତା ସେଠ, ସୂର୍ଯ୍ୟକାନ୍ତି ପାଣ୍ଡେ, ସଂଯୁକ୍ତା ଦେହେରି, ପୂର୍ଣ୍ଣିମା ପାଣ୍ଡେ, ପ୍ରତିମା ତନସନା, ନାରାୟଣ ତନସନା, ସୁଶାନ୍ତ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ବିଧାନସଭା ବିଭାଗୀୟ ସମ୍ପୃକ୍ତ ଷ୍ଟାଣ୍ଡିଂ କମିଟିର ବୈଠକ



ସମ୍ବଲପୁର, ୧୦।୨ (ସମିସ): ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷରେ ଓଡ଼ିଶା ବିଧାନସଭାର ବିଭାଗୀୟ ସମ୍ପୃକ୍ତ ସ୍ଥାୟୀ ସମିତି-୭ (୨୦୨୫-୨୬)ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସମିତିର ଅଧ୍ୟକ୍ଷ ତଥା ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ ବୈଠକରେ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରି କହିଥିଲେ ସମସ୍ତଙ୍କୁ ନିଜର ଦାୟିତ୍ୱକୁ ସୁଚାରୁରୂପେ ତୁଲାଇ ରାଜ୍ୟକୁ ବିକାଶ ପଥରେ ଆଗେଇନେବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଭଣ୍ଡାରୀପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ରାଜଗାଙ୍ଗପୁର ବିଧାୟକ ଡ.ସିଏସ୍. ରାଜେନ ଇକ୍କା, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରମୁଖ ବୈଠକରେ ବିଭିନ୍ନ ପ୍ରସ୍ତାବ ଓ ମତାମତ ରଖିଥିଲେ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସ୍ୱାଗତ ସମ୍ଭାଷଣ ଜଣାଇଥିବାବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ ଧନ୍ୟବାଦ ଦେଇଥିଲେ।

# ୩୯ କେନ୍ଦୁପତ୍ର ତୋଳାଳିଙ୍କୁ ମିଳିବ ଦୁଇଲକ୍ଷ ଲେଖାଏଁ ସହାୟତା

ସମ୍ବଲପୁର, ୧୦।୨ (ସମିସ): ସମ୍ବଲପୁର (କେନ୍ଦୁପତ୍ର) ଡିଭିଜନର ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଡିଭିଜନସ୍ତରୀୟ କଲ୍ୟାଣ ଟ୍ରଷ୍ଟ ଫଣ୍ଡ ବୋର୍ଡର ତୃତୀୟ ବୋର୍ଡ ବୈଠକ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୯ ଜଣ କେନ୍ଦୁପତ୍ର ତୋଳାଳୀଙ୍କ ସମେତ ୩ ଜଣ ସିଜିନାଲ କର୍ମଚାରୀଙ୍କୁ ପ୍ରତ୍ୟେକ ଦୁଇ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ ରାଶି ପାଇଁ ଯେଉଁ ସୁପାରିଶ କରାଯାଇଥିଲା ତାହା ମଞ୍ଜୁର ହୋଇଥିବା ଜଣାପଡ଼ିଛି।

ଡିଭିଜନସ୍ତରୀୟ କଲ୍ୟାଣ ଟ୍ରଷ୍ଟ ଫଣ୍ଡ ବୋର୍ଡର ସଭାପତି ଡିଏଫ୍‌ଓ ଗୌରୀଶଙ୍କର ଦାଶ ସ୍ୱାଗତ କରିଥିଲେ। ରାଜ୍ୟସ୍ତରୀୟ କଲ୍ୟାଣ କମିଟିରେ ବିଚାର ପାଇଁ ଡିଭିଜନସ୍ତରୀୟ କଲ୍ୟାଣ ଟ୍ରଷ୍ଟ ବୋର୍ଡ/କମିଟି ବୈଠକରେ ସୁପାରିଶ କରାଯାଇଥିବା ମାମଲାଗୁଡ଼ିକର ଅଗ୍ରଗତି ଉପରେ ଆଲୋଚନା କରାଯାଇଥିଲା। ଓଡ଼ିଶା ସରକାରଙ୍କ ଜଙ୍ଗଲ ଏବଂ ପରିବେଶ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ନଂ. ୨୬୭୮୩ / ଏଫ୍‌ଆଣ୍ଡଇ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ଏହି କାର୍ଯ୍ୟାଳୟ ଦ୍ୱାରା ପ୍ରାପ୍ତ ୩ଟି ମୃତ୍ୟୁ ଦାବି ମାମଲାଗୁଡ଼ିକର ସମସ୍ତ ଦୃଷ୍ଟିରୁ ଯାଞ୍ଚ କରାଯାଇଛି ଏବଂ ମାମଲାଗୁଡ଼ିକୁ ଅନଲାଇନ୍ ମାଧ୍ୟମରେ ଶୀଘ୍ର ଦେୟ ପାଇଁ ପାଣ୍ଠି ଜାରି କରିବାପାଇଁ ପ୍ରମୁଖ ମୁଖ୍ୟ ବନସଂରକ୍ଷକ (କେ.ଏଲ୍.), ଓଡ଼ିଶା, ଭୁବନେଶ୍ୱରଙ୍କୁ ସୁପାରିଶ କରାଯାଇଛି। ବୈଠକରେ ସମ୍ବଲପୁର (କେନ୍ଦୁପତ୍ର) ଡିଭିଜନ ଡିଏଫ୍‌ଓ ଶ୍ରୀ ଦାଶଙ୍କ ସହିତ ସଦସ୍ୟଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ, ସୁବର୍ଣ୍ଣପୁର ଏବଂ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ, ସମ୍ବଲପୁର (କେ.ଏଲ୍.) ଡିଭିଜନର ପ୍ରତିନିଧି ଗୋକୁଳ ମେହେର ବିଭାଗୀୟ ସଚିବ ଭାବେ ଉପସ୍ଥିତ ଥିଲେ। ଅନ୍ୟତମ ସଦସ୍ୟ ଜିଲ୍ଲା ମଙ୍ଗଳ ଅଧିକାରୀ, ସମ୍ବଲପୁର ଓ ବରଗଡ଼ ବୈଠକରେ ଉପସ୍ଥିତ ରହିପାରି ନ ଥିଲେ।

## ଜେଆର୍‌ସି କ୍ୟାମ୍ପରେ ଛାତ୍ରଛାତ୍ରୀଙ୍କ କୃତିତ୍ୱ



ସମ୍ବଲପୁର, ୧୦।୨ (ସମିସ) : କ୍ୟାପିଟାଲ ହାଇସ୍କୁଲଠାରେ ଗତ ୫ ରୁ ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଜେଆର୍‌ସି କ୍ୟାମ୍ପ ତଥା ଟ୍ରେନିଂ କ୍ୟାମ୍ପ ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରେ ସମ୍ବଲପୁର ଜିଲ୍ଲାର ପିଏମ୍‌ଶ୍ରୀ ଶାସନ ନୋଡାଲ ହାଇସ୍କୁଲର ଛାତ୍ର ଦେବାଂଶୁ ଗଡୁଆ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ହାସଲ କରିଥିବାବେଳେ ଲେଡିଲୁଇସ ବାଳିକା ହାଇସ୍କୁଲର ଛାତ୍ରୀମାନେ ଦଳଗତ ନୃତ୍ୟ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଲେଡିଲୁଇସ ବାଳିକା ହାଇସ୍କୁଲର ଶିକ୍ଷୟିତ୍ରୀ ଅଞ୍ଜଳି ନାୟକ ଓ ହୀରାକୁଦ ହାଇସ୍କୁଲର ଶିକ୍ଷକ କାହ୍ନୁଚରଣ ବେହେରା ଛାତ୍ରଛାତ୍ରୀଙ୍କ ଗାଇଡ୍ ଶିକ୍ଷକ ଭାବେ ଉକ୍ତ ଶିବିରରେ ଯୋଗ ଦେଇଥିଲେ।



# ସରକାରୀ ମହିଳା ମହାବିଦ୍ୟାଳୟ ସ୍ନାତକୋତ୍ତର ଶିକ୍ଷା ବିଭାଗରେ ଆଲୋଚନାଚକ୍ର

ସମ୍ବଲପୁର, ୧୦।୨ (ସମିସ)




ସରକାରୀ ମହିଳା ମହାବିଦ୍ୟାଳୟ ସ୍ନାତକୋତ୍ତର ଶିକ୍ଷା ବିଭାଗ ଏବଂ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ମିଳିତ ସହଯୋଗରେ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ 'ନ୍ୟାୟସଂଗତ ଓ ଅନ୍ତର୍ନିବେଶୀ ଶିକ୍ଷା : ଦୂରତା ପାଇଁ ସେତୁ ଏବଂ ସୁଯୋଗର ସ୍ରଷ୍ଟା' ଶୀର୍ଷକ ଆନ୍ତର୍ଜାତୀୟ ସମ୍ମାନ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରଫେସର ମୀନକେତନ ପାଠୀ, ମୁଖ୍ୟବକ୍ତା ଭାବରେ କଲିକତାସ୍ଥିତ ଯାଦବପୁର ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗମୁଖ୍ୟ ପ୍ରଫେସର ବିଷ୍ଣୁପଦ ନନ୍ଦ ଯୋଗଦାନ କରିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସମ୍ମାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଡ. ପ୍ରଶାନ୍ତ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ସୌଭାଗ୍ୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ଅଖିଳ ବିଶ୍ୱାଳ ଆଲୋଚନାଚକ୍ର ସଂଯୋଜନା କରିଥିଲେ। ଅମରକଣ୍ଟକର ଇନ୍ଦିରାଗାନ୍ଧୀ ଜାତୀୟ ଜନଜାତି ବିଶ୍ୱବିଦ୍ୟାଳୟର ସୌଭାଗ୍ୟ ରଞ୍ଜନ ପାଢ଼ୀ ଓ ଡ. ଅନୀଲ କୁମାର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଡ. ପାର୍ଥସାରଥୀ ମଲ୍ଲିକ, ଡ. ନୀନା ଦାଶ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଅଜିତ କୁମାର କୁଲୁ, ଡ. ଯୁବରାଜ ଖମାରୀ, ପ୍ରଫେସର ଶ୍ରବଣ କୁମାର ବାଗ୍, ଉତ୍ତର-ପୂର୍ବ ପାର୍ବତୀୟ ବିଶ୍ୱବିଦ୍ୟାଳୟ, ଶିଲଂ, ମେଘାଳୟର ପ୍ରଫେସର ଡ. ରମେଶ କୁମାର ପରୁଆ, ଦକ୍ଷିଣ ଆଫ୍ରିକା ବିଶ୍ୱବିଦ୍ୟାଳୟର ଡ. କୋଫି ଏନ୍ ମାପୁଙ୍ଗାନ୍, ମୌଲନା ଆଜାଦ ଜାତୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ନବୀନ କୁମାର ଏମ୍, ନେତାଜୀ ସୁବାଷ ବିଶ୍ୱବିଦ୍ୟାଳୟ, ଜାମସେପୁରର ପ୍ରଫେସର ରାଜକୁମାର ନାୟକ, ଡ. ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ଅନୁଷ୍ଠାନର ଡ. ଗରୁଡ଼ଧ୍ୱଜ ବାରିକ, ଡ. ବୃନ୍ଦାବନ ମେହେର, ଜାତୀୟ ଶିକ୍ଷା, ଅନୁସନ୍ଧାନ ଓ ତାଲିମ୍ ପ୍ରତିଷ୍ଠାନ, ନୂଆଦିଲ୍ଲୀର ପ୍ରଫେସର ରବିପଲ୍ଲୀ ଶ୍ରୀଶାନ୍ତି ନେହରୁ, ସିଆଇଇ, ନୂଆଦିଲ୍ଲୀର ଡ. ପିଙ୍କି ଚୌଧୁରୀ ଓ ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରର ଡ.ଭେଙ୍କଟେଶ ମେହେର, ଆଞ୍ଚଳିକ କିଶାନ ମହାବିଦ୍ୟାଳୟର ଡ. ସୁଜାତା ମେହେର, ବୀରମହାରାଜପୁର ମହାବିଦ୍ୟାଳୟର ଡ. ଶିଶିର ବଣିଆ ପ୍ରମୁଖ ବିଦ୍ୟାର୍ଥୀମାନଙ୍କ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। ବିଭିନ୍ନ ଅନୁଷ୍ଠାନର ଗବେଷକ ତଥା ବିଦ୍ୟାର୍ଥୀମାନେ ସମ୍ମାନରେ ୬୦ରୁ ଊର୍ଦ୍ଧ୍ୱ ଗବେଷଣା ପତ୍ର ପାଠ କରିଥିଲେ। ଶିକ୍ଷା ବିଭାଗର ଅଧ୍ୟାପିକା କରିନା ପଧାନ, ଶିଖା ଶତପଥୀ, ଅଙ୍କିତା ପ୍ରିୟଦର୍ଶିନୀ ଧର, ସସ୍ମିତା ହଂସଦା ସମ୍ମାନ ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଗଙ୍ଗାଧର ମେହେରର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ମୁଖ୍ୟଅତିଥି, ଯାଦବପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ବିଷ୍ଣୁପଦ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବକୁ ପ୍ରଫେସର ଭୋଜରାଜ ରୋହିଦାସ ସଂଯୋଜନା କରିଥିବା ବେଳେ ପ୍ରଫେସର ପ୍ରଶାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାରେ ୨୧ ହଜାର ୨୮୦ ହେକ୍ଟର ରବି ଧାନ ଲକ୍ଷ୍ୟ ଧାର୍ଯ୍ୟ

ଜୟପୁର,୧୦।୨(ସମିସ): କୋରାପୁଟ ଜିଲ୍ଲାରେ ଆସନ୍ତା ରବିଫସଲ ଚାଷ ପାଇଁ କୃଷି ବିଭାଗ ପକ୍ଷରୁ ଜମିରେ ଲକ୍ଷ୍ୟଧାର୍ଯ୍ୟ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏଥିରେ ଜିଲ୍ଲାରେ ମୁଖ୍ୟତଃ ରବିଧାନ ୨୧ହାଜର ୨୮୦ ହେକ୍ଟର ଚାଷ ଜମିରେ ଚାଷ ହେବା ନେଇ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହା ଗତବର୍ଷ ତୁଳନାରେ ୧୪୭୦ ହେକ୍ଟରର ଚାଷ ଜମିରେ କମ୍ ହୋଇଛି। କୋରପୁଟ ଜିଲ୍ଲାରେ ସମୁଦାୟ ୧୪ଟି ବ୍ଲକ ମଧ୍ୟରୁ ମୁଖ୍ୟତଃ ଜୟପୁର, ବୋରିଗୁମ୍ମା, କୋଟପାଡ ଏବଂ କୁନ୍ଦୁରା ୪ଟି ବ୍ଲକ ସମତଳ ଜମିରେ କୋଲାବ ବୃହତ୍ ଜଳସେଚନ ବିଭାଗ ଏବଂ ତେଲିଙ୍ଗିରି ମଧ୍ୟମ ଜଳସେଚନ ବିଭାଗ ପକ୍ଷରୁ କେନାଲ ମାଧ୍ୟମରେ ଜମିକୁ ପାଣି ଯୋଗାଣ କରାଯାଇ ରବି ଧାନଚାଷ କରାଯାଇଥାଏ। ସେହିପରି ଅନ୍ୟାନ୍ୟ ୧୦ଟି ବ୍ଲକରେ ନିକଟସ୍ଥ ନଦୀନାଳ ଓ ଝରଣା ପ୍ରଭୃତି ଜଳସ୍ରୋତକୁ ବ୍ୟବହାର କରାଯାଇ

## ଗତବର୍ଷ ତୁଳନାରେ ୧୪୭୦ ହେକ୍ଟର କମିଛି

ଉଠା ଓ କ୍ଷୁଦ୍ର ଜଳସେଚନ ମାଧ୍ୟମରେ ଜଳକୁ ବ୍ୟବହାର କରାଯାଇ ଜମିରେ ରବି ଧାନଚାଷ କରାଯାଇଥାଏ। ଏଥିରେ ସର୍ବାଧିକ ଜୟପୁର ବ୍ଲକରେ ୧୦ହଜାର ଚାଷ ଜମିରେ ଧାନ ଚାଷ ନେଇ କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। କିନ୍ତୁ ଚଳିତ ବର୍ଷ ଜୟପୁର ବ୍ଲକର କେନଲ ଜଳ ସେଚନ ବିଭାଗ ପକ୍ଷରୁ ବାଲିଆ, ଟାଙ୍କୁଆ ଏବଂ ଡଙ୍ଗରଛିଞ୍ଚି ଗ୍ରାମପଞ୍ଚାୟତରେ ଉପକେନାଲ ମରାମତି ଏବଂ ପୁନଃର୍ବାର ନିର୍ମାଣ କାର୍ଯ୍ୟ ଚାଲିଥିବା ଯୋଗୁଁ ପ୍ରାୟ ୧୫୦୦ ହେକ୍ଟର ଜମି ଧାନ ଚାଷ କମିବ। କିନ୍ତୁ ଆକୋଳନ ଅନୁଯାୟୀ ଜୟପୁର ବ୍ଲକରେ ଗତବର୍ଷ ତୁଳନାରେ ୩୦୦ ହେକ୍ଟର କମ ରହିଥିବା ବେଳେ ପୁଣି ୧୫ ଶହ ହେକ୍ଟର କମିଲେ ପ୍ରାୟ ୮ ହଜାର ୫୦୦ ହେକ୍ଟର ଚାଷ ଜମିରେ ଚାଷ କାର୍ଯ୍ୟ ହୋଇପାରିବ। ସେହିପରି କୋଟପାଡ ବ୍ଲକରେ ଚଳିତ ବର୍ଷ ଅଧିକ ୩୦୦ ହେକ୍ଟର ଅର୍ଥାତ ୩୫୦୦ ହେକ୍ଟର, କୁନ୍ଦୁରା ବ୍ଲକରେ ପୂର୍ବବର୍ଷ ଭଳି ଚଳିତ ବର୍ଷ ସମାନ ପରିମାଣ ଅର୍ଥାତ ୨୦୦ ହେକ୍ଟର , ବୋରିଗୁମ୍ମା ବ୍ଲକରେ ମଧ୍ୟ ସମପରିମାଣ ୧୪୦୦ ହେକ୍ଟର ଚାଷ ଜମିରେ ରବିଧାନ ଚାଷ କରାଯିବ। ଜିଲ୍ଲାର ଅନ୍ୟାନ୍ୟ ୧୦ ବ୍ଲକରେ ପାହାଡିଆ ଅଞ୍ଚଳ ଭାବେ ଅନ୍ୟାନ୍ୟ ଜଳସ୍ରୋତକୁ ବ୍ୟବହାର କରାଯାଇ ରବିଧାନ ଚାଷ ସେମିଳିଗୁଡା ବ୍ଲକରେ ୭୦୦ ହେକ୍ଟର, ପଟାଙ୍ଗି ୫୦୦ ହେକ୍ଟର, ନାରାୟଣପାଟଣା ୬୦୦ ହେକ୍ଟର, ନନ୍ଦପୁର ୭୦୦ ହେକ୍ଟର, ଲମତାପୁଟ ୫୦୦ ହେକ୍ଟର, ଲକ୍ଷ୍ମୀପୁର ୫୦୦ ହେକ୍ଟର, କୋରାପୁଟ ୨୫୦ ହେକ୍ଟର, ଦଶମନ୍ତପୁର ୨୦୦ ହେକ୍ଟର, ବୈପାରୀଗୁଡା ୧୫୦ ହେକ୍ଟର, ବନ୍ଧୁଗାଁରେ ୩୦୦ ହେକ୍ଟର ଚାଷ ଜମିରେ ରବିଧାନ ଚାଷ ନେଇ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସେହିପରି ଜିଲ୍ଲାରେ ଅନ୍ୟାନ୍ୟ ଫସଲ ମଧ୍ୟରେ ୧୪ ଟି ବ୍ଲକରେ ସମୁଦାୟ ମକା ୫୩୦୦ ହେକ୍ଟରରେ ମକା ଯାହା ଗତବର୍ଷ ତୁଳନାରେ ଅଧିକ ୩୦୦ ହେକ୍ଟରରେ ଚାଷ ହୋଇଛି। ସେହିପରି ମାଣ୍ଡିଆ ୧୫୦୦ ହେକ୍ଟର ଚାଷ ଜମିରେ ଯାହା ଗତ ବର୍ଷ ତୁଳନାରେ ୨୯୦ ହେକ୍ଟରରେ ଚାଷ ଜମିରେ ଅମଳ ନେଇ ଲକ୍ଷ୍ୟଧାର୍ଯ୍ୟ କରାଯାଇ , ଗହମ ଗତବର୍ଷ ତୁଳନାରେ ୨ ହେକ୍ଟର କମ ଅର୍ଥାତ କେବଳ ଲକ୍ଷ୍ମୀପୁର ଏବଂ କୋଟପାଡ ସମାନ ୪ ହେକ୍ଟର ସମୁଦାୟ ୮ ହେକ୍ଟର ଚାଷ ଜମିରେ ଚାଷ ନେଇ ଲକ୍ଷଧାର୍ଯ୍ୟ କରାଯାଇଛି। କୋରାପୁଟ ଜିଲ୍ଲାରେ ମାଣ୍ଡିଆ ଚାଷ ପାଇଁ ରାଜ୍ୟ ଏବଂ ଦେଶରେ ପ୍ରସିଦ୍ଧି ରହିଥିବା ବେଳେ ଗତବର୍ଷ ଧାର୍ଯ୍ୟ କମ କରାଯାଇଥିବା ବେଳେ ଚଳିତ ବର୍ଷ ବୃଦ୍ଧି କରାଯାଇଛି।

● ରାସ୍ତା ଖୋଳିଦେଇ ଛାଡିଦେଲେ

## ବିଡିଓଙ୍କ ଦ୍ୱାରସ୍ଥ ଗାଁ ଲୋକେ

ବୈପାରୀଗୁଡ଼ା,୧୦।୨(ସମିସ): ବୈପାରୀଗୁଡ଼ା ସଦର ମହକୁମା ସ୍ଥିତ ଗୌଡ଼ ସାହି ରାସ୍ତା ଦୁଇ ପାଶ୍ୱର୍ରେ ମରାମତି ଦାବି କରିଛନ୍ତି ସାହିବାସିନ୍ଦା। ଆଜି ବୈପାରୀଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏବିଡ଼ିଓ ନିବେଦିତା ଦଣ୍ଡସେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ଗୌଡ଼ସାହି ବାସିନ୍ଦା। ସାହିବାସୀଙ୍କ ଅଭିଯୋଗ ଅନୁଯାୟୀ, ବୈପାରୀଗୁଡା ବ୍ଲକ ଅଫିସ ଠାରୁ ଗୌଡ଼ ସାହି ଶିଶୁ ମନ୍ଦିର ପର୍ଯ୍ୟନ୍ତ ପୂର୍ତ୍ତ ଭିଭାଗ ପକ୍ଷରୁ ରାସ୍ତା ନିର୍ମାଣ କରାଯାଇଛି।କିନ୍ତୁ ରାସ୍ତା ଦୁଇ ପାଶ୍ୱର୍ରେ ମେଗା



ପାଇପ ଲାଇନ ବିଛାଇବା ପାଇଁ ରାସ୍ତା ଖୋଳିଦେଇ ଛାଡିଦେଇଛି ଠିକା ସଂସ୍ଥା। ରାସ୍ତାର ଉଭୟ ପାଶ୍ୱର୍ରେ କୌଣସି ପ୍ରକାର ମରାମତି ବ୍ୟବସ୍ଥା କରାଯାଇ ନାହିଁ। ଯାହା ଫଳରେ ଯାତାୟାତ ପାଇଁ ଅସୁବିଧା ହେବା ସହ ଟ୍ରାଫିକ ସମସ୍ୟା ହେଉଛି। ଆଗକୁ ବର୍ଷା ଋତୁରେ ଆହୁରି ଅଧିକ ସମସ୍ୟା ଉପୁଜିବ। ଏଣୁ ସମସ୍ୟାର ସମାଧାନ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏବିଡିଓ କହିଛନ୍ତି ସମସ୍ୟା ସମାଧାନ ପାଇଁ ଚେଷ୍ଟା କରାଯିବ। ସମାଧାନ ନ ହେଲେ ଅଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଆସନା ସରପଞ୍ଚଙ୍କ ବିରୋଧରେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କଲେ ଜନ ପ୍ରତିନିଧି



କୁନ୍ଦୁରା,୧୦।୨(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ଆସନା ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ବିଡ଼ିଓଙ୍କ ନିକଟରେ ଫେରାଦ ହେଲେ ସ୍ଥାନୀୟ ଜନ ପ୍ରତିନିଧି। ଆସନା ପଞ୍ଚାୟତର ୬ ଜଣ ୱାର୍ଡ ମେମ୍ବର ଓ ନାଏବ ସରପଞ୍ଚ ମିଶି ଆଜି କୁନ୍ଦୁରା ବିଡ଼ିଓ ପି.ମାନସ୍ମିତାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଉଲ୍ଲେଖ ଅଛି ଯେ, ପ୍ରଶାସନ ପକ୍ଷରୁ ନୂତନ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ନିଷ୍ପତି ହୋଇଛି। ତାହା ଆସନା ଗ୍ରାମରେ ହିଁ କରାଯାଉ ବୋଲି ଗାଁ ଲୋକେ ଦାବି କରୁଛନ୍ତି । ବର୍ତ୍ତମାନ ଆସନା ପଞ୍ଚାୟତ କାର୍ଯ୍ୟାଳୟଟି ଉଡୁଲୁଗୁଡା ସ୍ଥିତ ରାଜୀବଗାନ୍ଧୀ ସେବା କେନ୍ଦ୍ରରେ ଚାଲିଛି । କିନ୍ତୁ ଆସନା ଅଞ୍ଚଳର ୮୦ ପ୍ରତିଶତ ବାସିନ୍ଦା ଚାହୁଁଛନ୍ତି ଯେ ଆସନା ଗ୍ରାମଠାରେ ହିଁ ଆସନା ପଞ୍ଚାୟତ ଗୃହ ନିର୍ମାଣ କରାଯାଉ। ଯଦ୍ୱାରା ଆସନା ପଞ୍ଚାୟତର ୧୧ଟି ଯାକ ୱାର୍ଡର ବାସିନ୍ଦା ସୁରୁଖୁରୁରେ ସବୁ ପ୍ରକାର ସରକାରୀ ସହାୟତା ଏବଂ ସରକାରୀ କାର୍ଯ୍ୟକ୍ରମ ପାଇଁ ସୁବିଧା ହୋଇପାରିବେ। ସେପଟେ ବିଡ଼ିଓ କହିଛନ୍ତି ଯେ, ଅତିଶୀଘ୍ର ଆସନା ପଞ୍ଚାୟତ ସରପଞ୍ଚ, ସମିତି ଓ ସମସ୍ତ ୱାର୍ଡ ମେମ୍ବରଙ୍କୁ ବ୍ଲକ କାର୍ଯ୍ୟାଳୟକୁ ଡାକି ନିଷ୍କର୍ସର୍ ବାହାର କରାଯିବ।

## ଗୁପ୍ତେଶ୍ୱର ପୀଠକୁ ପଲିଥିନମୁକ୍ତ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



ବୈପାରୀଗୁଡ଼ା,୧୦।୨(ସମିସ) : ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଗୁପ୍ତେଶ୍ୱର ପୀଠକୁ ପଲିଥିନମୁକ୍ତ କରିବା ପାଇଁ ଫ୍ରେଣ୍ଡସ୍ ୟୁନିଟ୍ କ୍ଲବ୍ ଓ ଲକ୍ଷ୍ମଣ ନାୟକ ଯୁବ ସେନା ପକ୍ଷରୁ କୋରାପୁଟ ଜିଲ୍ଲାପାଳ ମୋନଜ ସତ୍ୟବନ ମହାଜନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଉଲ୍ଲେଖ ଅଛିଯେ, ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ପୀଠ ତଥା ଜୈବ ବିବିଧତା ଐତିହ୍ୟସ୍ଥଳୀ ଗୁପ୍ତେଶ୍ୱର ଶୈବପୀଠରେ ପଲିଥିନ ମୁକ୍ତ କରାଯାଉ। ଆଗକୁ ପୀଠରେ ବହୁ ଆଡମ୍ବର ଭାବେ ଶବରାତ୍ରି ତଥା ଜାଗରେ ଯାତ୍ରା ଅନୁଷ୍ଠିତ ହେବ। ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ। ହେଲେ ପୀଠରେ ପଲିଥିନି ମୁକ୍ତ ପାଇଁ ବନ ବିଭାଗ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ସଚେତନ ମୂଳକ କାର୍ଯ୍ୟ ହାତକୁ ନେଇଛନ୍ତି। କିନ୍ତୁ ପୀଠ ପଲିଥିନି ମୁକ୍ତ ହୋଇପାରୁନାହିଁ। ଏଣୁ ଜାଗର ଯାତ୍ରା ପାଇଁ ସ୍ୱତନ୍ତ୍ର ଭାବେ ପଲିଥିନ ମୁକ୍ତ ନିୟମ ଲାଗୁ କରିବା ସହ ସଚେତନ କାର୍ଯ୍ୟ ପାଇଁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଅନୁଷ୍ଠାନର ଧନପତି ନାୟକ, ଏମ୍ ତେଜେଶ୍ୱର ରାଓ, ମଧୁସୂଦନ ରାଉତ, ଜଗନ୍ନାଥ ନାୟକ, ଏନ ସନ୍ତୋଷ ଓ ଅମରେନ୍ଦ୍ର ପରିଛା ପ୍ରମୁଖ ଉପସ୍ଥିତ ଥିଲେ।

## ଦଶମନ୍ତପୁର ଅଞ୍ଚଳରେ ଅବକାରୀ ଚଢ଼ଉ

ପୋଡ଼ାଗଡ଼,୧୦।୨(ସମିସ): କୋରାପୁଟ ଜିଲ୍ଲାପାଳ ଓ ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଡିଙ୍କ ନିର୍ଦ୍ଦେଶ କ୍ରମେ ଲକ୍ଷ୍ମୀପୁର ଅବକାରୀ ଥାନା ଅଧିକାରୀ କୁଶ ଜାଲଙ୍କ ନେତୃତ୍ୱରେ ଏକ ଟିମ୍ ଦଶମନ୍ତପୁର ଅଞ୍ଚଳରେ ଚଢ଼ଉ କରିଛନ୍ତି। ଅବକାରୀ ଥାନା ଅଧିକାରୀ କୁଶ ଜାଲ ଦେଇଥିବା ସୂଚନା ମୁତାବକ ଦଶମନ୍ତପୁର ଥାନା ଅନ୍ତର୍ଗତ କୁସୁମଗୁଡା ଚାଉଳ କାନ୍ତି, ଓ ସରିଷପଦର ନାଳ ଅଞ୍ଚଳରେ ଚଡଉ କରି ପ୍ରାୟ ୨୨୦୦ଲିଟର ମହୁଲ ପୋଚ ସହ ୯୦ ଲିଟର ଚୋରା ହାତରନ୍ଧା ଦେଶୀ ମଦ ଜବତ କରାଯାଇଛି। ଏହି ଚଢ଼ଉରେ ସାମିଲ ଥିଲେ ଏ ଏସାଇ କମଳା ମହାକୁଡ଼, ଅବକାରୀ କନେଷ୍ଟବଳ ଉଷା ଭତ୍ରା ।

## ବାଇକ୍ ଚୋରି ; ଜଣେ ଗିରଫ


ଜୟପୁର,୧୦।୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ପୁଲିସ ପକ୍ଷରୁ ବାଇକ ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଏହି ବାଇକ ଚୋରି ମାମଲାରେ ସଦରଥାନା ବଡ ଦୁବଲି ଗ୍ରାମର ଅଭିଯୁକ୍ତ ଅନିଲ ହରିଜନ (୩୩)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଜୟପୁର ସହରର ଜୟନଗର ବାସିନ୍ଦା ଶ୍ରୀଧର ପାଢୀ ଗତବର୍ଷ ମାର୍ଚ୍ଚ ୨୫ ତାରିଖରେ ସଦରଥାନାରେ ତାଙ୍କ ବାଇକ(ଓଡି ୧୦ ଜି-୨୭୦୯)କୁ ନିକଟସ୍ଥ ସଲପା ଗ୍ରାମ ଠାରେ ରହିଥିବା ତାଙ୍କ ଚାଷ ଜମି ନିକଟରେ ରଖିଥିବା ବେଳେ ଚୋରି ହୋଇଥିବା ନେଇ ସଦରଥାନାରେ ଏତାଲା କ୍ରମେ ଏକ ମାମଲା ରୁଜୁ ହୋଇଥିଲା। କିନ୍ତୁ ଗତ କିଛି ଦିନ ପୂର୍ବରୁ ଜୟପୁର ଟାଉନଥାନା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ ବେଳେ ଉକ୍ତ ବାଇକକୁ ମଧ ଜବତ କରିଥିଲେ। ଉକ୍ତ ବାଇକକୁ ଯେଉଁ ଅଭିଯୁକ୍ତଙ୍କ ନିକଟରୁ ଉଦ୍ଧାର କରାଯାଇଥିଲା, ତାଙ୍କ ପଚରାଉଚରା ବେଳେ ଏହି ବାଇକ ଉପରୋକ୍ତ ଗିରଫ ଅଭିଯୁକ୍ତ ଚୋରି କରିଥିବା ନେଇ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଉଦ୍ଧାର ବାଇକକୁ ଅଭିଯୋଗକାରୀ ମାଲିକଙ୍କୁ ପ୍ରଦାନ କରିଥିବା ବେଳେ ଏହି ମାମଲାରେ ଫେରାର ରହିଥିବା ଅଭିଯୁକ୍ତଙ୍କୁ ଆଜି ତଦନ୍ତକାରୀ ଅଧିକାରୀ ଶିରିଶ ପାଣିଗ୍ରାହୀ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିବା ନେଇ ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ପତ୍ରଝଡ଼ା ଋତୁ ଆରମ୍ଭ ; ଜଙ୍ଗଲରେ ଲାଗିଲା ନିଆଁ

ଜୟପୁର,୧୦।୨(ସମିସ): କୋରାପୁଟ ଜିଲ୍ଲାରେ ପ୍ରକୃତିର ନିୟମ ଅନୁଯାୟୀ ପତ୍ରଝଡା ଆରମ୍ଭ ହୋଇଯାଇଛି। ଏହିପରି ସଂରକ୍ଷିତ ଜଙ୍ଗଲ ଗୁଡିକର ଗଛରୁ ପତ୍ରଝଡା ଆରମ୍ଭ ହୋଇଯାଇଛି। ଏହିପରି କିଛି ସ୍ଥାନୀୟ ଲୋକମାନେ ପତ୍ରରେ ନିଆଁ ଲଗାଇ ଦେଉଥିବା ଯୋଗୁଁ ଏହିପତ୍ରରେ ନିଆ ଲାଗିବା ସହିତ ଜଙ୍ଗଲର ଛୋଟରୁ ବଡ ଗଛରେ ନିଆଁ ଲାଗିଯାଇ ବହୁ ମୂଲ୍ୟବାନ ଗଛ ନଷ୍ଟ ହୋଇଥାଏ। ଏହିପରି ଗ୍ରୀଷ୍ମ ଋତୁ ପ୍ରାରମ୍ଭରୁ ପତ୍ରଝଡା ଆରମ୍ଭ ହୋଇଥିବା ବେଳେ ଜଙ୍ଗଲରେ ନିଆଁ ଲାଗିବା ମଧ ଆରମ୍ଭ ହୋଇଯାଇଥାଏ। ଆଜି ସଂଧ୍ୟାରେ ଜୟପୁର ସହର ମଧ୍ୟରେ ରହିଥିବା ପେନାଙ୍ଗୀ ପାହାଡ ସଂରକ୍ଷିତ ଜଙ୍ଗଲରେ ହଠାତ ନିଆଁ ଲାଗିବା ସହିତ ଏହାର ପରିମାଣ ବୃଦ୍ଧି ପାଇଥିଲା । ଖବରପାଇ ଜଙ୍ଗଲ ବିଭାଗର କର୍ମଚାରୀ ମାନେ ପହଞ୍ଚି ନିଆଁ ଲିଭାଇବା ଆରମ୍ଭ କରିବା ସହିତ ମାତ୍ର ଏକ ଘଣ୍ଟା ମଧ୍ୟରେ ନିଆଁକୁ ଲିଭାଯାଇଥିଲା। ଏହିପରି ପେନାଙ୍ଗିପାହାଡ ଜଙ୍ଗଲକୁ ଘେରି ନେଇ ପାଚେରୀ କିମ୍ବା ତାରବାଡ ନଥିବାର ସୁଯୋଗ ନେଇ ସ୍ଥାନୀୟ କିଛି ଅସମାଜିକ ଏବଂ ନିଶା ସେବନକାରୀ ମାନେ ପାହାଡ ଉପରେ ଚଢି ସଂରକ୍ଷିତ ଜଙ୍ଗଲରୁ ଝଡିଥିବା ଶୁଖିଲା ପତ୍ରରେ ନିଆଁ ଲଗାଇଦେଇଥାଆନ୍ତି। ଫଳରେ ଏହାର ପରିମାଣ ବୃଦ୍ଧି ପାଇଲେ ଉକ୍ତ ଜଙ୍ଗଲର ବଡ ବଡ ଅନ୍ୟାନ୍ୟ ଗଛ ଗୁଡିକରେ ନିଆଁ ଲାଗିଯାଇଥାଏ। ଏହିପରି ଉକ୍ତ ଜଙ୍ଗଲରେ ରହୁଥିବା କିଛି ସରିସୃପ ଏବଂ ଛୋଟ ପଶୁପକ୍ଷୀ ମାନେ ଭୟଭୀତ ହେବା ସହିତ ସହରର ଜଳବସତି ଭିତରକୁ ଚାଲିଆସିବା ଯୋଗୁଁ ଉକ୍ତ ଜୀବଙ୍କ ଜୀବନ ପ୍ରତିମଧ ଭୟ ରହିଥାଏ। ତେଣୁ ସହର ଓ ଗ୍ରାମ ନିକଟବର୍ତ୍ତୀ ସଂରକ୍ଷିତ ଜଙ୍ଗଲ ସମେତ ଅନ୍ୟାନ୍ୟ ଜଙ୍ଗଲ ଉପରେ ଜଙ୍ଗଲବିଭାଗ ପକ୍ଷରୁ ଏହି ପତ୍ରଝଡା ଋତୁରେ ସ୍ୱତନ୍ତ୍ର ଦୃଷ୍ଟି ଓ ପେଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

## ନବନିର୍ମିତ ଟାଙ୍କିରୁ ଗଳୁଛି ପାଣି

ବୈପାରୀଗଡ଼ା,୧୦।୨ (ସମିସ): ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ଦୁର୍ନୀତି ଅଭିଯୋଗ। ଟାଙ୍କି କାର୍ଯ୍ୟକାରୀ ନ ହେଉଣୁ ପାଣି ଗଳୁଛି । ବୈପାରୀଗୁଡା ବ୍ଲକ ସଦର ମହକୁମା ସ୍ଥିତ ବିରଖମ୍ବ ପୀଠ ରାସ୍ତା ନିକଟରେ ଥିବା ନବ ନିର୍ମିତ ପାଣି ଟାଙ୍କିରେ ଏଭଳି ଦେଖିବାକୁ ମିଳିଛି । ଘରେ ଘରେ ଶୁଦ୍ଧ ପାନୀୟ ଜଳ ପହଞ୍ଚିବ । ଏଥିପାଇଁ ୧୬୪ କୋଟି ଟଙ୍କା ବିନିମୟରେ ଏକ ଠିକା ସଂସ୍ଥା କୁ ଯୋଗାଇ ଦିଆ ଯାଇଛି ମେଗା ପାନୀୟ ଜଳ ପ୍ରକଳ୍ପ କାମ। ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଅବଧି ସରି ଦୁଇ ବର୍ଷ ବିତିଲାଣି। କିନ୍ତୁ ପାଣି ଏ ପର୍ଯ୍ୟନ୍ତ ପହଁଚିଲା ନାହିଁ। ନାଁ ସେ ପ୍ରକଳ୍ପ ଶେଷ ହେଉଛି ନାଁ ଲୋକେ ପାଣି ପାଉଛନ୍ତି ।ସେପଟେ ନିର୍ମାଣ ଶେଷ ହୋଇଥିବା ପାଣି ଟାଙ୍କିରେ ପାଣି ଛାଡି ଟେଷ୍ଟିଙ୍ଗ କୋରାଯାଉଛି । ହେଲେ



ବୈପାରୀଗୁଡା ପଞ୍ଚାୟତର ୧୮ଟି ଗାଁ ର ଦଶ ହଜାର ଲୋକଙ୍କ ପାଇଁ ନବ ନିର୍ମିତ ପାଣି ଟାଙ୍କି ଏବେ ଗଳୁଛି । କୋଟି କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ନୂତନ ଟାଙ୍କିରୁ ପାଣି ଗଳିବା ଚିତ୍ର ସ୍ପଷ୍ଟ କରୁଛି ଯେ ନିମ୍ନ ମାନର କାମ ହୋଇଛି । ଫଳରେ ଘରେ

● ନିର୍ମାଣ କାର୍ଯ୍ୟରେ ଦୁର୍ନୀତି

ଘରେ ପାଣି ପହଞ୍ଚାଇବାରେ ଆହୁରି ଅଧିକ ବିଳମ୍ବ ହୋଇପାରେ ବୋଲି ଆଶଙ୍କା କରାଯାଉଛି । ବିଭାଗୀୟ ଅଧିକାରୀ ଏବଂ ଠିକା ସଂସ୍ଥାର ମଧୁଚନ୍ଦ୍ରିକା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଉଚ୍ଚ ପଦାଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇପଡିଛି।

## ବ୍ଲକ୍‌ସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା ପ୍ରତିଯୋଗିତା

ନାରାୟଣପାଟଣା,୧୦।୨(ସମିସ): ନାରାୟଣପାଟଣା ବ୍ଲକ ସାମାଜିକ ସୁରକ୍ଷା ବିଭାଗ ତରଫରୁ ଆଜି ବ୍ଲକ ହାଇସ୍କୁଲ ପଡ଼ିଆରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା ପ୍ରତିଯୋଗିତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଦୁଇ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ବ୍ଲକର ୯ ଗୋଟି ପଞ୍ଚାୟତରୁ ୧୮୦ ଜଣ ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ଗ୍ରାମର ଦିବ୍ୟାଙ୍ଗ ଭାଇଭଉଣୀ ଭାଗ ନେଇଥିଲେ। ବିଭିନ୍ନ କ୍ରୀଡା ,ଚିତ୍ରାଙ୍କନ ,ବକ୍ତୃତା ଆୟୋଜନ ହୋଇଥିଲା। ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା।ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କୁମାର ଦୋରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ରାମ୍ବୋ ଶିରିକା, ସରପଞ୍ଚ ରେବତୀ କୁନ୍ଦାଳିଆ, ବିଜାଘାଟି ସରପଞ୍ଚ ପିଲିବ ଶିରିକା, ବିଜେପି ସଭାପତି କାଶିନାଥ ହିକକା, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଈଶ୍ୱର ମୁଦୁଲି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆକାଶ ପାଲ୍, ପିଇଓ ରମେଶ ତୁଳ ଯୋଗ ଦେଇଥିଲେ। ଆୟୋଜିତ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।ବ୍ଲକ ର ସମସ୍ତ କର୍ମଚାରୀ ପ୍ରତିଯୋଗିତାରେ ସାହାଯ୍ୟ କରିଥିଲେ।

## ଭାର ଉତ୍ତୋଳନରେ କୋରାପୁଟକୁ ୯ ସ୍ୱର୍ଣ୍ଣପଦକ

କୋରାପୁଟ,୧୦।୨(ସମିସ): ଭୁବନେଶ୍ୱର ଉତ୍କଳ କରାଟେ ବିଦ୍ୟାଳୟରରେ ଆୟୋଜିତ ୩୨ତମ ଭାର ଉତ୍ତୋଳନ ପ୍ରତିଯୋଗିତାରେ କୋରାପୁଟର ପ୍ରତିଯୋଗୀଙ୍କୁ ସଫଳତା ମିଳିଛି। ଜିଲ୍ଲାରୁ ୨୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ୯ ଟି ସ୍ୱର୍ଣ୍ଣ ପଦକ ହାସଲ କରି ଜିଲ୍ଲା ପାଇଁ ଗର୍ବ ଆଣିଛନ୍ତି। ଜିଲ୍ଲା ପୁଲିସ ବି ଭ । ଗ ରୁ



୫ ଜଣ ଅଂଶଗ୍ରହଣ କରିଥିବା ବେଳେ ସମସ୍ତ ପ୍ରତିଯୋଗୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଜିଲ୍ଲା ପୁଲିସ ପାଇଁ ଗର୍ବ ଆଣିଥିବା ସମସ୍ତ ପ୍ରତିଯୋଗୀଙ୍କୁ କୋରାପୁଟ ରେଲୱେ ଷ୍ଟେସନରେ ଜିଲ୍ଲା ପୋଲିସ ସଂଘ ସ୍ୱାଗତ ଜଣାଇଛି। ପୁଲିସ ବିଭାଗ ପକ୍ଷରୁ ସମସ୍ତ ସହଯୋଗ ମିଳୁଥିବା ବେଳେ ଆଗକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କିଭଳି ସଫଳତା ହାସଲ କରିବେ ସେନେଇ ଚେଷ୍ଟା କରୁଥିବା ଜିଲ୍ଲା ପୋଲିସ ସଂଘ ସଭାପତି ଗିରିଜା ଶଙ୍କର ନାୟକ କହିଛନ୍ତି।

## ଶାବର ଶ୍ରୀକ୍ଷେତ୍ର ପାହାଚରେ ଚାଲିଗଲା ଭିକ୍ଷୁକଙ୍କ ଜୀବନ

କୋରାପୁଟ,୧୦।୨(ସମିସ): ଶାବର ଶ୍ରୀକ୍ଷେତ୍ର କୋରାପୁଟ ଜଗନ୍ନାଥ ମନ୍ଦିର ପୂର୍ବ ଦିଗ ପ୍ରବେଶ ଦ୍ୱାରର ପ୍ରଥମ ପାହାଚରେ ବସି ଭିକ୍ଷା ବୃତ୍ତି କରୁଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତ ଭିକ୍ଷୁକଙ୍କ ପରିଚୟ ସ୍ପଷ୍ଟ ହୋଇ ନଥିବା ବେଳେ ସେ ଓଏମପି ନିକଟ ସୁନାପୁରର ବୋଲି କିଛି ଲୋକ କହିଛନ୍ତି। ମଙ୍ଗଳବାର ରାତିରେ କୋରାପୁଟ ପୌର ଅଧକ୍ଷ ଭିକ୍ଷୁକର ମୃତଦେହ ପାହାଚ ଉପରେ ପଡ଼ି ରହିଥିବା ଦେଖି ଟାଉନ ଥାନାକୁ ଖବର ଦେଇଥିଲେ। ଟାଉନ ଥାନା ପୁଲିସ ପହଞ୍ଚି ମୃତଦେହ କୋରାପୁଟ ବଡ଼ ମେଡ଼ିକାଲକୁ ନେଇ ଶବ ବ୍ୟବଚ୍ଛେଦ ଘରେ ରଖିଛନ୍ତି। ମୃତଦେହର କୌଣସି ଦାବିଦାର ୭୨ ଘଣ୍ଟା ମଧ୍ୟରେ ନ ଆସିଲେ ଶବ ବ୍ୟବଚ୍ଛେଦ କରି ପୁଲିସ ଓ ପୌର ପରିଷଦ ପକ୍ଷରୁ ଶବ ସତ୍କାର କରାଯିବ ବୋଲି ଜଣାପଡ଼ିଛି।

## ବିଭିନ୍ନ ବର୍ଗର ଯୁବ କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ

କୋରାପୁଟ,୧୦।୨ (ସମିସ): ରାଜ୍ୟ ଏବଂ ଜାତୀୟସ୍ତର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ବିଭିନ୍ନ ବର୍ଗର ଯୁବ କ୍ରୀଡାବିତ ମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମାରୋହରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା କ୍ରୀଡ଼ା



ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ରିକେଟ, ଫୁଟବଲ, ଜିମାନାଷ୍ଟିକ, ବାସ୍କେଟବଲ, ତୀରନ୍ଦାଜ, ଦୌଡ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଥିବା ୨୬ ଜଣ ଖେଳାଳୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ଜିଲ୍ଲାପାଳ କହିଛନ୍ତି। ଜିଲ୍ଲାରେ କ୍ରୀଡାର ଭିତ୍ତିଭୂମିର ବିକାଶ ସହ କ୍ରୀଡାବିତ ମାନଙ୍କୁ ତାଲିମ ଦେବା ଉପରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି ବୋଲି ଜିଲ୍ଲାପାଳ କହିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଅନୁପ ପାତ୍ର, ବାପୁଜୀ ପାତ୍ର ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

## ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜର ରଜତ ଜୟନ୍ତୀ ଉତ୍ସବ

କୁନ୍ଦୁରା,୧୦।୨(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜର ରଜତ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜୟପୁର ବିକ୍ରମଦେବ ମହାବିଦ୍ୟାଳୟର କୁଳପତି ଦେବୀ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଆଞ୍ଚଳିକ ନିର୍ଦ୍ଦେଶକ ଉଚ୍ଚ ଶିକ୍ଷା ବିଭାଗ ଡକ୍ଟର ଗୋପାଳ ହାଲଦାର, ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ନବରଙ୍ଗପୁର ଭଗବାନ ମାଝୀ, ଆଞ୍ଚଳିକ ନିର୍ଦ୍ଦେଶକ ଉଚ୍ଚ ଶିକ୍ଷା ବିଭାଗ ଡକ୍ଟର ମହେନ୍ଦ୍ର କୁମାର ଭୋଇ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଟିଆ, କୁନ୍ଦୁରା ବ୍ଲକ ଅଧକ୍ଷା ବନିତା କାନ୍ଦଲିଆ ମଞ୍ଚାସୀନ ହୋଇଥିଲେ। କୁନ୍ଦୁରା ବ୍ଲକ ଭଳି ଏକ ଉପାନ୍ତ ଅଞ୍ଚଳରେ ଶିକ୍ଷାର ଉନ୍ନତିକୁ ପ୍ରାଧାନ୍ୟ ଦେଇ ଦୀର୍ଘ ୩୦ ବର୍ଷ ପୂର୍ବେ ଅଞ୍ଚଳବାସୀଙ୍କ ସହଯୋଗରେ ୧୯୯୩ ମସିହାରେ ଆରମ୍ଭ ହୋଇଥିଲା +୨ ର ନାମ ଲେଖା ଓ ଅଧ୍ୟୟନ। ୧୯୯୬ ମସିହାରେ ଆରମ୍ଭ ହେଲା ସ୍ନାତକ ପାଠ୍ୟକ୍ରମ । ଆଜି ଏହି ବିଦ୍ୟାଳୟ ୨୫୬ ଆସନ ବିଶିଷ୍ଟ ଶିକ୍ଷା, ଇତିହାସ, ଓଡ଼ିଆ ଓ ରାଜନୀତି ବିଜ୍ଞାନ ଆଦି ବିଷୟରେ ୬୪ ଲେଖାଏଁ ଅନର୍ସକୁ ଭିତିକରି କୋରାପୁଟ ଜିଲ୍ଲାରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଶିକ୍ଷା, ସଙ୍ଗୀତ, କ୍ରୀଡା, ଏନ୍ ଏସ ଏସ ଓ ଯୁବ ରେଡକ୍ରୋସ ଆଦି ବିଭାଗରେ ଛାତ୍ରଛାତ୍ରୀ ଅଧ୍ୟାପକ ଅଧ୍ୟାପିକା ମାନେ ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଟି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ବ୍ଲକ ଜିଲ୍ଲା ତଥା ରାଜ୍ୟ ସ୍ତରରେ ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଚଳିତ ବର୍ଷ ଏହି ବିଦ୍ୟାଳୟର ଛାତ୍ର ରାଜ କିଶୋର ଦୋରା ବିକ୍ରମଦେବ ବିଶ୍ୱବିଦ୍ୟାଳୟ ତରଫରୁ ଏନ୍‌ଏସଏସ ସ୍ୱେଚ୍ଛାସେବୀ ଭାବେ ୭୭ତମ ସାଧାରଣତନ୍ତ୍ର ଦିବସରେ ଦେଶର ରାଜଧାନୀ ଦିଲ୍ଲୀ କର୍ତ୍ତବ୍ୟ ପଥରେ ଭାଗ ନେଇ ମହାବିଦ୍ୟାଳୟ ତଥା କୁନ୍ଦୁରା ଏବଂ କୋରାପୁଟ ଜିଲ୍ଲାର ନାଁ ଉଚ୍ଚ କରିଛନ୍ତ। ଏହି କଲେଜର ପ୍ରତ୍ୟୁଷା ପାତ୍ର ରାଜ୍ୟ ରିଲସ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ତଥା ସମଗ୍ର ଜିଲ୍ଲାକୁ ଗୌରାବାନ୍ୱିତ କରିଛନ୍ତି । ଏହି ଅବସରରେ ଉପସ୍ଥିତ ଅତିଥି ଦ୍ୱାରା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।



## ଶକ୍ତି ଉତ୍ତୋଳନରେ ରାୟଗଡ଼ା ଜିଲ୍ଲାର କ୍ରୀଡ଼ାବିତ୍‌ଙ୍କ ବାଜିମାତ୍

# ୫ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୧ କାଂସ୍ୟ ପଦକ ହାସଲ


ରାୟଗଡ଼ା,୧୦।୨(ସମିସ): ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ପକ୍ଷରୁ ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ବିଦ୍ୟାଳୟ ଠାରେ ୬ରୁ ୮ ତାରିଖ ତିନିଦିନିଆ ୩୨ତମ ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାରା ରାଜ୍ୟରୁ ୩୫୨ଜଣ କ୍ରୀଡ଼ାବିତ ଯୋଗଦେଇଥିବା ବେଳେ ରାୟଗଡ଼ା ଜିଲ୍ଲାର ୨୨ଜଣ ଅଂଶଗ୍ରହଣ କରିଥିଲେ। ରାୟଗଡ଼ା ଜିଲ୍ଲାର ପ୍ରତିଯୋଗୀଙ୍କ ମଧ୍ୟରୁ କନିଷ୍ଠ ବର୍ଗ ୫୩କେଜିରେ ନିମାଲପୁରୀ ତରୁଣ ସ୍ୱର୍ଣ୍ଣ, ୫୯କେଜିରେ ଅଭିଷେକ ହିମିରିକା ସ୍ୱର୍ଣ୍ଣ, ବରିଷ୍ଠ ବର୍ଗରେ ୫୯କେଜିରେ ତେଜାବ କୁମାର ସୁନା ସ୍ୱର୍ଣ୍ଣ, ମାଷ୍ଟର ବର୍ଗ ୭୪କେଜିରେ ବିଟିବି ରାମନାମୂର୍ତି ସ୍ୱର୍ଣ୍ଣ, କନିଷ୍ଠ ବର୍ଗ ୯୩କେଜିରେ ବିଶ୍ୱରଞ୍ଜନ ପାଣି ରୌପ୍ୟ, କନିଷ୍ଠ ବର୍ଗ ୧୦୫କେଜିରେ ମୋହିତ ଗିରି ସ୍ୱର୍ଣ୍ଣ ଓ ଦେବଶଙ୍କର ଗାନ୍ଧୀ ରୌପ୍ୟ ପଦକ ପାଇଛନ୍ତି। ସେହିଭଳି କନିଷ୍ଠ ବର୍ଗ ୭୫କେଜିରେ ସୌମ୍ୟ ରଞ୍ଜନ ସାମଲ କାଂସ୍ୟ, ଉପକନିଷ୍ଠ ୯୩କେଜିରେ



ନିଲେଶ ଗୌଡ଼ ରୌପ୍ୟ ଏବଂ ମାଷ୍ଟର ବର୍ଗ ୬୩କେଜିରେ ଦମୟନ୍ତୀ ବାତ୍ରିଆ ରୌପ୍ୟ ପଦକ ପାଇଛନ୍ତି। ଖେଳାଳି ମାନେ ରାୟଗଡ଼ା ଶକ୍ତି ଉତ୍ତୋଳନ ସଂଘର ସମ୍ପାଦକ ସଦାଶିବ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱରରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ହାସଲ କରିଛନ୍ତି। ପ୍ରତିଯୋଗିତାରେ ରାୟଗଡ଼ା ଟିମ୍ ପାଇଁ ତେଜାବ ଟିମ୍ ମ୍ୟାନେଜର ଦାୟିତ୍ୱ ତୁଲାଇଥିବା ବେଳେ ରାମନାମୂର୍ତି କୋଚ୍ ହିସାବରେ ଦାୟିତ୍ୱ ତୁଲାଇଥିଲେ। ମୋଟ ୧୦ଟି ପଦକ ହାସଲ କରି ରାୟଗଡ଼ା ଜିଲ୍ଲାକୁ ଗୌରାବାନ୍ୱିତ କରିଥିବା କାରଣରୁ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଜିଲ୍ଲା ଶକ୍ତି ଉତ୍ତୋଳନ ସଂଘର ସଭାପତି ଦୁର୍ଗା ପ୍ରସାଦ ପଣ୍ଡା, ସାଧାରଣ ସମ୍ପାଦକ ସଦାଶିବ ତ୍ରିପାଠୀ ଏବଂ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

# କେନ୍ଦୁଝର ବାଇପାସ୍ ରାସ୍ତା ଲାଗି ୪୩୭ କୋଟି ୯୨ ଲକ୍ଷ

କେନ୍ଦୁଝରେ, ୧୦।୨(ସମିସ): କେନ୍ଦୁଝର ବାଇପାସ ରାସ୍ତା ଲାଗି ୪୩୭ କୋଟି ୯୨ଲକ୍ଷ ୯ ୯ ହଜାର ଟଙ୍କାର ଆର୍ଥିକ ଅନୁମୋଦନ ହୋଇଥିବାବେଳେ ଖୁବ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ୨୦ନଂ ଜାତୀୟ ରାଜପଥ ନେଙ୍କଡାଘରଠାରୁ ଡିମ୍ବୋ-ନେଲୁଙ୍ଗ ଦେଇ ୯ କିଲୋମିଟର ୬୨୪ ମିଟର ଲମ୍ବର ଏହି ବାଇପାସ ରାସ୍ତା ଝାରବେଲଦାଠାରେ ଜାତୀୟ ରାଜପଥ ୪୯ ସହିତ ସଂଯୋଗ ହେବ। ସହର ମଧ୍ୟରୁ ଭିଡ କମାଇବା ପାଇଁ କେନ୍ଦୁଝରରେ ବିଶ୍ୱସ୍ତରୀୟ ବାଇପାସ ରାସ୍ତା ନିର୍ମାଣ ହେବ। ସହର ବାହାରେ ପରିଧିରେ ଏକ ରିଙ୍ଗ ରୋଡ ଭାବେ କାର୍ଯ୍ୟ କରିବ ଯାହାକି ସହର ସୀମାକୁ ବିସ୍ତାର କରିବ। ନୂତନ ବାଇପାସ ନିର୍ମାଣ ହେଲେ ଟ୍ରାଫିକ୍ ସମସ୍ୟା ଅନେକ ପରିମାଣରେ ହ୍ରାସ ପାଇବା ସହିତ ଅଳ୍ପ ସମୟ ମଧ୍ୟରେ ଲୋକ ନିଜର ଗନ୍ତବ୍ୟ ପଥରେ ପହଞ୍ଚି ପାରିବେ। ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ କେନ୍ଦୁଝର ସହରର ଚାରିପାଖେ ୪ ଲେନ ରାସ୍ତା ଏବଂ ଉଭୟ ପାଶ୍ୱର୍ରେ ସର୍ଭିସ ରୋଡ ନିର୍ମାଣ କରାଯିବ। ଆଗାମୀ ଦିନରେ କେନ୍ଦୁଝର ରାଜ୍ୟର ଏକ ପ୍ରମୁଖ ଅର୍ଥନୈତିକ ହବ୍ ହେବାକୁ ଯାଉଛି। ପାଟଣାରେ ପ୍ରସ୍ତାବିତ ମେଗା ଷ୍ଟିଲ ପ୍ଲାଣ୍ଟ ପାଇଁ ସଡକ



ସଂଯୋଗକୁ ଅଧିକ ସୁଦୃଢ କରିବ। ବାଇପାସ ରାସ୍ତା ନିର୍ମାଣ ହେଲେ କେନ୍ଦୁଝର ସହର ପାଇଁ ଏହା ରିଂ ରୋଡ୍ ଭଳି କାମ ଦେବ ବୋଲି ପୂର୍ତ୍ତ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସନ୍ତୋଷ କୁମାର ବେହେରା କହିଛନ୍ତି। ଟେଣ୍ଡର ପ୍ରକ୍ରିୟା ଶେଷ ହେବା ପରେ ଏହି କାମ ପାଇଁ ଚୁକ୍ତି ହେବାର ୨୪ ମାସ ମଧ୍ୟରେ କାମ ସମାପ୍ତ ହେବ ଓ ରାସ୍ତା କାମ ପାଇଥିବା ସଂସ୍ଥା ରାସ୍ତାର ୫ ବର୍ଷ ପର୍ଯ୍ୟନ୍ତ ରକ୍ଷାବେକ୍ଷଣ କାର୍ଯ୍ୟ କରିବ ବୋଲି ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ସମ୍ବିତ୍ ମହାନ୍ତି କହିଛନ୍ତି। ଜାତୀୟ ରାଜପଥ ୨୦ ଏବଂ ଜାତୀୟ ରାଜପଥ ୪୯ ମଧ୍ୟରେ ସର୍ବାଧିକ ସଂକ୍ଷିପ୍ତ ଓ ସୁଦୃଢ ସଂଯୋଗ ପ୍ରଦାନ କରିବ। ଏହି ରାସ୍ତା ବାବଦରେ ୯୫ କୋଟି ୨୪ ଲକ୍ଷ ୧୩ ହଜାର ୭୪୪ ଟଙ୍କା ଖର୍ଚ୍ଚ କରାଯିବ। ଟ୍ରକ ଲେ-ବେ ପାଇଁ ୫୦ ଲକ୍ଷ ୯୪ହଜାର ୨୪୧ଟଙ୍କା, ୮ଟି ସ୍ଥାନରେ ବସ ରହଣି ଏବଂ ସେଲଟର ପାଇଁ ୩କୋଟି ୯୦ଲକ୍ଷ ୩୦ ହଜାର ୫୧୩ଟଙ୍କା, ୯ଟି ସ୍ଥାନରେ ଜଙ୍କସନ ନିର୍ମାଣ ପାଇଁ ୧ କୋଟି ୬ଲକ୍ଷ ୫୮ ହଜାର ୭୨୯ ଟଙ୍କା, ୨ଟି ସ୍ଥାନରେ ରୋଟାରୀ ଇଣ୍ଟରସେକ୍ସନ ପାଇଁ ୧ କୋଟି ୨୧ ଲକ୍ଷ ୧୫ହଜାର ୭୭ଟଙ୍କା, ସଡକ ସୁରକ୍ଷା ଉପକରଣ ପାଇଁ ୧କୋଟି ୨୧ ଲକ୍ଷ ୧୫ହଜାର ୭୭ଟଙ୍କା ଅନୁମୋଦନ ହୋଇଛି। ସେହିପରି ରିଟେନିଂ ୱାଲ ଏବଂ ଆପ୍ରୋଚ ପାଇଁ ୨୩ କୋଟି ୭୦ ଲକ୍ଷ ୭୯ହଜାର ୬୯୭ଟଙ୍କା, ୨୫ଟି ବକ୍ସ କଲଭର୍ଟ ନିର୍ମାଣ ପାଇଁ ୧୬ କୋଟି ୪୨ ଲକ୍ଷ ୨୯ହଜାର ୬୮୪ଟଙ୍କା, ଫ୍ଲାଏଓଭର ପାଇଁ ୬ କୋଟି ୬ ଲକ୍ଷ ୮୬ହଜାର ୪୯୬ଟଙ୍କା, ଭେହିକିଲ ଅଣ୍ଡର ପାସ(୧) ପାଇଁ ୬ କୋଟି ୬ଲକ୍ଷ ୮୬ହଜାର ୪୯୬ଟଙ୍କା, ଭେହିକିଲ ଅଣ୍ଡର ପାସ(୨) ୧ କୋଟି ୩୨ଲକ୍ଷ ୫୨ ହଜାର ୭୮୨ ଟଙ୍କା, ଭେହିକିଲ ଅଣ୍ଡର ପାସ(୩) ପାଇଁ ୨ କୋଟି ୨୧ ଲକ୍ଷ ୯୧ହଜାର ୭୪୧ଟଙ୍କା ଏବଂ ୧୧୦୦ମିଟର ଏଲିଫ୍ୟାଣ୍ଟ ଅଣ୍ଡର ପାସ ପାଇଁ ୧୬ କୋଟି ୨ଲକ୍ଷ ୪ହଜାର ୨୪୬ଟଙ୍କା ଏବଂ ୩୦ ଟି ସିଡି କାମ ପାଇଁ ୧୮ କୋଟି ୭୯ଲକ୍ଷ ୭୫ହଜାର ୭୯୯ ଟଙ୍କା ମଞ୍ଜୁର କରାଯାଇଛି। ରାସ୍ତାର ଦୁଇ ପାଶ୍ୱର୍ରେ ୧୫ ହଜାର ୭୯୬ ମିଟର ଆରସିସି କଭର ଡ୍ରେନ ପାଇଁ ୨୧କୋଟି ୬୬ଲକ୍ଷ ୪୫ହଜାର ୧୪୪ଟଙ୍କା, ବନୀକରଣ ପାଇଁ ୩ କୋଟି ୩୭ଲକ୍ଷ ୭୯ହଜାର ୨୭୫ଟଙ୍କା, ରାସ୍ତା କଡ ଆଲୋକ ବ୍ୟବସ୍ଥା ପାଇଁ ୫ କୋଟି, ଜଙ୍ଗଲ ଜମି ଅଣ ଜଙ୍ଗଲ ପାଇଁ ଏବଂ ଗଛ କାଟିବା ପାଇଁ ୭ କୋଟି, ୟୁଟିଲିଟି ସିଫଟିଂ ପାଇଁ ୨ କୋଟି ଟଙ୍କା ଅଟକଳ କରାଯାଇଛି। ଦ୍ରବ୍ୟ ଓ ସେବା କର ବା ଜିଏସଟି ବାବଦରେ ୬କୋଟି ୮ଲକ୍ଷ ୨୬ ହଜାର ୯୫୦ଟଙ୍କା ଦାଖଲ କରାଯିବ। କଣ୍ଟିଜେନ୍ସ ବାବଦରେ ୩କୋଟି ୩୭ଲକ୍ଷ ୭୯ହଜାର ୨୭୫ଟଙ୍କା ଓ ଗୁଣବତ୍ତା ନିୟନ୍ତ୍ରଣ ପାଇଁ ୩ କୋଟି ୩୭ ଲକ୍ଷ ୭୯ହଜାର ୨୭୫ ଟଙ୍କା ବ୍ୟୟବରାଦରେ ରହିଛି। ୫ ବର୍ଷ ରକ୍ଷଣାବେକ୍ଷଣ ପାଇଁ ୮କୋଟି ୪୪ଲକ୍ଷ ୪୮ ହଜାର ୧୮୭ ଟଙ୍କା ବ୍ୟୟବରାଦରେ ରହିଛି।

# ମାଟ୍ରିକ ପରୀକ୍ଷା କେନ୍ଦ୍ର ୧୩ଟି, ୨୪୬୬ ପରୀକ୍ଷାର୍ଥୀ

ହାଟଡ଼ିହୀ,୧୦।୨(ସମିସ): ଆସନ୍ତା ୧୯ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍‌ରେ ୧୩ଟି ପରୀକ୍ଷାକେନ୍ଦ୍ର କରାଯାଇଛି। ୪୭ଟି ହାଇସ୍କୁଲର ୨୪୬୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାପାଇଁ ଫର୍ମପୂରଣ କରିଛନ୍ତି। ପରୀକ୍ଷାକୁ କପିମୁକ୍ତ, ଶୃଙ୍ଖଳିତ କରିବା ପାଇଁ ପ୍ରସ୍ତୁତି କରାଯାଇଛି। ସମସ୍ତ କେନ୍ଦ୍ରରେ ସିସି କ୍ୟାମେରା ଲଗାଯାଇଛି। ହାଟଡ଼ିହୀ ହାଇସ୍କୁଲକୁ ନୋଡାଲ ସେଣ୍ଟର କରାଯାଇଛି। ଶିକ୍ଷା ବିଭାଗର ତଥ୍ୟ ଅନୁସାରେ, କପିଳେଶ୍ୱର ହାଇସ୍କୁଲ କଳିଗାଁରେ ୧୭୫ଜଣ, ଟିଏମ୍ ଏକାଡମୀ ଡ଼ଅଁରରେ ୨୪୭ଜଣ, ଆର୍‌ବି ହାଇସ୍କୁଲ ଷଡ଼ଙ୍ଗରେ ୧୯୭ଜଣ, ବରାହୀ ହାଇସ୍କୁଲ ବଞ୍ଚୋରେ ୧୮୯ଜଣ, ମୁଗୁପୁର ହାଇସ୍କୁଲରେ ୧୨୩ଜଣ, ଜପିଦାସ ହାଇସ୍କୁଲ ବଡ଼ରମ୍ପାସରେ ୧୫୯ଜଣ, ବିକେ ହାଇସ୍କୁଲ ସୋସୋ-କାନପୁରରେ ୧୩୩ଜଣ, ବାଲିବରେଇ ହାଇସ୍କୁଲରେ ୨୩୫ଜଣ, ବିପି ହାଇସ୍କୁଲ ବାଙ୍ଗୋରରେ ୧୯୬ଜଣ, ସରକାରୀ ହାଇସ୍କୁଲ ହାଟଡ଼ିହୀରେ ୨୯୪ଜଣ, ଢେଙ୍କା ହାଇସ୍କୁଲରେ ୧୯୪ଜଣ, ପଞ୍ଚାୟତ ହାଇସ୍କୁଲ ମରେିଗାଁରେ ୧୨୦ଜଣ, ଏମ୍‌ସି ବିଦ୍ୟାପୀଠ ନନ୍ଦିପଦାହାଟରେ ୨୦୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଜିସି ବାଳିକା ଉଚ୍ଚ ବିଦ୍ୟାଳୟ ଓରାଳିରେ ସଂସ୍କୃତ ମଧ୍ୟମା ପରୀକ୍ଷାକେନ୍ଦ୍ର କରାଯାଇଛି। ଏଠାରେ ୫୫ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସୂଚନାଯୋଗ୍ୟ, ଗତବର୍ଷ ୨୩୦୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଥିଲେ। ୧୨୭ଜଣ ଅନୁପସ୍ଥିତ ରହିବା ଚିନ୍ତାର ବିଷୟ ପାଲଟିଥିଲା। କିଛି ଛାତ୍ର ଫର୍ମ ପୂରଣ କରିବା ପରେ କାମ କରିବାକୁ ବାହାର ରାଜ୍ୟକୁ ଚାଲି ଯାଇଥିବା ଜଣାପଡ଼ିଥିଲଶ। ସେହିପରି କିଛି ଛାତ୍ରୀଙ୍କ ବିବାହ ହୋଇଯାଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

# ମହୁଲି ମଦ-ପୋଚ ଜବତ; ୪ ଗିରଫ



ହାଟଡ଼ିହୀ,୧୦।୨(ସମିସ): ଆନନ୍ଦପୁର ଅବକାରୀ ରେଞ୍ଜ ଥାନା ପକ୍ଷରୁ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡ଼ିହୀ ଅବକାରୀ ଥାନା ଷ୍ଟାଫଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଆନନ୍ଦପୁର ଥାନା ଓ ନନ୍ଦିପଦା ଥାନା ଅନ୍ତର୍ଗତ ଫକିରପୁର, ବାହିଆ, ପୁରୁଣାପାଣି, ଘୋଷରାପଦା ଅଞ୍ଚଳରେ ଚଢ଼ଉ କରାଯାଇ ୩ଶହ ୧୯ଲିଟର ଦେଶୀ ରନ୍ଧା ମହୁଲିମଦ ଓ ୩୨ ଶହ ଲିଟର ମହୁଲ ପୋଚ ସହ ଓଡ଼ି-୦୯ଜି-୬୭୨୩ ନମ୍ବର ଏକ ସ୍କୁଟି ଜବତ କରାଯାଇଛି। ସମ୍ପୃକ୍ତ କାରବାରରେ ଲିପ୍ତ ଥିବା ଅଭିଯୁକ୍ତ ସୁଜିତ ଜେନା, କାହ୍ନୁ ମୁର୍ମୁ, ବିଶୋଇ ହୋ, ନନ୍ଦ ହୋଙ୍କୁ ଗିରଫ କରାଯାଇଛି। ଜବତ ଦେଶୀ ରନ୍ଧା ମହୁଲିମଦ ଓ ମହୁଲ ପୋଚ ଓ ସ୍କୁଟିର ଆନୁମାନିକ ମୂଲ୍ୟ ୧ଲକ୍ଷ ୫୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଢ଼ଉରେ ହାଟଡ଼ିହୀ ଅବକାରୀ ଥାନା ସହ ଉପନିରୀକ୍ଷକ, ସୁଶାନ୍ତ ରାଉତ କନେଷ୍ଟବଳ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ପ୍ରମୁଖ ସାମିଲ ଥିଲେ। ଏନେଇ ଆନନ୍ଦପୁର ରେଞ୍ଜ ଅବକାରୀ ଥାନା ପକ୍ଷରୁ ୧ଟି ଓ ହାଟଡ଼ିହୀ ଅବକାରୀ ଥାନା ପକ୍ଷରୁ ୪ଟି ମାମଲା ରୁଜୁ କରାଯାଇଛି।

# ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନାର ଦକ୍ଷତା ବିକାଶ କାର୍ଯ୍ୟକ୍ରମ

କେନ୍ଦୁଝର, ୧୦।୨(ସମିସ): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଅଧୀନସ୍ଥ କୋଷାଗାର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲା କୋଷାଗାର ପକ୍ଷରୁ ଦକ୍ଷତା ବିକାଶ ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ବକ୍ତା ଭାବେ ଓଡ଼ିଶା କୋଷାଗାର ଓ ନିରୀକ୍ଷଣ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ, ଭୁବନେଶ୍ୱର ପଙ୍କଜ କୁମାର ମହାନ୍ତ ଏନପିଏସ୍ ସମ୍ପର୍କିତ ବିଭିନ୍ନ ବୈଷୟିକ ତଥ୍ୟ ପ୍ରଦାନ କରିବା ସହ ଆଲୋଚନା କରିଥିଲେ। ଜିଲ୍ଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟର ବିତରଣ ଅଧିକାରୀମାନେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ ଓଡିଶା ସରକାରଙ୍କ ସମସ୍ତ କର୍ମଚାରୀ ଏବଂ ଡିଡିଓଙ୍କ ନିମନ୍ତେ ୧୩ ତାରିଖ ପର୍ଯ୍ୟନ୍ତ ଏନପିଏସର ରାଜ୍ୟବ୍ୟାପୀ ସେବା ସପ୍ତାହ ପାଳନ ହେଉଛି। ଏହି ଅବସରରେ କେନ୍ଦୁଝର ଜିଲ୍ଲା କୋଷାଗାରରେ ଏକ ସ୍ୱତନ୍ତ୍ର ସହାୟତା କେନ୍ଦ୍ର ଖୋଲାଯାଇଛି। ଏଠାରେ ରାଷ୍ଟ୍ରୀୟ ପେନସନ୍ ଯୋଜନା ସମ୍ବନ୍ଧୀୟ ସମସ୍ତ ସନ୍ଦେହ ଦୂର କରାଯିବା ସହ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ କରାଯିବ। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଅତିରିକ୍ତ ଜିଲ୍ଲା କୋଷାଗାର ଅଧିକାରୀ ଏସ. ହିମାନୀ, କାର୍ଯ୍ୟାଳୟର ଅଡିଟର ଚିନ୍ମୟ ପ୍ରଧାନ, କନିଷ୍ଠ ସହାୟକ ଆର୍ତ୍ତସାରଥୀ ପଟ୍ଟନାୟକଙ୍କ ସମେତ ବିଭାଗର ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

# ବିଭିନ୍ନ ପାକ୍ସରେ ଧାନକିଣା ଅନିୟମିତତା ଓ ଜାଲିଆତି



ଆନନ୍ଦପୁର, ୧୦।୨(ସମିସ): ଆନନ୍ଦପୁର ପୌର ପରିଷଦ ଅନ୍ତର୍ଗତ ଫକୀରପୁର ସେବା ସମବାୟ ସମିତି ଧାନକିଣାରେ ଚଞ୍ଚକତା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପାଦକଙ୍କ ଦରମା ବନ୍ଦ ହୋଇଥିବାରୁ ଅଫିସ କାର୍ଯ୍ୟରେ ବିଭ୍ରାଟ ସୃଷ୍ଟି ହେଉଥିବା ଜଣାଯାଇଛି। ସମିତିର ସମ୍ପାଦକ ଦୟାନିଧି ଦାସ ଦୀର୍ଘ ୩ମାସ ଧରି ଦରମା ପାଉ ନଥିବା ବେଳେ ସମିତିର ସଭାପତିଙ୍କ ମନମାନି ଯୋଗୁଁ ଦରମା ବନ୍ଦ କରାଯାଇଥିବାର ସେ ଅଭିଯୋଗ କରିଛନ୍ତି। ଧାନ ସଂଗ୍ରହ ବ୍ୟବସ୍ଥାର ଉଲ୍ଲଙ୍ଘନ କରି ଫକୀରପୁର ସେବା ସମବାୟ ସମିତିରେ ଅସାଧୁ ଉପାୟ ଅବଲମ୍ବନ କରୁଥିବା ଅଭି ଯୋଗ ହୋଇଛି। ଚାଷୀଙ୍କ ଅପେକ୍ଷା ବ୍ୟବସାୟୀଙ୍କୁ ସୁଯୋଗ ଦିଆଯାଉଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ପରିଚାଳନା ସମିତି ସହ ଉପଯୁକ୍ତ ସମନ୍ୱୟ ରକ୍ଷା ହେଉ ନଥିବାରୁ ଧାନକିଣାରେ ଅନିୟମିତତା ହେଉଥିବା ଏବଂ ଏଥିପାଇଁ ଚାଷୀମାନେ ହଇରାଣ ହରକତ ହେଉଥିବାରୁ ଟୋକନ ପାଇଥିବା ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଶ୍ରୀ ଦାସ ପରିଚାଳନାରେ ସମନ୍ୱୟ ଅଭାବରୁ ଏପରି ସମସ୍ୟା ହେଉଥିବା କହିଛନ୍ତି। ତେବେ, ଧାନକିଣାରେ ଯେଉଁ ମିଲର କିମ୍ବା ପ୍ରଶାସନିକ ଅଧିକାରୀ ଅସାଧୁ ଉପାୟ ଅବଲମ୍ବନନ କରିବେ ତଥା କଟନି ଛଟନି କରିବେ ସେମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରାଯିବ ବୋଲି ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ କହିଛନ୍ତି।ଅନ୍ୟପକ୍ଷରେ, କିଛି ପାକ୍ସରେ ଜାଲିଆତି ମଧ୍ୟ ହେଉଥିବା ଅଭିଯୋଗ ହେଉଛି। ଚଳିତ ବର୍ଷ ମଣ୍ଡି ଜରିଆରେ ସରକାରୀ ସହାୟକ ମୂଲ୍ୟରେ ଧାନ ବିକ୍ରି କରିବା ଅତ୍ୟନ୍ତ କଷ୍ଟକର ହୋଇଛି। ଟୋକନ ସମସ୍ୟା ମୁଣ୍ଡବିନ୍ଧା ହୋଇଥିବା ବେଳେ ସେବାସମବାୟ ସମିତିରେ ହେଉଥିବା ଜାଲିଆତି ଚାଷୀଙ୍କ ଦୁଃଖ ବଢ଼ାଇ ଦେଇଛି। ଘସିପୁରା ଅନ୍ତର୍ଗତ ଶୈଳଙ୍ଗ ସେବା ସମବାୟ ସମିତିରେ ଯୁଗଳକିଶୋରପୁର ଗ୍ରାମର ମଙ୍ଗୁଲୁ ଚରଣ ସୋରେନ ଜଣେ ମଧ୍ୟବିତ୍ତ ଆଦିବାସୀ ଚାଷୀ। ସେମାନେ ତିନି ଭାଇ ତାଙ୍କ ପୈତୃକ ଚାଷ ଜମିକୁ ସମାନ ଭାବରେ ଚାଷ କରନ୍ତି। ସମାନ ଭାବରେ ପଞ୍ଜିକୃତ କରି ଧାନ ବିକ୍ରି କରିଥାନ୍ତି। ୨୦୨୬ରେ ସେ ୩.୭୨ ଏକର ଜମିର ପଞ୍ଜିକୃତ କରିଥିଲେ ମଧ୍ୟ ତାଙ୍କର ମାତ୍ର ୩.୮୮ କୁଇଣ୍ଟାଲ ଧାନର ଟୋକନ ଆସିଛି। ତାଙ୍କ ଅନ୍ୟ ଜଣେ ଭାଇଙ୍କ ୪୭ କୁଇଣ୍ଟାଲର ଟୋକନ ଆସିଛି। ଏନେଇ ଚାଷୀଙ୍କ ପକ୍ଷରୁ କେନ୍ଦୁଝର ନିବନ୍ଧକ ସମବାୟ ସମିତିଙ୍କ ନିକଟରେ ଅଭିଯୋଗ ହୋଇଥିବା ଜଣାଯାଇଛି। ୭ ଦିନ ମଧ୍ୟରେ ତଦନ୍ତ କରାଯାଇ ସମସ୍ୟାର ସମାଧାନ ନକଲେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହେବେ ବୋଲି ଜଣାଇଛନ୍ତି।

# ଜମିଲା ମାଘେ ପରବ୍



କେନ୍ଦୁଝର,୧୦।୨(ସମିସ): କେନ୍ଦୁଝର ସଦର ବ୍ଲକ ନୂଆଗାଁ ପଞ୍ଚାୟତ ଗୋହାଲଡିହି ଗ୍ରାମରେ ମାଘେ ପରବ୍ ମାଦଳର ତାଳେ ତାଳେ ଜମୁଛି। ଏହି ଅବସରରେ ସନାତନ ବାଲବୁରୁ ଆଦିବାସୀ ସଂପ୍ରଦାୟର ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରେ ଆଦିବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଦିବାସୀଙ୍କ ଏକତାର ପର୍ବ ମାଘେ ପରବ୍ ବୋଲି କୁହାଯାଏ। ଗୋହାଲଡିହି ବିର୍ସାମୁଣ୍ଡା ପ୍ରତିମୂର୍ତ୍ତି ପଡ଼ିଆରେ ସମସ୍ତ ଭାଇଭଉଣୀ ଏକାଠି ହୋଇ ମାଦଳର ତାଳେ ତାଳେ ନାଚଗୀତରେ ବାନ୍ଧି ହୋଇ ମାଘେ ପରବ୍ ଆନନ୍ଦ ଉତ୍ସାହରେ ପାଳନ କରିଛନ୍ତି। ଆଦିକନ୍ଦ ସଏ, ସୋମନାଥ ବାଲମୁଚୁ, ସନାତନ ବାଲମୁଚୁ(ବି), ଗୁରା ଗୁୟା, ବିଶ୍ୱନାଥ ସଏ, ଲାଲମୋହନ ସଏ, ରାମଚନ୍ଦ୍ର କୁଲଡିହି, ରଇଦାସ କୁଲଡିହି, ରବି ସିଦ୍ଧୁ, ସୁରେଶ ସଏ, ମାଧ ସଏ, ରାମ ବାଲମୁଚୁ, ଶୁକଦେବ ସଏ, କିଶୋର ବାଲମୁଚୁ, ମୁନା ସିଦ୍ଧୁ, ମକରଧ୍ୱଜ ସଏ, ମଧୁ ଗୁୟା ସହଯୋଗ କରିଥିଲେ।

# ନିଆଁରେ ପୋଡ଼ି ଯୁବକ ଗୁରୁତର

ତୁରୁମୁଙ୍ଗା, ୧୦।୨(ସମିସ): ପାଟଣା ବ୍ଲକ ତୁମୁରିଆ ରହଣିଦୁମା ଗ୍ରାମରେ ସୋମବାର ସନ୍ଧ୍ୟାରେ ଚୁଲି ଜାଳିବା ସମୟରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଉଥିବା ବେଳେ ଦେହରେ ନିଆଁ ଲାଗିଯିବାରୁ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକ ହେଲେ ଶମ୍ଭୁ ମହାନ୍ତଙ୍କ ପୁଅ ଜଗନ୍ନାଥ (୨୯)। ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ତାଙ୍କର ୨ ହାତ ଓ ବାମ ଗୋଡ ପୋଡ଼ି ଯାଇଛି। ଅବସ୍ଥା ଗୁରୁତର ହୋଇଥିବାରୁ ତାଙ୍କୁ ମଙ୍ଗଳବାର ସନ୍ଧ୍ୟାରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଖିରେଇଟାଙ୍ଗିରୀ ଜାଗର ମହୋତ୍ସବ ପ୍ରସ୍ତୁତି



ତୁରୁମୁଙ୍ଗା, ୧୦।୨(ସମିସ): ପାଟଣା ବ୍ଲକ ଖିରେଇଟାଙ୍ଗିରୀ ଗ୍ରାମରେ ଥିବା ସର୍ବେଶ୍ୱର ମହାଦେବଙ୍କ ମହା ଶିବରାତ୍ରୀ ପୂଜା ସହ ଜାଗର ମହୋତ୍ସବର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୧୫ ତାରିଖରେ ଧୁମଧାମରେ ଜାଗର ଉତ୍ସବ ପାଳନ କରାଯିବା ସହ ୧୬ତାରିଖଠାରୁ ଜାଗର ମହୋତ୍ସବ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭକ୍ତମାନଙ୍କ ଦର୍ଶନ ପାଇଁ କମିଟି ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

# କେଶଦୁରାପାଳ ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ଦାବି

ଆନନ୍ଦପୁର, ୧୦।୨ (ସମିସ): କୌଣସି ଆବଶ୍ୟକତା ନଥାଇ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଅଦଳ ବଦଳ କରିବାରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ଏହାକୁ କେନ୍ଦ୍ରକରି ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜନୈତିକ ଆକ୍ରୋଶ ବିଦ୍ୟାଳୟ ଉପରେ ପ୍ରତିଫଳନ ହେଉଥିବା ଏବଂ ଅଯଥାରେ ଶିକ୍ଷକଙ୍କୁ ହଇରାଣ ହରକତ କରିବା ଘଟଣାରେ ଅଡୁଆ ବଢୁଥିବାରୁ ଗ୍ରାମବାସୀ ଶିକ୍ଷା ବିଭାଗକୁ ଏହାର ପ୍ରତିବାଦ ଜଣାଇଛନ୍ତି। ଏପରି ଏକ ଅଯଥା ସମସ୍ୟା ସୃଷ୍ଟି ହୋଇଛି ଘସିପୁରା ବ୍ଲକ ଅନ୍ତର୍ଗତ କେଶଦୁରାପାଳ ପ୍ରାଥମିକ ବିଦ୍ୟାଳୟରେ। ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା ବେଳେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ କରିବାକୁ ଗ୍ରାମବାସୀ ଶିକ୍ଷାଧିକାରୀଙ୍କୁ ଦାବି କରିଥିଲେ। ଏନେଇ ସ୍ଥିତାବସ୍ଥା ଥିବାବେଳେ ପ୍ରାୟ ଦୁଇମାସ ପରେ ଉକ୍ତ ଶିକ୍ଷୟିତ୍ରୀଙ୍କୁ ବଦଳି ଆଦେଶ କରିବା ଘଟଣାରେ ଶିକ୍ଷାଧିକାରୀଙ୍କ ଉଦେଶ୍ୟ ସନ୍ଦେହ ଘେରକୁ ଚାଲିଯାଇଛି। ଘଷିପୁରା ବ୍ଲକ ଶିକ୍ଷାଧିକାରୀଙ୍କୁ ଉକ୍ତ ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ କରି ପୁନର୍ବାର କେଶଦୁରାପାଳ ପ୍ରାଥମିକ ବିଦ୍ୟାଳୟରେ ରହିବା ପାଇଁ ଅଭିଭାବକଙ୍କ ପକ୍ଷରୁ ବସନ୍ତ ମହାରଣା ସୁରେନ୍ଦ୍ର ସାହୁ, ସୀତା ଡିଆଣି, ମମତା ଡିଆଣି, ସ୍ନେହଲତା ଦିଆଣି ପ୍ରମୁଖ ଦାବିପତ୍ର ଦେଇଛନ୍ତି।

# କୁଶରଞ୍ଜନ ପଟ୍ଟନାୟକ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଆନନ୍ଦପୁର,୧୦।୨ (ସମିସ): ରାଜ୍ୟସ୍ତରୀୟ କୁଶରଞ୍ଜନ ପଟ୍ଟନାୟକ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଷ୍ଟାଡିୟମ ପଡିଆଠାରେ କ୍ରୀଡ଼ାସଂସଦ ସଭାପତି ତଥା ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଆନନ୍ଦପୁର କ୍ରୀଡ଼ାସଂସଦ ସମ୍ପାଦକ ନବରଞ୍ଜନ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ଅନ୍ୱେଷା ପଟନାୟକ ଯୋଗଥିଲେ। ଭୁବନେଶ୍ୱରର ଜଗା ୟୁନାଇଟେଡ଼ କ୍ଲବ ୨-୧ ଗୋଲରେ ଭଦ୍ରକର ବାଦଲ ଏକାଡେମୀକୁ ପରାସ୍ତ କରିଛି। ରେଫରୀ ଆଲୋକ ଦେହୁରୀ ଧନେଶ୍ୱର ସର୍ଦ୍ଦାର ଚନ୍ଦନ ସାହୁ, ଲାଇନ୍ସରେ ତପନ ଜେନା, ଆଦିକନ୍ଦ ମହାକୁଡ଼ ଓ ଗୋଲକି ଜଜ ଭାବେ ବସନ୍ତ ସାହୁ ସଂଜୁ ସିଂହ ଖେଳକୁ ପରିଚାଳନା କରିଥିଲେ। ମଦନ ପାଣିଧାରା ବିବରଣୀରେ ସହଯୋଗ କରିଥିଲେ। ଜାତୀୟ ଖେଳାଳି ଗଗନ ସିଂହ ଓ ବିନୋଦ ମିଶ୍ର ଶ୍ରେଷ୍ଠ ଖେଳାଳି ଚୟନ କରିଥିଲେ। ଆନନ୍ଦପୁର କ୍ରୀଡା ସଂସଦ ସଦସ୍ୟ ଅକ୍ଷୟ ମହାନ୍ତି ରମେଶ ସିଂହ ଅଜୟ ସେଠୀ ମନରଞ୍ଜନ ସିଂହ ଦେବ ମିଶ୍ର ମୁରଲୀଧର ମିଶ୍ର ବାଇଧର ସେଠୀ ସହଯୋଗ କରିଥିଲେ।



# ସିରିଗିଡ଼ା କଲେଜରେ ଅବସରକାଳୀନ ସମ୍ବର୍ଦ୍ଧନା



ତେଲକୋଇ, ୧୦।୨(ସମିସ): ତେଲକୋଇ ବ୍ଲକ ସିରିଗିଡା ପଞ୍ଚାୟତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସହାୟକ କର୍ମଚାରୀ ବିମ୍ବାଧର ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ହରିହର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ନରେନ୍ଦ୍ର ଶତପଥୀ, ଚିତ୍ତରଞ୍ଜନ ପରିଡା, ସୁମନ୍ତ ସାହୁ, ଅଧ୍ୟାପିକା ସବିତା ସାହୁ, କର୍ମଚାରୀ ଚୈତନ୍ୟ ସାହୁ, ଦୁର୍ଗାଚରଣ ସାହୁ, କରୁଣାକର ବିଶ୍ୱାଳ, ଜୟନ୍ତୀ ମହନ୍ତ, ଦ୍ୱାରିବନ୍ଧୁ ସାହୁ, ସନ୍ତୋଷ ବିଶ୍ୱାଳ, ଲଳିତ ଦେହୁରୀ ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ତରଫରୁ ସଂଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ କରାଯାଇଥିଲା। ତାଙ୍କ ବିଦାୟ ଅନୁଷ୍ଠାନ ପାଇଁ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

# ବିଭିନ୍ନ ବ୍ଲକ୍‌ସ୍ତରୀୟ ଏକତା ପଦଯାତ୍ରା

ଆନନ୍ଦପୁର, ୧୦।୨ (ସମିସ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସ୍ମୃତିରେ ଆରମ୍ଭ ହୋଇଥିବା ଅଭିଯାନର ଆନନ୍ଦପୁର ବ୍ଲକସ୍ତରୀୟ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ମନୋଜ ମହାନ୍ତଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ବ୍ଲକ ପରିସରରୁ ଶ୍ରୀଦଧିବାମନଜୀଉ ମନ୍ଦିର ପର୍ଯ୍ୟନ୍ତ ସଚେତନତା ଯାତ୍ରା ହୋଇଥିଲା। ଗୋଷ୍ଠୀ ଅର୍ଥ ଅଧିକାରୀ ସୌରଭ ସାହୁ, ଏବିଡିଓ ରେଶ୍ମା ସାମଲ, ଜିପିଡିଓ ସରୋଜ ସେଠୀ, ଡବ୍ଲୁଇଓ ବେଦପ୍ରକାଶ ଜେନା, ସାମାଜିକ ସୁରକ୍ଷା ଅଧିକାରୀ ଅବିନାଶ ପତି, ଏବିଇଓ ହେମେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

**ଚମ୍ପୁଆ:** ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଏକତା ପଦଯାତ୍ରା ବ୍ଲକ ପରିସରରୁ ବାହାରି ନାରାମାନ ଦେଇ ସହର ପରିକ୍ରମା କରିଥିଲା। ଏବିଡିଓ ଚୁନୁ ହାଁସଦା, ବ୍ଲକ ଅଧ୍ୟକ୍ଷ ସୁରେଶଚନ୍ଦ୍ର ନାୟକ, ସାଂସଦ ପ୍ରତିନିଧି ସିଦ୍ଧାର୍ଥ ସିଂ, ପାଟଣା ବିଧାୟକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ୧୫ନଂ ଜୋନ ସଭ୍ୟା ରମଣୀ ନାଏକ ସହକାରୀ ନିର୍ବାହୀ ଯନ୍ତ୍ରୀ ସବ୍ୟସାଚୀ ନାଏକ, ବିତ୍ତୀୟ ଅଧିକାରୀ ସୁକାନ୍ତ ଦେହୁରୀ, ଏପିଓ ସଙ୍ଗୀତା ମାଝୀ ପ୍ରମୁଖଙ୍କ ନେତୃତ୍ୱରେ ବିଭିନ୍ନ ବିଦ୍ୟାଳୟର ଶହଶହ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେଇ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରିଥିଲେ। ବ୍ଲକର ସମସ୍ତ ୨୨ଟି ପଞ୍ଚାୟତର ସରପଞ୍ଚ ସମିତିସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ, ଶିଶୁ ବିକାଶ ପ୍ରକଳ୍ପର ଅଙ୍ଗନବାଡି ସଦସ୍ୟା ଏବଂ ବ୍ଲକର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ଚମ୍ପୁଆ ପୁଲିସ ଏସଆଇ ହିମାଂଶୁ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନିୟୋଜିତ ହୋଇଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ କବାଡି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ବାଳିକା ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୋଦଗାଡିଆ ଏବଂ ବାଳକ ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିବା ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟ,ରାମଲା ଟିମ୍ ସଦସ୍ୟଙ୍କୁ ପୁରସ୍କୃତ କରାଯାଇଥିଲା।

**ତେଲକୋଇ:** ତେଲକୋଇ ବ୍ଲକ୍‌ସ୍ତରୀୟ ପଦଯାତ୍ରା ପଞ୍ଚାୟତ ସମିତି କାର୍ଯ୍ୟାଳୟରୁ ବାହାରି ବଜାର ଅଞ୍ଚଳ ପରିକ୍ରମା କରିଥିଲା। ଶିବ ମନ୍ଦିରଠାରେ ପହଞ୍ଚିଥିଲା। ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକ, ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ଏବିଡିଓ ବିଶ୍ୱନାଥ ମଲ୍ଲିକ, ଅତିରିକ୍ତ ତହସିଲଦାର ଗୋପବନ୍ଧୁ ନାୟକ, ଜୀବିକା ମିଶନର କର୍ମଚାରୀ ଅମିର ପ୍ରଧାନ, ସରକାରୀ ଉଚ୍ଚ ବିଦ୍ୟାଳୟ ମଧୁସୂଦନପୁରର ଖେଳ ଶିକ୍ଷକ ପପୁନ ମହାନ୍ତ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଏହି ପଦଯାତ୍ରାକୁ ବ୍ଲକ ସଂଯୋଜକ କିଶୋର ଦାସ ପରିଚାଳନା କରିଥିଲେ।

**ତୁରୁମୁଙ୍ଗା:** ପାଟଣା ବ୍ଲକ ପ୍ରଶାସନ ପକ୍ଷରୁ ପଦଯାତ୍ରାରେ ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, ବିଡିଓ ମାନସ କୁମାର ଦଣ୍ଡପାଟ, ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସଚିଦାନନ୍ଦ ସେଠୀ, ପ୍ରକାଶ ରାୟ, କ୍ୟାପଟେନ ଧର୍ମେନ୍ଦ୍ର ସାହୁ, ଡ଼ାକ୍ତର ଯଶବନ୍ତ ମହାନ୍ତ, ବିପିଏମ୍ ଦୀପକ ନାୟକ, ବ୍ଲକ୍ ପ୍ରୋଗ୍ରାମ ଅଫିସର ଜମାଲ ଉଦ୍ଦିନ ଖାନ, ଶିକ୍ଷକ ପ୍ରକାଶ ମିଶ୍ର, ଲମ୍ବୋଦର ନାଏକ, ଭୂତ ମହାନ୍ତଙ୍କ ସହ ପାଟଣା କଲେଜର ଏନସିସି ଛାତ୍ରଛାତ୍ରୀ ମୁଖ୍ୟାଳୟ ଗୋପୀନାଥ ନାରାୟଣ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳଗୁଡ଼ିକର ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଆନଦେଶ୍ୱର ଶିବ ମନ୍ଦିରରୁ ବାହାରି ବଜାର ପରିକ୍ରମା କରି ବ୍ଲକରେ ଶେଷ କରିଥିଲେ।



# ବେତନଟୀ-ମାଣତ୍ରୀ ରାସ୍ତା ମରଣଯନ୍ତା






**ବଡ଼ସାହି, ୧୦।୨(ସମିସ)**

ବେତନଟୀଠାରୁ ବଡସାହି ବ୍ଲକ ଅଧିନ ମାଣତ୍ରୀ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗର ଗାର୍ଡ଼ ୧୬ କିମି ରାସ୍ତା ମରଣଯନ୍ତା ପାଲଟିଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ନିର୍ବିକାର ସାଜିଛି। ଏହା ଏହି ଅଞ୍ଚଳର ପ୍ରମୁଖ ରାସ୍ତା ହୋଇଥିବାବେଳେ ପ୍ରତିଦିନ ଶହ ଶହ ଛୋଟବଡ ଗାଡି ଏହି ରାସ୍ତା ଦେଇ ଯାତାୟାତ କରିଥା'ନ୍ତି। ଜିଲ୍ଲା ମୁଖ୍ୟାଳୟ ସହିତ ମଧ୍ୟ ଏହାର ସଂଯୋଗ ଥିବାରୁ ପ୍ରତିଦିନ ଶହଶହ ଲୋକ ଏହି ରାସ୍ତା ଉପରେ ନିର୍ଭରଶୀଳ। ଏହି ରାସ୍ତାର ଉନ୍ନତିକରଣ ହେଉ ନ ଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଅଭିଯୋଗ ପରେ ବେତନଟୀ ପଟୁ କିଛି ରାସ୍ତା ମରାମତି ହୋଇଥିବା ବେଳେ ଦୁର୍ଗାପୁର ଜଙ୍ଗଲ ମୁଣ୍ଡରୁ ମାଣତ୍ରୀ ପର୍ଯ୍ୟନ୍ତ ୫ କି.ମି.ରୁ ଊର୍ଦ୍ଧ୍ୱ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। କେତେକ ସ୍ଥାନରେ ରାସ୍ତା ଫାଟି ଯାଇଛି।

ଆଗକୁ ୧୫ରେ ମାଣତ୍ରୀ ବାବା କଖାରୁଆ ବୈଦ୍ୟନାଥ ମନ୍ଦିରର ମହାଶିବରାତ୍ରି ଓ ଜାଗର ମେଳା ଆସୁଥିବାରୁ ଏଥିପାଇଁ ଜନସାଧାରଣ, ଶ୍ରଦ୍ଧାଳୁ ଓ ବିଶେଷ କରି ଦଣ୍ଡବତେ ପଡ଼ି ପଡ଼ି ମନ୍ଦିରକୁ ଆସୁଥିବା ଭକ୍ତମାନେ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ପଷ୍ଟ କରାଯାଇଛି। ହଜାର ହଜାର ଲୋକ ୧୭ଦିନ ଧରି ଚାଲିବାକୁ ଥିବା ଏହି ମେଳା ଦେଖିବା ଏହି ରାସ୍ତା ଉପରେ ନିର୍ଭର କରିବେ ବୋଲି ଜଣାଯାଇଛି। ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ସହକାରୀ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଥିବା ପ୍ରଦୀପ କୁମାର ପଣ୍ଡା ପ୍ରକାଶ କରିଛନ୍ତି। ପ୍ରଭୁତି ବୈଠକରେ ସହକାରୀ ଯନ୍ତ୍ରୀ ଏହି ରାସ୍ତାର ଟେଣ୍ଡର ହେଉଥିବାବେଳେ ୩୩ ପ୍ରତିଶତ ଲେସ କରି ଠିକାଦାର କାମ କରୁ ନ ଥିବା କହି ଅସହାୟତା ପ୍ରକାଶ କରିଥିବାର ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଫଳରେ କିଛି ଠିକାଦାର ଓ ଅସାଧୁ ବିଭାଗୀୟ ଅଧିକାରୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ସଡକ ଯୋଜନା ନିଜର ପରିଚୟ ହରାଇବାକୁ ବସିଛି। ଗ୍ରାମାଞ୍ଚଳରେ ଗମନାଗମନର ବିପ୍ଳବ ସୃଷ୍ଟି ପାଇଁ ସରକାରଙ୍କ ଏହି ଯୋଜନାର ପରିକଳ୍ପନା କେତେକ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ପାଇଁ ମୂଲ୍ୟହୀନ ହୋଇପଡ଼ିଛି।

**ଶିବରାତ୍ରି ପୂର୍ବରୁ ମରାମତି ଦାବି**

ଏହି ରାସ୍ତା ୨୦୧୭ ଏପ୍ରିଲ ୩ରେ ଆରମ୍ଭ ହୋଇ ୨୦୧୮ ମାର୍ଚ୍ଚ ୨ରେ ଶେଷ ହୋଇଥିବାର ଫଳକରୁ ଜଣାଯାଇଛି। ଏହି ରାସ୍ତା ନିର୍ମାଣ ପାଇଁ ୧୨ କୋଟି ୩୩ ଲକ୍ଷ ୯୦ ହଜାର ଟଙ୍କା ବ୍ୟୟ ଅଟକଳ ଥିଲା। ରାସ୍ତା ନିର୍ମାଣର ଠିକ୍ ଅବଧି ମଧ୍ୟ ୫ ବର୍ଷ ବିଭାଗ ପକ୍ଷରୁ ରଖାଯାଇଥିଲା। କିନ୍ତୁ ଏହି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା କରାଯାଇ ଅଟକଳକୁ ସମ୍ପୂର୍ଣ୍ଣ ଅଖେଖା କରାଯାଇଥିବାରୁ ରାସ୍ତାଟି ୫ ବର୍ଷ ପୂରିବା ପୂର୍ବରୁ ମରଣଯନ୍ତାରେ ପରିଣତ ହୋଇଛି। ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରଶସ୍ତିକରଣ କାର୍ଯ୍ୟ ପାଇଁ ଆବଶ୍ୟକ ପରିମାଣର ମାଟି ଉଠା ନ ଯାଇ ମାତ୍ର ୬ ଇଞ୍ଚ ମାଟି ଉଠାଯାଇ ମାଟି ମିଶା ମୁରୁମ ଭର୍ତ୍ତି କରାଯାଇଥିଲା। ଏପରିକି ଭାଇବ୍ରେସନ ରୋଲର ବ୍ୟବହାର କରା ନ ଯାଇ ସାଧାରଣ ରୋଲର ବ୍ୟବହାର କରାଯାଇଛି। ପ୍ରଶସ୍ତିକରଣ କାର୍ଯ୍ୟର ପୁରୁଣା ପିଚୁ ତଡା ଯାଇଥିବା ମେଟାଲ ବ୍ୟବହାର କରାଯାଇଛି। ଫଳରେ ସରକାରଙ୍କ କୋଟି କୋଟି ଟଙ୍କାର କାମ ମୂଲ୍ୟହୀନ ହେବାକୁ ବସିଛି। ବିଧାୟକ, ସାଂସଦ ଓ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ ତମ ଜନ୍ମ ମହୋତ୍ସବ



**ଗୋରୁମହିଷାଣୀ, ୧୦।୨(ସମିସ):** ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ଗୋରୁମହିଷାଣୀଠାରେ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ଗୋରୁମହିଷାଣୀ ସତସଙ୍ଗ ବିହାର ଅନୁକୂଳପୁରରେ ରାଇରଙ୍ଗପୁର ସହ ପ୍ରତିରିକ୍ତ ଗୋକୁଳ ବିହାରୀ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକ, ନହବତ, ଉଷା କୀର୍ତ୍ତନ, ଉଷା ବିନତି ନାମ ଜପ, ସଦ୍‌ଗ୍ରନ୍ଥ ପାଠ କରାଯାଇଥିଲା। ପରେ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ରଥାରୂଢ଼ ଠାକୁରଙ୍କ ବିଗ୍ରହ ସତସଙ୍ଗ ବିହାର ନିକଟରୁ ବାହାରି ମେଡିକାଲ ଛକ, ବିର୍ସା ମୁଣ୍ଡା ଛକ, ହନୁମାନ ମନ୍ଦିର ଦେଇ ଗୋରୁମହିଷାଣୀ ବଜାର ପରିକ୍ରମା କରିଥିଲା। ସତସଙ୍ଗରେ ମୁଖ୍ୟଅତିଥି ସମ୍ବଲପୁରର ମହେଶ୍ୱର ଚନ୍ଦ୍ର ଯୋଗରେ ସତସଙ୍ଗର ଆବଶ୍ୟକତା, ଶ୍ରୀଶ୍ରୀ ଆଚାର୍ଯ୍ୟ ଦେବଙ୍କ ନିର୍ଦ୍ଦେଶ କଥା କହିଥିଲେ। ସତସଙ୍ଗରେ ଟାଟା ନଗର ସହିତ ରାଇରଙ୍ଗପୁର ବ୍ଲକ, ଯଶିପୁର ବ୍ଲକ, ବହଳଦା ଜାମଦ ବ୍ଲକ ଓ ଗୋରୁମହିଷାଣୀର ପାଞ୍ଚ ପଞ୍ଚାୟତରୁ ଗୁରୁ ଭାଇ ଓ ମାଆମାନେ ଯୋଗ ଦେଇଥିଲେ। ସତସଙ୍ଗ ପରେ ଅଧିକା ଶ୍ରୀମତୀ ମହାନ୍ତିଙ୍କ ନେତୃତ୍ୱରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଷ୍ଟେଣ୍ଟ ବ୍ୟବସାୟୀ ନିଜ ନନ୍ଦନ ଠାକୁରଙ୍କ ସଦଦୀକ୍ଷା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଉତ୍ସବ ପରିଚାଳକ ମୋତିଲାଲ ରଣା, ଗୁରୁ ଭାଇ ଦୀପଚେନ୍ଦୁ ପ୍ରଧାନ, ଶ୍ରୀକାନ୍ତ ଗିରି, ଅଜିତ ସାହୁ, ନିଲାମ ନାଏକ, ଶାନ୍ତିଲତା ମହାକୁଡ, କଦମା ମୁଣ୍ଡା, ସୁମିତ୍ରା ମାହାଲି, ସାଗରିକା ପଲେଇ ସହଯୋଗ କରିଥିଲେ।

## ରବିନାରାୟଣ ପରିଡ଼ା କପ୍ତିପଦା ବ୍ଲକ୍ କଂଗ୍ରେସ ସଭାପତି



**କପ୍ତିପଦା, ୧୦।୨(ସମିସ):** ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ନୂତନ କର୍ମକର୍ତ୍ତା ଓ କଂଗ୍ରେସ କମିଟି ବ୍ଲକ ସଭାପତିଙ୍କ ନାମ ଘୋଷଣା କରିଛି। ଏହି ଘୋଷରାନୁଯାୟୀ କପ୍ତିପଦା ବ୍ଲକ ସଭାପତି ଭାବେ ରବିନାରାୟଣ ପରିଡ଼ା କପ୍ତିପଦା ବ୍ଲକ ସଭାପତି ହେଇଛନ୍ତି। ସେ ଏଆଇସିସି ସଭାପତି ମାଲିକାର୍ଜୁନ ଖଡ଼ଗେ, ରାହୁଲ ଗାନ୍ଧୀ, ରାଜ୍ୟ ସଭାପତି ଭକ୍ତଚରଣ ଦାସ, ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଶିକ୍ଷକ ତାଲିମ କେନ୍ଦ୍ର ପୁରାତନ ଛାତ୍ରଙ୍କ ସମ୍ମିଳନୀ



**ବାରିପଦା, ୧୦।୨(ସମିସ):** ମୟୂରଭଞ୍ଜ ଜିଲ୍ଲା ବାରିପଦାସ୍ଥ ସରକାରୀ ଶିକ୍ଷକ ତାଲିମ କେନ୍ଦ୍ରରେ ତାଲିମ ନେଇଥିବା ୧୯୭୬ରୁ ୭୮ ବ୍ୟାଚ୍ ପୁରାତନ ଛାତ୍ରଙ୍କ ସମ୍ମିଳନୀ ତକତପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଶଶୀଧର ଓତା ଅଧ୍ୟକ୍ଷତା କରିଥିବାବେଳେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ନିଜ ଚାକିରି ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ଶଶୀଧର ଓତା ସଭାପତି, ହରିବନ୍ଧୁ ମନ୍ତ୍ରୀ ସମ୍ପାଦକ, ସୁକେଶ ମିଶ୍ର, ଭଗବାନ ଷଡଙ୍ଗୀ ସହସମ୍ପାଦକ, ଶୋଭାନ ଆଚାର୍ଯ୍ୟ ଓ ରାଧାମୋହନ ବେହେରା ପରାମର୍ଶଦାତା ଓ ଅନ୍ୟ ସମସ୍ତଙ୍କୁ ସାଧାରଣ ସଦସ୍ୟ ଭାବେ କମିଟିରେ ଗ୍ରହଣ କରାଯାଇଥିଲା। କଳ୍ପନା ଉପାଧ୍ୟାୟ, ଭାସ୍କର ମହାନ୍ତି ଲମ୍ବୋଦର ମହାନ୍ତ, ରମାକାନ୍ତ ପରିଡ଼ା, ଗୋଲକ ମହାନ୍ତି, ଅନଙ୍ଗ ସେନାପତି ଓ କାର୍ତ୍ତିକ ଚନ୍ଦ୍ର ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମୋରଡ଼ା ଆଦର୍ଶ ବିଦ୍ୟାଳୟରେ ଅଗ୍ନି ପ୍ରଶମନ ଶିବିର

**ମୋରଡା, ୧୦।୨(ସମିସ):** ମୋରଡା ଆଦର୍ଶ ବିଦ୍ୟାଳୟରେ ଚିତ୍ରଡା ଅଗ୍ନିଶମ ବିଭାଗ ତରଫରୁ ଅଗ୍ନି ପ୍ରଶମନ ଓ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାତ୍ର ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସହକାରୀ ଷ୍ଟେସନ ଅଧିକାରୀ ଉମାକାନ୍ତ ଦାସଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗ ଦଳ ବିଭିନ୍ନ ପ୍ରକାରର ପ୍ରଦର୍ଶନ କରିଥିଲେ। ଅଗ୍ନିକାଣ୍ଡ ସମୟରେ କିପରି ନିଜକୁ ସୁରକ୍ଷିତ



ରଖିବେ ଓ ଅଗ୍ନି ନିର୍ବାପକ ଯନ୍ତ୍ର କିପରି ବ୍ୟବହାର କରିବେ, ସେ ସମ୍ବନ୍ଧରେ ବିସ୍ତୃତ ପ୍ରଦର୍ଶନ କରାଯାଇଥିଲା। ଶିକ୍ଷକ ସୁଧାଂଶୁ ଶେଖର ମହାନ୍ତ, ଯୁଥୀ ମଣ୍ଡଳ, ସୋନିଆ ଶାନ୍ତି ସୋରେନଙ୍କ ସମେତ ବିଦ୍ୟାଳୟର ଅନ୍ୟ ସମସ୍ତ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଏମ୍‌ଏସ୍‌ବି ବିଶ୍ୱବିଦ୍ୟାଳୟ ଦୂର ଓ ଅନ୍‌ଲାଇନ୍ ଶିକ୍ଷାରେ ଦ୍ୱୈତ ଡିଗ୍ରୀ ସୁଯୋଗ

**ବାରିପଦା, ୧୦।୨(ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଦୂର ଓ ଅନଲାଇନ୍ ଶିକ୍ଷା ବ୍ୟବସ୍ଥାରେ ଅନ୍ୟ ନିୟମିତ ବିଭାଗରେ ପାଠ ପଢୁଥିବା ଛାତ୍ରଛାତ୍ରୀ ଦ୍ୱୈତ ଡିଗ୍ରୀ ହାସଲ କରିପାରିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶ କରାଯାଇଛି। ଏହି ବ୍ୟବସ୍ଥା ଅନୁଯାୟୀ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଓ ଏହା ଅନୁବନ୍ଧିତ ସମସ୍ତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ବିଶେଷ ଉପକୃତ ହେବେ। ନୂତନ ଶିକ୍ଷାନୀତି ୨୦୨୦ ଅନୁଯାୟୀ ସ୍ନାତକୋତ୍ତର ଛାତ୍ରଛାତ୍ରୀ ଏକକାଳୀନ ଦୁଇଟି ଶିକ୍ଷାଗତ କାର୍ଯ୍ୟକ୍ରମରେ ଅଧ୍ୟୟନ କରିପାରିବେ। ସେମାନଙ୍କ ପାଇଁ ସ୍ୱତନ୍ତ୍ର ୫୦ ପ୍ରତିଶତ ରିହାତିର ବ୍ୟବସ୍ଥା ରହିଛି ବୋଲି କୁହାଯାଉଛି। ଦୂର ଓ ଅନଲାଇନ ଶିକ୍ଷା ନିର୍ଦ୍ଦେଶକଙ୍କ ଦ୍ୱାରା ଉଚ୍ଚଶିକ୍ଷାକୁ ମାଗଣା, ଅନ୍ତର୍ଭୁକ୍ତ ଓ ପରିବର୍ତ୍ତନକାରୀ କରିବା ପାଇଁ ବିଶ୍ୱବିଦ୍ୟାଳୟ ଶିକ୍ଷା ମିଶନ (ୟୁଏଲଏମ) ପ୍ରସ୍ତାବକୁ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟକାରୀ କରାଯାଇଛି। ଯଦ୍ୱାରା ପ୍ରତ୍ୟେକ ଶିକ୍ଷାର୍ଥୀ ଆର୍ଥିକ ପ୍ରତିବନ୍ଧକ ବିନା ଶିଖିବା, ବୃଦ୍ଧି ପାଇବା ଓ ସଫଳ ହେବାର ସୁଯୋଗ ପାଇବେ। ବିଶ୍ୱବିଦ୍ୟାଳୟ ଶିକ୍ଷା ମିଶନ (ୟୁଏଲଏମ) ଯୋଜନା ଅଧୀନରେ ସ୍ନାତକ ଓ ସ୍ନାତକୋତ୍ତର ଯୋଗ୍ୟତା ଆଧାରରେ ସଂରକ୍ଷଣ ବର୍ଗ (ଏସସି ଓ ଏସଟି-୩ ପ୍ରତିଶତ), ଦିବ୍ୟାଙ୍ଗ (୧ ପ୍ରତିଶତ) ଓ ସମଲିଙ୍ଗୀ (୧ ପ୍ରତିଶତ)ଙ୍କୁ ସର୍ବମୋଟ୍ ୫ ପ୍ରତିଶତ ମାଗଣା ପ୍ରବେଶ ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଜଣାଇଛନ୍ତି।

## ଗୁଲାମ ସାହିରେ ମାଗେ ପରବ ଉଦ୍‌ଯାପିତ



**ଶୁକ୍ଳି, ୧୦।୨(ସମିସ):** ରରୁଆଁ ବ୍ଲକ ଘାଗରବେଡ଼ା ପଞ୍ଚାୟତର ଗୁଲାମ ସାହିରେ ମାଗେ ପରବ ଶେଷ ହୋଇଛି। ସାତଦିନ ଧରି ପାରମ୍ପରିକ ପୂଜା ସହିତ ଆଦିବାସୀ ହୋ ସମ୍ପ୍ରଦାୟର ଲୋକେ ଏହି ପରବ ପାଳନ କରିଛନ୍ତି। ଛୋଟରୁ ବଡ ସମସ୍ତେ ନୂତନ ପୋଷାକ ପରିଧାନ କରି ଆନନ୍ଦ ଉଲ୍ଲାସର ସହିତ ଖୁସୀ ମନାଇଥା'ନ୍ତି। ୬ ଦିନ ଧରି ପାରମ୍ପରିକ ପୂଜା ସରିବା ପରେ ଶେଷ ଦିନରେ ନାଚ, ଗୀତ ହୁଏ। ପାରମ୍ପରିକ ନାଗର, ମାଦଲ ତାଳେ ତାଳେ ସମସ୍ତେ ନାଚିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଇଲେକ୍ଟ୍ରୋନିକ୍ସ ଗଣମାଧ୍ୟମ ସାମ୍ବାଦିକ କିଶୋର କୁମାର ସେଠୀ, ଲଲାଟେନ୍ଦୁ ପାତ୍ର, ସନ୍ତୋଷ ମହାନ୍ତ (ନନ୍ଦିଘୋଷ) ପ୍ରମୁଖ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା ଓ ଆଙ୍କର ଭାବେ ଅଜିତ କୁମାର ତିରିଆ ଦାୟିତ୍ୱ ନିର୍ବାହ କରିଥିଲେ।

**ନିଶାଶକ୍ତ ଚାଳକଙ୍କ ଉନ୍ମତ୍ତକାଣ୍ଡ**

## ପାଚେରି ଉପରେ ଚଢ଼ାଇଦେଲା ଟ୍ରକ୍



**ବୈଶିଙ୍ଗା, ୧୦।୨ (ସମିସ):** ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ପଦ୍ମନାଭପୁର ଟୋଲ ଗେଟ୍ ନିକଟରେ ବାରିପଦାରୁ ବାଲେଶ୍ୱର ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ ଟ୍ରକ ନିୟନ୍ତ୍ରଣ ହରାଇ ପାଚେରି ଉପରେ ଚଢିଯାଇଛି। ଚାଳକ ନିଶାଶକ୍ତ ଅବସ୍ଥାରେ ଏଭଳି ଦୁର୍ଘଟଣା କରିଥିବା କୁହାଯାଉଛି। ଟ୍ରକର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ଅଳ୍ପକେ ବର୍ତ୍ତିଯାଇଛନ୍ତି କାର୍ଯ୍ୟରତ ଟୋଲଗେଟ କର୍ମଚାରୀ। ସୂଚନା ମୁତାବକ, ଚାଳକ ନିଶାସକ୍ତ ଅବସ୍ଥାରେ ଟାଟାରୁ ପ୍ଲାଷ୍ଟିକ କ୍ୟାରେଟ ଭର୍ତ୍ତି ଟ୍ରକ ନେଇ ବାଲେଶ୍ୱର ଅଭିମୁଖେ ଅତ୍ୟନ୍ତ ଦ୍ରୁତଗତିରେ ଯାଉଥିବା ସମୟରେ ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ପଦ୍ମନାଭପୁର ଟୋଲ ଗେଟ ପାଚେରିରେ ଚଢି ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତେବେ ନିକଟରେ ଏକାଧିକ ଟୋଲଗେଟ କର୍ମଚାରୀ କାର୍ଯ୍ୟରତ ଥିବାବେଳେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତେବେ ଖବର ପାଇ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ରାସ୍ତାରୁ ହଟାଇ ଯାତାୟାତକୁ ସ୍ୱାଭାବିକ କରିଛି।

**ବର୍ତ୍ତିଗଲେ କାର୍ଯ୍ୟରତ ଟୋଲଗେଟ କର୍ମଚାରୀ**

## ପୋଚ ଓ ମଦ ଜବତ



**ବଡ଼ସାହି, ୧୦।୨(ସମିସ):** ବଡ଼ସାହି ଥାନା ଅଧୀନ କମଲାଶୋଳ ମାଙ୍କଡାପାଳ ଗ୍ରାମରେ ବ୍ୟାପକ ଚୋରା ବେଆଇନ ଦେଶୀମଦ କାରବାର ହେଉଥିବା ଅବକାରୀ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଡ଼ଉ କରିଛି। ଫଳରେ ଘଟଣାସ୍ଥଳରୁ ୧୧ ହଜାର କେଜି ପୋଚ ଓ ୧୦୩୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଖବରପାଇ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

## ମହିଳା କଲେଜରେ ସୁରକ୍ଷିତ ଇଣ୍ଟରନେଟ ଦିବସ



**ବାରିପଦା, ୧୦।୨(ସମିସ):** ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ସୁରକ୍ଷିତ ଇଣ୍ଟରନେଟ ଦିବସ ପାଳନ ହୋଇଯାଇଛି। ଏନଆଇସି ତଥା ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଅଜୟ ମହାପାତ୍ର, ନେଟୱର୍କ ଇଂଜିନିୟର ମଧୁସ୍ମିତା ମିଶ୍ର, ଉମେଶ ମହାପାତ୍ର ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ସୁରକ୍ଷିତ ଇଣ୍ଟରନେଟ ବ୍ୟବହାର ଓ ଏଆଇ ସୁରକ୍ଷିତ ବ୍ୟବହାର ସମ୍ପର୍କରେ ଛାତ୍ରୀ ଓ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାଙ୍କୁ ପ୍ରଶିକ୍ଷିତ କରିବା ସହିତ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଅଜୟ ମହାପାତ୍ର କହିଥିଲେ, ସମ୍ପ୍ରତି ଆମ ସମାଜରେ ଇଣ୍ଟରନେଟର ବ୍ୟବହାର ଏକ ବଡ଼ ଆବଶ୍ୟକ ହୋଇପଡ଼ିଛି। ଏହି ଆବଶ୍ୟକତାକୁ ପରିପୂରକ କରିବାକୁ ଯାଇ ଆମେ ଅନେକ ସମୟରେ ଠକାମିର ଶିକାର ହେଉଛୁ। ଏ ସମ୍ପର୍କରେ ଆମେ ନିଜେ ସଚେତନ ଓ ସତର୍କ ହେଲେ ଯାଇ ଏହି ଠକାମିରୁ ବର୍ତ୍ତିପାରିବା। ଅଧ୍ୟକ୍ଷା ଡ. ସାଗରିକା ସିଂହ ସଭାପତିତ୍ୱ କରି କହିଥିଲେ, ଆଜି ବିଜ୍ଞାନ ଆମକୁ ସଫଳତାର ଶୀର୍ଷରେ ପହଞ୍ଚାଇବାକୁ ପ୍ରୟାସ କରୁଛି ଓ ଆମ ସମାଜର ବିକାଶରେ ସହାୟ ହେଉଛି। ଆମ ଜ୍ଞାନର ବିକାଶ ପାଇଁ ତଥା ଦେଶ ବିଦେଶର ଖବର ଓ ତଥ୍ୟ ଇଣ୍ଟରନେଟ ମାଧ୍ୟମରେ ଖୁବ କମ ସମୟରେ ଘରେ ବସି ପାଇପାରୁଛୁ। ଇଣ୍ଟରନେଟରେ ଏଆଇ ଆମ ପାଇଁ ବଡ଼ ବରଦାନ। ଏହା ସତ୍ତ୍ୱେ ଆମେ ବିଭିନ୍ନ ସମୟରେ ବିଭିନ୍ନ ଭାବେ ଏହି ଇଣ୍ଟରନେଟ ଦ୍ୱାରା ଠକାମିର ଶିକାର ହେଉଛୁ। ଆମ ଅସାବଧାନତାର ସୁଯୋଗ ନେଇ କିଛି ଅସାମାଜିକ ବ୍ୟକ୍ତି ସାଇବର ଅପରାଧ ଘଟାଉଛନ୍ତି। ଆମେ ସଚେତନ ହେଲେ ଠକାମିରୁ ରକ୍ଷା ପାଇପାରିବା। ଶେଷରେ ଇଣ୍ଟରନେଟ ସମ୍ପର୍କିତ କୁଇଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ନେଟୱର୍କ ଇଞ୍ଜିନିୟର ଉମେଶ ମହାପାତ୍ର ପରିଚାଳନା କରିଥିବାବେଳେ ଗଣିତ ବିଭାଗର ସହକାରୀ ପ୍ରଫେସର ଅଭିଷେକ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଡିଭାଇନରେ ଟାଟା ମୋଟର୍ସ କମ୍ପାନୀର କ୍ୟାମ୍ପସ୍ ଚୟନ



**ବାରିପଦା, ୧୦।୨(ସମିସ):** ବାରିପଦା ସହର ଉପକଣ୍ଠରେ ଅବସ୍ଥିତ ଉତ୍ତର ଓଡ଼ିଶାର ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲଜିରେ ଜାମସେଦପୁର ସ୍ଥିତ ଟାଟା ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ଦ୍?ାରା ଏକ କ୍ୟାମ୍ପସ୍ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ୨୦୨୬-୨୭ ଶିକ୍ଷାବର୍ଷର ଏହା ତୃତୀୟ ସର୍ବବୃହତ୍ତ କ୍ୟାମ୍ପସ୍ ଚୟନ ଥିବା ବେଳେ ଡିଭାଇନ୍ ଡିପ୍ଲୋମାରେ ପଢୁଥିବା ଇଲେକ୍ଟ୍ରିକାଲ୍, ମେକାନିକାଲ୍ ଓ ଇଲେକ୍ଟ୍ରିକାଲ୍ ଆଣ୍ଡ ମେକାନିକାଲ୍ ବ୍ରାଞ୍ଚର ଛାତ୍ର-ଛାତ୍ରୀ ମାନେ ଚାକିରୀ ପାଇବା ପାଇଁ ଯୋଗ୍ୟ ବେବେଚିତ ହୋଇଛନ୍ତି। କମ୍ପାନୀର ବରିଷ୍ଠ ଦକ୍ଷତା ବିକାଶ ନିବନ୍ଧକ ରାକେଶ କୁମାର ମକ୍?ାନା ଓ ହରିଶଙ୍କର ସାହୁ ଡିଭାଇନରେ ଛାତ୍ର-ଛାତ୍ରୀଙ୍କ ବ୍ୟକ୍ତିଗତ ସାକ୍ଷାତକାର ନେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ତଥା ଟ୍ରଷ୍ଟି ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ ଏବଂ ନିର୍ଦ୍ଦେଶକ ଇଂ ଗୌରବ ବୁଗୁଡାଇ ଏହି ଚୟନ ପ୍ରକ୍ରିୟାରେ ବିବେଚିତ ହୋଇଥିବା ଛାତ୍ର-ଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଚଳିତ ଶିକ୍ଷା ବର୍ଷରେ ଶତକଡା ୧୦୦ ଛାତ୍ର-ଛାତ୍ରୀ ଚାକିରୀ ପାଇବାର ଆଶା ରଖିଛନ୍ତି ଅନୁଷ୍ଠାନର ନିର୍ଦ୍ଦେଶକ। ଏ ସମସ୍ତ ପ୍ରକ୍ରିୟାରେ ଡିଭାଇନ କଲେଜର ଅଧ୍ୟକ୍ଷ ଇଂ ଅଭିନ୍ନ କୁମାର ଦାସ, ଉପାଧ୍ୟକ୍ଷ ଇଂ ପ୍ରକାଶ ସା, ଟ୍ରେନିଂ ଓ ପ୍ଲେସମେଣ୍ଟ ବିଭାଗର ମୁଖ୍ୟ ଇଂ ଆଶୀର୍ବାଦ ସ୍?ାଇଁ, ବିଜ୍ଞାନ ଏବଂ ମାନବ ସମ୍ବଳ ବିଭାଗର ମୁଖ୍ୟ ବିଶ୍?ରଞ୍ଜନ ମହାନ୍ତ ଏବଂ ଇଂ ଜ୍ୟୋତିପ୍ରିୟା ପାତ୍ର ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ।

## ଦୁଇ ବାଇକ୍ ଧକ୍କା, ଦୁଇ ଗୁରୁତର

**ମୋରଡ଼ା, ୧୦।୨(ସମିସ):** ମୋରଡ଼ା ଥାନା ଅନ୍ତର୍ଗତ ନୂଆଗାଁ ପେଟ୍ରୋଲ ପମ୍ପ ସମ୍ମୁଖରେ ଆଜି ୧୧ଟା ସମୟରେ ଦୁଇଟି ବାଇକ୍ ମଧ୍ୟରେ ଧକ୍କା ହେବାରୁ ଦୁଇଜଣ ଯୁବକ ଗୁରୁତର ହୋଇଛନ୍ତି। ଯୁବକ ଦ୍ୱୟ ବଳଦିଆ ଗ୍ରାମର ଲୁକାଇ ଟୁଡୁ ଓ ନୂଆଗାଁ ଗ୍ରାମର ସତ୍ୟବାନ ମହାନ୍ତ। ଲୁକାଇ ନୂଆଗାଁ ଆଡକୁ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ସତ୍ୟବାନଙ୍କ ବାଇକ୍‌କୁ ଧକ୍କା ଦେବାରୁ ଉଭୟ ଛିଟିକି ପଡ଼ି ରକ୍ତାକ୍ତ ହୋଇଥିଲେ। ଦୁଇ ଗୁରୁତରଙ୍କୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସତ୍ୟବାନଙ୍କ ଚେତା ଫେରି ନ ଥିବାରୁ ତାଙ୍କୁ କଟକ ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

**ପାନୀୟଜଳ ଓ ଜଳସେଚନ ସମସ୍ୟା ସମାଧାନ ଦାବି**

# ୨୦ରେ ଭଞ୍ଜସେନାର କାର୍ଯ୍ୟାଳୟ ଘେରଉ ନିଷ୍ପତ୍ତି

**ବାରିପଦା, ୧୦।୨(ସମିସ)**

ଗ୍ରୀଷ୍ମଋତୁର ଆଗମନ ପୂର୍ବରୁ ଚଳିତ ବର୍ଷ ଅଧିକ ଉତ୍ତାପ ଆଶଙ୍କା ଏବେଠାରୁ ଅନୁଭୂତ ହେବାକୁ ଲାଗିଲାଣି। ମୟୂରଭଞ୍ଜର ସହରାଞ୍ଚଳ କଥା କୁହନ୍ତୁ ଅଥବା ଗ୍ରାମାଞ୍ଚଳ। ସେ ବର୍ଷା ହେଉ କି ଶୀତଋତୁ ହେଉ, ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ପାନୀୟଜଳ ସମସ୍ୟା ସବୁବେଳେ ଅନୁଭୂତ ହୋଇଥାଏ। ବହୁତ ସମୟରେ ସାଧାରଣ ଲୋକ ପିଇବା ପାଣି ପାଇଁ ରାଜରାସ୍ତାକୁ ଓହ୍ଲାଇଥା'ନ୍ତି। କେତେକ ସ୍ଥାନରେ ଦୂଷିତ ପାଣି ପିଇ ରୋଗରେ ଆକ୍ରାନ୍ତ ହୁଅନ୍ତି। ଏବେ ତ ଗ୍ରୀଷ୍ମଋତୁ ଆସିଲାଣି, ଏହି ସମୟରେ ଛୋଟବଡ଼ ଜଳାଶୟ ମଧ୍ୟ ଶୁଖିଯାଏ, କୂଅ ଓ ନଳକୂଅରେ ଜଳ ସ୍ତର କମିଯାଇଥାଏ। ପିଇବା ପାଣି ପାଇଁ ମଣିଷ ଯେମିତି କଷ୍ଟ ପାଇଥାଏ, ଠିକ୍ ସେହିପରି ପଶୁପକ୍ଷୀ ମଧ୍ୟ ସମପରିମାଣର କଷ୍ଟ ପାଇଥା'ନ୍ତି। ଜିଲ୍ଲାରେ ଉଭୟ ଗ୍ରାମାଞ୍ଚଳ (୨୬ଟି ବ୍ଲକ) ଓ ସହରାଞ୍ଚଳ (ବାରିପଦା, ରାଇରଙ୍ଗପୁର, କରଞ୍ଜିଆ, ଉଦଳା) ଲୋକଙ୍କୁ ପିଇବା ପାଣି ଯୋଗାଇବା ପାଇଁ ସରକାରଙ୍କ ଆରଡବ୍ଲୁଏସଏସ ଓ ୱାଟକୋ ବିଭାଗ ନିୟୋଜିତ ହୋଇଛି। ସେମାନେ କେବଳ ପାଣି ପାଇପ୍ ବିଛାଇବା, ଘର ନିର୍ମାଣ ସହିତ ଲୋକଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ବିଭିନ୍ନ ସରକାରୀ ଯୋଜନା ନିର୍ମାଣ କରିବାରେ ବ୍ୟସ୍ତ ରହିଥା'ନ୍ତି। ମାତ୍ର ସେସବୁ କାର୍ଯ୍ୟରୁ ସୁଫଳ ସେତେ ମାତ୍ରାରେ ପାଇପାରନ୍ତିନାହିଁ। ଯଦ୍ୱାରା ଲୋକଙ୍କ ମଧ୍ୟରେ ଗ୍ରୀଷ୍ମଋତୁରେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଥାଏ।

ଏସବୁକୁ ଦୃଷ୍ଟିରେ ରଖି ଜିଲ୍ଲାର ଏକମାତ୍ର ସଂଗ୍ରାମୀ ଯୁବ ଛାତ୍ର ସଂଗଠନ ଭଞ୍ଜସେନା ପକ୍ଷରୁ ଚଳିତ ମାସ ୨୦ ତାରିଖ ଶୁକ୍ରବାର ଦିନ ବାରିପଦା ୱାଟକୋ ଅଫିସ ଓ ରାଇରଙ୍ଗପୁର, ବାରିପଦା ଆରଡବ୍ଲୁଏସଏସ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବ। ପରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ମାଧ୍ୟମରେ ଯଥାଶୀଘ୍ର ଲୋକଙ୍କୁ କେବଳ ପ୍ରତିଶ୍ରୁତି ନଦେଇ ପାନୀୟ ଜଳ ଯୋଗାଇବାକୁ ଶତପ୍ରତିଶତ ପ୍ରଚେଷ୍ଟା କରି ପାନୀୟଜଳ ଯୋଗାଇବା ଦାବି ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବ। ସେଥିରେ ବିଭାଗ ବିଫଳ ହେଲେ ଆଗାମୀ ଦିନରେ ଉପରୋକ୍ତ ଅଫିସଗୁଡିକୁ ସମ୍ପୂର୍ଣ୍ଣ ଅଚଳ କରାଯିବା ନେଇ ସଂଗଠନ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସୂଚନା ଦେଇଛନ୍ତି ବୋଲି ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।

## ସୁଧୁରୁନି ସୋଲଗୁଡ଼ା ବିଦ୍ୟାଳୟ ସମସ୍ୟା

# ଅଭିଯୋଗ ଶୁଣାଣିରେ ପହଞ୍ଚି ଗୁହାରି କଲେ ଛାତ୍ରଛାତ୍ରୀ, ଅଭିଭାବକ

ବଣାଇ, ୧୦।୨(ସମିସ)



ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲାସ୍ତରରେ ଅଭିଯୋଗ କରିବା ପରେ ମଧ୍ୟ ସୋଲଗୁଡା ବିଦ୍ୟାଳୟ ସମସ୍ୟାର ସମାଧାନ ହୋଇ ପାରିନାହିଁ। ଶେଷରେ ବାଧହୋଇ ଯୁଗ୍ମ ଜନଶୁଣାଣି ଶିବିରରେ ଗୁହାରି କରିବାକୁ ପହଞ୍ଚିଥିଲେ ଛାତ୍ରଛାତ୍ରୀ ଓ ଅଭିଭାବକ। ପାଠ ପଢ଼ିବା ପାଇଁ ଆବଶ୍ୟକ କୋଠରି ନାହିଁ। ପ୍ରଥମରୁ ୮ମ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ୩ଟି ଭଙ୍ଗା ଦଦରା କୋଠରି ରହିଛି। ସେଥିରେ ପୁଣି ଅଫିସ, ମଧ୍ୟାହ୍ନଭୋଜନ ଚାଉଳ ଗୋଦାମ ରହିଛି। ଏଭଳି ସ୍ଥିତିରେ ଗଛତଳେ ପିଲାମାନେ ପଢ଼ିବାକୁ ବାଧ ହେଉଛନ୍ତି। ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ସୋଲଗୁଡ଼ା ଉଚ୍ଚପ୍ରାଥମିକ ବିଦ୍ୟାଳୟର ଏପରି ଦୁରବସ୍ଥା ଅଭିଭାବକଙ୍କୁ ହତବାକ୍ କରିଛି। ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଅବହେଳା ଓ ମନମାନୀ ଯୋଗୁଁ ଛାତ୍ରଛାତ୍ରୀ ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଅଭିଭାବକ। ବାରମ୍ବାର ଗଣ ମାଧ୍ୟମରେ ଖବର ପ୍ରକାଶ କରାଯାଇଥିଲେ ମଧ୍ୟ କୌଣସି କଥାକୁ କର୍ଣ୍ଣପାତ କରୁନାହାନ୍ତି ବିଭାଗୀୟ ଯନ୍ତ୍ରୀ। ୧୯୫୬ରେ ସ୍ଥାପିତ ଏହି ବିଦ୍ୟାଳୟଟି ୬୯ ବର୍ଷରେ ପହଞ୍ଚିଛି। ପରିତାପର ବିଷୟ ହେଲା ଅଞ୍ଚଳରେ ଶିକ୍ଷାର ଆଲୋକ ବର୍ତ୍ତିକା ସାଜିଥିବା ଏହି ଶିକ୍ଷାନୁଷ୍ଠାନ ଏବେ ନିଜେ ଅନ୍ଧାର ଭିତରକୁ ଠେଲି ହୋଇଯାଇଛି। ବର୍ତ୍ତମାନ ବିଦ୍ୟାଳୟରେ ୩୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଇଁ କୌଣସି ମୌଳିକ ସୁବିଧା ନାହିଁ। ବିଦ୍ୟାଳୟରେ ଶ୍ରେଣୀ କୋଠରି, ଶୌଚାଳୟ ଓ ରୋଷେଇଘର ପାଇଁ ବିଭିନ୍ନ ସମୟରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅବଗତ କରାଯାଇଥିଲେ ସୁଦ୍ଧା ସୁଫଳ ମିଳିନାହିଁ। ପୂଜା ପୂର୍ବରୁ ବ୍ଲକ ପକ୍ଷରୁ ଉକ୍ତ କୋଠରିଗୁଡ଼ିକର ମରାମତି ଆରମ୍ଭ ହୋଇଥିଲା। ତାହା ମଧ୍ୟ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏକ ଆଜ୍‌ବେଷ୍ଟସ୍ ଘରେ ଅସୁରକ୍ଷିତ ପରିବେଶରେ ରୋଷେଇ ହେଉଛି। ବିଦ୍ୟାଳୟରେ ଶିକ୍ଷକ ଅଭାବ ଆଉ ଗୋଟିଏ ସମସ୍ୟା। ୮ଟି ଶ୍ରେଣୀକୁ ଅଛନ୍ତି ମାତ୍ର ୪ ଜଣ ଶିକ୍ଷକ ଅଛନ୍ତି। ତେଣୁ ପାଠପଢ଼ା କିପରି ହେଉଥିବା ତାହା ସହଜରେ ଅନୁମେୟ। ଏନେଇ ସେ ସମୟରେ ଗୁରୁଣ୍ଡିଆ ଗୋଷ୍ଠୀ ଶିକ୍ଷାଧିକାରୀ ଭଗବାନ ବାଙ୍କିରାଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଆମେ ରିପୋର୍ଟ ପ୍ରସ୍ତୁତ କରି ଜିଲ୍ଲାପାଳଙ୍କୁ ଦେବୁ ବୋଲି କହିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ସମସ୍ୟାର ସମାଧାନ ହୋଇ ପାରିନାହିଁ। ଏନେଇ ଗୁରୁଣ୍ଡିଆ ବିଡ଼ିଓ ହାବିଲ ଖାଖାଙ୍କୁ ଯୋଗାଯୋଗ କରାଯିବାରୁ ସ୍କୁଲ କୋଠରୀ ଛାତ ପଡ଼ି ଯାଇଛି, ସପ୍ତାହେ ମଧ୍ୟରେ ସେଣ୍ଟ୍ରିଙ୍ଗ ଖୋଲା ଯାଇ ପ୍ଲାଷ୍ଟର କାମ କରିବା ପାଇଁ ସେ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଏଥିସହ ଚଳିତ ମାସ ମଧ୍ୟରେ ସବୁ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ସ୍କୁଲର ସମସ୍ୟା ଦୂର କରିବାକୁ କହିଛନ୍ତି। ଉପାନ୍ତ ଅଞ୍ଚଳର ଏହି ବିଦ୍ୟାଳୟ ପ୍ରତି ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି।

## ଆର୍‌ଏସ୍‌ପି ପକ୍ଷରୁ ବିଶ୍ରାରେ ବହୁମୁଖୀ ସ୍ୱାସ୍ଥ୍ୟ ଶିବିର



**ରାଉରକେଲା, ୧୦।୨(ସମିସ):** ରାଉରକେଲା ଇସ୍ପାତ କାରଖାନା(ଆରଏସ୍‌ପି) ପକ୍ଷରୁ ବିଶ୍ରା ବ୍ଲକର ଉଡଶୁ ଗ୍ରାମ ପଞ୍ଚାୟତର ସରୁବାହାଲପଡ଼ା ଉଚ୍ଚ ବିଦ୍ୟାଳୟରେ ଏକ ବହୁମୁଖୀ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଆରଏସପିର କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗ ଦ୍ୱାରା ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସହଯୋଗରେ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମଓ ଡା. ପ୍ରତିଭା ଷଡଙ୍ଗୀ, ସିଏସଆର ବିଭାଗର ଜିଏମ ଇନଚାର୍ଜ ମୁନମୁନ ମିତ୍ରା, ଡିଜିଏମ ଟିବି ଟପ୍ପୋ, ଏଜିଏମ ବି. ଜେନା, ଡେପୁଟି ମ୍ୟାନେଜର ଏସକେ ସୁକୁଲା ଏବଂ ସିଏସଆର ବିଭାଗର ଅନ୍ୟ ଅଧିକାରୀମାନେ ଶିବିର ପରିଦର୍ଶନ କରିବା ସହିତ ଗ୍ରାମବାସୀଙ୍କ ସହ ମତବିନିମୟ କରିଥିଲେ। ଆରଏସପିର ଚିକିତ୍ସକ ଦଳମାନଙ୍କ ମଧ୍ୟରେ ସର୍ଜରୀ ବିଭାଗର ଡା. ଜ୍ୟୋତି ରଞ୍ଜନ ସାହୁ, ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ଦିବ୍ୟା, ମେଡିସିନ ବିଭାଗର ଡା. ଦେବାଶିଷ ରାୟ, ଶିଶୁ ରୋଗ ବିଭାଗର ଡାକ୍ତର କେ. କୋଣିଆ, ଇଏନ୍‌ଟି ବିଭାଗର ଡା. ଗୌତମ ଦାଶ, ଚକ୍ଷୁ ରୋଗ ବିଭାଗର ରାଜନିଶ ବଘେଲ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସିପିଏସକେ ଲିଙ୍ଗରାଜ, ଫର୍ମାସିଷ୍ଟ ସଞ୍ଚାରୀ ପଟ୍ଟନାୟକ, ସିଏସ୍‌ଆର କୋ-ଅର୍ଡିନେଟର ବିକେ ମହାପାତ୍ର ଚିକିତ୍ସକ ଦଳଙ୍କୁ ସହଯୋଗ କରିଥିଲେ। ଶିବିରରେ ପ୍ରାୟ ୨୦୧ ଜଣ ରୋଗୀଙ୍କୁ ପରୀକ୍ଷା କରାଯାଇ ମାଗଣା ଔଷଧ ଏବଂ ପରାମର୍ଶ ଦିଆଯାଇଥିଲା। ଏହା ବ୍ୟତୀତ ବିଭିନ୍ନ ସିଏସ୍‌ଆର୍ ଯୋଜନା ଅନ୍ତର୍ଗତ ଇସ୍ପାତ ଜେନେରାଲ୍ ହସ୍ପିଟାଲରେ ଅଧିକ ଚିକିତ୍ସା ପାଇଁ ୮ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା।

# ଧର୍ମଘଟ ପାଇଁ ମିଳିତ ଟ୍ରେଡ୍ ୟୁନିଅନ୍‌ର ବୈଠକ



**ରାଉରକେଲା, ୧୦।୨(ସମିସ):** ଆଗାମୀ ୧୨ ତାରିଖ ମୋଦି ସରକାରଙ୍କ ଶ୍ରମିକ ବିରୋଧୀ, କୃଷକ ବିରୋଧୀ, ଜନ ବିରୋଧି ନୀତି ବିରୁଦ୍ଧରେ ଓ ୪ଟି ଶ୍ରମ କାଡ୍ ପ୍ରତ୍ୟାହାର, ଖାଦ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ନିୟନ୍ତ୍ରଣ କରିବା, କୃଷକ ବିରୋଧୀ ବିହନ ବିଲ୍ ଓ ଜନ ବିରୋଧି ବିଦ୍ୟୁତ ସଂଶୋଧନ ବିଲ୍ -୨୦୨୫ ପ୍ରତ୍ୟାହାର, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଘରୋଇକରଣ, ଆଠ ଘଣ୍ଟା କାମ କରିବାର ଅଧିକାର ଦାବିରେ ଦେଶବ୍ୟାପୀ ୨୪ ଘଣ୍ଟିଆ ସାଧାରଣ ଧର୍ମଘଟ ଓ ହରତାଳକୁ ସୁନ୍ଦରଗଡ଼ ଜିଲ୍ଲା ଓ ରାଉରକେଲାରେ ସଫଳ କରିବା ପାଇଁ ସମସ୍ତ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ମାନଙ୍କ ଏକ ମିଳିତ ବୈଠକ ସେକ୍ଟର-୬ ସ୍ଥିତ ରାଉରକେଲା ମଜଦୁର ସଭା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଚଏମ୍‌ଏସ ନେତା ଶଶଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ଜନସାଧାରଣ, ଯୁବ, ଛାତ୍ର, ମହିଳା, ଶ୍ରମିକ, କୃଷକ, କୃଷି ଶ୍ରମିକ ସାମିଲ ହେବାକୁ ଆହ୍ୱାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ୧୧ ତାରିଖ ଅର୍ଥାତ୍ ବୁଧବାର ଏକ ମଶାଲ ପଟୁଆର ବିଶ୍ରା ଛକ ଠାରୁ ଆରମ୍ଭ ହୋଇ ରାଉରକେଲା ମୁଖ୍ୟ ବଜାର ଦେଇ ପାନପୋଷ ଛକ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ନିଷ୍ପତ୍ତି ହୋଇଥିଲା। ୧୨ ତାରିଖ ଧର୍ମଘଟ ଦିନ ମିଳିତ ଟ୍ରେଡ ୟୁନିଅନ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ପିକେଟିଂ କରି ଧର୍ମଘଟକୁ ସଫଳ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଆଇଏନଟିୟୁସି ନେତା ଅକ୍ଷୟ କୁମାର ଜେନା, ସୌମ୍ୟକାନ୍ତ ଧଳ, ସିଆଇଟିୟୁ ନେତା ବିମାନ ମାଇତି, ବସନ୍ତ ନାୟକ, ରାଜକିଶୋର ପ୍ରଧାନ, ଏଚଏମ୍‌ଏସ୍ ନେତା କଳାକାର ସାହୁ, ସିଦ୍ଧେଶ୍ୱର ବଳ, ମୀନକେତନ ବେହେରା, ଏଆଇଟିୟୁସି ନେତା ପ୍ରଦୋଷ ମହାନ୍ତି, କୈଳାସ ଚନ୍ଦ୍ର ନାୟକ, ଏଆଇୟୁଟିୟୁସି ନେତା ଅଜିତ ନାୟକ, ସୁବାଷ ଚନ୍ଦ୍ର ଦଣ୍ଡପାଟ, ଏଆଇସିସିଟିୟୁ ନେତା ରାଜା ମୁନା, ସିୟର ନେତା ହେମନ୍ତ ବେହୁରା ପ୍ରମୁଖ ଉପସ୍ଥିତ ଥିଲେ।

## ମଶାଲ ପଟୁଆର ଆଜି

# ୟୁଜିଆଇଇ ଆଲୁମିନି ଆସୋସିଏସନ୍‌ର 'ଟେକ୍ ଫିଉଜନ୍'



**ରାଉରକେଲା, ୧୦।୨(ସମିସ) :** ରାଉରକେଲାର ୟୁଜିଆଇଇ ପରିସରରେ ୟୁଜିଆଇଇ ପୂର୍ବତନ ଛାତ୍ର ସଂଘର ଚତୁର୍ଥ ବାର୍ଷିକ ଉତ୍ସବ 'ଟେକ ଫିଉଜନ - ୨୦୨୬' ପାଳିତ ହୋଇଯାଇଛି। ପୂର୍ବତନ ଛାତ୍ର ସଂଘର ପ୍ରଚେଷ୍ଟାରେ ପ୍ରତିଷ୍ଠିତ ୟୁଜିଆଇଇର ମୁଖ୍ୟ ଗେଟ୍ 'ଜ୍ଞାନ ଦ୍ୱାର'କୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ୟୁଜିଆଇଇର ପୂର୍ବତନ ଛାତ୍ର ଇଂ. ଜୁଏଲ ଓରାମ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଛାତ୍ର ସଂଘର କାର୍ଯ୍ୟକାରୀ ସଭାପତି ଇଂ. ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନାର ଡିଆଇସି ଆଲୋକ ବର୍ମା ଯୋଗ ଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ର ତଥା ପୂର୍ବତନ ମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ, ରାଉରକେଲାର ବିଧାୟକ ଇଂ. ସାରଦା ପ୍ରସାଦ ନାୟକ, ୟୁଜିଆଇଇର ଅଧ୍ୟକ୍ଷ ଶରତ କୁମାର ମୁଦୁଲି, ପୂର୍ବତନ ଅଧ୍ୟକ୍ଷ ପ୍ରଗତୀ ଦାସ, ପିସି ରଥ ମଞ୍ଚାସୀନ ଥିଲେ। ପୂର୍ବତନ ଛାତ୍ର ସଂଘର ସାଧାରଣ ସମ୍ପାଦକ ଶୁଭେନ୍ଦୁ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୟୁଜିଆଇଇର ଗରିମା ବୃଦ୍ଧି କରିଥିବା ପୁରାତନ ଛାତ୍ର ଡଃ ସମୀର ଆଚାର୍ଯ୍ୟ, ଡଃ ଯତୀନ୍ଦ୍ର ନାୟକ, ଇଂ ଗୁରୁପ୍ରସାଦ ଦାସ, ଇଂ ଧିରେନ କୁମାର ନାଥ, ଇଂ ପ୍ରଶାନ୍ତ କୁମାର ବେହେରା, ଇଂ ପୁରୁଷୋତ୍ତମ ସେଠୀ, ଆଇଇଏସଓ ଇଂ ଉମାଶଙ୍କର ପଣ୍ଡା, ସାଇଣ୍ଟିଷ୍ଟ ବାର୍କଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ଛାତ୍ର ସଂଘର ଉପସଭାପତି ଇଂ ପ୍ରତାପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପୁରାତନ ଛାତ୍ରଛାତ୍ରୀମାନଙ୍କ ଜୀବନସାଥୀମାନଙ୍କୁ ନେଇ ବିଭିନ୍ନ କୁଇଜ୍, ଖେଳ ଓ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସ୍ମିତା ମିଶ୍ର ଏହାକୁ ପରିଚାଳନା କରିଥିଲେ। ଶେଷ ଅଧିବେଶନରେ ସଂଘର ବାର୍ଷିକ ପତ୍ରିକା ଉନ୍ମୋଚନ କରାଯାଇଥିଲା। ରାଉରକେଲାର ସଫଳ ଉଦ୍ୟୋଗୀ ତାପସ ଆଚାର୍ଯ୍ୟ, ସୁନିଲ କାୟଲ, ଇଂ. ମନୋଜ ରାଉତରାୟ, ପୂର୍ବତନ ଛାତ୍ର ତଥା ପୂର୍ବତନ ଅଧ୍ୟକ୍ଷ ଇଂ ଚକ୍ରଧର ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ୟୁଜିଆଇଇ ଟ୍ୟାଲେଣ୍ଟ ହଣ୍ଟ ବିଜେତା ଓ ବିଭିନ୍ନ ବିଭାଗର ବ୍ରାଞ୍ଚ ଟପ୍ପରମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଆଲୁମିନି ଆସୋସିଏସନକୁ ସଦା ସର୍ବଦା ସାହାଯ୍ୟ କରିଆସୁଥିବା ଆଲୁମିନୀମାନଙ୍କୁ ବେଷ୍ଟ ମୋଟିଭେଟର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଉପସଭାପତି ଇଂ ତ୍ରୈଲୋଚନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ୟୁଜିଆଇଇର ଦ୍ୱିତୀୟ ବର୍ଷ ଛାତ୍ରୀ ସୌମ୍ୟା ଦର୍ଶନୀ ପରିଡ଼ା ମଞ୍ଚ ପରିଚାଳନା କରିଥିବା ବେଳେ କଲିକତାର କଳାକାରମାନଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାଧାରଣ ସମ୍ପାଦକ ଇଂ ଶୁଭେନ୍ଦୁ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସମାରୋହରେ ଇଂ ଲଲାଟେନ୍ଦୁ ମିଶ୍ର, ଇଂ ଅନାଦି ଚରଣ ବିଶ୍ୱାଳ, ଇଂ ସଜଳ ବାନାର୍ଜୀ, ଇଂ ପ୍ରଭାତ ରଞ୍ଜନ ତ୍ରିପାଠୀ, ପଙ୍କଜ ସାମନ୍ତ, ଇଂ ସୁଭାଷିନୀ ଜେନା, ଇଂ ଇପ୍ସିତା ମିଶ୍ର, ଇଂ ମନୋଜ ମହନ୍ତ, ଇଂ ତାପସ ଜେନା, ଇଂ ହିମାଂଶୁ ଶେଖର ପ୍ରଧାନ, ଇଂ କୌସ୍ତଭ ପଣ୍ଡିତ, ଇଂ ଶଶୀକାନ୍ତ ବେହେରା, ଇଂ ଅମର ସାହୁ, ଇଂ ପ୍ରଦୀପ ସାହୁ, ଇଂ ଜିତେନ୍ଦ୍ର ଶତପଥୀ, ଇଂ ପ୍ରଶାନ୍ତ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ମହିଳାଙ୍କୁ ଛୁରା ମାଡ଼

**ରାଉରକେଲା, ୧୦।୨(ସମିସ):** ଝିରପାଣି ଥାନା ଅନ୍ତର୍ଗତ ଜଗଦା ଅଞ୍ଚଳରେ ସୋମବାର ରାତିରେ ମହିଳାଙ୍କୁ ଛୁରା ମାଡ ହୋଇଛି। ଘଟଣା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଛୁରାମାଡର ଶିକାର ହୋଇଥିବା ମହିଳା ସୂଚନାନୁଯାୟୀ, ଜଗଦା ଜେ-୩ରେ ରହୁଥିବା ତପନ ସାମଲଙ୍କ ପତ୍ନୀ ରୀତାବାଳା ସାମଲଙ୍କ ସମ୍ପର୍କୀୟ କୁହାଯାଉଥିବା ଚନ୍ଦନ ସାମଲ ଜମି କ୍ରୟ କରି ଦେବାକୁ କହି ରୀତାବାଳାଙ୍କ ସମେତ ଜଗଦା ଅଞ୍ଚଳରେ ଅନେକ ଲୋକଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ନେଇ ଫେରାଉ ନଥିଲେ। ଟଙ୍କା ମାଗିବାରୁ ଚନ୍ଦନ ରିତାରାଣୀଙ୍କ ଫଟୋକୁ ଏଆଇ ମାଧ୍ୟମରେ ଅଶ୍ଳୀଳ କରି ଭାଇରାଲ କରିଦେବାକୁ କହି ତାଙ୍କୁ ବ୍ଲାକ୍‌ମେଲ କରୁଥିଲେ। ଏହାକୁ କେନ୍ଦ୍ର କରି ରୀତାବାଳା ଚନ୍ଦନ ସାମଲଙ୍କୁ ଗାଳିଗୁଲଜ କରିବା ସହ ଥାନାରେ ଅଭିଯୋଗ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଚନ୍ଦନ ରୀତାବାଳାଙ୍କୁ ସୋମବାର ଛୁରୀରେ ମରଣାନ୍ତକ ଆକ୍ରମଣ କରିଥିଲା। ରୀତାବାଳାଙ୍କୁ ଗୁରୁତର ଅବସ୍ଥାରେ ସିଡବ୍ଲ୍ୟୁସି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ଚନ୍ଦନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ଏଲ୍‌ଇଡି ବଲ୍‌ବ ପ୍ରସ୍ତୁତି ଓ ମରାମତି ପ୍ରଶିକ୍ଷଣ

**କୁତ୍ରା, ୧୦।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ କଟଙ୍ଗଠାରେ ଥିବା ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ଇକୋକ୍ଲବ୍ ଦ୍ୱାରା ଏକ ଦିନିଆ ଏଲ୍‌ଇଡି ବଲ୍‌ବ ପ୍ରସ୍ତୁତି ଓ ମରାମତି ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ କମ୍ ଖର୍ଚ୍ଚରେ ଏଲ୍‌ଇଡି ବଲ୍‌ବ କିପରି ତିଆରି କରାଯାଇପାରିବ ଏବଂ ଏହାର ମରାମତି କିପରି କରାଯିବ



ସେ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ. ନିତ୍ୟାନନ୍ଦ ବେହେରା ପ୍ରଶିକ୍ଷକ ମେକାନିକ୍ସ ମୁସ୍ତାକଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମ ଇକୋ କ୍ଲବ୍ ଇନ୍‌ଚାର୍ଜ ଶିକ୍ଷକ ମହେନ୍ଦ୍ର ସିଂହଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ପରେ ମେକାନିକ୍ସ ମୁସ୍ତାକ ପ୍ରଶିକ୍ଷଣ ଦେଇଥିଲେ। କିପରି ବଜାରରୁ ଶସ୍ତା ଉପାଦାନ ନେଇ କେବଳ ୨୦ ଟଙ୍କା ମଧ୍ୟରେ ଏକ ପୂର୍ଣ୍ଣ ଏଲଇଡି ବଲ୍ବ ତିଆରି କରାଯାଇ ପାରିବ ଏବଂ ୧୦ ଟଙ୍କା ମଧ୍ୟରେ ଏହାର ସରଳ ମରାମତି କରାଯାଇ ପାରିବ ସେ ଉପରେ ସେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶେଷରେ ଇକୋ କ୍ଲବ୍ ଇନ୍‌ଚାର୍ଜ ମହେନ୍ଦ୍ର ସିଂହ ଧନ୍ୟବାଦ ଜଣାଇଥିଲେ। ଅନୁଷ୍ଠାନର କୁମାରୀ ଜୟପୁରିଆ, ମମତା ସ୍ୱାଇଁ, ଭିକାରି ଦାସ, ପ୍ୟାରେଲାଲ ସାହୁ, କୃଷ୍ଣ ଚନ୍ଦ୍ର ମହାରଣା, ସୁଷମା ଦାସଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା, ୧୦।୨(ସମିସ):** ନୂଆଗାଁ ବ୍ଲକ ହାତିବାରୀ ଥାନା ନୂଆଗାଁ ଫାଣ୍ଡି ପୁଲିସ ପକ୍ଷରୁ ସୋମବାର ଜାତୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ସେଠିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ନୂଆଗାଁ ହାଇସ୍କୁଲର ଶତାଧିକ ଛାତ୍ରଛାତ୍ରୀ ଆଜିର ଯୁବ ସମାଜକୁ ଗାଡି ଚାଳନା ଉପରେ ବିଭିନ୍ନ




ସ୍ଲୋଗାନ ମାଧ୍ୟମରେ ସଚେତନ କରିଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ହେଲମେଟ ପିନ୍ଧି ନଥିବା ଗାଡି ଚାଳକଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯିବା ସହ ହେଲମେଟ ପ୍ରଦାନ କରାଯାଇ ସଚେତନ କରାଯାଇଥିଲା। ଏହି ଅବସରରେ ନିଜ ସୁରକ୍ଷା ପାଇଁ ହେଲମେଟ ପିନ୍ଧିବା, ମଦ୍ୟପାନ କରି ଗାଡି ନ ଚଳାଇବା, ଦ୍ରୁତ ଗତିରେ ଗାଡି ନ ଚଳାଇବା ଆଦି ଉପରେ ସଚେତନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏଏସଆଇ ସୁବନାଥ ମାହାତ, ଗୋପବନ୍ଧୁ ନାୟକ, ମଳୟ ରଞ୍ଜନ ମାହାତ ପ୍ରମୁଖ ଉପସ୍ଥିତ ଥିଲେ।

# ନିଶାମୁକ୍ତ ଭାରତ ସଚେତନତା ପଦଯାତ୍ରା




**ବଣାଇଁ, ୧୦।୨(ସମିସ):** ଆଜି ବଣାଇଁ ପ୍ରଶାସନ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବଣାଇଁ ଉପ ଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ଫିତା କାଟି ଶୁଭାରମ୍ଭ କରିଥିଲେ। ଏହି ସଚେତନତା ପଦଯାତ୍ରା ସ୍ଥାନୀୟ ଦେଓଗାଁ ଛକଠାରୁ ଆରମ୍ଭ ହୋଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ନିଶା ସେବନ ନକରିବାକୁ ଓ ଭାରତକୁ ନିଶାମୁକ୍ତ ରଖିବା ପାଇଁ ଯୁବପିଢ଼ି ତଥା ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ପରେ କାର୍ଯ୍ୟାଳୟ ସମ୍ମୁଖରେ ଉପଜିଲ୍ଲାପାଳ ନିଶାମୁକ୍ତି ଅଭିଯାନର ଶପଥ ପାଠ କରାଇଥିଲେ। ଏଥିରେ ଡେପୁଟି କଲେକ୍ଟର ସ୍ୱାଗତିକା ଦଳପତି, ଶିବାଙ୍ଗୀ ଆନନ୍ଦ, ସହକାରୀ ଜିଲ୍ଲାପାଳ କୁଳମଣି ଧଳ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅଜୟ କୁମାର ସାହୁ, କର୍ମଚାରୀ ସନ୍ତୋଷ କୁମାର ଦାଶ, ରଞ୍ଜନ କୁମାର ପ୍ରଧାନ, ସହକାରୀ ଯୋଗାଣ ଅଧିକାରୀ ବିଜୟ କୁମାର ସାହୁ, ସେକ୍ସନ ଅଧିକାରୀ ଯୋଗେନ୍ଦ୍ର ଶେଖର ସାହୁ, ସମସ୍ତ ବିଏସଏସଓ, ଏବିଇଓ ବଣାଇ, ସମସ୍ତ ସହକାରୀ ସହାୟକଙ୍କ ସମେତ ଗୌରୀ ନର୍ସିଂ ଶିକ୍ଷାନୁଷ୍ଠାନର ଓ ନିଅମ ସେଣ୍ଟରର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ସିଆରସିସି ଫକିର ମୋହନ କୈବର୍ତ୍ତ ମଞ୍ଚ ପରିଚାଳନା କରିଥିବା ବେଳେ ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀ ଯୁଧିଷ୍ଠିର ତ୍ରିପାଠୀ ସହାୟତା କରିଥିଲେ। ଅଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଏସ୍‌ପି ଜ୍ଞାନାର୍ଜନ ଓ ବିକାଶ ବିଭାଗର ବାର୍ଷିକ କ୍ରୀଡ଼ା ଉତ୍ସବ



**ରାଉରକେଲା, ୧୦।୨(ସମିସ):** ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି) ର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗର ବାର୍ଷିକ କ୍ରୀଡା ଉତ୍ସବ 'ସ୍ପର୍ଦ୍ଧା' ଫେବୃଆରୀ ୭ ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ରକ୍ଷଣାବେକ୍ଷଣ ବିଭାଗର ସିଜିଏମ୍ ଇନଚାର୍ଜ ଏସଏସ ରାୟଚୌଧୁରୀ, ସହର ସେବା ଏବଂ ସିଏସଆର ବିଭାଗର ସିଜିଏମ୍ ଟିଜି କାନେକର, ଜ୍ଞାନାର୍ଜନ ଓ ବିକାଶ ବିଭାଗର ସିଜିଏମ୍ ପିକେ ସାହୁଙ୍କ ସହ ଆରଏସପିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଜ୍ଞାନାର୍ଜନ ଏବଂ ବିକାଶ ବିଭାଗ ଅଧୀନରେ ଥିବା ଆରଏସପି ଏବଂ ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସର ଏସିଟି (ଟି), ଓସିଟି (ଟି) ଏବଂ ଏମଟି (ଟି) ସମେତ ପ୍ରାୟ ୬୫ ଜଣ ପ୍ରଶିକ୍ଷାର୍ଥୀ ବିଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ବିଭିନ୍ନ ଇଭେଣ୍ଟଗୁଡ଼ିକ ମଧ୍ୟରେ କ୍ରିକେଟ, ବ୍ୟାଡମିଣ୍ଟନ ପୁରୁଷ ଏବଂ ମହିଳା ଉଭୟଙ୍କ ପାଇଁ ଏକକ ଏବଂ ଡବଲ୍ସ, ଚେସ୍, ୧୦୦ ମିଟର ଦୌଡ଼ ଏବଂ ସଟ୍‌ପୁଟ୍ ଅନ୍ତର୍ଭୁକ୍ତ ଥିଲା। ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଏବଂ ୧୦୦ ମିଟର ଦୌଡ଼ ସହ ସଟ୍‌ପୁଟ୍‌ରେ କର୍ମଚାରୀଙ୍କ ଅଂଶଗ୍ରହଣ ଏହାର ଅନ୍ତର୍ଭୁକ୍ତିମୂଳକ ମନୋଭାବକୁ ଆହୁରି ସୁଦୃଢ କରିଥିଲା। ଏହି କାର୍ଯ୍ୟକ୍ରମକୁ ମାନବ ସମ୍ବଳ ବିଭାଗର ଡିଜିଏମ୍ କେକେ ଜୟସ୍ୱାଲ ସଂଯୋଜନା କରିଥିଲେ।

## ସୁନ୍ଦରଗଡ଼ ଜିଲ୍ଲା ମହୋତ୍ସବ 'ଯତରା' ଦ୍ୱିତୀୟ ସନ୍ଧ୍ୟା

# କଣ୍ଠଶିଳ୍ପୀ ମହମ୍ମଦ ଦାନିଶଙ୍କ ଗୀତରେ ଝୁମିଲେ ଦର୍ଶକ

ରାଉରକେଲା, ୧୦।୨(ସମିସ)



ଜିଲ୍ଲା ମହୋତ୍ସବ 'ଯତରା-୨୦୨୬'ର ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟାରେ ଗୋଟିଏ ପରେ ଗୋଟିଏ ହିଟ୍ ଗୀତ ଗାଇ ଦର୍ଶକଙ୍କୁ ଭରପୁର ଝୁମାଇଥିଲେ କଣ୍ଠଶିଳ୍ପୀ ମହମ୍ମଦ ଦାନିଶ ଓ ତାଙ୍କ ଦଳ। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ପୂଜାରୀ ଲୋକ ନୃତ୍ୟ ଓ ଲୋକ ସଙ୍ଗୀତକୁ ଉଦ୍‌ଜୀବିତ ତଥା ଉତ୍ସାହିତ କରିବାର ଉତ୍ତମ ମାଧ୍ୟମ ହେଉଛି ଏହି ଉତ୍ସବ ବୋଲି କହିଥିଲେ। ଏହି ପାଞ୍ଚ ଦିନିଆ କାର୍ଯ୍ୟକ୍ରମର ପ୍ରତ୍ୟେକ ଦିନ ଜିଲ୍ଲାର ବରପୁତ୍ରଙ୍କୁ ସମର୍ପିତ କରାଯାଇଥିବାରୁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ। ଦ୍ୱିତୀୟ ସନ୍ଧ୍ୟାକୁ ମହାରାଜା ରଘୁନାଥ ଶେଖର ଦେଓଙ୍କ ନାମରେ ସମର୍ପିତ କରାଯାଇଥିବା ବେଳେ ଏହି ଅବସରରେ ମହାରାଣୀ ପଦ୍ମିନୀ ଶେଖର ଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବଣାଇଁ ବ୍ଲକର ଅଙ୍ଗନବାଡି କର୍ମୀ ଝରଣା ବେହେରା, ସଦର ବ୍ଲକର ଅଙ୍ଗନବାଡି କର୍ମୀ କନକ କିସାନ, ବାଲ୍ୟ ବିବାହ ରୋକିଥିବା ଚିରସ୍ମିତା ନାଥ, କୋଇଡା ବ୍ଲକର ଆଶାକର୍ମୀ କେଶବତୀ ପାତ୍ରଙ୍କୁ ସୁନ୍ଦରଗଡ଼ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ସୁରୁ ହେମ୍ବ୍ରମ, କାଜଲ ମୁଣ୍ଡା, ଶାନ୍ତିଲତା ମୁଣ୍ଡା, ଦେବେନ୍ଦ୍ର ହେମ୍ବ୍ରମ, ଶୁକ୍ର ଖାଖା, ଛାତ୍ର କ୍ରିଷ୍ଣା ମାଝୀ, ଶିକ୍ଷକ ପର୍ଶୁରାମ ବାରିକ, ପାଲା ଗାୟକ ଖଗେଶ୍ୱର ବାରିକ, ସରୋଜିନୀ ବାନା ଏବଂ ନୂତନ ଉଦ୍ୟୋଗ ଆରମ୍ଭ (ଷ୍ଟାର୍ଟଅପ୍) କୋରୋସିଆ ଟେକ୍ନୋଲୋଜିର ଉଦ୍ୟୋକ୍ତାଙ୍କୁ ମଧ୍ୟ ସୁନ୍ଦରଗଡ଼ ସମ୍ମାନ ପ୍ରଦାନ କରାଯାଇଥିଲା। ପରେ ରାଜଗାଙ୍ଗପୁର କଳାକାରଙ୍କ କିସାନ ପାରମ୍ପରିକ ନୃତ୍ୟ, ରାଜସ୍ଥାନ କଳାକାରଙ୍କ ଘୁମର ଏବଂ କାଲବେଲିଆ, କୋରାପୁଟ କଳାକାରଙ୍କ ଦୁରୁଆ ନୃତ୍ୟ, ସୁନ୍ଦରଗଡ଼ ଜୟ କୃଷ୍ଣ ଡାନ୍ସ ଏକାଡେମୀ ଦ୍ୱାରା ସମ୍ବଲପୁରୀ, ନବଜୀବନ ଅନୁଷ୍ଠାନ ପକ୍ଷରୁ ଆଦିବାସୀ ନୃତ୍ୟ, କୋରାପୁଟର ଦୁରୁଆ, ରାଜସ୍ଥାନର କାଲବେଲିଆ ନୃତ୍ୟ ଦର୍ଶକଙ୍କୁ ବିଭୋର କରିଥିଲା। ଡ୍ରନ୍ ସୋ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଭରିଥିଲା। ପରେ ପରେ ମହମ୍ମଦ ଦାନିଶ୍ ଏବଂ ଦଳ ଗୋଟିଏ ପରେ ଗୋଟିଏ ଗୀତ ପରିବେଷଣ କରି ଦର୍ଶକଙ୍କୁ ଝୁମାଇଥିଲେ।

## ବ୍ରହ୍ମକ୍ଷେତ୍ରରେ ଦୋଳ ମେଳଣ ପ୍ରସ୍ତୁତି ବୈଠକ

# ଡିଜେ ବନ୍ଦ; ପାରମ୍ପରିକ ବାଦ୍ୟରେ ହେବ ଶୋଭାଯାତ୍ରା

**ନିଶ୍ଚିନ୍ତକୋଇଲି, ୧୦।୨(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ବ୍ରହ୍ମକ୍ଷେତ୍ର ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପରିଚାଳନାରେ ବିଭିନ୍ନ ସ୍ଥାନରେ ହେବାକୁ ଥିବା ଦୋଳ ମେଳଣ ପାଇଁ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ମେଳଣରେ ବିମାନଗୁଡିକୁ ପହଞ୍ଚାଇବା ଏବଂ ଶୋଭାଯାତ୍ରାରେ ଡିଜେ ବାଦ୍ୟ ନ ବଜାଇ ସମ୍ପୂର୍ଣ୍ଣ ପାରମ୍ପରିକ ବାଦ୍ୟ ବଜାଇବା ପାଇଁ ବୈଠକରେ ସ୍ଥିର କରାଯାଇଛି। ଆସନ୍ତା ଫେବୃଆରୀ ୨୭ ତାରିଖଠାରୁ ଦୋଳ ମେଳଣ ଆରମ୍ଭ ହେବାକୁ ଧାର୍ଯ୍ୟ ହୋଇଥିବାରୁ ପ୍ରତ୍ୟକ ମେଳଣରେ ସାଲେପୁର ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପଦକ୍ଷେପ ନେବାକୁ ଥାନାକୁ ଅବଗତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ୨୭ ତାରିଖରେ ଝୋଟେଇ ଶୁଣି, ଛାଣିପୁର, ବାରେଣୀ ୨୮ ତାରିଖରେ କୁଳିଆ, ମାର୍ଚ୍ଚ ୧ ତାରିଖ ଦିନରେ ଜିଗ୍ନିପୁର ଓ ରାତିରେ ରାମକୃଷ୍ଣପୁର, ୨ ତାରିଖରେ ମନହରପୁର, ୩ ତାରିଖରେ ସାଇଗଡ଼ା ଓ ଲକ୍ଷ୍ମୀନାରାୟଣ, ୪ ତାରିଖରେ କୁଳିଆମଠ, ବୋଦାମୁଣ୍ଡାଇ, ଅଲେରେଇ ଓ କେନ୍ଦୁପାଟଣାରେ ମେଳଣ ଅନୁଷ୍ଠିତ ହେବା ପାଇଁ ଧାର୍ଯ୍ୟ ହୋଇଛି। ଚଳିତ ବର୍ଷ ପୂର୍ଣ୍ଣିମା ଦିନ ଚନ୍ଦ୍ର ଗ୍ରହଣ ହେଉଥିବାରୁ ଏହି ଦିନ ହେବାକୁ ଥିବା ମେଳଣର କିପରି ସୁପରିଚାଳନା କରାଯିବ ସେନେଇ ଆଲୋଚନା ହୋଇଛି। ଶ୍ରୀ ବଳଦେବଜୀଉ ମ୍ୟାନେଜିଂ ଟ୍ରଷ୍ଟ ଧିରେନ୍ଦ୍ରନାଥ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଗାଦି ମାଲିକମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଥମେ ପିକୋଳର ରାଧାକାନ୍ତଜୀଉଙ୍କ ମାଲିକ ବାସୁଦେବ ଦାସଙ୍କ ଦିବଙ୍ଗତ ଆତ୍ମାର ସଦଗତି ପାଇଁ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ବୈଠକରେ ଟ୍ରଷ୍ଟବୋର୍ଡର ସଭ୍ୟ ରାଜେନ୍ଦ୍ର ମୋହନ କର ଗାଦି ମାଲିକ ଦେବପ୍ରସାଦ କର, ଅଧିକାରୀ ରଞ୍ଜନ କୁମାର ଦାସ, ତ୍ରିଲୋଚନ ରାଉତ, ରବିନାରାୟଣ ସାହୁ, ହୃଷିକେଶ ସାହୁ, ବିରଞ୍ଚି ନାରାୟଣ ମିଶ୍ର, ସୁରେନ୍ଦ୍ରନାଥ ପ୍ରଧାନ, ସୁକଦେବ ଦାସ, ଚୌଧୁରୀ ପ୍ରଫୁଲ୍ଲ ନନ୍ଦ, ଅନନ୍ତ ମହାରଣା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ପୂଜକ ହେମନ୍ତ ପଣ୍ଡା, ପ୍ରଫୁଲ୍ଲ ପଣ୍ଡା, ଧ୍ରୁବଚରଣ ପଣ୍ଡା, ପ୍ରଣୟ କିଶୋର ପଣ୍ଡା ଉପସ୍ଥିତ ହୋଇଥିଲେ।

## ସିଂହନାଥ ପୀଠରେ ଜାଗର ଯାତ୍ରା ପ୍ରସ୍ତୁତି

# ସେତୁ ଉପରେ ଭାରୀଯାନ ଚଳାଚଳ ବନ୍ଦ



**ବଡ଼ମ୍ବା, ୧୦।୨(ସମିସ):** କଟକ ଜିଲ୍ଲାର ଅନ୍ୟତମ ପ୍ରାଚୀନ ଶୈବପୀଠ ବାବା ସିଂହନାଥଙ୍କ ପୀଠରେ ଚଳିତ ବର୍ଷର ମହାଶିବରାତ୍ରି ବା ଜାଗର ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଡ଼ମ୍ବା ଦେବୋତ୍ତର ଅଧିକାରୀ ତଥା ତହସିଲଦାର ପ୍ରମୋଦ କୁମାର ବାସ୍କେଙ୍କ ପୌରୋହିତ୍ୟରେ

### ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଅନୁଷ୍ଠିତ ଏହି ବୈଠକରେ ଯାତ୍ରାର ପରିଚାଳନା ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଜାଗର ଦିନ ସିଂହନାଥ ସେତୁ ଉପରେ ସୁରକ୍ଷା ଦୃଷ୍ଟିରୁ ଭାରିଯାନ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ ରଖାଯିବ। କେବଳ ହାଲୁକା ଯାନ ଚଳାଚଳ କରିପାରିବ, ମାତ୍ର ସେତୁ ଉପରେ କୌଣସି ଗାଡ଼ି ପାର୍କିଂ କରିବାକୁ ଅନୁମତି ଦିଆଯିବ ନାହିଁ। ଭକ୍ତଙ୍କ ଗହଳିକୁ ନିୟନ୍ତ୍ରଣ କରିବା ପାଇଁ ବ୍ୟାରିକେଟ୍ ବ୍ୟବସ୍ଥା ଏବଂ ନଦୀପଠା ଅଞ୍ଚଳରେ ପୁଲିସ ଓ ଅଗ୍ନିଶମ ବାହିନୀ ସଜାଗ ରହିବେ। ଏହି ବୈଠକରେ ଅତିରିକ୍ତ ତହସିଲଦାର ସୁବାଷ ଚନ୍ଦ୍ର ମହାନ୍ତି, ଆଠଗଡ଼ ଏସଡିପିଓ ବିଶ୍ୱଜିତ ମହାନ୍ତି, ବଡ଼ମ୍ବା ଥାନା ଅଧିକାରୀ ପରମାନନ୍ଦ ନାୟକ ଏବଂ ଗୋପୀନାଥପୁର ସରପଞ୍ଚ ଯଯାତି କେଶରୀ ନାୟକ ପ୍ରମୁଖ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବା ପାଇଁ ପରାମର୍ଶ ଦେଇଥିଲେ। ପଞ୍ଚାନନ ସମିତିର ସମ୍ପାଦକ ଡ. ନିରଞ୍ଜନ ଦାସ ଜାଗର ମେଳାର ପରିଚାଳନା ଖସଡ଼ା ଉପସ୍ଥାପନ କରିଥିଲେ। ପାନୀୟ ଜଳ ବ୍ୟବସ୍ଥା ଓ ଭକ୍ତଙ୍କ ସୁବିଧା ପାଇଁ ମନ୍ଦିର ସେବାୟତ ଓ ସମିତିର ସଦସ୍ୟମାନେ ସକ୍ରିୟ ସହଯୋଗ କରିବେ। ନିରଞ୍ଜନ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ପରମହଂସନାଥଙ୍କ ଜାଗର ଯାତ୍ରା ଉପଲକ୍ଷେ ପ୍ରସ୍ତୁତି




**କନ୍ଦରପୁର, ୧୦।୨(ସମିସ):** କଟକ ପୂର୍ବାଞ୍ଚଳର ତଥା କଟକ ସଦର ଅନ୍ତର୍ଗତ ପରମହଂସଠାରେ ଅବସ୍ଥିତ ପ୍ରସିଦ୍ଧ ଶୈବପୀଠ ପରମହଂସନାଥଙ୍କ ଆସନ୍ତା ୧୫ ତାରିଖ ରବିବାର ହେବାକୁ ଥିବା ୫ ଦିନିଆ ମହାଶିବରାତ୍ରି ଜାଗର ଯାତ୍ରା ଶୃଙ୍ଖଳିତ ହେବାକୁ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀଙ୍କୁ ନେଇ ତୃତୀୟ ତଥା ଶେଷ ପ୍ରସ୍ତୁତି ବୈଠକ ମଙ୍ଗଳବାର ସନ୍ଧ୍ୟାରେ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରମହଂସ ସରପଞ୍ଚ ଅଶୋକ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରସ୍ତୁତି ବୈଠକରେ କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ, ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ, ତହସିଲଦାର ଦେବଦତ୍ତ ପ୍ରଧାନ, ମନ୍ଦିର ଟ୍ରଷ୍ଟି ବିକ୍ରମ ରାଉତ, ମନ୍ଦିର ସୁରକ୍ଷା ସମିତି ସଭାପତି ପ୍ରଫୁଲ୍ଲ ସିଂହ, ସମାଜସେବୀ ପୁଷ୍ପରାଜ ପ୍ରଧାନ, ଏସିପି ସୁଧାଂଶୁ ଭୂଷଣ ଜେନା, କନ୍ଦରପୁର ଥାନା ଅଧିକାରୀ ଆର୍ତ୍ତତ୍ରାଣ ସେଠୀ, ୪୨ମୌଜା ଥାନା ଅଧିକାରୀ ହେମନ୍ତ ସେଠୀ, ସେବାୟତ ସଂଘ ସଭାପତି ଅରୁଣ ଦାଶ, ହଂସନାଥ ସ୍ୱେଚ୍ଛାସେବୀ ସଂଗଠନ ସଭାପତି ଲକ୍ଷ୍ମୀଧର ରାଉତ, ହୃଷୀକେଶ ଜେନା, ସମର ବେହେରା, ଜଗନ୍ନାଥ ପଣ୍ଡା, ଜିତେନ୍ଦ୍ର ଦାଶ, ଡା. ଶୁଭାଶିଷ ଶତପଥୀ, ରାମଚନ୍ଦ୍ର ପଣ୍ଡା, ରବି ନାରାୟଣ ସିଂହ, ପୂର୍ବତନ ସରପଞ୍ଚ ଅନିରୁଦ୍ଧ ରାଉଳ, ପୂର୍ବତନ ସରପଞ୍ଚ ନିର୍ମଳ ଦାସଙ୍କ ସମେତ ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।

## ୧୦ ଦିନ ହେଲା ନିଖୋଜ ବ୍ୟକ୍ତିଙ୍କ ପତ୍ତା ମିଳୁନି



**ଭଦ୍ରେଶ୍ୱର, ୧୦।୨(ସମିସ):** ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଓଲକଣା ଗ୍ରାମର ଜଣେ ବ୍ୟକ୍ତି ୧୦ ଦିନ ହେଲା ନିଖୋଜ ହୋଇଯାଇଥିବାର ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ତାଙ୍କ ପରିବାର ଚିନ୍ତିତ ହୋଇ ପଡ଼ିଛନ୍ତି। ହଳଦିଆ ଗ୍ରାମପଞ୍ଚାୟତ ଓଲକଣା ଗ୍ରାମର ହିମାଂଶୁ ଶେଖର ସ୍ୱାଇଁ (୪୫) ଗତ ୧ ତାରିଖ ଦିନ ତାଙ୍କ ଘରୁ ବାହାରକୁ ବୁଲିବା ନିମନ୍ତେ ଯାଇଥିଲେ। ତେବେ ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ସେ ଘରକୁ ଫେରିନାହାନ୍ତି। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନ ଓ ସମ୍ପର୍କୀୟଙ୍କ ଘରେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇପାରିନାହାନ୍ତି। ତାଙ୍କର ନିଖୋଜ ଘଟଣାକୁ ନେଇ ପରିବାର ଲୋକେ ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି। ଏ ସମ୍ପର୍କରେ ତାଙ୍କର ଭାଇ ସୁଧାଂଶୁ ଶେଖର ସ୍ୱାଇଁ ଗତ ୬ ତାରିଖ ଦିନ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ



**କନ୍ଦରପୁର, ୧୦।୨(ସମିସ):** କଟକ ସଦର ଅନ୍ତର୍ଗତ କନ୍ଦରପୁର କଲେଜ ରୋଡରେ ଥିବା ଅଗ୍ରଣୀ ଇଂରାଜୀ ମାଧ୍ୟମ ସେଣ୍ଟ ଜାଭିୟର ହାଇସ୍କୁଲର ୧୪ ତମ ବାର୍ଷିକ ଉତ୍ସବ(ଏଲାନ୍ ଦି ସ୍ପାର୍କ ଅଫ୍ ପାସିୟନ) ପାଳନ କରାଯାଇଛି। ଏହି ଉପଲକ୍ଷେ ପ୍ରିନ୍ସିପାଲ ପ୍ରଫେସର ଖଲିକୁଜ ଜମାନ ଖାଁ ଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ରାଜ୍ୟ ସୂଚନା ଆୟୁକ୍ତ ପ୍ରାଣବିନ୍ଦୁ ଆଚାର୍ଯ୍ୟ (ଆଇପିଏସ୍), ବିଶିଷ୍ଟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଟି ସୌରୀ, ହାଇସ୍କୁଲର ମୁଖ୍ୟ ଉପଦେଷ୍ଟା ଇଂ ଉମେଶ ଚନ୍ଦ୍ର ଜେନା, ପ୍ରତିଷ୍ଠାତା ସମ୍ପାଦକ ନରେଶ ଚନ୍ଦ୍ର ଜେନା, ପରିଚାଳନା ନିର୍ଦ୍ଦେଶିକା ବୈଜୟନ୍ତୀ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅଭିଭାଷଣ ରଖିଥିଲେ। ଏହି ଅବସରରେ କୃତିତ୍ୱ ଅର୍ଜନ କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ପିଲାମାନଙ୍କ ଦ୍ୱାରା ପରିବେଷଣ ହୋଇଥିବା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଉପଭୋଗ୍ୟ ହୋଇଥିଲା।

## ଗୋଟିଏ ରାତିରେ ୩ ମନ୍ଦିରରୁ ଚୋରି

**ବଡ଼ମ୍ବା, ୧୦।୨(ସମିସ):** ବଡ଼ମ୍ବା ଥାନା ଅଧୀନ ନିଜିଗଡ଼ ଟାଉନରେ ଥିବା ହନୁମାନ ମନ୍ଦିର, ସାଇ ମନ୍ଦିର ଓ ଶନି ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ ଲୁଟେରାମାନେ ବିଭିନ୍ନ ସାମଗ୍ରୀ ଲୁଟ କରିଛନ୍ତି। ଲୁଟେରାମାନେ ମନ୍ଦିରରେ




ଥିବା ୪ଟି ଘଣ୍ଟ, ଗୋଟିଏ ଗଦା, ହନୁମାନ ମନ୍ଦିରରୁ ୨ଟି ରୂପା କିରଟ ସହିତ ୨ଟା ରୁପା ପାଦୁକା, ପିତଳ ଘଣ୍ଟି, ରୂପା ମୁକୁଟ ଆଦି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିନେଇଥିବାର ଅଭିଯୋଗ ହୋଇଛି। ଅଭିଯୋଗକୁ ନେଇ ବଡ଼ମ୍ବା ଥାନା ଅଧିକାରୀ ପରମାନନ୍ଦ ନାୟକ ତଦନ୍ତ ଜାରି ରଖିଛନ୍ତି।

## ୧୯୮୬ ମସିହା ବ୍ୟାଚ୍ ବନ୍ଧୁମିଳନ



**ମାହାଙ୍ଗା, ୧୦।୨(ସମିସ):** ମାହାଙ୍ଗା ବ୍ଲକ କୁସୁପୁରସ୍ଥିତ ପଲ୍ଲୀକବି ନନ୍ଦକିଶୋର ବିଦ୍ୟା ମନ୍ଦିର ପରିସରରେ ୧୯୮୬ ମସିହା ବ୍ୟାଚ୍ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାରେ ଦିବଙ୍ଗତ ସାଥୀଙ୍କୁ ମନେ ପକାଇ ସେମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଚାରି ଦଶନ୍ଧ ପୂର୍ବର ବିଦ୍ୟାଳୟ ଜୀବନ ସମୟରେ ବିତିଯାଇବା ସ୍ମୃତିକୁ ସାଉଁଟି ଥିଲେ। ଅସୁବିଧା ସମୟରେ ସହାୟତାର ହାତ ବଢ଼ାଇବା ପାଇଁ ଏକ ସ୍ଥାୟୀ ପାଣ୍ଠିର ବ୍ୟବସ୍ଥା କରିବା ପାଇଁ ଆଜିର ଉପସ୍ଥିତ ସଦସ୍ୟମାନେ ମତ ଦେବା ସହ ଏହି ଦାୟିତ୍ୱ ନିରଞ୍ଜନ ମହାରଣା ଓ ଈଶ୍ୱର ଦାସଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୮୨ ଜଣ ସହପାଠୀ ସପତ୍ନୀକ ଯୋଗଦେଇଥିଲେ। ଏହିପରି ବନ୍ଧୁମିଳନ ପ୍ରତିବର୍ଷ ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ନିଆଯିବା ସହ ଆଜିର ଆୟୋଜକ ନିଶିକାନ୍ତ ଜେନା, ନିରଞ୍ଜନ ମହାରଣା ଓ ଈଶ୍ୱର ଦାସଙ୍କୁ ଧନ୍ୟବାଦ ଦିଆଯାଇଥିଲା।

# ପୁରାତନ ଛାତ୍ରସଂସଦ ବାର୍ଷିକୋତ୍ସବ



**ଚୌଦ୍ୱାର, ୧୦।୨(ସମିସ):** ଓଟିଏମ୍ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ୨୩ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଡା. ଉତ୍ତମ ଚରଣ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଅବସରପ୍ରାପ୍ତ ସିଆରପିଏଫ ଆଇଜି ତ୍ରୈଲୋକ୍ୟନାଥ ଖୁଣ୍ଟିଆ, ରିଜିଓନାଲ କଲେଜ ଅଫ ଏଜୁକେସନ୍‌ର ଓଡ଼ିଆ ଭାଷା ବିଶେଷଜ୍ଞ ଡ. ଦେବାଶିଷ ମହାପାତ୍ର, ଶିକ୍ଷାବିତ୍ ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଜଗନ୍ନାଥ ସଂସ୍କୃତି ଗବେଷକ ଡ. ଅମ୍ବରିଷ ଶତପଥୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ବିଶ୍ୱକଲ୍ୟାଣ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂସଦ ମୁଖପତ୍ର 'ସମାଚାର' ଉନ୍ମୋଚିତ ହେବା ସହ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ଆନ୍ତଃ ବିଦ୍ୟାଳୟ ପ୍ରବନ୍ଧ, ବକ୍ତୃତା, ସାଧାରଣ ଜ୍ଞାନ ତଥା କୁଇଜ୍ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ନାରାୟଣ ସ୍ୱାଇଁ, ରଞ୍ଜନ ମହାନ୍ତି, ରଞ୍ଜିତ ପ୍ରଧାନ, ବି. ପ୍ରସାଦ ରାଓ, ପ୍ରଦୀପ ବେହେରା, ବିଜୟ କେତନ ଦାସ, ଅଞ୍ଜଳି ଦତ୍ତ, ଡଃ. ଜେନାମଣି ସଞ୍ଜୀବ କୁମାର, ବଳରାମ କର, ଜୟନ୍ତ ରଥ, ପ୍ରଣବ ମହାନ୍ତି, ନମିତା ଦାସ, ସୁଲୋଚନା ଦାଶ, ସମାପ୍ତିକା ଦାସ, ବିନମ୍ର ମହାପାତ୍ର ପ୍ରମୁଖ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।

## ଜମିବାଡ଼ି ବିବାଦରୁ ଗଣ୍ଡଗୋଳ; ୪ ଗିରଫ

**ଟାଙ୍ଗୀ, ୧୦।୨(ସମିସ):** ଜମିବାଡ଼ି ବିବାଦରୁ ଗଣ୍ଡଗୋଳ ଘଟଣାରେ ଟାଙ୍ଗୀ ପୁଲିସ ୨ଟି ମାମଲା ରୁଜୁ ପୂର୍ବକ ଶାଳଗାଁ ପଞ୍ଚାୟତ ମାଧପୁର ଗ୍ରାମର ୪ଜଣଙ୍କୁ ଗିରଫ କରି ମଙ୍ଗଳବାର ଅଦାଲତ ଚାଲାଣ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ ଚକ୍ରଧର ଜତି (୫୫) ପୁଅ ରାଜେନ୍ଦ୍ର(୨୬) ଓ ରଜତ(୨୧)ଙ୍କ ସହ ପ୍ରତିପକ୍ଷ ଅଭିନ୍ନ ଜତି(୫୨) ସାମିଲ ଥିବା ତଦନ୍ତକାରୀ ଅଧିକାରୀ ଶ୍ରୀକାନ୍ତ ବେହେରା ସୂଚନା ଦେଇଛନ୍ତି।

## ଫଜୁଲ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ପ୍ରତାପ କ୍ଲବ୍ ଓ ଖୁଣ୍ଟକଟା କ୍ରୀଡ଼ା ପରିଷଦ



**ତିଗିରିଆ, ୧୦।୨(ସମିସ):** ପଙ୍କାଳସ୍ଥିତ ଇନ୍ଦିରା ଗାନ୍ଧୀ ମିନି ଷ୍ଟାଡିୟମଠାରେ ଯୁବଜ୍ୟୋତି କ୍ଲବ ଦ୍ୱାରା ଆୟୋଜିତ ୧୭ତମ ରାଜ୍ୟସ୍ତରୀୟ ଫଜୁଲ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଅନୁଷ୍ଠିତ ୨ୟ ସେମିଫାଇନାଲ ମ୍ୟାଚରେ ୟୁଥ କ୍ଲବ କରଡ଼ାପଲ୍ଲୀକୁ ୧-୦ ଗୋଲରେ ପରାସ୍ତ କରି ପ୍ରତାପ କ୍ଲବ କଟକ ୨ୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଦ୍ୱିତୀୟ ସେମିଫାଇନାଲ ମ୍ୟାଚର ପ୍ରଥମାର୍ଦ୍ଧର ୩୩ ମିନିଟରେ ପ୍ରତାପ କ୍ଲବର ୮ନଂ ଖେଳାଳି ସୋମ୍ୟ ରଞ୍ଜନ ରାଉତ ଏକମାତ୍ର ଗୋଲ ଦଳ ପାଇଁ ସ୍କୋର କରିଥିଲେ। ଖେଳକୁ ରେଫରୀ ମହେଶ ପ୍ରଧାନ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଅନୀଲ ନନ୍ଦ ଓ ଅମୂଲ୍ୟ ସାମଲ ସହଯୋଗ କରିଥିଲେ। ୪ର୍ଥ ରେଫରୀ ଭାବେ ସମସୁର ଖାଁ ଦାୟିତ୍ୱ ସମ୍ପାଦନ କରିଥିଲେ।

# ବିଶିପଦା ପ୍ରିମିୟର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ଫୁଲନଖରା, ୧୦।୨(ସମିସ)**



ବାରଙ୍ଗ ବ୍ଲକ ଅନ୍ତର୍ଗତ ବିଶିପଦା ଖେଳପଡ଼ିଆରେ ଅନୁଷ୍ଠିତ ବିଶିପଦା ପ୍ରିମିୟର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଚୂଡ଼ାନ୍ତ ପର୍ଯ୍ୟାୟ ମ୍ୟାଚ୍‌ରେ ଷ୍ଟିଲର ଷ୍ଟ୍ରାଇକର ପ୍ରଥମେ ବ୍ୟାଟିଂ କରି ୧୩୮ ରନ୍ କରିଥିବା ବେଳେ ବିପକ୍ଷ ଦଳ ୧୩୭ରନ୍ କରି ପରାଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୁବ ସମାଜସେବୀ ଇଂ ଶୋଭନ ମହାପାତ୍ର, ୩୩ନଂ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ଭୋଇ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବରେ କୋରକରା ଗ୍ରାମପଞ୍ଚାୟତ ସରପଞ୍ଚ ଅଶୋକ ପାତ୍ର, ସମିତିସଭ୍ୟା କନକଲତା ଜେନା, ଟଙ୍କେଶ୍ୱର ଯୁବ ପରିଷଦ ସଭାପତି ପ୍ରବୀର ମହାନ୍ତି, ବିଜୁ ଜନତା ଦଳର ଯୁବଛାତ୍ର ରାଜ୍ୟ ସାଧାରଣ ସମ୍ପାଦକ ବିଶ୍ୱଜିତ୍ ଜେନା, ଗ୍ରାମ୍ୟ ମୁରବୀ ମୃତ୍ୟୁଞ୍ଜୟ ମହାନ୍ତି, ବ୍ରଜ କିଶୋର ମହାନ୍ତି ଓ ସୁଦର୍ଶନ ସାହୁ ପ୍ରମୁଖ ଯୋଗଦେଇ ବିଜେତା ଦଳକୁ ଅର୍ଥରାଶି ୫୦ହଜାର ଟଙ୍କା ଓ ୱିନର୍ସ ଟ୍ରଫି ଓ ଉପବିଜେତା ଦଳକୁ ୩୦ ହଜାର ଅର୍ଥରାଶି ସହ ରନର୍ସଅପ୍ ଟ୍ରଫି ପ୍ରଦାନ କରିଥିଲେ। ଦୁଇଦିନ ଧରି ଅନୁଷ୍ଠିତ ଉକ୍ତ ଟୁର୍ଣ୍ଣାମେଣ୍ଟକୁ ଟଙ୍କେଶ୍ୱର ଯୁବ ପରିଷଦର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।


# ମହାବିଦ୍ୟାଳୟ ଛାଡ଼ି ମଦ ଦୋକାନ ଆଗରେ ଡେମୋନ୍‌ଷ୍ଟ୍ରେଟର

**ତିଗିରିଆ, ୧୦।୨(ସମିସ):** ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ରକ୍ଷା ପାଇଁ ବାୟୋମେଟ୍ରିକ ଉପସ୍ଥାନ ଭଳି କଡ଼ା ନିୟମ ପ୍ରଣୟନ କରିଥିବା ବେଳେ କିଛି କର୍ମଚାରୀ ଏହାର ଖୋଲାଖୋଲି ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି। ଏହାର ଏକ ନଗ୍ନ ଚିତ୍ର ଦେଖିବାକୁ ମିଳିଛି ତିଗିରିଆ ବ୍ଲକ ସ୍ଥିତ ପ୍ରସନ୍ନ ପୁରୁଷୋତ୍ତମ (ପିପି) ଦେବ ମହାବିଦ୍ୟାଳୟରେ। ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ଜଣେ ଡେମୋନଷ୍ଟ୍ରେଟରଙ୍କ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏବେ ଶିକ୍ଷାବିତ୍ ଓ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ମହାବିଦ୍ୟାଳୟରେ ପାଠପଢ଼ା ଚାଲିଥିବା ସମୟରେ ଉକ୍ତ ଡେମୋନଷ୍ଟ୍ରେଟର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସହ ଏକ ମଦ ଦୋକାନ ସମ୍ମୁଖରେ ଠିଆ ହୋଇଥିବା ଭିଡିଓରେ ଦେଖିବାକୁ ମିଳିଛି। ଜଣେ ଶିକ୍ଷାଦାନ ସହ ଜଡ଼ିତ ବ୍ୟକ୍ତି କର୍ତ୍ତବ୍ୟ ସମୟରେ କଲେଜରେ ନ ରହି ମଦ ଦୋକାନ ଆଗରେ କ'ଣ କରୁଥିଲେ, ତାହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଭିଡିଓ ଭାଇରାଲ ପରେ ତିଗିରିଆରେ ଚର୍ଚ୍ଚା

ବାୟୋମେଟ୍ରିକରେ ଉପସ୍ଥାନ ପକାଇବା ପରେ କର୍ମଚାରୀମାନେ ବାହାରେ ବୁଲୁଥିବା ଏହି ଘଟଣାରୁ ସ୍ପଷ୍ଟ ହେଉଛି। ଏଭଳି କର୍ମଚାରୀଙ୍କ ବିରୁଦ୍ଧରେ ଉଚ୍ଚସ୍ତରୀୟ ତଦନ୍ତ କରି ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ କିମ୍ବା ଉଚ୍ଚଶିକ୍ଷା ବିଭାଗର ପ୍ରତିକ୍ରିୟା ଏ ପର୍ଯ୍ୟନ୍ତ ମିଳିପାରିନାହିଁ।

# ନରସିଂହପୁର ବନାଞ୍ଚଳରେ ଅସୁସ୍ଥ ଦନ୍ତା



**ନରସିଂହପୁର, ୧୦।୨(ସମିସ):** ନରସିଂହପୁର ବନାଞ୍ଚଳ ଅନ୍ତର୍ଗତ ସେରମୁଣ୍ଡା ବିଟ୍ ସ୍ଥିତ ଦେବଭୂଇଁ ସଂରକ୍ଷିତ ଜଙ୍ଗଲ (କମ୍ପାର୍ଟମେଣ୍ଟ-୧୦) ମଧ୍ୟରେ ଏକ ଅସୁସ୍ଥ ଦନ୍ତା ହାତୀ ବୁଲୁଥିବା ଦେଖିବାକୁ ମିଳିଛି। ଏହି ଦନ୍ତା ହାତୀଟିର ପଛ ପାଖ ବାମ ଗୋଡ଼ରେ ଏକ ଗଭୀର କ୍ଷତ ହୋଇଥିବା ବେଳେ ଏହା ଅତି କଷ୍ଟରେ ଚଳପ୍ରଚଳ କରୁଛି। ଖବର ଅନୁଯାୟୀ, ହାତୀଟି ପୂର୍ବରୁ ପଡ଼ୋଶୀ ହିନ୍ଦୋଳ ବନାଞ୍ଚଳରେ ଥିବା ବେଳେ ଆହତ ହୋଇଥିଲା ଏବଂ ସେଠାରେ ତାର ଚିକିତ୍ସା କରାଯାଉଥିଲା। ମାତ୍ର ହିନ୍ଦୋଳ ଓ ନରସିଂହପୁର ବନାଞ୍ଚଳର ସୀମା ପରସ୍ପର ସହ ଲାଗିଥିବାରୁ ହାତୀଟି ଏବେ ଏହି ପାର୍ଶ୍ୱକୁ ପଶି ଆସିଛି। ଏ ସମ୍ପର୍କରେ ନରସିଂହପୁର ପୂର୍ବ ବନାଞ୍ଚଳ ରେଞ୍ଜର କୁଳେଶ କୁମାର ସାହୁ କହିଛନ୍ତି ଯେ, ବନ ବିଭାଗ ପକ୍ଷରୁ ହାତୀଟିର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ଏବଂ ଆବଶ୍ୟକ ସ୍ଥଳେ ପୁନର୍ବାର ଚିକିତ୍ସା ପାଇଁ ପଦକ୍ଷେପ ନିଆଯାଉଛି। ଅନ୍ୟପକ୍ଷରେ, ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ନିଶ୍ଚିନ୍ତକୋଇଲି, ୧୦।୨(ସମିସ):** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ଲାଲବାଗ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡାର ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ମିନତୀ ନାୟକଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ସରପଞ୍ଚ ତିଳୋତ୍ତମା ରାଉତ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ବିଇଓ ଲକ୍ଷ୍ମଣ ଲେଙ୍କା, ସମ୍ମାନିତ ଅତିଥିଭାବେ ଡାଏଟ୍‌ର ପ୍ରଶିକ୍ଷକ ଜଗବନ୍ଧୁ ବେହେରା, ପ୍ରାକ୍ତନ ଏବିଇଓ ଡ. ପ୍ରସନ୍ନ ଦାସ, ପରିବେଶବିତ୍ ପ୍ରମୋଦ ଦାଶ, ପ୍ରାକ୍ତନ ପ୍ରଧାନଶିକ୍ଷକ ହେମନ୍ତ ରାଉତ, ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଶ୍ମିରାଣୀ ପଣ୍ଡା, ସିଆରସିସି ସୁଶାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାର୍ଥୀ ମାଆମାନଙ୍କ ମଧ୍ୟରେ ମୁରୁଜ, ଝୋଟି ଓ ସଙ୍ଗୀତ ଚୌକି ପ୍ରତିଯୋଗିତା କରାଯାଇ କୃତି ମାଆମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ନର୍ମଦା ବାରିକ, ସ୍ୱର୍ଣ୍ଣଲତା ସାହୁ, ଉର୍ବଶୀ ତିୱାରୀ, ସତ୍ୟଭାମା ପରିଡ଼ା, ପ୍ରମୋଦିନୀ ପଟ୍ଟନାୟକ, ସବିତା ରାଉତ, ଶେଫାଳୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଚାଳନା କମିଟି ସଭାପତି ତ୍ରିଲୋଚନ ଜେନା ଧନ୍ୟବାଦ ଦେଇଥିଲେ।



**ହତ୍ୟାକାଣ୍ଡର ଖୋଲୁଛି ଗୁମର**

# ବିବାହିତ ସତ୍ୟବ୍ରତ ପ୍ରେମକଲେ ବୋଲି ସହିପାରିଲାନି ଦିନେଶ

ଭୁବନେଶ୍ୱର, ୧୦।୨(ସମିସ): ଚନ୍ଦ୍ରଶେଖରପୁର ଥାନା ନୀଳାଦ୍ରିବିହାର ଅଞ୍ଚଳରେ ଟ୍ୟାକ୍ସି ଡ୍ରାଇଭର ସତ୍ୟବ୍ରତ ହତ୍ୟା ମାମଲାରେ ଆସିଛି ନୂଆ ମୋଡ଼ ନେଇଛି। ତଦନ୍ତ ବେଳେ ଏହି ତଥ୍ୟ ସମସ୍ତଙ୍କ ହୋସ୍ ଉଡାଇ ଦେଇଛି। କେବଳ ଯେ ଲିଜାଙ୍କର ପୂର୍ବରୁ ବୟଫ୍ରେଣ୍ଡ ଥିଲା ତାହା ନୁହେଁ। ବରଂ ସତ୍ୟବ୍ରତ ମଧ ପୂର୍ବରୁ ବିବାହିତ ଥିଲେ ବୋଲି ଜଣାପଡ଼ିଛି। ତାଙ୍କର ସନ୍ତାନ ବି ଅଛି। ସେ ନିଜକୁ ଅବିବାହିତ ବୋଲି କହି ଲିଜା ସହ ସମ୍ପର୍କ ରଖିଥିଲେ ବୋଲି ପୁଲିସ ଜାଣିବାକୁ ପାଇଛି। ତେବେ ଏହି କାରଣରୁ ସତ୍ୟବ୍ରତଙ୍କୁ ସହିପାରି ନ ଥିଲା ଦିନେଶ ଏବଂ ତାଙ୍କୁ ହତ୍ୟା କରିଥିଲା ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।





ମୃତ ସତ୍ୟବ୍ରତ

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଦିନେଶଙ୍କ ଘର ଜଗତସିଂହପୁର ଜିଲ୍ଲାରେ। ସେ ଭୁବନେଶ୍ୱରରେ ଏକ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ କମ୍ପାନୀରେ କାମ କରୁଥିଲେ। ବିବାହ ଇଭେଣ୍ଟ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଘରୋଇ ଲୋକଙ୍କ ବିଭିନ୍ନ ଉତ୍ସବର ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ ଦାୟିତ୍ୱ ନେଉଥିଲେ। ଲିଜାଙ୍କ ତାଙ୍କ ଗାଁ ପାଖର ଝିଅ। ଲିଜା ଭୁବନେଶ୍ୱର ଆସି ଏଠାରେ ନିଜ ଗୋଡ଼ରେ ଛିଡା ହେଇ ବ୍ୟୁଟିସିଆନ୍ ହେବାକୁ ଚାହୁଁଥିଲେ। ଏଣୁ ଦିନେଶଙ୍କ ସହ ଯୋଗାଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ଦିନେଶଙ୍କ ସହ ତାଙ୍କର ସମ୍ପର୍କ ବଢ଼ିଥିଲା। ଲିଜାଙ୍କୁ ନେଇ କିଛି ବର୍ଷ ତଳେ ଦୀନେଶ ଭୁବନେଶ୍ୱର ଆସିଥିଲେ। ସେ ନିଳାଦ୍ରୀ ବିହାର ସ୍ଥିତ ଏକ ଭଡା ଘରେ ଲିଜାଙ୍କୁ ରଖିଥିଲେ। ଏଠାରେ ନିଜକୁ ତାଙ୍କ ସ୍ୱାମୀ ବୋଲି ଘର ମାଲିକଙ୍କୁ ପରିଚୟ ଦେଇଥିଲେ। ଏପରିକି ଅନେକ ସମୟରେ ସେ ଘର ମାଲିକଙ୍କୁ ଭଡା ଘରର ଭଡା ବି ଦେଇଥିବା ଜଣାପଡ଼ିଛି।

କାମ ଶିଖିବା ପାଇଁ ସେ ବ୍ୟାକୁଳ ଥିଲେ। ଏଠାରେ ଲିଜା ବ୍ୟୁଟିସିଆନ୍ କୋର୍ସ କଲେ। ବିଭିନ୍ନ ପାର୍ଲରରେ କାମ ଶିଖିଲେ। ଏସମ୍ପର୍କୀତ ଏକାଧିକ ସେମିନାରରେ ସେ ନିଜକୁ ସାମିଲ କଲେ। ଲିଜାଙ୍କୁ ଶେଷ ପର୍ଯ୍ୟନ୍ତ ଦିନେଶ ସାହାଯ୍ୟ କରିଛନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଲିଜା ତାଙ୍କ ପରାମର୍ଶ ବି ନେଉଥିଲେ। କାମ ଶିଖିବା ପରେ ଲିଜା ନିଜର ବ୍ୟୁଟିପାର୍ଲର ଖୋଲିବାକୁ ନିଷ୍ପତ୍ତି ନେଲେ। ଏହି ସମୟରେ ମଧ ଦିନେଶ ତାଙ୍କୁ ଉଭୟ ଆର୍ଥିକ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସହାୟତାର ହାତ ବଢ଼ାଇଛନ୍ତି। ଏପରିକି ଦିନେଶ ଭୁବନେଶ୍ୱରରେ ଯେଉଁ ଇଭେଣ୍ଟ ସଂସ୍ଥାରେ କାମ କରନ୍ତି ସେଠାରେ ବ୍ୟୁଟିସିଆନ୍‌ଙ୍କ ଆବଶ୍ୟକ ପଡେ। ଲିଜାଙ୍କୁ ସେ ବହୁ ଇଭେଣ୍ଟରେ କାମ ଦେଇଛନ୍ତି। ଗାଁରୁ ଆସିଥିବା ଜଣେ ଯୁବତୀଙ୍କୁ ଦିନେଶ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି। ହେଲେ ସେ କେବେ ବି ବିବାହ କରିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ।

**ପ୍ରେମ ସପ୍ତାହରେ ପାପ ସମ୍ପର୍କ !**

ଲିଜାଙ୍କର ସହ ସତ୍ୟବ୍ରତଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଯୋଗାଯୋଗ ହୋଇଥିଲା। ଉଭୟ ଭାବର ଆଦାନପ୍ରଦାନ ହୋଇଥିଲେ। ଏପରିସ୍ଥଳେ ଲିଜାଙ୍କୁ ସତ୍ୟବ୍ରତ ପ୍ରେମ ନିବେଦନ କରିଥିଲେ। ଲିଜା ତାଙ୍କ ସମ୍ପର୍କ ପାଇଁ ପାର୍ଟି ବି କରିଥିଲେ। କିଛିଦିନ ତଳେ ଚେନ୍ ବି ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା ସତ୍ୟବ୍ରତ ବିବାହିତ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଗୁରୁବାର ବିଳମ୍ବିତ ରାତିରେ ଏଥିପାଇଁ ଲିଜା ରହୁଥିବା ଘରକୁ ସତ୍ୟବ୍ରତ ଚାଲି ଆସିଥିଲେ। ଏହାକୁ ନେଇ ଆରମ୍ଭ ହୋଇଥିଲା ଗଣ୍ଡଗୋଳ। ବିବାହିତ ହୋଇ ଲିଜାଙ୍କ ଜୀବନ କଣ ପାଇଁ ବରବାଦ କରିବାକୁ ଯାଉଛି କହି ଦିନେଶ ଏବଂ ସତ୍ୟବ୍ରତଙ୍କ ମଧ୍ୟରେ ହୋଇଥିଲା ପାଟିତୁଣ୍ଡ। ଏହି ପାଟିତୁଣ୍ଡ ଶେଷରେ ଉଗ୍ର ରୂପ ନେଇଥିଲା। ମାରପିଟି ଚରମ ସୀମାରେ ପହଞ୍ଚି ଗଲା। ଶେଷରେ ଦିନେଶ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଦେଲେ। ଧାରୁଆ ଅସ୍ତ୍ର ସିଧା ସତ୍ୟବ୍ରତଙ୍କ ଗଳାରେ ଲାଗିଗଲା। ସେ ରକ୍ତାକ୍ତ ହୋଇ ହସ୍ପିଟାଲ ଧାଁଇବାକୁ ଲାଗିଲେ। ହେଲେ ବାଟରେ ପ୍ରାଣ ଉଡିଗଲା।

# ଦିନେଶର ଆତ୍ମସମର୍ପଣ

ଭୁବନେଶ୍ୱର, ୧୦।୨(ସମିସ): ଚନ୍ଦ୍ରଶେଖରପୁର ଥାନା ନୀଳାଦ୍ରିବିହାର ଅଞ୍ଚଳରେ ଟ୍ୟାକ୍ସି ଡ୍ରାଇଭର ସତ୍ୟବ୍ରତ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଦୀନେଶ ନାୟକ ଏବେ ପୁଲିସ ପଞ୍ଝାରେ। ପୁଲିସ ଦୀନେଶ ପାଖରେ ପହଞ୍ଚିବା ପୂର୍ବରୁ ସେ ଆଗତୁରା ପୁଲିସ ପାଖରେ ପହଁଞ୍ଚି ଗଲା। କମିସନରେଟ୍ ବାହାରେ ଜଗତସିଂହପୁର ଜିଲ୍ଲା ଟାଉନ୍ ଥାନାରେ ଦୀନେଶ ନାୟକ ଆତ୍ମସମର୍ପଣ କରିଛି ବୋଲି କମିଶନରେଟ୍ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ହତ୍ୟାକାଣ୍ଡ ପରେ ସେ ନିଜ ଗାଁକୁ ଚାଲି ଯାଇଥିଲା। ଦିନେଶକୁ କମିସନରେଟ୍ ପୁଲିସ ଭୁବନେଶ୍ୱର ଆଣିଛି। ଭୁବନେଶ୍ୱର ଆଣିବା ପରେ ତ୍ରିକୋଣୀୟ ପ୍ରେମଜନିତ ହତ୍ୟାକାଣ୍ଡର ରହସ୍ୟ ଖୋଲିବ ବୋଲି ପୁଲିସ କହିଛି।

ଦୀନେଶ କାହିଁକି ଓ କେଉଁ ପରିସ୍ଥିତିରେ ହତ୍ୟା କଲା। ହତ୍ୟାକାଣ୍ଡଟି ପ୍ରାୟୋଜିତ ଥିଲା ନାଆ ଅଚାନକ ଉତ୍ତେଜନା ଯୋଗୁଁ ହୋଇଗଲା। ସେହି ସମୟରେ କ'ଣ ହେଲା ଯେ ଦିନେଶ ଚାକୁ ଚଲାଇବାକୁ ବାଧ ହେଲା। ପ୍ରେମିକା ଲିଜା କାଣ୍ଡିର କଣ ସମ୍ପୃକ୍ତି ରହିଛି କି ନାହିଁ ତାହା ଜଣାପଡ଼ିବ। ମୁଖ୍ୟ ଅଭିଯୁକ୍ତ ଦୀନେଶଙ୍କ ସମ୍ପର୍କରେ ପୁଲିସ ଛାନ୍‌ବିନ୍ ଆରମ୍ଭ କରିଛି। ତାଙ୍କ ନାମରେ ରାୟଗଡ଼ା ଜିଲ୍ଲାରେ ଏକାଧିକ ମାମଲା ରହିଥିଲା। ଏଣୁ ସେ ପେଶାଦାର ଅଭିଯୁକ୍ତ ବୋଲି ଜୋନ୍ ଏସ୍‌ସିପି ସୋନାଲି ସିଂ ପରମାର କହିଛନ୍ତି।

ଅନ୍ୟପକ୍ଷରେ ମଙ୍ଗଳବାର ପୁଲିସ ତଦନ୍ତରେ ନୁଆ ଟୁଇଷ୍ଟ ଆସିଛି। ପୁଲିସ ପ୍ରେମିକା ଲିଜାଙ୍କୁ ମାରାଥନ ଜେରା କରିଥିଲା। ଜେରା ବେଳେ ଦିନେଶଙ୍କ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଲିଜା ପୁଲିସର ଅନେକ ଗୁଡ଼ିଏ କଥା ମାନି ନେଇଛନ୍ତି। ପୁଲିସକୁ ବହୁ ସତ କଥା କହିଛନ୍ତି। ଏଣୁ ପୁଲିସ ତାଙ୍କୁ ଅଭିଯୁକ୍ତ ନୁହେଁ ସାକ୍ଷୀ ବୋଲି ଗ୍ରହଣ କରୁଛି। ସାକ୍ଷୀ ଭାବରେ ଜେରା କରୁଥିବା ନେଇ ମଙ୍ଗଳବାର ଏସିପି କହିଛନ୍ତି। ଏହାସହ ଗାଡି ମାଲିକାଣୀଙ୍କୁ ମଧ ଶନିବାର ଜେରା କରାଯାଇଛି। ଗାଡି ମାଲିକାଣୀ ନିଜର ପକ୍ଷ ରଖିଛନ୍ତି। କେଉଁ ପରିସ୍ଥିତିରେ



ସେ ଗାଡି ପାଇଲେ। ତାଙ୍କର ସତ୍ୟବ୍ରତ ଓ ଲିଜାଙ୍କ ସହ କିଭଳି ସମ୍ପର୍କଥିଲା ପୁଲିସ ଆଗରେ ସ୍ୱୀକାର କରିଛନ୍ତି। ଏହାସହ ଗାଡ଼ିର କାଗଜପତ୍ର ପୁଲିସ ନିକଟରେ ଦାଖଲ କରିଛନ୍ତି।

# ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଯୁବକ ଗିରଫ

ହଂସପାଳ, ୧୦।୨(ସମିସ): ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପାହାଳ ଥାନା ପୋଲିସ ଜୟନ୍ତ କୁମାର ସାହୁଙ୍କ ଲିଖିତ ରିପୋର୍ଟ ଆଧାରରେ ବାଲିଅନ୍ତା ପଞ୍ଚାୟତ କଞ୍ଚିଲୋ ଗ୍ରାମର ତପନ ଦାସ(୨୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନା ଅନୁସାରେ ଗତ ୩୧ ତାରିଖ ଅପରାହ୍ଣରେ ଜୟନ୍ତ କଞ୍ଚିଲୋ ଗ୍ରାମଠାରେ ତାଙ୍କ ସମ୍ପ୍ରତି କ୍ରୟ କରାଯାଇଥିବା ପ୍ଲଟ୍‌ରେ ସୀମା ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ଅଭିଯୁକ୍ତ ତପନ ଦାସ ଓ ସପନ ଦାସ କୁରାଢ଼ି ଏବଂ ଶାବଳ ଧରି ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଲୋକଙ୍କ ଦ୍ୱାରା ଚାଲୁଥିବା ନିର୍ମାଣ କାର୍ଯ୍ୟକୁ ବିରୋଧ କରିଥିଲେ ଏବଂ ହଠାତ୍ ତାଙ୍କ ଉପରେ ଆକ୍ରମଣ କରିଥିଲେ।ଅଭିଯୁକ୍ତ ତପନ ଦାସ ଅଭିଯୋଗକାରୀଙ୍କ ମୁଣ୍ଡରେ ଏକ ଅସ୍ତ୍ରରେ ଆଘାତ କରିଥିବାରୁ ତାଙ୍କ ମୁଣ୍ଡରେ ରକ୍ତାକ୍ତ ଆଘାତ ଲାଗିଥିଲା। ପରେ ଉଭୟ ଅଭିଯୁକ୍ତ ଅଭିଯୋଗକାରୀଙ୍କୁ ତଳେ ପକାଇ ଦେଇ ତାଙ୍କ ବେକକୁ ଜାବୁଡ଼ି ଧରି ହତ୍ୟା କରିବାକୁ ଚେଷ୍ଟା କରିଥିଲେ। ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ଯୋଗୁଁ ଅଭିଯୋଗକାରୀ ଅଭିଯୁକ୍ତମାନଙ୍କ ହାତରୁ ଖସିଯାଇ ପାହାଳ ଥାନାରେ ଏହି ଘଟଣା ସମ୍ବନ୍ଧରେ ଅଭିଯୋଗ କରିଥିଲେ।ପାହାଳ ଥାନା ଅଧିକାରୀ ଘଟଣା ର ତଦନ୍ତ କରି ମେଡିକାଲରୁ ପ୍ରାପ୍ତ ଆଘାତ ରିପୋର୍ଟ ଆଧାରରେ ବିଭିନ୍ନ ସ୍ଥାନରେ ଚଢାଉ କରି ତପନକୁ ଗିରଫ କରିଥିଲେ।ଅଭିଯୋଗକାରୀ ଜଣେ ଅବସରପ୍ରାପ୍ତ ବିଏସଏଫ ହାବିଲଦାର ଓ ସମ୍ପ୍ରତି ଜମି କ୍ରୟ କରିଥିବାରୁ ଅଭିଯୁକ୍ତମାନେ ତାଙ୍କ ଉପରେ ବିରୋଧ ପୋଷଣ କରୁଥିଲେ। ପଚରାଉଚରା ସମୟରେ ତପନ ନିଜ ଦୋଷ ସ୍ୱୀକାର କରିଥିଲେ। ତପନ ନାମରେ ପୂର୍ବରୁ ପାହାଳ ଥାନାରେ ଗୋଟିଏ ଅପରାଧିକ ମାମଲା ରହିଛି।

# ମାଲିକାଣୀଙ୍କ ଘରୁ ଗହଣା ଚୋରି; ଡ୍ରାଇଭର ଗିରଫ

ଭୁବନେଶ୍ୱର, ୧୦।୨ (ସମିସ): ମାଲିକାଣୀଙ୍କ ଘରୁ ସୁନାଗହଣା ଚୋରି କରିଥିବା ଅଭିଯୋଗରେ ବିଶ୍ୱାସଘାତକ ଡ୍ରାଇଭରକୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଟକ ଜିଲ୍ଲା ନରସିଂହପୁର ଥାନା ନୂଆପାଟଣାର କାମଦେବ ନାୟକ (୩୭)।



ପୁଲିସ ସୂଚନା ଅନୁଯାୟୀ, କଟକ ଜିଲ୍ଲା ନରସିଂହପୁର ପଞ୍ଚମୁଖୀ ଅଞ୍ଚଳର ଶୁଭଶ୍ରୀ ସ୍ୱାଇଁ ବିଜେବି କଲେଜରେ କନିଷ୍ଠ ଅଧ୍ୟାପିକା ଭାବେ ଚାକିରି କରୁଥିବା ବେଳେ ବଡ଼ଗଡ଼ ଥାନା ମେଘେଶ୍ୱର କଲୋନୀରେ ରହୁଛନ୍ତି। ସେ ୨୦୨୩ ମସିହା ଜାନୁଆରୀ ମାସ ଠାରୁ କାମଦେବକୁ ତାଙ୍କ ଡ୍ରାଇଭର ଭାବେ ନିଯୁକ୍ତି ଦେଇଥିଲେ। ହେଲେ ୨୦୨୪ ଜୁଲାଇ ମାସରେ ତାଙ୍କ ଲକରରୁ କିଛି ସୁନା ଅଳଙ୍କାର ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ପୁଣି ଗତ ଡିସେମ୍ବର ୨୪ ତାରିଖରେ ଆଉ ଏକ ସୁନା ହାର ଚୋରି ହୋଇଥିବା ଦେଖିଥିଲେ। ଏହାର ଠିକ୍ ଦୁଇ ଦିନ ପରେ ଅର୍ଥାତ୍ ୨୬ ତାରିଖ ଭୋରରୁ କାମଦେବ ହଠାତ୍ ତା'ର ସମସ୍ତ ସାମଗ୍ରୀ ନେଇ ଘରୁ ବାହାରି ଯାଇଥିଲା। ଏହାପରେ ତା'ର କୌଣସି ପତ୍ତା ମିଳିନଥିଲା। କାମଦେବ ସୁନା ଅଳଙ୍କାର ଚୋରି କରିଥିବା ସନ୍ଦେହ କରି ଶୁଭଶ୍ରୀ ବଡ଼ଗଡ଼ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ସୋମବାର ନରସିଂହପୁର ଥାନା ସହାୟତାରେ ନୂଆପାଟଣାରୁ କାମଦେବକୁ ଗିରଫ କରିଥିଲା। ସେ ସୁନାଗହଣା ଚୋରିକରି ଅଶୋକ ନଗରସ୍ଥିତ ମଣପୁରମ୍ ଫାଇନାନ୍ସରେ ବନ୍ଧକ ରଖିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ପୁଲିସ ଫାଇନାନ୍ସକୁ ଯାଇ ବନ୍ଧକ ସୁନା ଜବତ କରିଥିଲା।

# ଏମ୍‌ସରେ ଠିକା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ଭୁବନେଶ୍ୱର, ୧୦।୨ (ସମିସ): ୩ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଏମ୍‌ସ ଠିକା କର୍ମଚାରୀ। ବିଳମ୍ବିତ ଦରମା, ବକେୟା ଏରିଅର ଓ ୟୁନିଫର୍ମ ପାଇଁ ବେଆଇନ ଭାବେ ନେଇଥିବା ଟଙ୍କା ଫେରସ୍ତ ଦାବିରେ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ପ୍ରତିଶ୍ରୁତି ମିଳିବା ପରେ ପ୍ରାୟ ୭ ଘଣ୍ଟାର ଆନ୍ଦୋଳନ ହଟିଛି।

ଅଭିଯୋଗ ଅନୁଯାୟୀ, ଠିକା ସଂସ୍ଥା ବମ୍ବେ ଇଣ୍ଟେଲିଜେନ୍ସ ସର୍ଭିସ୍ (ବିଆଇଏସ୍) ଅଧିନରେ ୯ ଶହରୁ ଅଧିକ କର୍ମଚାରୀ ଏମ୍‌ସରେ କାମ କରୁଛନ୍ତି। ଅନେକ ସମୟରେ ଦରମା ମିଳିବାରେ ବିଳମ୍ବ ହେଉଥିବା ବେଳେ ୩ ମାସର ଏରିଅର୍ ଟଙ୍କା ମିଳିନାହିଁ। ସେହିପରି ବିଆଇଏସର ଦୁଇ ଜଣକ କର୍ମଚାରୀ ୟୁନିଫର୍ମ ଓ ଆଇ କାର୍ଡ ପାଇଁ ବେଆଇନ ଭାବେ ୧୦ ହଜାର ଟଙ୍କା ଲେଖାଏଁ ଆଦାୟ କରିଛନ୍ତି। ଏହିସବୁ ସମସ୍ୟାର ସମାଧାନ ପାଇଁ କର୍ମଚାରୀମାନେ ବାରମ୍ବାର ଦାବି କରି ଆସୁଥିଲେ ମଧ ଠିକା ସଂସ୍ଥା ଭ୍ରୂକ୍ଷେପ କରୁନାହିଁ। କର୍ମଚାରୀ ମହଲରେ ଦୀର୍ଘଦିନ ହେବ ଲାଗି ରହିଥିବା ଅସନ୍ତୋଷ ଆଜି ଉଗ୍ରରୂପ ନେଇଥିଲା। ମଙ୍ଗଳବାର ସକାଳ ସାଢେ ୬ଟା ସମୟରେ ଶତାଧିକ କର୍ମଚାରୀମାନେ ଓପିଡି ଫୋୟୋରରେ ଏକାଠି ହୋଇ ଧାରଣା ଦେଇଥିଲେ। ଆଟେଣ୍ଡାଣ୍ଟ ମାନଙ୍କ କାର୍ଯ୍ୟବନ୍ଦ ଯୋଗୁଁ ବିଭିନ୍ନ ୱାର୍ଡରେ ରୋଗୀସେବା ବାଧାପ୍ରାପ୍ତ ହୋଇଥିଲା। ସୁଇପରମାନେ ମଧ ଆନ୍ଦୋଳନରେ ସାମିଲ ହୋଇଥିବାରୁ ସଫାସୁତୁରା କାମ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଥିଲା। ଦିନ ପ୍ରାୟ ସାଢେ ଗୋଟାଏ ବେଳକୁ କର୍ତ୍ତୃପକ୍ଷ ଆସି ଆନ୍ଦୋଳନକାରୀ କର୍ମଚାରୀଙ୍କୁ ଭେଟିଥିଲେ। ଚଳିତ ମାସର ଦରମା ସାଙ୍ଗେ ସାଙ୍ଗେ ଦେବା ସହିତ ବାକି ୨ଟି ଦାବି ଉପରେ ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପାଇବା ପରେ ପ୍ରାୟ ୭ ଘଣ୍ଟାର କାର୍ଯ୍ୟବନ୍ଦ ଆନ୍ଦୋଳନ ହଟିଥିଲା।

# ଚୋରି ବେଳେ ଧରାପଡ଼ିଲେ ମହିଳା

ଭୁବନେଶ୍ୱର, ୧୦।୨ (ସମିସ): ଭିକ୍ଷାବୃତ୍ତି ଆଳରେ ଚୋରି କରୁଥିବା ବେଳେ ମହିଳାଙ୍କୁ କାବୁ କରିଛନ୍ତି ଲୋକେ। ଜାଗମରା ନୀଳାଦ୍ରି ନଗରରେ ଏଭଳି ଘଟଣା ଘଟିଥିବା ବେଳେ ମହିଳାଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ମହିଳା ହେଲେ ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ରହୁଥିବା ବଡ଼ଚଣା ଥାନା ଧାନମଣ୍ଡଳ ଅଞ୍ଚଳର ସୁମିତ୍ରା ଶବର (୩୪)।



ପୁଲିସ ସୂଚନାନୁସାରେ, ମଙ୍ଗଳବାର ପୂର୍ବାହ୍ଣ ୧୦ଟା ସମୟରେ ନୀଳାଦ୍ରି ନଗର ସ୍ମରଣିକା ତ୍ରିପାଠୀ ଘରେ ଶୋଇଥିବା ବେଳେ କବାଟ ଖୋଲାଥିଲା। ସୁମିତ୍ରା ଏହାର ସୁଯୋଗ ନେଇ ତାଙ୍କ ଘର ଭିତରେ ପଶି ଗୋଟିଏ ଭ୍ୟାନିଟି ବ୍ୟାଗ୍ ନେଇ ଯାଇଥିଲେ। ସେଥିରେ ଏଟିଏମ୍ କାର୍ଡ, ୨୧ ଶହ ଟଙ୍କା, ଗୋଟିଏ ହାତ ଘଣ୍ଟା ରହିଥିଲା। ସ୍ମରଣିକା ଶବ୍ଦ ଶୁଣି ନିଦରୁ ଉଠି ପଡ଼ିବା ସହ ସୁମିତ୍ରାକୁ କାବୁ କରି ନେଇଥିଲେ। ଖବରପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସୁମିତ୍ରା ଓ ଚୋରି ସାମଗ୍ରୀକୁ ଥାନାକୁ ଆଣିଥିଲା। ସ୍ମରଣିକାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁକରି ସୁମିତ୍ରାଙ୍କୁ କୋର୍ଟ ଚାଲାଣ କରିଛି।

**ଟ୍ରାଫିକ୍ ଭିଡ଼ରେ ତ୍ରାହିତ୍ରାହି ରାଜଧାନୀବାସୀ**

# ସନ୍ଧ୍ୟା ହେଲେ ଯମ ଯନ୍ତ୍ରଣା

ଭୁବନେଶ୍ୱର, ୧୦।୨ (ସମିସ): ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ରାଜଧାନୀରେ ଟ୍ରାଫିକ୍ ଭିଡ଼ କ୍ରମେ ଅସମ୍ଭାଳ ହେବାରେ ଲାଗିଛି। ଏପରି ହୋଇଛି ଯେ, ରାଜଧାନୀରେ ପ୍ରାୟ ଅଧିକାଂଶ ରାସ୍ତାରେ ଘଣ୍ଟାଘଣ୍ଟା ଧରି ଯାତ୍ରା ଯନ୍ତ୍ରଣା ଲାଗି ରହୁଛି। ବିଶେଷକରି ସନ୍ଧ୍ୟାରେ ରାଜଧାନୀରେ ଏଭଳି ଭିଡ଼ରେ ଲୋକେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ରାଜଧାନୀର ଲୋକ ସଂଖ୍ୟାକୁ ଦୃଷ୍ଟିରେ ରଖି ରାସ୍ତାଘାଟର ପରିକଳ୍ପନା କରାଯାଇଥିଲା।

**■ ଦିନ ୧୦ଟାରୁ ଆରମ୍ଭ ହେଉଛି ଭିଡ଼**

କିନ୍ତୁ ସମୟକ୍ରମେ ରାଜଧାନୀରେ ଲୋକସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। କାର୍ଯ୍ୟଦିବସଗୁଡ଼ିକରେ ରାଜଧାନୀ ପ୍ରମୁଖ ରାସ୍ତା ଯଥା, ସିଆର୍‌ପି, ମାଷ୍ଟରକ୍ୟାଣ୍ଟିନ, ଏଜି, ରାଜମହଲଠାରୁ ଆରମ୍ଭ କରି ଜୟଦେବବିହାର, ବରମୁଣ୍ଡା, କଳ୍ପନା ଆଦି ଅଞ୍ଚଳରେ ଅହେତୁକ ଭିଡ଼ ପରିଲକ୍ଷିତ ହେଉଛି। ବିଶେଷକରି ରାଜଧାନୀର ବଡ଼ବଡ଼ ଦପ୍ତରର ଗୁଡ଼ିକୁ ସଂଯୋଗ କରୁଥିବା ରାସ୍ତାରେ ଭିଡ଼ ପରିଲକ୍ଷିତ ହେଉଥିବା ବେଳେ ଉପକଣ୍ଠବର୍ତ୍ତୀ ଅଞ୍ଚଳରୁ ମଧ୍ୟରୁ ଲୋକଙ୍କ ସୁଅ ଛୁଟୁଛି। ଯେଉଁଥିପାଇଁ ରାଜଧାନୀର ରାସ୍ତାଘାଟ ଜାମ୍ ହୋଇପଡୁଛି। ଫଳରେ ଲୋକେ ଘଣ୍ଟାଘଣ୍ଟା ଧରି ରାଜଧାନୀର ରାସ୍ତାରେ ଅଟକି ରହୁଛନ୍ତି। ଗୋଟିଏ କିଲୋମିଟର ରାସ୍ତା ଯିବା ପାଇଁ ଅଧଘଣ୍ଟାରୁ ଅଧିକ ସମୟ ଲାଗୁଛି। ତେବେ ଏଗାରଟା ପରେ ସହରର ଭିଡ଼ କ୍ରମେ ହ୍ରାସ ପାଉଥିଲେ ମଧ ସନ୍ଧ୍ୟାରେ ଅବସ୍ଥା ଆହୁରି ଜଟିଳ ହୋଇପଡୁଛି। ଜୟଦେବବିହାର-ପଟିଆ ରାସ୍ତାରେ ଅସମ୍ଭାଳ ଭିଡ଼ରେ ଲୋକେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ସେହିଭଳି ଭୁବନେଶ୍ୱର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥରେ ଘଣ୍ଟାଘଣ୍ଟା ଭିଡ଼ ଲାଗି ରହୁଛି। ସେହିଭଳି କଟକ-ପୁରୀ ରୋଡ଼ରେ ମଧ ସନ୍ଧ୍ୟାରେ ଯାତ୍ରୀଙ୍କ ଭିଡ଼ରେ ଲୋକେ ଅତିଷ୍ଠ ହୋଇପଡୁଛନ୍ତି।



ଏକନମ୍ବର ହାଟଠାରୁ ଆରମ୍ଭ କରି ରାଜମହଲ, ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ଭିଡ଼ ପରିଲକ୍ଷିତ ହେଉଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥରେ ଯିବା କାଠିକର ପାଠ ହୋଇପଡୁଛି। ରାଜପଥର ପାହାଳଠାରୁ ଆରମ୍ଭ କରି ହଂସପାଳ, ରସୁଲଗଡ଼, ବାଣୀବିହାର, ଜୟଦେବ ବିହାର, ଆଚାର୍ଯ୍ୟ ବିହାର, ସିଆର୍‌ପି, ଫାୟାର ଷ୍ଟେସନ, ବରମୁଣ୍ଡା, ଖଣ୍ଡଗିରି ଛକରେ ଅପରାହ୍ଣ ୫ଟାରୁ ରାତି ୧୯ ଟା ପର୍ଯ୍ୟନ୍ତ ଅହେତୁକ ଯାନବାହାନର ଅହେତୁକ ଭିଡ଼ ଦେଖିବାକୁ ମିଳୁଛି। ଏପରିସ୍ଥଳେ ଜରୁରିକାଳୀନ ସେବା ଯୋଗାଇ ଆସୁଥିବା ଯାନବାହାନଗୁଡ଼ିକ ଘଣ୍ଟା ଘଣ୍ଟା ଧରି ରାସ୍ତା ଉପରେ ଠିଆ ହୋଇ ରହୁଛି। ଏପରିସ୍ଥଳେ ଯଦି କିଛି ଦୁର୍ଘଟଣା ଘଟିଗଲା ତେବେ ପରିସ୍ଥିତି ଆହୁରି ଅଣାୟତ ହୋଇପଡୁଛି। ଘଣ୍ଟାଘଣ୍ଟା ଧରି ରାଜପଥରେ ଲୋକଙ୍କୁ ଅଟକି ରହିବାକୁ ପଡୁଛି।





## ଗାନୋଡର୍ମା ଛତୁରେ ଭରପୂର ଔଷଧୀୟ ଗୁଣ

# କଞ୍ଚା ୪ ହଜାର; ଶୁଖିଲା ୨୪ ହଜାର

ଭୁବନେଶ୍ୱର, ୧୦।୨(ସମିସ): ପାଳ ଛତୁ ହେଉ ଅବା କ୍ଷୀର ଛତୁ କିମ୍ବା ଧାଙ୍ଗିରୀ ଛତୁକୁ ଚାଷ କରି ଖିଆଯାଉଛି। ହେଲେ ଓୟୁଏଟି ପକ୍ଷରୁ ଗାନୋଡ଼ର୍ମା ନାମକ ଏକ ନୂତନ ଛତୁକୁ ଗବେଷଣା କରାଯାଉଛି। ଆଗକୁ ଏହି ଛତୁକୁ ଚାଷ କରି ଔଷଧି ପାଇଁ ବ୍ୟବହାର କରାଯିବ।

ଚୀନ, ଜାପାନ, କୋରିଆରେ ପ୍ରାଚୀନ କାଳରୁ ଏହି ଛତୁକୁ ବିଭିନ୍ନ ରୋଗ ପାଇଁ ବ୍ୟବହାର କରାଯାଉଛି। ଏଥିସହିତ ଦେଶରେ ହାତଗଣତି କେତୋଟି ସ୍ଥାନରେ ଏହାକୁ ପରୀକ୍ଷା ମୂଳକ ଭାବରେ ଚାଷ କରାଯାଉଛି। ଓଡ଼ିଶାରେ ପ୍ରଥମ କରି ଓୟୁଏଟି

### ଦୁଇବର୍ଷ ହେଲା ଓୟୁଏଟିରେ ଗବେଷଣା



ପକ୍ଷରୁ ଏହି ଛତୁର ଉତ୍ପାଦନ ଆରମ୍ଭ କରାଯାଇଛି। ଏହି ଛତୁ ଚାଷର ଅନ୍ୟ ଦିଗ ଉପରେ ଉଚ୍ଚତର ଗବେଷଣା ଚାଲିଛି। ଆଗାମୀ ଦିନରେ ଏହି ଛତୁ ବ୍ୟାପକ ଭାବରେ ଚାଷ ହେବ। ରାଜ୍ୟ ସରକାର, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ବା ଓୟୁଏଟିରେ ବହୁ ଛତୁଚାଷୀ ତଥା ଛତୁଚାଷ ସହ ସମ୍ପୃକ୍ତ ସଂସ୍ଥାମାନଙ୍କ ମିଳିତ ସହଯୋଗ ଓ ମିଳିତ ଉଦ୍ୟମରେ ଓଡ଼ିଶାରୁ ପ୍ରଚୁର ପରିମାଣରେ ଗାନୋଡ଼ର୍ମା ଛତୁ ବାହାର ଦେଶକୁ ରପ୍ତାନୀ କରାଯାଇପାରିବ।

ଓୟୁଏଟି ପକ୍ଷରୁ ଏହି ଗାନୋଡ଼ର୍ମା ଛତୁକୁ ୨ ବର୍ଷ ହେଲା ଗବେଷଣା କରାଯାଉଛି। ଏଥିରେ ପ୍ରାୟ ୨ଶହରୁ ଅଧିକ ଔଷଧୀୟ ଗୁଣ ରହିଥିବାର ଜଣାଯାଏ। ଏହାର ସେବନ ଦ୍ୱାରା ଶରୀରରେ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ପାଇଥାଏ। ଆଧୁନିକ ଜୀବନଶୈଳୀ ସହ ଖାଦ୍ୟପେୟର ଅନିୟମିତତା ପାଇଁ ଶରୀରରେ ଜମି ରହୁଥିବା ବିଷାକ୍ତ ପଦାର୍ଥ ନିଷ୍କାସନ ପ୍ରକ୍ରିୟାକୁ ଏହା ତ୍ୱରାନିତ କରିଥାଏ। ରକ୍ତରେ କୋଲେଷ୍ଟୋର, ସର୍କରା ଓ ଚର୍ବି ହ୍ରାସ କରିବାରେ ଏହି ଛତୁ ଉପକାରୀ ହୋଇଥାଏ। ତତ୍‌ସହିତ ହୃଦରୋଗ, ମଧୁମେହ, କାମଳ, ଶ୍ୱାସ, ଆଣ୍ଠୁଗଣ୍ଠି ଜନିତ ସମସ୍ୟା, ତରଳ ଝାଡ଼ା, ଅନିୟମିତତା ରତୁସ୍ରାବ, ମାନସିକ ବିଷାଦ, ଓ ସ୍ନାୟୁଗତ ଦୁର୍ବଳତା, ମୋଟାପଣ, ନିଦ୍ରାହୀନତା ପ୍ରମୁଖ ଭଳି ରୋଗର ନିରାକାରଣ ଓ ଚିକିତ୍ସାରେ ଏହି ଔଷଧୀୟ ଛତୁକୁ ବ୍ୟବହାର କରାଯାଇପାରିବ। ଏହି ଛତୁ ସାଧାରଣତଃ ୨୫ ରୁ ୩୨ ଡ଼ିଗ୍ରୀ ସେଲ୍‌ଫସିୟସ୍ ତାପମାତ୍ରାରେ ଚାଷ କରାଯାଏ। ଫିମ୍ପିର ବିସ୍ତାର ପାଇଁ ୨୮ ରୁ ୩୨ ଡ଼ିଗ୍ରୀ ଓ ଛତୁ ଫୁଟିବା ପାଇଁ ୨୫ ରୁ ୨୮ ଡ଼ିଗ୍ରୀ ସେଲ୍‌ଫସିୟସ୍ ଉତ୍ତାପ ଅବଶ୍ୟକ ହୋଇଥାଏ। ଅଳ୍ପ ବ୍ୟୟଯୁକ୍ତ ପଲିଥିନ ଘରେ ଆଂଶିକ ନିୟନ୍ତ୍ରିୟ ପାଣିପାଗରେ ଏହାକୁ ସହଜରେ ଚାଷ କରାଯାଇପାରିବ। କରତ ଗୁଣ୍ଡ ଓ ଧାନ ନଡ଼ାକୁ ମିଶେଇ ଛତୁ ଚାଷର ମାଧ୍ୟମ ହିସାବରେ ଏହାକୁ ବ୍ୟବହାର କରାଯାଉଛି।

ଏନେଇ ଓୟୁଏଟି ଛତୁ ଗବେଷଣାର କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼. ଅରବିନ୍ଦ ଧଳ କୁହନ୍ତି ଏହି ଛତୁ ଏବେ ଗବେଷଣା ଭାବରେ ରହିଛି। ଆଗାମୀ ୨୦୨୭ ମସିହା ସୁଦ୍ଧା ଏହି ଛତୁ ଉପରେ ଛତୁଚାଷୀମାନେ ତାଲିମ୍ ନେଇ ଏହାକୁ ଚାଷ କରାପାରିବେ। ଏହି ଛତୁ ଟାଣ ଓ ତିକ୍ତ ହୋଇଥିବାରୁ ଏହା ଖାଇବା ଉପଯୋଗୀ ନୁହେଁ ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି କି ଅନ୍ତର୍ଜାତୀୟ ବଜାରରେ ଏହାର କାରବାର ପ୍ରାୟ ୨ ନିୟୁତ ଆମେରିକୀୟ ଡ଼ଲାରରୁ ଅଧିକ। ଏଥିସହିତ ଦେଶରଯେଉଁସ୍ଥାନରେଏହାଅମଳହେଉଅଛିସେଠାରେଛତୁକେଜି ପ୍ରତି ୪ହଜାର ଟଙ୍କା ଥିବା ବେଳେ ଶୁଖିଲା ଛତୁ କେଜି ପ୍ରତି ୨୪ ହଜାର ଟଙ୍କା ରହିଛି। ପାଳଛତୁ ତୁଳନାରେ ଏହା ୧୦ ଗୁଣ ଅଧିକ ରହିଛି ବୋଲି ସେ କହିଛନ୍ତି।

## କଣ୍ଟ୍ରାକ୍ଟର୍ସ ଆସୋସିଏସନ ପକ୍ଷରୁ ରାଜ୍ୟସ୍ତରୀୟ ସଭା




ଭୁବନେଶ୍ୱର, ୧୦।୨(ସମିସ): ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟର୍ସ ଆସୋସିଏସନ ପକ୍ଷରୁ ଓଡ଼ିଶାର ୩୦ଟି ଜିଲ୍ଲାର କାର୍ଯ୍ୟନିର୍ବାହୀମାନଙ୍କୁ ନେଇ ଏକ ରାଜ୍ୟସ୍ତରୀୟ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଓଡ଼ିଶା ସରକାରଙ୍କ ପୂର୍ତ୍ତବିଭାଗର ସର୍କୁଲାର ନମ୍ବର ୦୭୭୬୪୬୦୦୦୨୨୦୨୫୧୭୩, ୩।୧।୨୦୨୬ ରିଖକୁ ପ୍ରତ୍ୟାଖାନ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଆସୋସିଏସନ ପକ୍ଷରୁ କୁହାଯାଇଛି ଯେ ଉପର ଲିଖିତ ଆଦେଶ ବିଷୟରେ ଆମେ ସରକାରଙ୍କୁ ବାରମ୍ବାର ଅବଗତ କରାଇବା ସତ୍ତ୍ୱେ ସରକାର ଓଡ଼ିଶାସାରା ଠିକାଦାରମାନଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଏହି ଆଦେଶ ପ୍ରକାଶ କଲେ। ତେଣୁ ଏହାକୁ ବିରୋଧ କରିବା ପାଇଁ ଓଡ଼ିଶାର ସମସ୍ତ ଜିଲ୍ଲାରୁ ଆସିଥିବା ଠିକାଦାରମାନଙ୍କ ସର୍ବସମ୍ମତିକ୍ରମେ ସ୍ଥିରକରାଯାଇଛି। ଏଥିପାଇଁ ଆସନ୍ତା ୨୦ତାରିଖ ଠାରୁ ସମଗ୍ର ଓଡ଼ିଶାର ଠିକାକାର୍ଯ୍ୟ ବନ୍ଦ କରିବାପାଇଁ କୁହାଯାଇଛି। ଲୋୟାର ପିଏମ୍‌ଜି ଠାରେ ଦାବିପୁରଣ ନ ହେଲା ପର୍ଯ୍ୟନ୍ତ ଧାରଣା ଦେବାପାଇଁ ଆସୋସିଏସନ ପକ୍ଷରୁ ନିଷ୍ପତି ନିଆଯାଇଛି। ଏହି ସଭାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୩୦୦ରୁ ଅଧିକ ଠିକାଦାର ଉପସ୍ଥିତ ରହିବା ସହ ସଭାପତି ଅନିଲ କୁମାର ମହାଲିକ, ସାମ୍ପାଦକ ଦିଲ୍ଲୀପ କୁମାର ଜେନା, ଏଓସିଏ ଅଧ୍ୟକ୍ଷ ପ୍ରଭାତ ଦାସ, ଏଓସିଡ଼ବ୍ଲୁଏ ସଭାପତି ଜଗଦୀଶ ପାତ୍ର, ବୈଦ୍ୟୁତିକ ସଂଘ ସଭାପତି ଆଶିଷ କୁମାର ସୋମ ଉପସ୍ଥିତ ରହିଥିଲେ।

## ୧୨ରେ ଭାରତ ବନ୍ଦକୁ ସଫଳ କରିବା ପାଇଁ ଅଟୋ ଚାଳକଙ୍କ ଶୋଭାଯାତ୍ରା

ଭୁବନେଶ୍ୱର, ୧୦।୨(ସମିସ): ଆସନ୍ତା ୧୨ ତାରିଖରେ ଭାରତ ବନ୍ଦକୁ ସଫଳ କରିବା ପାଇଁ ଏଆଇଟିୟୁସି ସହବନ୍ଧିତ ରାଜଧାନୀ ଅଟୋ ଚାଳକ ସଂଘ ପକ୍ଷରୁ ଶୋଭାଯାତ୍ରା କରାଯାଇଥିଲା। ମଙ୍ଗଳବାର ମାଷ୍ଟରକାଣ୍ଟିନ ଛକଠାରୁ ଅଟୋ ଚାଳକ ସଂଘର କର୍ମୀମାନେ ଅଟୋ ସହ ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ରାଜମହଲ ଛକଠାରେ ପହଞ୍ଚିଥିଲେ। ସଂଘର ସଭାପତି ସୁର ଜେନା ୪ ଶ୍ରମ କୋଡ୍‌କୁ ବାତିଲ କରିବା, ସ୍କିମ୍ ୱାର୍କରଙ୍କୁ ଶ୍ରମିକର ମାନ୍ୟତା ଦେବା, ମନରେଗା ଯୋଜନାରେ ମହାତ୍ମା ଗାନ୍ଧୀଙ୍କ ନାମ ଯୋଡ଼ିବା ଓ ଶ୍ରମିକ ମାରଣ ନୀତି ବିରୁଦ୍ଧରେ ସମସ୍ତ ଜନଗଣ ଏକାଠି ହୋଇ ଆସନ୍ତା ୧୨ ତାରିଖରେ 'ଭାରତ ବନ୍ଦ'କୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ଭୁବନେଶ୍ୱର ଜୋନ ସ୍‌ହ ସମ୍ପାଦକ ବିଶ୍ୱଜିତ୍ ନାୟକ, ରାଧାକାନ୍ତ ଶତପଥୀ, ଅଭୟ ବାରିକ, ବିଶ୍ୱନାଥ ମହାନ୍ତି ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ମାତୃଭୂମି ଓ ମାତୃଭାଷା ପରିବାରର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୦।୨(ସମିସ): ମାତୃଭୂମି ଓ ମାତୃଭାଷା ପରିବାରର ୬ଷ୍ଠ ବାର୍ଷିକ ମିଳନପର୍ବ ଅନୁଷ୍ଠିତ ହୋଇଯାଇଛି। ପରିବାରର ଅନ୍ୟତମ ମାର୍ଗଦର୍ଶକ ବିଜୟମୋଦିଙ୍କ ଆବାହକତ୍ୱରେ ଭୁବନେଶ୍ୱରସ୍ଥ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଟାଟା ପାୱାରର ବରିଷ୍ଠ ଅଧିକାରୀ ତଥା ଦୁଷ୍ମନ୍ତ ତ୍ୟାଗୀ ଉଦ୍‌ଘାଟନ କରି ଯେଉଁ ଜାତିର ଜାତିପ୍ରୀତି ଓ ମାଟିପ୍ରୀତି ଯେତେ ଅଧିକ, ସେ ଜାତି ସେତିକି ସମୁନ୍ନତ ଓ ମହିମାନ୍ୱିତ ବୋଲି ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ବିଶିଷ୍ଟ କବି ଅଶୋକ ବେହେରା, ଅବସରପ୍ରାପ୍ତ ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ପ୍ରଫେସର ନବଘନ ପରିଡ଼ା ଏବଂ ନାଲ୍‌କୋର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ସନ୍ତୋଷ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ କବୟିତ୍ରୀ ପ୍ରମିଳା ସାହୁ ସ୍ୱାଗତଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଞ୍ଚାଳନ କରିଥିଲେ ଅଧ୍ୟାପିକା ପ୍ରିୟଙ୍କା ମହାନ୍ତି। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ସନ୍ତୋଷ ଦାସ, ଅମିତା ମିଶ୍ର ଏବଂ ସୁଧାଂଶୁ ମିଶ୍ର ଭକ୍ତି ବନ୍ଦନା ଗାନ କରିଥିବା ବେଳେ ବେଦମନ୍ତ୍ର ପାଠ କରିଥିଲେ ଛାତ୍ର ପ୍ରତ୍ୟାଂଶୁ ମହାରଣା ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ କବୟିତ୍ରୀ ଆରତୀ ଦାସ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଧଉଳିରେ ଏନ୍‌ଏସ୍‌ଏସ୍ ଶିବିର




ଭୁବନେଶ୍ୱର/ବାଲିଅନ୍ତା, ୧୦।୨(ସମିସ): ଧଉଳି ଚାରୁକଳା ମହାବିଦ୍ୟାଳୟର ଏନଏସଏସ ସ୍ୱେଚ୍ଛାସେବୀମାନେ ଧଉଳି ପାହାଡ଼ ନିକଟସ୍ଥ ସଙ୍କଟେଶ୍ୱର୍ ଶିବ ମନ୍ଦିର ପରିସର ଓ ଆଖପାଖ ଅଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ ରଖିବାପାଇଁ ଜାତୀୟ ସେବା ଯୋଜନାରେ ଏକ ସଫେଇ କାର୍ଯ୍ୟକ୍ରମ କରିଛନ୍ତି। ଏହି ଅବସରରେ ମନ୍ଦିର ପରିସର ଓ ଆଖପାଖ ଅଞ୍ଚଳରୁ ବହୁ ପଲିଥିନ ବ୍ୟାଗ ଓ ପ୍ଲାଷ୍ଟିକ ବୋତଲକୁ ଗୋଟେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ଲାଷ୍ଟିକ ବର୍ଜନ ପାଇଁ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ବୃନ୍ଦାବନ ପଣ୍ଡା, ଗଣେଶ ମୁଣ୍ଡା, ବର୍ଷାରାଣୀ ଓଝା, ଶ୍ରୀମାନ ସ୍ୱାଗତ ରାଉତ, ମନୋଜ ବେହେରା, ରୋଜାଲିନ ଦାସ, କେ ଗଣେଶ ରେଡି, ସ୍ୱାଗତିକା ମିଶ୍ର, ରୋଜାଲିନ ପୃଷ୍ଟି ଆଦି ୨୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣକରି ନିଜ ଶ୍ରମଦାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ, ଅଧ୍ୟାପକ ଭୂପତିଭୂଷଣ ପଣ୍ଡା, ଲକ୍ଷ୍ମୀଧର ସ୍ୱାଇଁ, ପ୍ରଫୁଲ୍ଲ ପ୍ରଧାନ ଓ ବିଚିତ୍ର କାଣ୍ଡି ପ୍ରମୁଖ ସ୍ୱେଚ୍ଛାସେବୀମାନଙ୍କ ସହ ଶ୍ରମଦାନ ପୂର୍ବକ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

## ସତ୍ୟବାଦୀ ସାହିତ୍ୟ ସନ୍ଧ୍ୟାରେ ଆଲୋଚନାଚକ୍ର



ଭୁବନେଶ୍ୱର, ୧୦।୨(ସମିସ): ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ ମାସିକ ସତ୍ୟବାଦୀ ସାହିତ୍ୟ ସନ୍ଧ୍ୟା ଅନୁଷ୍ଠାନର ଗୋପବନ୍ଧୁ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସୀତା ବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'ସତ୍ୟବାଦୀ ଯୁଗର ସାହିତ୍ୟରେ ଭଗବତ୍ ଗୀତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବକ୍ତା ଭାବେ ପ୍ରଫେସର ପୂର୍ଣ୍ଣେନ୍ଦୁ କୁମାର ଦାଶ, ପ୍ରଫେସର ଶରତ ଚନ୍ଦ୍ର ରଥ, ଆରତି କର ପ୍ରମୁଖ ଯୋଗଦେଇ ପଣ୍ଡିତ ନୀଳକଣ୍ଠଙ୍କ ଗୀତା ପ୍ରବେଶ, ଆଚାର୍ଯ୍ୟ ହରିହରଙ୍କ ଗୀତାର ଅନୁବାଦ, ସତ୍ୟବାଦୀ ବନବିଦ୍ୟାଳୟର ଅନ୍ୟତମ ଶିକ୍ଷକ ପଣ୍ଡିତ ରଘୁନାଥ ମିଶ୍ରଙ୍କ ଶ୍ରୀମଦ୍ ଭଗବତ୍ ଗୀତାର ପଦ୍ୟାନୁବାଦ, ଗୋପବନ୍ଧୁଙ୍କ ରଚନାରେ ଗୀତା ର ପ୍ରତିଫଳନ ପ୍ରଭୃତିକୁ ବିଶଦ ଭାବେ ବର୍ଣ୍ଣନା କରିଥିଲେ। ଆଲୋଚନାରେ ବିଜୟ ମହାନ୍ତି, ବିମଳା ସିଂହ, ମନୋଜ ଜେନା, ବିରଜା ପ୍ରସାଦ ଶତପଥୀ, କୈଳାଶ ଚନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ଜୟନ୍ତୀ ପାଳିତ ହେବା ସହ ସଭାରେ ବିଶିଷ୍ଟ ଦର୍ଶନ ଶାସ୍ତ୍ରବିତ୍ ପ୍ରଫେସର୍ ବିଜୟା ନନ୍ଦ କରଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାମ ନାରାୟଣ ମିଶ୍ର ପରିଚାଳନା କରିଥିଲେ।

## କଳା ଓ ସଙ୍ଗୀତ ମହୋତ୍ସବରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ କଳା ପ୍ରଦର୍ଶନ



ଭୁବନେଶ୍ୱର, ୧୦।୨(ସମିସ): କଲର କିଂ ସଂଗଠନ, ରାଜ୍ୟ ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତୀକରଣ ବିଭାଗ (ଏସଏସଇପିଡି)ର ସହଯୋଗରେ କଳା ଓ ସଙ୍ଗୀତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କର ପ୍ରତିଭା, ସୃଜନଶୀଳତା ଓ ଅଦମ୍ୟ ମାନବୀୟ ଆତ୍ମାକୁ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ସୂଚନାଭବନ ଠାରେ ଅୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇ ନିଜର କଳା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ ବିଜୟୀଙ୍କୁ ସମ୍ମାନୀତ କରାଯିବା ସହ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଧାୟକ ବାବୁ ସିଂହ, ବିଶିଷ୍ଟ ସମାଜସେବୀ ରୁଦ୍ର ନାରାୟଣ ସାମନ୍ତରାୟ, ବିଭାଗର ଅତିରିକ୍ତ ସଚିବ ଭାସ୍କର ରାଇତୋ, ବିଡିଏ ଅତିରିକ୍ତ ସଚିବ ମନୋଜ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## ଟେଡ଼ି ଡେ'ରେ ବୋହିନେଲେ ଟେଡ଼ି



ଭୁବନେଶ୍ୱର, ୧୦।୨(ସମିସ): ପ୍ରେମ ସପ୍ତାହର ୪ର୍ଥ ଦିନ ଅବା ଟେଡ଼ି ଡେ'ରେ ପ୍ରେମୀଯୁଗଳମାନେ ନିଜ ପ୍ରେମିକ ପ୍ରେମିକାମାନଙ୍କୁ ଟେଡି ଦେଇ ଏହି ଦିବସର ଶୁଭେଚ୍ଛା ଜଣାଇଛନ୍ତି। ଟେଡି ଦିବସରେ ହୃଦୟ ଆକୃତିର ଟେଡିର ବେଶ୍ ଚାହିଦା ରହିଥିବା ଦେଖିବାକୁ ମିଳିଛି। ଏହି ଆକୃତିର ଚାବିରିଙ୍ଗ୍ ଠାରୁ ଆରମ୍ଭ କରି ୫ଫୁଟ ଉଚ୍ଚତା ପର୍ଯ୍ୟନ୍ତ ଟେଡିକୁ ପ୍ରେମୀଯୁଗଳମାନେ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳିଛି। ଯେଉଁଥିରେ ଅନେକ କୋଟେସନ୍ ଲେଖା ରହିଛି। ବିଭିନ୍ନ ଟେଡି ଦୋକାନରେ ପ୍ରାୟ ୪ଦିନ ଆଗରୁ ଭଳି କି ଭଳି ଟେଡି ସଜାଇ ହୋଇ ରହିଥିବା ବେଳେ ଉପହାର ଦୋକାନ ଠାରୁ ଆରମ୍ଭ କରି ରାସ୍ତାକଡ଼ ପର୍ଯ୍ୟନ୍ତ ସବୁଠି ଭିଡ଼ ଦେଖିବାକୁ ମିଳିଥିଲା। ମାର୍କେଟବିଲଡିଙ୍ଗ୍ ପରିସରରେ ରହିଥିବା ଏକ ଟେଡି ଦୋକନରେ ମଧ୍ୟ ସକାଳୁ ସକାଳୁ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। କିଏ ନିଜ ପ୍ରେମିକା ପାଇଁ ମନ ପସନ୍ଦର ଟେଡି କିଣୁଥିଲା ତ ଆଉ କେହି ନିଜ ପତ୍ନୀଙ୍କ ପାଇଁ କିଣୁଥିଲେ। ତେବେ ଗୋଟିଏ ଦିନରେ ୫୦୦ରୁ ଉର୍ଦ୍ଧ୍ୱ ଟେଡ଼ି ବିକ୍ରି ହୋଇଥିବା ବ୍ୟବସାୟୀ ନିରଞ୍ଜନ ସାହୁ କହିଛନ୍ତି। ତେବେ ୨୦ ବର୍ଷ ଧରି ସେ ମାର୍କେଟ ବିଲଡିଙ୍ଗ୍ ପରିସରରେ ଟେଡି ବ୍ୟବସାୟ କରୁଥିବା ବେଳେ ବିଗତ ୮ ହଉ ୧୦ ବର୍ଷ ହେବ ପାଶ୍ଚାତ୍ୟ ସଭ୍ୟତାକୁ ଆଜିର ଯୁବିପଢ଼ିମାନେ ଆପଣେଇଥିବା ସେ କହିଛନ୍ତି। ଏହି ଦିବସ ଉପଲକ୍ଷେ ହୃଦୟ ଆକୃତିର ଟେଡି ଅଧିକ ବିକ୍ରି ହେଉଥିବା ବେଳେ କୋଲକାତା ଓ ଦିଲ୍ଲୀରୁ ଆମଦାନୀ କରାଯାଇଥିବା ସେ କହିଛନ୍ତି। ଏହାର ଦାମ୍ ୬୦ଟଙ୍କାରୁ ଆରମ୍ଭ କରି ୪ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି।

## ଶ୍ରୀଜଗନ୍ନାଥ ପଞ୍ଚରାତ୍ର କଥାମୃତ



ଭୁବନେଶ୍ୱର, ୧୦।୨(ସମିସ): ଏଜି ପୁରୁଣା ଓ ନୂଆ ଏଜି ନାଗରିକ ସମିତି ଆନୁକୂଲ୍ୟରେ ସତ୍ୟାନନ୍ଦ ଯୋଗ ବିଦ୍ୟାଳୟ ପରିସରରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର କଥାମୃତ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗଜପତି ମହାରାଜ ଦିବ୍ୟସିଂହ ଦେବ ଯୋଗଦେଇ ଏହାକୁ ଉଦ୍‌ଘାଟିତ କରିଥିଲେ। ଏହି ଉଦଘାଟନୀ ଉତ୍ସବରେ ସତ୍ୟାନନ୍ଦ ଯୋଗବିଦ୍ୟାଳୟର ସ୍ୱାମୀଜୀ ସୁରୂପାନନ୍ଦ ସରସ୍ୱତୀ, କଟକ ସୁବୋଧ କୃଷ୍ଣ ମିଶନର ପ୍ରମୁଖ କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ, ପୁରୀ ରାଧାବଲ୍ଲଭ ମଠର ମଠାଧୀଶ ତଥା ଓଡ଼ିଶା ପଞ୍ଚ ରାତ୍ର ସମିତିର ସଭାପତି ମହନ୍ତ ରାମକୃଷ୍ଣ ଦାସ, ମହାଲେଖାକାର ଡି. ସାହୁ, ଭୁବନେଶ୍ୱର ଦିବ୍ୟ ଜୀବନ ସଙ୍ଘର ସ୍ୱାମୀଜୀ ବ୍ରହ୍ମାତ୍ମାନନ୍ଦ ସରସ୍ୱତୀ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇ ଆଶ୍ରିବଚନ ଦେଇଥିଲେ। ପ୍ରାରମ୍ଭରେ ୧୦୮ କଳସ ଶୋଭାଯାତ୍ରା ଏଜି କଲୋନୀଠାରୁ ବାହାରି ସତ୍ୟାନନ୍ଦ ଆଶ୍ରମ ଠାରେ କଳସ ସ୍ଥାପିତ ହୋଇଥିଲା। କଥାମୃତ ଶୁଣିବାକୁ ଏଜି ଅତୁଲ ପ୍ରକାଶ, ଇନକମ ଟ୍ୟାକ୍ସ କମିଶନର ନିରଜା ପ୍ରଧାନ, ବରିଷ୍ଠ ଉପ ମହାଲେଖାକାର ଭରତ ଚନ୍ଦ୍ର ବେହେରା, ମନୋଜ ଏକ୍କା, ଭୀମଲେଶ କୁମାର, ବିକାଶ କୁମାର, ବିଭିନ୍ନ କେନ୍ଦ୍ର ସରକାରୀ କର୍ମଚାରୀ, ଭୁବନେଶ୍ୱର ଦିବ୍ୟ ଜୀବନ ସଂଘର ସଭାପତି ରାଧାଶ୍ୟାମ ଦାସ ସହିତ ସଭ୍ୟସଭ୍ୟା ମାନେ, ସାଧୁ, ସନ୍ଥ ଓ ସନ୍ନ୍ୟାସୀ କଥାମୃତ ଶ୍ରବଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦୁଇ ଏଜି କଲୋନୀର ସଭାପତି ଓ ସମ୍ପାଦକ ଦୀପ୍ତି ରଞ୍ଜନ ରାୟ, ରାଜ କିଶୋର ମହାପାତ୍ର, ଅଶୋକ କୁମାର ପଟ୍ଟନାୟକ, ଏ ନାଗାରାଜୁ, କମଲ କିରଣ, ଶାରଦା ପ୍ରସନ୍ନ ମହାପାତ୍ର, କୈଳାଶ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ।

## ୧୨ରୁ ଭୁବନେଶ୍ୱର ରେଡିଓ ମେଳା

ଭୁବନେଶ୍ୱର, ୧୦।୨(ସମିସ): ଚଳିତ ଫେବୃଆରୀ ୧୨ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଏକାମ୍ର ହାଟରେ ଅନୁଷ୍ଠିତ ହେବାକୁ ଯାଉଛି ଦେଶର ଏକମାତ୍ର ରେଡିଓ ମେଳା 'ଆଉଟରିଚ୍ ରେଡିଓ ମେଳା-୨-୨୬'। ବିଶ୍ୱ ରେଡିଓ ଦିବସ ଉପଲକ୍ଷେ ଆୟୋଜିତ ହେବାକୁ ଯାଉଥିବା ଏହି ରେଡିଓ ମେଳାରେ ନୂଆ ଓ ପୁରୁଣା ରେଡିଓ, ଗ୍ରାମଫୋନ, ପ୍ରସାରଣ ସାମଗ୍ରୀ, ବିଭିନ୍ନ ପ୍ରକାର ୱାକି ଟକି ସହ ହାମ୍ ରେଡିଓର ପ୍ରଦର୍ଶିତ ହେବ। ଅନେକ ରେଡିଓ ଚ୍ୟାନେଲ ମେଳାରେ ନିଜର ଷ୍ଟଲ ଖୋଲିବେ। ଏହାସହ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ସମିତି (ଓସଡମା) ପକ୍ଷରୁ ଓଡ୍ରାଫ ଓ ହାମ ରେଡିଓ ଅପରେଟର ମାନଙ୍କ ସହାୟତାରେ ଷ୍ଟଲ ଖୋଲାଯିବ। ରେଡିଓ ସଂଗ୍ରାହକ ମାନେ ୩ ହଜାରରୁ ଉର୍ଦ୍ଧ୍ୱ ରେଡିଓ ଏଠାରେ ପ୍ରଦର୍ଶନ ସହ ବିକ୍ରୟ କରାଯିବ ଏବଂ ପୁରୁଣା ରେଡିଓ ମରାମତି କରାଯିବାର ସୁବିଧା ଉପଲବ୍ଧ ହେବ। ଫୋନୋଗ୍ରାଫିକ ପରଫରମାନ୍ସ ଇଣ୍ଡିଆ କମ୍ପାନୀ ପକ୍ଷରୁ ରେଡିଓରେ ଆଇନଗତ ସଙ୍ଗୀତ ପ୍ରସାରଣ ଉପରେ ସଚେତନତା ସୃଷ୍ଟି କରାଯିବା ସହ କମ୍ୟୁନିଟି ଜେରିଆରେ ଗ୍ରାହକ ସଚେତନତା ସୃଷ୍ଟି ପାଇଁ ପ୍ରୟାସ କରାଯିବ। ଏହାଛଡା ଉପକୂଳବର୍ତ୍ତୀ ଜିଲ୍ଲାର ରେଡିଓ ପ୍ରସାରକ ମାନଙ୍କ ପାଇଁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଓ ଆଉଟରିଚ୍ ପକ୍ଷରୁ ମିଳିତ ଭାବେ ଏକ ଦୁଇ ଦିନିଆ କର୍ମଶାଳା ଏବଂ ବିପର୍ଯ୍ୟୟ ସମୟରେ ରେଡିଓର ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ପ୍ରଶିକ୍ଷଣ ଦିଆଯିବ ବୋଲି ଆଉଟରିଚ୍‌ର ମୁଖ୍ୟ ସୁବ୍ରତ କୁମାର ପତି ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

# ମହିଳାଙ୍କୁ ରୋଜଗାର ଦେଇଛି ବାଉଁଶ କାରିଗରୀ

ଭୁବନେଶ୍ୱର, ୧୦।୨(ସମିସ):ବାଉଁଶରେ ତିଆରି ହୋଇଛି ନିଆରା କଳାକୃତି। ବାଉଁଶରୁ ବିଭିନ୍ନ ଘରସଜ୍ଜା ସାମଗ୍ରୀ ସାଙ୍ଗକୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟୁଛି। ଏହା କେବଳ

- କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାକୁ ଉଦ୍ୟମ
- ଲାଇଭ୍ ଡେମୋନଷ୍ଟ୍ରେସନ୍ ଦେଖିବାକୁ ଜମୁଛି ଭିଡ଼

ଗ୍ରାହକଙ୍କୁ ଆକୃଷ୍ଟ କରୁନି ବରଂ କାରିଗରମାନଙ୍କୁ ମଧ୍ୟ ରୋଜଗାରକ୍ଷମ କରିପାରିଛି। ଦିନକୁ ଦିନ ଲୋକଙ୍କ ରୁଚି ବଦଳିବାରେ ଲାଗିଛି। ବର୍ତ୍ତମାନ ବାଉଁଶରେ ତିଆରି ବିଭିନ୍ନ କାରୁକାର୍ଯ୍ୟର ଚାହିଦା ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ନିଜ ପାରିବାରକି କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାକୁ ଅଣ୍ଟା ଭିଡ଼ିଛନ୍ତି ମହିଳାମାନେ। ବାଉଁଶରୁ ଆଖି ଦୃଶିଆ ସାମଗ୍ରୀ ପ୍ରସ୍ତୁତ କରି ଗ୍ରାହକଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ସ୍ଥାନୀୟ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସସିଏସ୍‌ଟିଆରଟିଆଇ) ଠାରେ ଆରମ୍ଭ ହୋଇଥିବା ଜନଜାତି ସମ୍ପ୍ରଦାୟଙ୍କ କଳା ଓ କଳାବସ୍ତୁ ପ୍ରଦର୍ଶନୀରେ।

ମୟୂରଭଞ୍ଜ ଜିଲ୍ଲାର ଘରୋଇ ମହିଳାମାନଙ୍କୁ ରୋଜଗାରର ନୂଆ ଦିଶା ଦେଖାଇଛି ବାଉଁଶ ହସ୍ତଶିଳ୍ପ।



ଆଦିବାସୀ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାକୁ ସରକାରଙ୍କ ତରଫରୁ ଡିଆଇସି (ଡିଷ୍ଟ୍ରିକ୍ଟ ଇଣ୍ଡଷ୍ଟ୍ରି ସେଣ୍ଟର) ରେ ଦିଆଯାଉଥିବା ପ୍ରଶିକ୍ଷଣ ନେଇ ସେମାନେ ଏବେ ରୋଜଗାରକ୍ଷମ ହୋଇପାରିଛନ୍ତି। ଜନଜାତି ସମ୍ପ୍ରଦାୟଙ୍କ କଳା ଓ କଳାବସ୍ତୁ ପ୍ରଦର୍ଶନୀରେ ମୟୂରଭଞ୍ଜର ଏକ ଷ୍ଟଲରେ ବାଉଁଶ ହସ୍ତଶିଳ୍ପର ଲାଇଭ୍ ଡେମୋନଷ୍ଟ୍ରେସନ୍ ଦେଖିବାକୁ ସଂଗ୍ରହାଳୟ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ବାଉଁଶରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ନିର୍ମାଣ ଶୈଳୀ ବିଷୟରେ ଜାଣିବ ସହ ବାଉଁଶ ନିର୍ମିତ ବିଭିନ୍ନ ସାମଗ୍ରୀ କିଣିବାକୁ ସମସ୍ତଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳିଛି। ଗ୍ରାମାଞ୍ଚଳର ମହିଳାମାନେ ଆଖପାଖ ସ୍ଥାନରୁ ବାଉଁଶ ସଂଗ୍ରହ କରିଥାନ୍ତି। ପରେ ବାଉଁଶକୁ ପାତ କରି ତାହାକୁ ବିଭିନ୍ନ ଆକୃତିରେ ପ୍ରସ୍ତୁତ କରିଥାନ୍ତି। ଏଥିରେ ଫୁଲ ଚାଙ୍ଗୁଡ଼ି, ପାଚିଆ, ଟୋକେଇ, କୁଲା, ସମେତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ସେହିପରି ବାଉଶଁ ପାତକୁ ଅଠାରେ ଯୋଡ଼ି ଭଳି କି ଭଳି ଆକର୍ଷଣୀୟ ଘରସଜ୍ଜା ସାମଗ୍ରୀ ମଧ୍ୟ ପ୍ରସ୍ତୁତ କରାଯାଉଛି। ଯେଉଁସବୁ ଜିନିଷର ଚାହିଦା ଏବେ ବଢ଼ିବାରେ ଲାଗିଛି। ତେବେ ପୂର୍ବରୁ କେବଳ ବାଉଁଶର ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ ହେଉଥିବା ବେଳେ ଏବେ ସେଥିରେ ଜନଜାତିମାନଙ୍କ ପର୍ବପର୍ବାଣୀ ଠାରୁ ନେଇ ସେମାନଙ୍କ ଜୀବିକାକୁ ଚିତ୍ର ମାଧ୍ୟମରେ ମଧ୍ୟ ପ୍ରଦର୍ଶିତ କରାଯାଉଛି। ଯାହା ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରୁଛି ବୋଲି କେଶବତି ବେଶ୍ରା କହିଛନ୍ତି। ଏଥିପ୍ରତି ଧୀରେ ଧୀରେ ମହିଳାମାନଙ୍କର ଆଗ୍ରହ ବଢ଼ିବା ସହ ନିଜ ବାଡ଼ି ବାଉଁଶରେ ଏହି ସାମଗ୍ରୀ ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇପାରିଥିବା ସେ କହିଛନ୍ତି। ଆଗାମୀ ଦିନରେ ଏହି ସାମଗ୍ରୀଗୁଡ଼ିକ ଅନଲାଇନ୍ ମାଧ୍ୟମରେ ବିକ୍ରି କରାଯିବାକୁ ଯୋଜନା ରହିଥିବା ବେଳେ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ମେଳାରେ ପ୍ରଦର୍ଶିତ କରାଯାଉଛି। ତେବେ ଏହିସବୁ ସାମଗ୍ରୀର ଦାମ୍ ୬୦ ଟଙ୍କାରୁ ଆରମ୍ଭ ହୋଇ ୫୦୦ଟଙ୍କା ଯାଏଁ ରହିଛି। ଚଳିତ ଫେବୃଆରୀ ମାସ ୭ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରଦର୍ଶନୀ ଚଳିତ ମାସ ୨୧ ତାରିଖ ଯାଏଁ ଚାଲିବ।

● ବେଆଇନ ଚାଲାଣ

## ୫୦୦ ଲିଟର ରନ୍ଧା ମଦ ଜବତ, ୪ ଗିରଫ

ଦେବଗଡ଼,୧୦।୨(ସମିସ): ବାରକୋଟ ପଟୁ ଦେବଗଡ଼ ଅଭିମୁଖେ ବେଆଇନ ଦେଶୀ ରନ୍ଧା ମଦ ଚାଲାଣ ବେଳେ ଅବକାରୀ ବିଭାଗ ପକ୍ଷରୁ ଗତକାଲି ବିଳମ୍ବିତ ରାତିରେ ଚଢ଼ଉ ହୋଇଛି। ଏଥିରେ ୫୦୦ ଲିଟର ଦେଶୀ ମଦ ଜବତ କରାଯାଇଥିବା ଜଣା ପଡିଛି। ରାତିରେ ୪୯ ନମ୍ବର ଜାତୀୟ ରାଜପଥ ଦେଇ ନିଶା କାରବାର ହେବାର ସୂଚନା ପୁଲିସକୁ ମିଳିଥିଲା। ତେଣୁ ଅବକାରୀ ବିଭାଗ କର୍ମଚାରୀ ମାନେ ସର୍କିଟ ହାଉସ ନିକଟରେ ନିଶା ବେପାରୀଙ୍କୁ କାବୁ କରି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ୫୦୦ ଲିଟର ବେଆଇନ ଦେଶୀରନ୍ଧା ମଦ ସହ ଚାଲାଣରେ ବ୍ୟବହୃତ ଓଡି ପିକ୍‌ଅପକୁ ଜବତ କରିଥିଲେ। ଏହାସହ ଚାଳକ ସମେତ ଗାଡିରେ ଥିବା ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତ ମାନେ ଦେବଗଡ଼ ଥାନାଞ୍ଚଳର ପ୍ରକାଶ ମୁଣ୍ଡା, ଶଶୀଭୁଷଣ ଶତପଥୀ, ଟୁନୁ ହରୋ ଓକୁନା ମୁଣ୍ଡା। ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଯୁବତୀଙ୍କୁ ପ୍ରେମ ପ୍ରତାରଣା, ଅଭିଯୁକ୍ତ ଗିରଫ

ଦେବଗଡ଼,୧୦।୨(ସମିସ): ଦେବଗଡ଼ ଥାନାଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରିଥିବା ନେଇ ଦେବଗଡ଼ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୁଲିସ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଆଜି ଅଭିଯୁକ୍ତ ପ୍ରତାରକ ପ୍ରେମିକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣା ପଡିଛି। ଦେବଗଡ଼ ଥାନାଞ୍ଚଳର ଜଣେ ଯୁବତୀ ଦେବଗଡ଼ ସହରରେ ରହି ପାଠପଢୁ ଥିଲେ। ଏହି ସମୟରେ ବାରକୋଟ ଥାନା ମର୍ଡଙ୍ଗ ଗାଁର ଜଣେ ଯୁବକ ସହ ଦେଖା ଓ ପରେ ଫୋନରେ କଥାବାର୍ତ୍ତା ଆରମ୍ଭ ହୋଇଥିଲା। ଧୀରେ ଧୀରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହାର ସୁଯୋଗରେ ଅଭିଯୁକ୍ତ ଜଣକ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ସମ୍ପର୍କ ସ୍ଥାପନ କରିଥିଲା। ଯୁବତୀଙ୍କ ପାଠ ପଢ଼ା ସରିବା ପରେ ନିଜ ଗାଁକୁ ଫେରିଯାଇଥିଲେ। ଏହାପରେ ଅଭିଯୁକ୍ତକୁ ବିବାହ ପାଇଁ କହିବାରୁ ସେ ରୋକଠୋକ ମନା କରିଥିଲା। ଯୁବତୀ ଜଣକ ପ୍ରତାରଣାର ଶିକାର ହୋଇଥିବା ଜାଣି ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଆଜି ଅଭିଯୁକ୍ତ ପ୍ରେମିକକୁ କୋର୍ଟ ଚାଲାଣ କରିଛି। ତେବେ ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ମାମଲାଗୁଡ଼ିକର ସମାଧାନ ପାଇଁ ମଧ୍ୟସ୍ଥତା ଅଭିଯାନ ୨.୦

ଝାରସୁଗୁଡ଼ା,୧୦।୨(ସମିସ): ଜାତୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶକ୍ରମେ ଗତ ଜାନୁଆରୀ ୨ରୁ ସାରା ଦେଶରେ ବିଶେଷ ମଧ୍ୟସ୍ଥତା ଅଭିଯାନ ଚାଲୁରହିଛି। ଏହି କ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଝାରସୁଗୁଡ଼ାର ମଧ୍ୟସ୍ଥତା କେନ୍ଦ୍ରରେ ମଧ୍ୟ ଏହି ମଧ୍ୟସ୍ଥତା ଅଭିଯାନ ଚାଲୁରହିଛି। ବିବାଦୀୟ ପକ୍ଷଗୁଡିକ ଅଦାଲତରେ ମାମଲାର ବିଚାର ନକରି ନିରପେକ୍ଷ ତୃତୀୟ ପକ୍ଷଙ୍କ ସହାୟତାରେ ସେମାନଙ୍କର ବିବାଦର ଏକ ଗ୍ରହଣଯୋଗୀ ଏବଂ ସୃଜନାତ୍ମକ ଢଙ୍ଗରେ ସମାଧାନ କରିପାରିବେ। ପକ୍ଷମାନଙ୍କୁ ଅଦାଲତରେ ମିଳୁଥିବା ନିଷ୍ପତ୍ତି ଠାରୁ ସନ୍ତୋଷଜନକ ଫଳ ଏହି ପଦ୍ଧତିରେ ମିଳିଥାଏ। ଅଦାଲତରେ ରାୟ ପାଇବା ପାଇଁ ଆବଶ୍ୟକ ଅର୍ଥ ଏବଂ ସମୟ ଅପଚୟରୁ ମୁକ୍ତି ମିଳିଥାଏ। ମଧ୍ୟସ୍ଥତା ଦ୍ୱାରା ମାମଲାଟି ସମାଧାନ ହୋଇଗଲେ ଦାୟର ହୋଇଥିବା କୋର୍ଟ ଫି ଫେରସ୍ତ କରିବାର ବ୍ୟବସ୍ଥା ଥିବା ଆଇନସେବା ପ୍ରାଧିକରଣ ପକ୍ଷରୁ ପ୍ରାଧିକରଣ ସଚିବ ସୂଚନା ଦେଇଛନ୍ତି। ମଧ୍ୟସ୍ଥତା ହେଉଛି ବିବାଦ ସମାଧାନ ତଥା ବିବାଦ ଶୁଣାଣିର ଏକ ବିକଳ୍ପ ବ୍ୟବସ୍ଥା। ଏହି ଅଭିଯାନରେ କୋର୍ଟରେ ବିଚାରାଧୀନ ଥିବା ବୈବାହିକ ବିବାଦ ସମ୍ବନ୍ଧୀୟ ମାମଲା ଘରୋଇ ହିଂସା ସହିତ, ଚେକ୍ ବାଉନ୍ସ, ଗାଡି ମୋଟର ଦୁର୍ଘଟଣା ଜନିତ ମାମଲା, ସାଲିସ୍ ଯୋଗ୍ୟ ଫୌଜଦାରି ମାମଲା, ଜମି ଅଧିଗ୍ରହଣ, ଜମିବାଡି ଭାଗବଣ୍ଟା, ଉଚ୍ଛେଦ ମାମଲା, ବାଣିଜ୍ୟିକ ବିବାଦ ମାମଲା, ଉପଯୁକ୍ତ ନିଯୁକ୍ତି ବା ଚାକିରି ସମ୍ବନ୍ଧୀୟ ମାମଲା, ଶ୍ରମ ଅଧିନିୟମ, ଚୁକ୍ତିନାମା ଆଇନ୍, ଖାଉଟି ମାମଲା ଏବଂ ଅନ୍ୟାନ୍ୟ ସମସ୍ତ ପ୍ରକାରର ଦେୱାନି ମାମଲା ଗୁଡିକ ମଧ୍ୟସ୍ଥତା ମାଧ୍ୟମରେ ସମାଧାନ କରାଯାଇପାରିବ। ଜନସାଧାରଣ ଏହି ସୁଯୋଗର ସଦୁପଯୋଗ କରନ୍ତୁ ବୋଲି ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ଅଧିକ ସୂଚନା ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ସହିତ ଯୋଗାଯୋଗ କରିପାରିବେ କିମ୍ବା ରାଷ୍ଟ୍ରୀୟ ହେଲ୍ପଲାଇନ ୧୫୧୦୦କୁ ମଧ୍ୟ ଫୋନ୍ କରି ସୂଚନା ନେଇ ପାରିବେ।

# ଚାଷୀଙ୍କ ସମସ୍ୟା ସମାଧାନ କରିବାରେ ସରକାର ବିଫଳ

ଝାରସୁଗୁଡ଼ା,୧୦।୨(ସମିସ):




● ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କଲେ କୃଷକ ସଂଗଠନ ଏବଂ ପୂର୍ବତନ ବିଧାୟିକା ଦୀପାଳୀ ଦାସ
● ସମସ୍ୟାର ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ବିଜେପି ଶାସିତ ରାଜ୍ୟ ସରକାର ବିଫଳ ହୋଇଥିବା ନେଇ ଅଭିଯୋଗ ହେଉଛି। ଚାଷ ଓ ଚାଷୀଙ୍କ ପାଇଁ ସରକାରଙ୍କ ଚିନ୍ତା କେବଳ ଭାଷଣରେ ସୀମିତ ରହିଯାଇଛି। ଜିଲ୍ଲାରେ ଚାଷୀଙ୍କ ଉପରେ ଅତ୍ୟାଚାର ଚରମସୀମାରେ ପହଞ୍ଚିଛି। ପ୍ରଥମେ ସରକାର, ପରେ ଜିଲ୍ଲା ପ୍ରଶାସନର ଛାଟରେ ଝାରସୁଗୁଡ଼ା ଚାଷୀ ଘାଇଲା। ଏହିପରି ବିଭିନ୍ନ ସମସ୍ୟାକୁ ନେଇ ଝାରସୁଗୁଡ଼ା ଜିଲ୍ଲା କୃଷକ କ୍ରିୟାନୁଷ୍ଠାନ କମିଟି ଏବଂ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ତଥା ବିଜେଡି ନେତ୍ରୀ ଦୀପାଳୀ ଦାସଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏକ ବିଶାଳ ଶୋଭାଯାତ୍ରାରେ ବାହାରିଥିଲେ। ଝାରସୁଗୁଡ଼ା ସହରର କିଷାନ ଛକ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଜିଲ୍ଲାର ଚାଷୀ ମାନଙ୍କ ପ୍ରତି ହେଉଥିବା ଅବିଚାର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ପରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଧାନ କ୍ରୟରେ ହୋଇଥିବା ଅନିୟମିତତା, ଟାର୍ଗେଟ ନିର୍ଦ୍ଧାରଣ, ଏବଂ ଟୋକନ ସମସ୍ୟାର ତୁରନ୍ତ ସମାଧାନ, ଚାଷୀଙ୍କୁ ଦିଆଯାଉଥିବା ସବସିଡି ୮୦୦ ଟଙ୍କା ସହିତ ୩୧୬୯ ଟଙ୍କା ମିଳିବା କଥା କିନ୍ତୁ ୩୧୦୦ ଟଙ୍କା ମିଳୁଛି, ବାକି ୬୯ ଟଙ୍କା ମଧ୍ୟ କ୍ୱିଣ୍ଟାଲ ପ୍ରତି ଦିଆଯାଉ ବୋଲି ଉଲ୍ଲେଖ କରିଥିଲେ। ଲାପ୍ସ ହୋଇ ସାରିଥିବା ଟୋକନ ଗୁଡିକୁ ତୁରନ୍ତ ନବୀକରଣ କରାଯାଇ ଚାଷୀଙ୍କୁ ବିକ୍ରି କରିବାର ସୁଯୋଗ ଦିଆଯାଉ, ୧୫୦ କ୍ୱିଣ୍ଟାଲରୁ ଅଧିକ ଧାନ ବିକ୍ରି କରୁଥିବା ଚାଷୀଙ୍କୁ ଇନପୁଟ ସବସିଡି ପ୍ରଦାନ କରାଯାଉ, ୧୫୦ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ଟୋକନ ପାଇଥିବା ଚାଷୀ ୭୫ କ୍ୱିଣ୍ଟାଲ ବିକ୍ରି କରିଥିବା ବେଳେ ଆଉ ୭୫ କ୍ୱିଣ୍ଟାଲ ଧାନ ବିକ୍ରି କରିବା ପାଇଁ ତୁରନ୍ତ ବ୍ୟବସ୍ଥା କରାଯାଉ, ଏହା ସହିତ ଲଇକେରା ବ୍ଲକ୍‌ରେ ବିକ୍ରି କରିବା ପାଇଁ ବାକିଥିବା ୩୯ହଜାର ୭୦୦କ୍ୱିଣ୍ଟାଲ, କିର୍ମିରା ବ୍ଲକ୍‌ର ୨୧ ହଜାର କ୍ୱିଣ୍ଟାଲ, କୋଲାବିରା ବ୍ଲକ୍ ୨୪ ହଜାର ୬୫୦ କ୍ୱିଣ୍ଟାଲ, ଝାରସୁଗୁଡ଼ା ବ୍ଲକ୍‌ରେ ୧ ଲକ୍ଷ କ୍ୱିଣ୍ଟାଲ, ଲଖନପୁର ବ୍ଲକ୍ ପାଇଁ ୩୦ ହଜାର କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ବାକିରହିଥିବା ବେଳେ ଏହି ଧାନ ତୁରନ୍ତ ବିକ୍ରି କରିବା ପାଇଁ ଜିଲ୍ଲାପାଳ ତୁରନ୍ତ ବ୍ୟବସ୍ଥା କରନ୍ତୁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲ୍ଲାର ଚାଷୀ ମାନଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ସହିତ ଏହି ସମସ୍ତ ସମସ୍ୟା ଗୁଡିକର ସମାଧାନ କରନ୍ତୁ। ନ ହେଲେ ଆଗାମୀ ଦିନରେ ଜିଲ୍ଲାର ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି କୃଷକ ସଂଗଠନ ଓ ପୂର୍ବତନ ବିଧାୟିକା ଦୀପାଳୀ ଦାସଙ୍କ ତରଫରୁ ଦାବିପତ୍ରରେ ଜଣାଯାଇଛି। ଦାବିପତ୍ର ଦେବା ସମୟରେ ପୂର୍ବତନ ବିଧାୟିକା ଦୀପାଳୀ ଦାସଙ୍କ ସହିତ ଚାଷୀ ସଙ୍ଗଠନର ଜଗନ୍ନାଥ ଜେନା, ଟଙ୍କ ନାଇକ, ଅର୍ଜୁନ ମେହେର, ଲକ୍ଷ୍ମଣ ସାହୁ, ଭୁପାଳ ବେହେରା, ଶାନ୍ତନୁ ନାଇକ, ପୁରୁଷୋତ୍ତମ ନାଇକ, ନବୀନ ନାଇକ, ତପୀ ମରେଇ, ଚୂଡାମଣି ବଡ଼େଇ, ପିଣ୍ଟୁ ପାଢ଼ୀ ଦାମୋଦର ନାଥ, ରାଜୀବ ପାଣିଗ୍ରାହୀ, ରବିରନ୍ଧ ପ୍ରଧାନ, ଦିଗାମ୍ବର ଭୋଇ, ମଣ୍ଟୁ ନାଇକ ପ୍ରମୁଖ ସମେତ ହଜାର ହଜାର ଚାଷୀ ଉପସ୍ଥିତ ଥିଲେ।

## 'ଭିବି ଜୀରାମ ଜୀ' କର୍ମଶାଳା; ଗ୍ରାମୀଣ ଭିତ୍ତିଭୂମି ଓ ରୋଜଗାର ସୃଷ୍ଟି ଉପରେ ଗୁରୁତ୍ୱ



ଝାରସୁଗୁଡ଼ା,୧୦।୨(ସମିସ): ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଆନୁକୂଲ୍ୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟି ନୂତନ ଭାବେ ପ୍ରଣୟନ କରାଯାଇଥିବା 'ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ

### ୧୦୦ ଦିନ ବଦଳରେ ୧୨୫ ଦିନର ଗ୍ରାମୀଣ ରୋଜଗାର ପାଇଁ ନୂତନ ଗ୍ୟାରେଣ୍ଟି

(ଗ୍ରାମୀଣ) ଗ୍ୟାରେଣ୍ଟି' ବା 'ଭିବି - ଜୀରାମ ଜୀ' ଅଧିନିୟମ-୨୦୨୫ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଆୟୋଜିତ ହୋଇଥିଲା। ବିକଶିତ ଭାରତ ୨୦୪୭ର ଦୀର୍ଘକାଳୀନ ଲକ୍ଷ୍ୟକୁ ପୂରଣ କରିବା ଉଦ୍ଦେଶ୍ୟରେ ଗ୍ରାମାଞ୍ଚଳରେ ସ୍ଥାୟୀ ଭିତ୍ତିଭୂମି ସୃଷ୍ଟି କରିବା ଏବଂ ଶ୍ରମିକମାନଙ୍କୁ ନିଶ୍ଚିତ ରୋଜଗାର ପ୍ରଦାନ କରିବା ମିଶନର ମୂଳ ଲକ୍ଷ୍ୟ ରହିଛି। ଏହି ଅବସରରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯୋଜନାର ରୂପରେଖ ଓ ଏହାର ସୁଦୂରପ୍ରସାରୀ ପ୍ରଭାବ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ନୂତନ ନିୟମାବଳୀ ଅନୁଯାୟୀ ଯୋଗ୍ୟ ହିତାଧିକାରୀମାନଙ୍କୁ ବର୍ଷକୁ ପୂର୍ବର ୧୦୦ ଦିନ ବଦଳରେ ଏବେ ୧୨୫ ଦିନର ନିଶ୍ଚିତ ରୋଜଗାର ପ୍ରଦାନ କରାଯିବ। ଏଥିରେ ମୁଖ୍ୟତଃ ୪ଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ଧ୍ୟାନ ଦିଆଯାଇଛି। ଯେପରିକି ଜଳ ସୁରକ୍ଷା ଓ ତତ୍ ସମ୍ପର୍କିତ କାର୍ଯ୍ୟ, ଗ୍ରାମୀଣ ମୌଳିକ ଭିତ୍ତିଭୂମିର ସୁଦୃଢ଼ୀକରଣ, ସାମୁଦାୟିକ ଜୀବିକା ଭିତ୍ତିଭୂମି ସୃଷ୍ଟି ଏବଂ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଇଁ ବିଭିନ୍ନ ପଦକ୍ଷେପ। ଏହି ଯୋଜନାର ସମସ୍ତ ବ୍ୟୟଭାର କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ୬୦:୪୦ ଅନୁପାତରେ ବହନ କରାଯିବ। ଏହା ଗ୍ରାମୀଣ ଅର୍ଥନୀତିକୁ ଅଧିକ ଗତିଶୀଳ କରିବାରେ ସହାୟକ ହେବ। କର୍ମଶାଳାରେ ଜିଲ୍ଲା ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁରୂତ୍ (ଓପ୍ରସେ) ସଭାପତିତ୍ୱ କରି କହିଥିଲେ। 'ଭିବି ଜୀରାମ ଜୀ' କେବଳ କର୍ମନିଯୁକ୍ତି ଯୋଜନା ନୁହେଁ ବରଂ ଏହା ଗ୍ରାମୀଣ ଶ୍ରମିକମାନଙ୍କୁ ଦକ୍ଷ କରି ସ୍ୱାବଲମ୍ବୀ କରିବାର ଏକ ମାଧ୍ୟମ ବୋଲି କହିଥିଲେ। ଜିଲ୍ଲା ସମନ୍ୱୟକ (ମନରେଗା) ରୂପସୀତା ମିଶ୍ର ହିତାଧିକାରୀଙ୍କ ଆର୍ଥିକ ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଇ ଯୋଜନାର ସଫଳରୂପାୟନ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ଭିବି ଜୀରାମ ଜୀ ଅଧୀନରେ ହିତାଧିକାରୀମାନଙ୍କୁ ଗାଁ ସ୍ତରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମନ୍ୱୟରକ୍ଷା କରାଯାଇ ଲୋକମାନଙ୍କୁ ସିଧାସଳଖ ଯୋଡିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ହିତାଧିକାରୀମାନେ ନିର୍ଦ୍ଧାରିତ ୧୨୫ ଦିନର ଗ୍ୟାରେଣ୍ଟି ରୋଜଗାର ପାଇବା ସହ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ସୁବିଧାର ସୁଯୋଗ ପାଇପାରିବେ। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିୟାରସିଂହ ଏବଂ ଜିଲ୍ଲା ପ୍ରକଳ୍ପ ପରିଚାଳକ ପୁଷ୍ପଶ୍ରୀ ନାୟକଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ପରିଷଦ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

## ନିରାପଦ ଇଣ୍ଟରନେଟ୍ ଦିବସ ପାଳିତ

ଝାରସୁଗୁଡ଼ା,୧୦।୨(ସମିସ): ଫେବୃଆରୀ ମାସର ଦ୍ୱିତୀୟ ମଙ୍ଗଳବାରକୁ ସମଗ୍ର ବିଶ୍ୱରେ ନିରାପଦ ଇଣ୍ଟରନେଟ ଦିବସ ଭାବେ ପାଳନ କରାହୁଏ। ଏହି ପରିପ୍ରେକ୍ଷୀରେ ଆଜି ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ଝାରସୁଗୁଡ଼ା ଠାରେ ଜାତୀୟ ସୂଚନା କେନ୍ଦ୍ର ପକ୍ଷରୁ ଇଣ୍ଟରନେଟର ବ୍ୟବାହର, ସତର୍କତା, ଠକାମୀ ଆଦି ଉପରେ ବ୍ୟାପକ ଆଲୋଚନା ହୋଇଯାଇଛି। ବରିଷ୍ଠ ପ୍ରାଧ୍ୟାପକ ତପନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଯୋଗ ଦେଇଥିଲେ। ଦୈନନ୍ଦିନ ଜୀବନରେ ଇଣ୍ଟରନେଟ ବ୍ୟବହାର ବେଳେ ଘଟୁଥିବା ବିଭିନ୍ନ ପ୍ରକାର ଠକାମୀ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଶକୁନ୍ତଳା କିଷାନ ଇଣ୍ଟରନେଟକୁ ସତ୍ ପଥରେ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ସୂଚନା କେନ୍ଦ୍ର ବିଭାଗ ମୁଖ୍ୟ ତରଣିସେନ ବେହେରା ନିରାପଦ ଇଣ୍ଟରନେଟ ବ୍ୟବହାର ଉପରେ ବିଭିନ୍ନ ନିୟମ, ଡିପଫେକ, ଆର୍ଟିଫିସିଆଲ୍ ଇଣ୍ଟଲିଜେନ୍ସ, ନିରାପଦ ୱେବସାଇଟ ଉପରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀଙ୍କ ସହିତ ପ୍ରାଧ୍ୟାପକ ବ୍ରଜେସ ସାହୁ, ଡ.ଗୀତାରାଣୀ ଦୀକ୍ଷିତ, ଡ.ସ୍ୱର୍ଣ୍ଣମୟୀ ପୁରୋହିତ, ଡ.ଦେବୀ ପ୍ରସାଦ ବେହେରା, ରକି ବିଶ୍ୱାଳ, ହିମାଂଶୁ ଶେଖର ମହାକୁର, ଡ.ଦୀପଶିଖା ସୋହେଲା, ଡ.ଗାୟତ୍ରୀ ବୁଡା ତଥା ଜିଲ୍ଲା ପ୍ରଶାସନର କର୍ମଚାରୀ ମାନେ ଯୋଗ ଦେଇଥିଲେ।

## ୫୪ ଖଣ୍ଡ ଶାଗୁଆନ ପଟା ସହ ଭ୍ୟାନ୍ ଜବତ

ଦେବଗଡ଼,୧୦।୨(ସମିସ): ଭ୍ୟାନ ଯୋଗେ ମୂଲ୍ୟବାନ ଶାଗୁଆନ ପଟା ଚୋରା ଚାଲାଣ ହେଉଥିବା ବେଳେ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଶାଗୁଆନ ପଟା ସହ ଭ୍ୟାନକୁ ମଧ୍ୟ ଜବତ କରାଯାଇଛି। ତେବେ ଭ୍ୟାନରେ ଥିବା ଚୋରା ଚାଲାଣକାରୀ ମାନେ ଘଟଣା ସ୍ଥଳରେ ଭ୍ୟାନକୁ ଛାଡି ଦୌଡି ପଳାଇବାରୁ ସେମାନଙ୍କୁ ଗିରଫ କରାଯାଇପାରି ନାହିଁ। ଗତକାଲି ବିଳମ୍ବିତ ରାତ୍ରିରେ ଏକ ମିନିଭ୍ୟାନ ଯୋଗେ ବିପୁଳ ପରିମାଣର ଶାଗୁଆନ ପଟା ବୋଝେଇ ହୋଇ କୁଣ୍ଢେଇଗୋଲା ଥାନାଞ୍ଚଳର ସଂଘାପଶି ଗାଁରୁ ନୂଆଁପଡା ଗାଁକୁ ଚୋରା ଚାଲାଣ ହେଉଥିବା ବନ ବିଭାଗକୁ କୌଣସି ସୂତ୍ରରୁ ସୂଚନା ମିଳିଥିଲା। ରିଆମାଳ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧରୁଆଙ୍କ ନିର୍ଦ୍ଦେଶ କ୍ରମେ କୁଣ୍ଢେଇଗୋଲା ସେକ୍ସନର ବନପାଳ ମନ୍ମଥ ବେହେରା ଓ ବନରକ୍ଷୀ ନାହନ ବେହେରା ସଦଳବଳେ ଶାଗୁଆନ ପଟା ବୋଝେଇ ଭ୍ୟାନଟିକୁ ପିଛାକରି ଅଟକାଇବାକୁ ଉଦ୍ୟମ କରିଥିଲେ। ଫଳରେ ଉକ୍ତ ଭ୍ୟାନଟି ସିଧାରାସ୍ତାରେ ନଯାଇ ଅଣ ଓସାରିଆ ବାଇପାସ୍ ରାସ୍ତାଦେଇ ଫେରାର ହେବାକୁ ଉଦ୍ୟମ କରିଥିଲା। ମାତ୍ର ଉକ୍ତ ରାସ୍ତାଟି ପୂର୍ବରୁ ଖୋଳା ଯାଇଥିବାରୁ ସମ୍ପୃକ୍ତ ଭ୍ୟାନଟି ଆଗକୁ ଯାଇନପାରି ସେହିଠାରେ ହିଁ ଅଟକି ରହିଥିଲା। ଏହାଦେଖି ଚାଳକ ସେଠାରୁ ଦୌଡି ପଳାଇଥିଲା। ପିଛା କରୁଥିବା ବନ ବିଭାଗ କର୍ମଚାରୀ ମାନେ ସେଠାରୁ ଉକ୍ତ ଶାଗୁଆନ ପଟା ବୋଝେଇ ଭ୍ୟାନଟିକୁ ଜବତ କରି ରିଆମାଳ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆଣିଥିଲେ। ସେଠାରେ ଯାଞ୍ଚ କରିବାରୁ ୫୪ଟି (୦.୪୭୧୩ ଘନମିଟର) ଶାଗୁଆନ ପଟା ବାହାରିଥିଲା। ଏନେଇ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯିବା ସହ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

## ବେଦାନ୍ତ ଆଲୁମିନିୟମର ବିଲେଟ୍ ଉତ୍ପାଦନ କ୍ଷମତା ୮୩୦ କେଟିପିଏକୁ ବୃଦ୍ଧି

ଝାରସୁଗୁଡ଼ା,୧୦।୨(ସମିସ): ଭାରତର ସର୍ବବୃହତ ଆଲୁମିନିୟମର ଉତ୍ପାଦକ ତଥା ଦେଶରଅଗ୍ରଣୀ ବିଲେଟ୍ ନିର୍ମାତା, ବେଦାନ୍ତଆଲୁମିନିୟମ, ଓଡ଼ିଶାରଝାରସୁଗୁଡ଼ା ଏହାର ବିଲେଟ୍ ଉତ୍ପାଦନ କ୍ଷମତାକୁ ୮୩୦ କେଟିପିଏକୁ ବୃଦ୍ଧି କରିବା ସହିତ ବିଶ୍ୱସ୍ତରରେ ସର୍ବବୃହତ ବିଲେଟ୍ ଉତ୍ପାଦନ କାର୍ଯ୍ୟ ମଧ୍ୟରେ ନିଜକୁ ସ୍ଥାନିତ କରିଛି। ଏହାଦ୍ୱାରା ଗ୍ରାହକମାନଙ୍କୁ ଉଚ୍ଚଗୁଣବତା ଉତ୍ପାଦ ଯୋଗାଣ କରିବାର କ୍ଷମତାକୁ ସୁଦୃଢ଼ ହେବା ସହିତ ମୂଲ୍ୟ ଯୁକ୍ତ ଉତ୍ପାଦ (ଭିଏପି) ପୋର୍ଟଫୋଲିଓକୁ ମଧ୍ୟ ବିସ୍ତାର କରେ। ଭାରତର ଦ୍ରୁତ ବର୍ଦ୍ଧିଷ୍ଣୁ ଏକ୍ସଟ୍ରୁସନ୍ ଏବଂ ଡାଉନଷ୍ଟ୍ରିମ୍ କ୍ଷେତ୍ରକୁ ସମର୍ଥନ କରିବାରେ ଏହାର ଭୂମିକା ଆହୁରି ସୁଦୃଢ଼ ହୋଇଛି। ୫ରୁ ୧୨ ଇଞ୍ଚ ବ୍ୟାସରେ ଉପଲବ୍ଧ ବେଦାନ୍ତ ଆଲୁମିନିୟମର ବିଲେଟ୍ ହେଉଛି ପ୍ରମୁଖ ଅର୍ଦ୍ଧ-ସମାପ୍ତ ଉତ୍ପାଦ ଯାହା ସଠିକ୍ ଇଞ୍ଜିନିୟର୍ଡ ପ୍ରୋଫାଇଲ୍ ସୃଷ୍ଟି କରିବା ପାଇଁ ଏକ୍ସଟ୍ରୁସନ୍ ପ୍ରକ୍ରିୟାରେ ବ୍ୟବହୃତ ହୁଏ। ଏହି ପ୍ରୋଫାଇଲଗୁଡ଼ିକ ଭିତ୍ତିଭୂମି, ପରିବହନ, ନବୀକରଣୀୟ ଶକ୍ତି, ବୈଦ୍ୟୁତିକ ପ୍ରଣାଳୀ, ଉପଭୋକ୍ତା ସାମଗ୍ରୀ ଏବଂ ପ୍ୟାକେଜିଂ ସମେତ ଗୁରୁତ୍ୱପୂର୍ଣ୍ଣ ଶିଳ୍ପଗୁଡ଼ିକରେ କାର୍ଯ୍ୟରେ ଆସିଥାଏ। ଆଲୁମିନିୟମର ଉଚ୍ଚ ଶକ୍ତି ପ୍ରତି ଓଜନ ଅନୁପାତ, ପୁନଃଚକ୍ରଣ ଏବଂ ବହୁମୁଖୀତା ହେତୁ, ବିଲେଟ୍ ସ୍ଥାୟୀ ଉତ୍ପାଦନ ଏବଂ ଆଧୁନିକ ଡିଜାଇନ୍ ସମାଧାନକୁ ସକ୍ଷମ କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି ସମ୍ପ୍ରସାରଣ ବର୍ତ୍ତମାନର ୫୮୦ କେଟିପିଏ ବିଲେଟ୍ ଭିତ୍ତିଭୂମି ସହ ଅତିରିକ୍ତ ଭାବେ ୨୫୦ କେଟିପିଏକୁ ନୂତନ କ୍ଷମତା ସହିତ ଯୋଡିଛି, ଯାହାକି ମୋଟ ୮୩୦ କେଟିପିଏକୁ ପହଞ୍ଚାଇଛି। ଏହା ଝାରସୁଗୁଡ଼ାକୁ ବିଶ୍ୱସ୍ତରରେ



ସର୍ବବୃହତ ଆଲୁମିନିୟମ ବିଲେଟ୍ ଉତ୍ପାଦନ ସ୍ଥଳ ମଧ୍ୟରେ ସ୍ଥାନିତ କରିବା ସହିତ ଭାରତୀୟ ବଜାରରେ ବେଦାନ୍ତ ଆଲୁମିନିୟମର ନେତୃତ୍ୱକୁ ସୁଦୃଢ଼ କରିଛି।

ବିଲେଟ୍ ସୁବିଧା ବିଶ୍ୱସ୍ତରୀୟ ନେତା ୱାଗଷ୍ଟାଫ୍ (ଯୁକ୍ତରାଷ୍ଟ୍ର) ଏବଂ ହର୍ଟୱିଚ୍ (ଅଷ୍ଟ୍ରିଆ) ଠାରୁ ଉନ୍ନତ କାଷ୍ଟିଂ ଏବଂ ସମନ୍ୱୟ ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ ଅଟେ। ଏହା ସହିତ, ଏହି ସ୍ଥାନରେ ଏକ ନୂତନ ୧୨୦ କେଟିପିଏକ ପ୍ରାଥମିକ ଫାଉଣ୍ଡ୍ରି ଆଲୟ ସୁବିଧା ସ୍ଥାପନ କରାଯାଇଛି, ଯାହା କମ୍ପାନୀର ପିଏଫଏ ଉତ୍ପାଦନ କ୍ଷମତାକୁ ଆହୁରି ବିସ୍ତାର କରୁଛି। ବେଦାନ୍ତ ଆଲୁମିନିୟମ ଭାରତ ପାଇଁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ, ଆତ୍ମନିର୍ଭରଶୀଳ ଆଲୁମିନିୟମ ଉତ୍ପାଦନ ଭିତ୍ତିଭୂମି ନିର୍ମାଣ କରିବାକୁ ପ୍ରତିବଦ୍ଧ ବୋଲି ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କହିଛନ୍ତି। ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, "ଏହା ଗତି, ବୈଷୟିକ ଉତ୍କୃଷ୍ଟତା ଏବଂ ବିଶ୍ୱ ମାନଦଣ୍ଡର ପାଳନ ସହିତ ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦନ ବିସ୍ତାର କରିବା ଉପରେ ଆମର ଏକ ପ୍ରମାଣ ଅଟେ। ଏହି ମାଇଲଖୁଣ୍ଟ ବିଶ୍ୱସ୍ତରୀୟ ଆଲୁମିନିୟମ ଉତ୍ପାଦନ କେନ୍ଦ୍ର ଭାବେ ଝାରସୁଗୁଡ଼ାର ସ୍ଥିତିକୁ ଆହୁରି ମଜବୁତ କରିବ।" ଉଲ୍ଲେଖଯୋଗ୍ୟ, ବେଦାନ୍ତ ଆଲୁମିନିୟମ ହେଉଛି ବିଶ୍ୱ ଏକ୍ସଟ୍ରୁସନ ଶିଳ୍ପ ପାଇଁ ପ୍ରିମିୟମ୍ ଗ୍ରେଡ୍ ଆଲୁମିନିୟମ ବିଲେଟ୍ସର ଭାରତର ସର୍ବବୃହତ ନିର୍ମାତା ଏବଂ ଯୋଗାଣକାରୀ। ଏହା ଭାରତରେ ମଧ୍ୟ ପ୍ରଥମ ଉତ୍ପାଦକ ଯିଏ ରେଷ୍ଟୋରା ପରିସର ଅଧୀନରେ କମ୍ କାର୍ବନ ଆଲୁମିନିୟମ ପ୍ରଦାନ କରୁଛି।

# ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ

ଝାରସୁଗୁଡ଼ା,୧୦।୨(ସମିସ):

ଝାରସୁଗୁଡ଼ା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଝାରସୁଗୁଡ଼ା ପୌର ପରିଷଦରେ ଟେଣ୍ଡର ପ୍ରକ୍ରିୟା ତଥା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ ହୋଇଛି। ଏନେଇ ଝାରସୁଗୁଡ଼ା ପୌରାଧ୍ୟକ୍ଷା ଓ କାଉନସିଲର ମାନେ ଗତ ଜାନୁଆରୀ ୩୦ ଏବଂ ୩୧ ଏବଂ

### ଜିଲ୍ଲା ବିଜେଡି ପକ୍ଷରୁ ତଦନ୍ତ ଦାବି

ଫେବୃଆରୀ ୪ ରେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମଙ୍ଗଳବାର ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ସହ ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରାଙ୍କ ନେତୃତ୍ୱରେ ବିଜେଡି ନେତୃମଣ୍ଡଳୀ ସାକ୍ଷାତ କରିଛନ୍ତି। ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ହୋଇଥିବା ଦୁର୍ନୀତିର ତଦନ୍ତକୁ ଶୀଘ୍ର କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। କାର୍ଯ୍ୟନିର୍ବାହୀ ଅଧିକାରୀ ମାନସରଞ୍ଜନ ମଲ୍ଲିକ ଟେଣ୍ଡର ଫିକ୍ସିଂ, କୋଠା ଯୋଜନାର ଅନୁମତି ଓ ଅନୁମୋଦନ ପାଇଁ ବେଆଇନ ଟଙ୍କା ଆଦାୟ, ପୌର ପରିଷଦରେ ବିଭିନ୍ନ



ଲୋକଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ସହିତ ଆଗରୁ ମଧ୍ୟ ପୌରାଧ୍ୟକ୍ଷା ଏବଂ କାଉନସିଲର ମାନଙ୍କ ଦ୍ୱାରା ଅଭିଯୋଗ ହୋଇଥିବା ନେଇ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହା ସହିତ ଝାଡେଶ୍ୱର ମନ୍ଦିରର ୧ କୋଟି ୪୧ ଲକ୍ଷ ଏବଂ ଝାଡେଶ୍ୱର ମନ୍ଦିର ନିକଟରେ ଥିବା ଇକୋ ପାର୍କ ଏବଂ ଅନ୍ୟାନ୍ୟ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା କରିଥିବା ସହିତ ମିଥ୍ୟା ବିଲ କରିବା, ଏକ କମ୍ପାନୀକୁ ହୋଲ୍ଡିଂ ଚାର୍ଜରେ ଅନୁକମ୍ପା ପ୍ରଦର୍ଶନ, ଉକ୍ତ କମ୍ପାନୀର ବେଆଇନ ନିର୍ମାଣ ଓ ଜବରଦଖଲ ଅଣଦେଖା କରି ମୋଟା ଅଙ୍କର ଟଙ୍କା ଆଦାୟ କରିବା, ବ୍ୟାଟେରୀ ଗାଡି ଲଗାଇ ଆବର୍ଜନା ବୋହୁଥିବା ଯାନଙ୍କ ନାମରେ ଇନ୍ଧନ ଖର୍ଚ୍ଚ ହେଉଥିବା ନେଇ ବିଲ ତିଆରି କରି ଆତ୍ମସାତ କରିବା, ସାଧାରଣ ଲୋକ ବିଭିନ୍ନ କାମ ତଥା ଅଭିଯୋଗ ପାଇଁ ପରିଷଦକୁ ଆସୁଥିବା ବେଳେ ସେମାନଙ୍କୁ ଦୁର୍ବ୍ୟବହାର କରିବା ଆଦି ଦୁର୍ନୀତିରେ ଲିପ୍ତ ଥିବା ବିଜେଡି ଜିଲ୍ଲା ସଭାପତି ହରିଶ ଗଣତ୍ରା ଅଭିଯୋଗ କରିଛନ୍ତି। ଏହା ସହିତ ପୂର୍ବରୁ ପୌରାଧ୍ୟକ୍ଷା ରାନୀ ହାତୀ ଏବଂ କାଉନସିଲର ମାନେ କରିଥିବା ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ସମୟରେ ଝାରସୁଗୁଡ଼ା ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା, ରଘୁମଣୀ ପଟେଲ, ଆଲୋକ ତ୍ରିପାଠୀ, ସନ୍ଦୀପ ଅବସ୍ତି, ରଘୁନନ୍ଦନ ପାଢ଼ୀ, ରବୀନ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ କୃମି ନାଶକ ଦିବସ

ଦେବଗଡ଼,୧୦।୨(ସମିସ): ପିଏମଶ୍ରୀ ନବୋଦୟ ବିଦ୍ୟାଳୟ ଠାରେ ଜାତୀୟ କୃମି ନାଶକ ଦିବସ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଉପସ୍ଥିତିରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ୧୯ ବର୍ଷ ମଧ୍ୟରେ ଥିବା ଛାତ୍ରଛାତ୍ରୀଙ୍କୁ ମାଗଣାରେ କୃମି ନାଶକ ଔଷଧ ବଣ୍ଟନ କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ ସାହୁ ପିଲାମାନଙ୍କୁ ସୁନ୍ଦର ସ୍ୱାସ୍ଥ୍ୟ ଓ ସୁନ୍ଦର ଜୀବନ ପାଇଁ କୃମି ନାଶକ ବଟିକା ପିଲାମାଙ୍କୁ ନିତାନ୍ତ ଖାଇବା ଆବଶ୍ୟକତା ଥିବା ଏବଂ ଏହା ଦ୍ୱାରା କୃମି ସଂକ୍ରମଣକୁ ସହଜରେ ନିୟନ୍ତ୍ରଣ କରିହେବ ବୋଲି ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ସାହୁ କୃମି ବଟିକା ଖୁଆଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନ ବାଡ଼ି



ମାଧ୍ୟମରେ କୃମି ନାଶକ ବଟିକା ଓ ସିରପ ମାଗଣାରେ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଧନଞ୍ଜୟ ମହନ୍ତ, ଡାକ୍ତର ପ୍ରଭାତ ଓଝା, ଡାକ୍ତର ବଂଶିଧର ପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରାକୁଜୁର, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ, ପିଏମଶ୍ରୀ ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଉତ୍ତମ ପ୍ରସାଦ, ପିଏମଶ୍ରୀ ନବୋଦୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଜିଲ୍ଲା ଚିକିତ୍ସାଳୟର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବିରୋଧରେ ଓକିଲ ସଂଘର ପ୍ରତିବାଦ ଶୋଭାଯାତ୍ରା

ବରଗଡ଼,୧୦।୨(ସମିସ):

ବରଗଡ଼ ଜିଲ୍ଲାରେ, ବିଶେଷ କରି ବରଗଡ଼ ସହରରେ ଧିରେ ଧିରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏହାରି ପ୍ରଭାବରେ ଗତ ୪ ତାରିଖ ଦିନ ଦ୍ୱିପ୍ରହରରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଅବସ୍ଥାରେ ବୁର୍ଲାରେ ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ ବରଗଡ଼ ଜିଲ୍ଲା ତଥା

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ସହରରେ ଟାବଲେଟ, କରେକ୍ସ, ବ୍ରାଉନସୁଗର, ଚରସ, ଗଞ୍ଜେଇ, ଅଫିମ ଅବାଧରେ ବିକ୍ରି ହେବାସହ ଯୁବପିଢ଼ି ଏହାର ଶିକାର ହୋଇ ରାସ୍ତାଘାଟରେ ନାନା ପ୍ରକାର ଅପରାଧ ଘଟାଉଛନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାର ଜିଲ୍ଲା ଓକିଲ ସଂଘର ସଭାପତି ଭୀଷ୍ମଦେବ ସରାଫଙ୍କ ସଭାପତିତ୍ୱରେ ବରଗଡ଼ ଓକିଲ ସଂଘ ପ୍ରତିବାଦ ଶୋଭାଯାତ୍ରା କରିଛି। ଓକିଲ ସଂଘ ପରିସରରୁ ବରଗଡ଼ ଟାଉନ ଥାନା ପର୍ଯ୍ୟନ୍ତ ଶୋଭାଯାତ୍ରା ଯାଇ ସେଠାରେ ପ୍ରତିବାଦ ଅନୁଷ୍ଠିତ ହୋଇଥିଲା। ଓକିଲ ମାନେ ଜିଲ୍ଲାରେ ଅବକ୍ଷୟ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସିଧାସଳଖ ବରଗଡ଼ ଆରକ୍ଷୀ ଅଧୀକ୍ଷକଙ୍କ ଓ ପୁଲିସ ବିଭାଗ ଉପରେ ଦୋଷାରୋପ କରି, ଜିଲ୍ଲାରୁ ବରଗଡ଼ ଆରକ୍ଷୀ




ଅଧୀକ୍ଷକଙ୍କୁ ଯଥାଶୀଘ୍ର ବଦଳି କରାଯାଇ, ନୂତନ ଜଣେ ଆରକ୍ଷୀ ଅଧୀକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଯଥାଶୀଘ୍ର ସୁଧାର କରିବାକୁ ଦାବି କରିଥିଲେ। ପରେ ଶୋଭାଯାତ୍ରା କଚେରି, ଏସପି ଅଫିସ ଛକ ଦେଇ ବରଗଡ଼ ଜିଲ୍ଲାପାଳଙ୍କ ଅଫିସରେ ପହଞ୍ଚିଥିଲା। ଓକିଲ ମାନେ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ବିଭିନ୍ନ ପ୍ରକାର ସ୍ଲୋଗାନ ମାନ ଦେଇ ଚାଲିଥିଲେ। ଜିଲ୍ଲାପାଳଙ୍କ ଅଫିସରେ ପହଞ୍ଚି ଓକିଲ ସଂଘ ପକ୍ଷରୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ରକୁ ଗ୍ରହଣ କରନ୍ତୁ ବୋଲି ପୁଲିସ ଅଧିକାରୀ ମାନଙ୍କୁ ଅବଗତ କରିବାକୁ କହିଥିଲେ। ହେଲେ ସମ୍ମିଳନୀ କକ୍ଷରେ ଅନ୍ୟ ଏକ ବୈଠକରେ ଜିଲ୍ଲାପାଳ ଥିବାରୁ ଏବଂ ଓକିଲ ମାନଙ୍କ ପାଖକୁ ଆସି ପାରି ନଥିଲେ। ଫଳରେ ସାମାନ୍ୟ ଉତ୍ତେଜନା ଦେଖା ଦେଇଥିଲା। କିଛି ସମୟ ପରେ ଓକିଲ ମାନେ ଜିଲ୍ଲାପାଳଙ୍କ ଅଫିସ ଭିତରକୁ ପ୍ରବେଶ କରିଥିଲେ। ଖବରପାଇ ଜିଲ୍ଲାପାଳ ଶ୍ରୀ ଗୋୟଲ୍ ସେଠାରେ ପହଞ୍ଚି ସଭାପତି ଶ୍ରୀ ସରାଫଙ୍କ ହାତରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଗ୍ରହଣ କରିଥିଲେ। ଏହି ଦାବିପତ୍ରରେ ଉଲ୍ଲିଖିତ ଅଛି ଯେ, ଅପରାଧ ଏବଂ ଅପରାଧିକ କାର୍ଯ୍ୟକଳାପ ଏକ ଉଦବେଗଜନକ ସ୍ତରକୁ ବୃଦ୍ଧି ପାଇଛି ଏବଂ ସାମଗ୍ରିକ ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଦ୍ରୁତ ଗତିରେ ଅବନତି ପାଇବାକୁ ନେଇ ସଂଘ ଗଭୀର ଚିନ୍ତିତ। ଜିଲ୍ଲା ଓକିଲ ସଂଘ, ବରଗଡ଼, ବିଚାର କରୁଛି ଯେ ନିଶା ଏବଂ ନିଶାଦ୍ରବ୍ୟର ବର୍ଦ୍ଧିତ ବିପଦ, ଏହାକୁ ନିୟନ୍ତ୍ରଣ କରିବାରେ ସ୍ଥାନୀୟ ପୁଲିସ ପ୍ରଶାସନର ଅଦକ୍ଷତା ଏବଂ ଅପାରଗତା ସହିତ, ଜିଲ୍ଲାରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଯୁଦ୍ଧକାଳୀନ ଭିତ୍ତିରେ ଦୃଢ଼ ପ୍ରତିରୋଧୀ ପଦକ୍ଷେପ ଗ୍ରହଣ କରାନଯାଏ, ତେବେ ସାଧାରଣ ନାଗରିକଙ୍କ ପାଇଁ ନିରାପଦ ଏବଂ ଶାନ୍ତିରେ ବଞ୍ଚିବା କଷ୍ଟକର ହୋଇଯିବ। ସାଧାରଣ ଜନତା ଏବଂ ସଚେତନ ନାଗରିକ ମାନେ ଅପରାଧ ନିୟନ୍ତ୍ରଣରେ ପୁଲିସ ପ୍ରଶାସନର ଦକ୍ଷତା ଏବଂ ପ୍ରଭାବଶାଳୀତା ଉପରେ ଗମ୍ଭୀର ଭାବେ ପ୍ରଶ୍ନ ଉଠାଉଛନ୍ତି। ଯୁବପିଢ଼ିଙ୍କ ଅସାମାଜିକ କାର୍ଯ୍ୟକଳାପରେ, ବିଶେଷକରି ନିଶାଦ୍ରବ୍ୟର ସେବନ ଏବଂ ଚାଲାଣରେ ବୃଦ୍ଧି ପାଉଥିବା ସମ୍ପୃକ୍ତି ଶେଷରେ ସେମାନଙ୍କୁ ଅପରାଧିକ କାର୍ଯ୍ୟ ଆଡକୁ ନେଇଯାଏ। ବରଗଡ଼ ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ କଲେକ୍ଟରଙ୍କୁ ପୂର୍ବରୁ ଏହି ଗମ୍ଭୀର ପରିସ୍ଥିତି ବିଷୟରେ ଅବଗତ କରାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ କୌଣସି ପ୍ରଭାବଶାଳୀ ପଦକ୍ଷେପ ନିଆଯାଇ ନାହିଁ। ଯାହା ବାର ସଦସ୍ୟଙ୍କ ସହିତ ସାଧାରଣ ଜନତାଙ୍କ ମଧ୍ୟରେ ଗଭୀର ଦୁଃଖ ଏବଂ ନିରାଶା ସୃଷ୍ଟି କରିଛି। ବର୍ତ୍ତମାନର ପୁଲିସ ଅଧୀକ୍ଷକ (ଏସ୍‌ପି), ବରଗଡ଼ଙ୍କୁ ବଦଳି କରି ତୁରନ୍ତ ବରଗଡ଼ରେ ଦକ୍ଷ ଏବଂ ଦକ୍ଷ ପୁଲିସ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇପାରିବ। ଅସାମାଜିକ ତତ୍ତ୍ୱମାନଙ୍କୁ କଠୋର ଭାବେ ଧରି ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। କୌଣସି ପ୍ରଭାବ କିମ୍ବା ଅନୁଗ୍ରହ ବିନା କଠୋର ଏବଂ ନିରପେକ୍ଷ ଭାବେ ଆଇନ ଶୃଙ୍ଖଳା ବଜାୟ ରଖାଯାଉ। ଆଜିର ଶୋଭାଯାତ୍ରାକୁ ସଫଳ ଭାବେ ସଂଯୋଜନା କରିବାରେ ଜିଲ୍ଲା ଓକିଲ ସଂଘର ଉପ ସଭାପତି ହେମନ୍ତ ପୁରୋହିତ, ସମ୍ପାଦକ ଲଲାଟେନ୍ଦୁ ବେହେରା, ଯୁଗ୍ମ ସମ୍ପାଦକ ବୈକୁଣ୍ଠ ଷଡଙ୍ଗୀଙ୍କ ସମେତ ସମସ୍ତ କାର୍ଯ୍ୟକାରୀ କମିଟି ସଦସ୍ୟ, ବରିଷ୍ଠ ଓ କନିଷ୍ଠ ସଦସ୍ୟ, ମହିଳା ସଦସ୍ୟଙ୍କ ସମେତ ସମସ୍ତ ଓକିଲ, ମୋହରିର ସଂଘ, ଟାଇପିଷ୍ଟ ସଂଘ, ଷ୍ଟାମ୍ପ ଭେଣ୍ଡର ସଂଘ ସାମିଲ ହୋଇଥିଲେ।

# ସାକ୍ଷ୍ୟ ପ୍ରମାଣ ଅଭାବରୁ ହତ୍ୟା ଅଭିଯୁକ୍ତ ଖଲାସ

ବରଗଡ଼,୧୦।୨(ସମିସ): ଅତିରିକ୍ତ ଜିଲ୍ଲା ତଥା ଦୌରା ଜଜ୍ ବରଗଡ଼ ପ୍ରିୟରଞ୍ଜନ ବାରିକ ମଙ୍ଗଳବାର ସାକ୍ଷ୍ୟ ପ୍ରମାଣ ଅଭାବରୁ ଜଣେ ହତ୍ୟା ଅଭିଯୁକ୍ତକୁ ଖଲାସ କରିଛନ୍ତି। ୨୦୧୩ରେ ରେଶମ ଗାଁର ଶଙ୍କର୍ଷଣ ସେଠଙ୍କ ପୁଅ ବିରେନ୍ଦ୍ର ସେଠ୍ (୩୩)ଙ୍କ କ୍ଷତବିକ୍ଷତ ମୃତଦେହ ଭେଡେନ ଥାନା ଅନ୍ତର୍ଗତ ଅଇଁଲାମୁଣ୍ଡା ଓ ରେଶମ ମଝିରେ ଥିବା ନଳିଆ କଡରେ ପଡିଥିବା ଦେଖିବାକୁ ମିଳିଥିଲା। ଏନେଇ ଜୁଲାଇ ୧୬ ତାରିଖ ବିରେନ୍ଦ୍ରଙ୍କ ବଡ଼ ଭାଇ ସୁରେନ୍ଦ୍ର ସେଠ ବରଗଡ଼ ଜିଲ୍ଲା ଭେଡେନ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ଭେଡେନ ପୁଲିସ ଥାନା ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାମଲାରେ ଭେଡେନ ପୁଲିସ ମୁଖ୍ୟ ଅଭିଯୁକ୍ତ ଭାବେ କୃତିବାସ ବଢ଼େଇ ସମେତ ନିନୁ ବାଗ ଓରଫ ସେଠ୍ ଏବଂ ପିଣ୍ଟୁ ଓରଫ ଗିରିଶ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ବରଗଡ଼ ଅତିରିକ୍ତ ଜିଲ୍ଲା ତଥା ଦୌରା ଜଜ୍ ସମସ୍ତ ୨୪ ଜଣ ସାକ୍ଷ୍ୟ ପ୍ରମାଣକୁ ତର୍ଜମା କରି ଅଭିଯୁକ୍ତ ମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାକୁ ଆଜି ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଅଭିଯୁକ୍ତ କୃତିବାସଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଶରଦ ପ୍ରଧାନ, ସରୋଜ ଜେନା, ପ୍ରେମାନନ୍ଦ ପୃଷ୍ଟେଠ, ଅଭିଳାଷ ପ୍ରଧାନ ପରିଚାଳନା କରିଥିବା ବେଳେ ନିନୁ ବାଗଙ୍କ ତରଫରୁ ଆଇନଜୀବୀ ନିଶାନ୍ତ ସାହୁ ଏବଂ ଅଭିଯୁକ୍ତ ଗିରିଶ ପ୍ରଧାନଙ୍କ ତରଫରୁ ଦେବଦତ୍ତ ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ।

# ଆକାଶବାଣୀ ଶ୍ରୋତା ସଂଘର ରାଜ୍ୟ ସମ୍ମିଳନୀ ପାଇଁ ପ୍ରସ୍ତୁତି

ବରଗଡ,୧୦।୨(ସମିସ): ଆକାଶବାଣୀ ଶ୍ରୋତା ସଂଘ ବରଗଡ଼ ଆନୁକୂଲ୍ୟରେ ଆସନ୍ତା ମାର୍ଚ୍ଚ ୧୫ ତାରିଖ ୩୨ ତମ ରାଜ୍ୟସ୍ତରୀୟ ଶ୍ରୋତା ସମ୍ମିଳନୀ ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୋଷାଧ୍ୟକ୍ଷ ଅଶୋକ ସାହୁ ବୈଠକର ସଂଯୋଜନା କରିଥିଲେ। ଉପ ସଭାପତି ସୁଦାମ ସାହୁ ବିବରଣୀ ଉପସ୍ଥାପନ କରି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସାମ୍ବାଦିକ ଉମେଶ ଚନ୍ଦ୍ର ବିଶ୍ୱାଳଙ୍କ ସମେତ ସଦସ୍ୟ ସୁବାସ ଚନ୍ଦ୍ର ଭୁଏ, କପିଳେଶ୍ୱର ବାଗ ଅଶ୍ୱିନୀ ପ୍ରଧାନ, ଗୋପବନ୍ଧୁ ପୁରୋହିତ, ସରୋଜ ରଥ, ଉମେଶ ପ୍ରଧାନ ହରି ପ୍ରସାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟସ୍ତରୀୟ ଶ୍ରୋତା ସମ୍ମିଳନୀ କିପରି ପାଳନ କରାଯିବ ସେ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଚୟନ କମିଟି ଗଠିତ ହୋଇଥିଲା। ଚଳିତ ବର୍ଷ ପ୍ରଥମ ଥର ପାଇଁ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆକାଶବାଣୀ ପ୍ରତି ରୁଚି ବର୍ଦ୍ଧନ ପାଇଁ ଆକାଶବାଣୀ ଆଧାରିତ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ସହିତ ବାର୍ଷିକ ଉତ୍ସବରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗୃହୀତ ହୋଇଥିବା ସଭାପତି କୃଷ୍ଣ ଚନ୍ଦ୍ର ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି।

# ମାଦକ ଦ୍ରବ୍ୟ ବିକ୍ରି କଲେ ଦୋକାନ ସିଲ୍

ବରଗଡ଼,୧୦।୨(ସମିସ): ବିଗତ କିଛି ଦିନ ହେବ ବରଗଡ଼ରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିଛି। ସହରରେ ବେଆଇନ ନିଶା କାରବାର ଜୋର୍ ସୋର୍‌ରେ ଚାଲିଛି। ଅବକାରୀ ତଥା ପୁଲିସ ବିଭାଗର କାର୍ଯ୍ୟକଳାପକୁ ନେଇ ଜିଲ୍ଲା ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର କିଛି ଘଣ୍ଟା ନ ପୁରୁଣୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ନିର୍ଦ୍ଦେଶ କ୍ରମେ ଡାକବାଜି ଯନ୍ତ୍ର ଦ୍ୱାରା ଘୋଷଣା କରିଛନ୍ତି ଜିଲ୍ଲା ପ୍ରଶାସନ। ମଦ, ଗଞ୍ଜେଇ, ବ୍ରାଉନ ସୁଗାର ଆଦି ମଦକ ଦ୍ରବ୍ୟ ଯଦି କୌଣସି ଦୋକାନରେ ବିକ୍ରି କରୁଥିବେ, ଜିଲ୍ଲା ପ୍ରଶାସନ ତରଫରୁ ଦୋକାନକୁ ସିଲ କରାଯିବା ସହିତ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରାହ୍ଣରେ ଏକ ଅଟୋରେ ସହର ସାରା ପ୍ରଚାର କରୁଥିବାର ଦେଖିବାକୁ ମିଳିଥିଲା।

# ବଜରଙ୍ଗବଳୀ କ୍ରିକେଟ କପ୍: ସିଂହନପୁର ଚାମ୍ପିଅନ

ଦହିତା,୧୦।୨(ସମିସ): ପଦ୍ମପୁର ଉପଖଣ୍ଡ ଅଧୀନ ବଜରଙ୍ଗବଳୀ କ୍ରିକେଟ କ୍ଲବ୍ ତେଣ୍ଡାପଦର ଆନୁକୂଲ୍ୟରେ ଖଲିଆପାଲି ଖେଳପଡିଆ ପରିସୀମା ମଧ୍ୟରେ ୫ମ ବଜରଙ୍ଗବଳୀ କ୍ରିକେଟ କପ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ୪ ତାରିଖ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଦୁଷ୍ମନ୍ତ ପଟେଲ ଓ ଭବାନୀ ସାମନି ମଞ୍ଚାସୀନ ହୋଇ ଖେଳ ଶୁଭାରମ୍ଭ କରିଥିଲେ। ୮ ତାରିଖ ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଟାଉନ କ୍ଲବ୍ ସଭାପତି ତଥା ବିଜେପି ଯୁବ ନେତା ପ୍ରୀତେଶ ବହିଦାର, ପୂର୍ବତନ ସରପଞ୍ଚ କେତନ ମେହେର, କେଆର୍‌ପି ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ପ୍ରଶନ୍ନ ମେହେର, ସୁରେଶ ସୁନା ଓ ଲିସା ପଟେଲ ମଞ୍ଚାସୀନ ଥିଲେ। ଫାଇଲାଲ ମ୍ୟାଚ୍‌ରେ ସିଂହନପୁର ଓ ପଦ୍ମପୁର ଦଳ



ମଧ୍ୟରେ ସଂଘର୍ଷ ହୋଇ ସିଂହନପୁର ଦଳ ବିଜେତା ଓ ପଦ୍ମପୁର ଦଳ ଉପ ବିଜେତା ହୋଇଥିଲେ। ଉଭୟ ଦଳକୁ ଟ୍ରଫି ସହିତ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ୍ ଓ ସିରିଜ ସିଂହନପୁର ଦଳର ମଣ୍ଟୁଙ୍କୁ ପ୍ରଦାନ କରାହୋଇଥିଲା। ସୁରେଶ ମେହେର ଓ ରାଧାକାନ୍ତ ହାତୀ କ୍ରିକେଟ ଖେଳ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। କୁଲବିର ଓ ଗୌରୀ ଧାରା ବିବରଣୀ ପ୍ରଦାନ କରିଥିଲେ। ସଭାପତି ଗୌରୀ ତ୍ରିପାଠୀ ସଭା ପରିଚାଳନା କରିଥିବା ବେଳେ ସମ୍ପାଦକ ପ୍ରୀତମ ତ୍ରିପାଠୀ ଉଦ୍ଦେଶ୍ୟ ଜ୍ଞାପନ ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିଜେତା ଓ ଉପ ବିଜେତା ଦଳର ସମସ୍ତ ଖେଳାଳି ମାନଙ୍କୁ ଶିକ୍ଷକ ପ୍ରସନ୍ନ ମେହେର ଗୋଟିଏ ଗୋଟିଏ ଚାରା ଗଛ ଉପହାର ଦେଇଥିଲେ।

# ବରଗଡ଼ କ୍ରିଷ୍ଣା ବିକାଶ ଫାଷ୍ଟ ଷ୍ଟେପ୍‌ରେ ବାର୍ଷିକ ମେଳା ‘ଏକ୍ସପ୍ଲୋରିକା’

ବରଗଡ଼,୧୦।୨(ସମିସ): ବରଗଡ଼ କ୍ରିଷ୍ଣା ବିକାଶ ଫାଷ୍ଟଷ୍ଟେପ୍‌ରେ ବାର୍ଷିକ ମେଳା ଏକ୍ସପ୍ଲୋରିକା ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ବିଇଓ ଡ.ସୁରେନ୍ଦ୍ର ସାହୁ, ବିକାଶ ଗ୍ରୁପ ଅଫ୍ ଇନଷ୍ଟିଟ୍ୟୁଟ୍‌ର ଚେୟାରମ୍ୟାନ୍ ଡି.ମୁରଳୀ କ୍ରିଷ୍ଣା, ଡାଇରେକ୍ଟର ସମରେନ୍ଦ୍ର ପଣ୍ଡା, ଏକ୍ସିକ୍ୟୁଟିଭ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କ୍ରିଷ୍ଣା ବିକାଶ ଗ୍ରୁପ ଅଫ୍ ଇନ୍ସ୍ଟିଚ୍ୟୁଟ୍‌ର ଚେୟାରମ୍ୟାନ୍ ଡି.ମୁରଳୀ କ୍ରିଷ୍ଣା ତାଙ୍କ ବକ୍ତବ୍ୟରେ



ପିଲାମାନଙ୍କ ଉନ୍ନତିରେ ଦେଶର ଉନ୍ନତି ହେବ ବୋଲି କହିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାୟ ୭୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉତ୍ସବରେ ଶୈଳେନ୍ଦ୍ର ସାମଲଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ସ୍ୱାଗତ ସଂଗୀତ ଓ ସୁରଥ କୁଅଁରଙ୍କ ନିର୍ଦ୍ଦେଶନାରେ ନୃତ୍ୟ ପରିବେଷଣ ହୋଇଥିଲା। ନିମନ୍ତ୍ରିତ ବିଚାରକ ମାନଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗୀଙ୍କ ମୂଲ୍ୟାୟନ ହୋଇଥିଲା। ବିଦ୍ୟାଳୟର ଛାତ୍ରୀ ନନ୍ଦିନୀ ଓ ଖୁସବୁ ସଭା ସଂଯୋଜନା କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ରମେଶ ଚନ୍ଦ୍ର ପଣ୍ଡା ହେଲେ ଭେଡେନ କଂଗ୍ରେସ ସଭାପତି

ଭେଡେନ,୧୦।୨(ସମିସ): ଭେଡେନ ବ୍ଲକ୍ ଜାଣ୍ଡୋଲ ଗାଁର ସାମାଜିକକର୍ମୀ ରମେଶ ଚନ୍ଦ୍ର ପଣ୍ଡା ପୁଣିଥରେ ବ୍ଲକ୍ କଂଗ୍ରେସ ସଭାପତି ଭାବେ ମନୋନୀତ ହୋଇଛନ୍ତି। ଶ୍ରୀ ପଣ୍ଡା ୧୯୯୫ରେ କଂଗ୍ରେସ ଦଳରେ ଯୋଗଦେଇ ଥିଲେ। ପରେ ସେ ପ୍ରଥମେ ଯୁବ କଂଗ୍ରେସ ସଭାପତି, ଜିଲ୍ଲା କମିଟିରେ ସମ୍ପାଦକ ପରେ ଉପସଭାପତି ପଦବୀରେ ଥିଲେ। ପରେ ବ୍ଲକ୍ କଂଗ୍ରେସ ସଭାପତି ରହିଥିଲେ। ପୁଣି ଥରେ ବ୍ଲକ୍ କଂଗ୍ରେସ ସଭାପତି ଭାବେ ମନୋନୀତ



ହୋଇଛନ୍ତି। ସେ ପିସିସି ସଭାପତି ଭକ୍ତଚରଣ ଦାସ, ଜିଲ୍ଲା ପର୍ଯ୍ୟବେକ୍ଷକ ସନ୍ତୋଷ ସିଂ ସାଲୁଜା, ଅତାବିରା ବିଧାୟକ ପ୍ରାର୍ଥୀ ଅଭିଷେକ ସେଟଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ମେଘା ପାନୀୟ ଜଳର ସମସ୍ୟା ଦୂର ପାଇଁ ଦାବି

ଥୁଆପାଲି,୧୦।୨(ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ୍ ମହୁଲପାଲି ଠାରୁ ଆସୁଥିବା ମେଘା ପାନୀୟଜଳ ପ୍ରକଳ୍ପ ଭେଡେନ ବ୍ଲକ୍ ସଙ୍କ୍ରିଡା ପଞ୍ଚାୟତର ଝରାପାଲି ମାର୍କେଟ, ଥୁଆପାଲି ଠାରେ ପାନୀୟଜଳ ଯୋଗାଣ ଠିକ ଭାବେ ହେଉନାହିଁ। ଫଳରେ ପାନୀୟ ଜଳର ଅଭାବ ପରିଲକ୍ଷିତ ହେଉଛି। ସରକାର ଜନସାଧାରଣଙ୍କ ପାନୀୟଜଳ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତାହା ଜନସାଧାରଣ କାମରେ ଆସୁନାହିଁ। ଅଧିକାଂଶ ସ୍ଥାନରେ କଳ ଲାଗିଛି କିନ୍ତୁ ପାଣି ପହଞ୍ଚି ପାରୁନାହିଁ। କେତେକ ଜାଗାରେ ଆଜି ପର୍ଯ୍ୟନ୍ତ କଳ ମଧ ଲାଗି ନାହିଁ। ଜନସାଧାରଣଙ୍କୁ ପାନୀୟ ଜଳ ପାଇଁ ଭୀଷଣ ଅସୁବିଧା ହେଉଛି। ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ବାରମ୍ବାର ଦାବି ହୋଇଆସୁଛି। ହେଲେ କୌଣସି ସୁଫଳ ମିଳୁ ନାହିଁ। ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମେଘା ପାନୀୟଜଳ ପ୍ରକଳ୍ପ ବିଭାଗ, ତଦନ୍ତକାରୀ ଅଧିକାରୀ ପଠାଇ ପାନୀୟଜଳର ସମସ୍ୟା ଦୂର କରିବା ଗ୍ରାମବାସୀ ଦାବି କରିଛନ୍ତି।

# ବରଗଡ଼ର କବି, କବୟିତ୍ରୀ ସମ୍ବର୍ଦ୍ଧିତ

ବରଗଡ଼,୧୦।୨(ସମିସ): ମାଟିଲାଗ୍ନା ସାହିତ୍ୟ ସଂସଦ ମାଲକାନଗିରି ଆନୁକୂଲ୍ୟରେ ନୂଆପଡା ସ୍ଥିତ ଉଦ୍ୟାନବନ୍ଧର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ରାଜ୍ୟସ୍ତରୀୟ ସାହିତ୍ୟ ସମାବେଶ କିଶୋର ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ମଧୁସୂଦନ ଦାସ, ମୁଖ୍ୟ ବକ୍ତା ଉପନିବନ୍ଧଙ୍କ ମମତା ଦାଶ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଶାନ୍ତ ମହାନ୍ତି ଓ ଜିଲ୍ଲା ନିରୀକ୍ଷକ ଗିରିଧାରୀ ସା ଅଂଶଗ୍ରହଣ କରିଥିଲେ। ବରଗଡ଼ ଜିଲ୍ଲାର ଡ.ଡୋଲାମଣି ଶତପଥୀ, ନୁରବତି ସାହୁ, ପଦ୍ମିନୀ ଦେବି, ସତ୍ୟବତୀ ଜେନା, ବିପ୍ଳବିନୀ କବି ଶ୍ରଦ୍ଧାଞ୍ଜଳି ତ୍ରିପାଠୀ ପ୍ରମୁଖ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ।



# ଭେଡେନ ବ୍ଲକ୍‌ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଭେଡେନ,୧୦।୨(ସମିସ): ଭେଡେନ ସ୍ଥିତ ରଣଜିତା ଖେଳ ପଡିଆରେ ରଣଜିତ ଆଥଲେଟିକ ଆସୋସିଏନ ଆନୁକୂଲ୍ୟରେ ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଭେଡେନ ବ୍ଲକ୍‌ସ୍ତରୀୟ ଫଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସମିତି ସଭ୍ୟ ତଥା ପୂର୍ବତନ ଫୁଟବଲ ଖେଳାଳି ତୋଷବନ୍ତ ବେହେରା ଖେଳକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠିତ ଖେଳରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚ୍ ବାଘପାଲି ଦଳ ଓ ଭୁତାପାଲି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁତାପାଲି ଦଳ ୨-୦ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଚିଚିଣ୍ଡା ଦଳ ଓ ଭୁତାପାଲି ମଧ୍ୟରେ ଅନୁଷ୍ଠିତ ହୋଇ ସୁଟଆଉଟ ଜରିଆରେ ୪-୨ ଗୋଲରେ ଭୁତାପାଲି ଦଳ ବିଜୟୀ ହୋଇଥିଲା। ଖେଳକୁ ସୁଶାନ୍ତ ସାହୁ, ନୀଳ ପଣ୍ଡା, କଏରୁ ଗଣ୍ଡ ପରିଚାଳନା କରିଥିବା ବେଳେ ଲୁପୁନ ବେହେରା ଧାରାବିବାରଣୀ ପ୍ରଦାନ କରିଥିଲେ। ଖେଳ ପରିଚାଳନାରେ ପ୍ରୀତମ, ରାହୁଲ, ହେପି, ଦେବାଶିଷ, ସୁମିତ, ରମେଶ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ମହିଳା ସମିତିର ପାର୍ବତୀ ଗିରି ମାତୃନିକେତନ ପରିଦର୍ଶନ



ପଦ୍ମପୁର/ପାଇକମାଳ,୧୦।୨(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସେବା ଓ ସମର୍ପଣର ପ୍ରତୀକ ପାର୍ବତୀ ଗିରିଙ୍କ ଦ୍ୱାରା ପ୍ରତିଷ୍ଠିତ କସ୍ତୁରବା ଗାନ୍ଧୀ ମାତୃନିକେତନକୁ ବରଗଡ଼ ମହିଳା ସମିତିର ଏକ ୩୫ ଜଣିଆ ଦଳ ପରିଦର୍ଶନ କରିଛନ୍ତି। ସେମାନେ ଅନ୍ତେବାସୀ ମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ତେବାସୀ ପୁଅ ଝିଅ ମାନଙ୍କୁ ଖାତାପତ୍ର, ଡଟପେନ୍, ପେନ୍ସିଲ ଓ କଟର, ରବର, ସ୍କେଲ, କମ୍ପାସ ବକ୍ସ ସାଙ୍ଗକୁ ବିଭିନ୍ନ ଫଳ, ବିସ୍କୁଟ, ଚିପସ, ବ୍ୟାଗ୍ ଆଦି ଉପହାର ଦେଇଥିଲେ। ପାର୍ବତୀ ଗିରିଙ୍କ ସହଯୋଗୀ ନିରୁପମା ମହାପାତ୍ର (ନିରୁ ଅପା)ଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝି ଆରୋଗ୍ୟ କାମନା କରିଥିଲେ। ଏହାପରେ ପ୍ରତିନିଧି ଦଳ ନୃସିଂହନାଥ ମନ୍ଦିର ପରିଦର୍ଶନ କରି ପ୍ରସାଦ ପାଇଥିଲେ। ମାତୃନିକେତନ ଓ ମନ୍ଦିର ସମ୍ପର୍କରେ ଖୁବ୍ ଶୀଘ୍ର ଜିଲ୍ଲା ପ୍ରଶାସନ ସହ ମହିଳା ସମିତି ଆଲୋଚନା କରିବ ବୋଲି ସମିତିର ସଭାନେତ୍ରୀ ଅଞ୍ଜନା ଦାସ, ସମ୍ପାଦିକା ସୁଧାଂଶୁବାଳା ଦାଶ ଓ ମମତା ମିଶ୍ର ସୂଚନା ଦେଇଛନ୍ତି।

# ଗୁରୁ ଭଗବାନ ସାହୁଙ୍କ ସ୍ମୃତିରକ୍ଷା ପାଇଁ ବିଧାୟକଙ୍କ ପ୍ରତିଶ୍ରୁତି

ବରଗଡ,୧୦।୨(ସମିସ): ବରଗଡ଼ ଗୁରୁ ଭଗବାନ ସାହୁ ସ୍ମୃତି କମିଟି ତରଫରୁ ବିଧାୟକ ଅଶ୍ୱିନୀ ଷଡଙ୍ଗୀଙ୍କୁ ସ୍ମୃତି କମିଟିର କାର୍ଯ୍ୟାଳୟ ଏବଂ ସ୍ମୃତିରକ୍ଷାର ବିଭିନ୍ନ ପଦକ୍ଷେପ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଗୁରୁଙ୍କ ସ୍ମୃତିରେ ଏକ ପ୍ରେକ୍ଷାଳୟ, ଶିକ୍ଷା ଅନୁଷ୍ଠାନ ମାନଙ୍କରେ ଫଟୋଚିତ୍ର ପାଇଁ ବିଧାୟକ ଶ୍ରୀ ଷଡଙ୍ଗୀ ଖୁବ୍‌ଶୀଘ୍ର ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ସ୍ମୃତି କମିଟିର



ସଭାପତି ଦଧିବାବନ ଶତପଥୀ, ଉପସଭାପତି ସର୍ଦ୍ଦାର ପ୍ରିତମ ସିଂ, ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ତୁଳସୀ ଚରଣ ଦାଶ, ସହ ସମ୍ପାଦକ ଡ ଯଶବୀର ସିଂ ସୈନୀ, କୋଷାଧ୍ୟକ୍ଷ ଅଚ୍ୟୁତାନନ୍ଦ ବାରିକ ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ପଣ୍ଡା, ଲୁଲୁରବିନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବରଗଡ଼,୧୦।୨(ସମିସ):



ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଅଧ୍ୟକ୍ଷତା କରିଥିଲେ। ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ସମେତ ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରଗୁଲା, ଜିଲ୍ଲାର ସମସ୍ତ ତହସିଲଦାର ଓ ପୌରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଚାର୍ଜସ୍ତରୀୟ ଅଧିକାରୀ, ଡେପୁଟି କଲେକ୍ଟର ସୁମତି ପଣ୍ଡା, ପରିସଂଖ୍ୟାନ ବିଭାଗର ଅଧିକାରୀ ଏବଂ କର୍ମଚାରୀ ଜନଗଣନା ପାଇଁ ବିଭିନ୍ନ ପ୍ରଶିକ୍ଷଣ ନେଇଥିଲେ। ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟ ଦ୍ୱାରା ଆଗାମୀ ଅପ୍ରିଲ

**■ ନିର୍ଭୁଲ ତଥ୍ୟ ସଂଗ୍ରହ କରିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ**
**■ ଠିକ୍ ତଥ୍ୟ ପ୍ରଦାନ କରିବାକୁ ଜିଲ୍ଲାବାସୀଙ୍କୁ ଜିଲ୍ଲାପାଳଙ୍କ ଅନୁରୋଧ**

୧୬ରୁ ମେ ୧୫ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଜନଗଣନା କରାଯିବ। ଏଥି ନିମନ୍ତେ ଅପ୍ରିଲ ୧ରୁ ୧୫ ପର୍ଯ୍ୟନ୍ତ ଡିଜିଟାଲ ସ୍ୱଗଣନା ବ୍ୟବସ୍ଥା ରହିବ। ଯେଉଁଥିରେ ଯେକୌଣସି ବ୍ୟକ୍ତି ସେନସସ ପୋର୍ଟାଲ ବ୍ୟବହାର କରି ନିଜର ସମସ୍ତ ତଥ୍ୟ ଅପଲୋଡ୍ କରିବା ପରେ ଏକ ରେଫରେନ୍ସ ନମ୍ବର ପାଇପାରିବେ। ଏହାପରେ ସମ୍ପୃକ୍ତ ସେନସସ ସର୍ଭେ ସମୟରେ ପୁନର୍ବାର ଯାଞ୍ଚ କରି ସଠିକ ତଥ୍ୟ ଅନଲାଇନ ମାଧ୍ୟମରେ ଲିପିବଦ୍ଧ କରିବେ। ଜଣେ ସଚେତନ ନାଗରିକ ହିସାବରେ ନିଜର ସମସ୍ତ ତଥ୍ୟ ସଠିକ ଭାବେ ପ୍ରଦାନ କରି ଜନଗଣନାକୁ ସଫଳ କରିବାକୁ ଜିଲ୍ଲାପାଳ ଏହି ଅବସରରେ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି। ଏହାସହ ଜନଗଣନାର ସମସ୍ତ ନିୟମ ଓ ନିର୍ଦ୍ଦେଶାବଳୀ ଗୁଡିକୁ ସମ୍ପୂର୍ଣ୍ଣ ଭାବେ ବୁଝି ନିର୍ଭୁଲ ତଥ୍ୟ ସଂଗ୍ରହ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଗୋୟଲ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆଜିର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସୁମତି ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସାହୁ ଏବଂ ଉପଜିଲ୍ଲାପାଳ ସ୍ନେହା ଅରଗୁଲା ଦେଶରେ ସଠିକ ଭାବେ ଯୋଜନା ଏବଂ ନୀତି ପ୍ରଣୟନ ଓ ତାହାର ଉପଯୁକ୍ତ କାର୍ଯ୍ୟକାରିତା ପାଇଁ ଜନଗଣନାର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଟ୍ରେନିଂ ଅଫିସର ଭାବେ ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶକ ଲକ୍ଷ୍ମଣ ମୁଖି ଯୋଗ ଦେଇଥିଲେ। ଜିଲ୍ଲାରେ ଜନଗଣନାକୁ ସୂଚାରୁ ରୂପେ ସମ୍ପନ୍ନ କରିବା ପାଇଁ ବିଭିନ୍ନ ଆଲୋଚନା ସହ ଜନଗଣନା ନିମନ୍ତେ ପ୍ରାଥମିକ ପ୍ରସ୍ତୁତି କାର୍ଯ୍ୟ ତଥା ହାଉସ୍ ଲିଷ୍ଟିଂ ବ୍ଲକ୍ ଚିହ୍ନଟ ଓ ଗଠନ ପ୍ରକ୍ରିୟା, ଚାର୍ଜ୍ ରେଜିଷ୍ଟର ପ୍ରସ୍ତୁତି, ସଠିକ୍ ଭାବେ ଗୃହ ସଂଖ୍ୟାକରଣ ଓ ନୋସନାଲ୍ ମ୍ୟାପ୍ ପ୍ରସ୍ତୁତି, ଅନଲାଇନ୍ ତଥ୍ୟ ସଂଗ୍ରହ ପ୍ରକ୍ରିୟା, ଏନ୍ୟୁମେରେଟର୍ ଓ ସୁପରଭାଇଜର ମାନଙ୍କ ନିଯୁକ୍ତି, କାର୍ଯ୍ୟ ବଣ୍ଟନ ଏବଂ ସେମାନଙ୍କ କାର୍ଯ୍ୟଗତି ଟ୍ରାକିଂ ବ୍ୟବସ୍ଥା, ସେନସସ୍ କାର୍ଯ୍ୟରେ ନିଯୁକ୍ତ କର୍ମଚାରୀମାନଙ୍କ ଭୂମିକା ଓ ଦାୟିତ୍ୱ ତଥା ସଠିକ୍ ସମୟସୀମା ମଧ୍ୟରେ ଗୁଣାତ୍ମକ ତଥ୍ୟ ସଂଗ୍ରହ ପାଇଁ ବିଭାଗୀୟ ସମନ୍ୱୟ ଓ ନିରନ୍ତର ନିରୀକ୍ଷଣ ଭଳି ବିଭିନ୍ନ ବିଷୟରେ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଜନଗଣନା ନିର୍ଦ୍ଦେଶାଳୟ ଷ୍ଟାଟିସ୍ଟିକାଲ ଇନଭେଷ୍ଟିକେଟର ଆଶୁତୋଷ ସିଂ ସହଯୋଗ କରିଥିଲେ।

## ଗୋଟିଏ ପରିବାରର ୩ଜଣଙ୍କୁ ଆକ୍ରମଣ

ପାରାଦୀପ, ୧୦।୨(ସମିସ): ପାରାଦୀପ ବିଜୟଚାନ୍ଦପୁର ଅଞ୍ଚଳରେ ଗୋଟିଏ ପରିବାରର ଆକ୍ରମଣରେ ଅନ୍ୟ ଏକ ପରିବାରର ୩ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ଘରେ ପଶି ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଛି। ପୂର୍ବରୁ ଗ୍ରାମରେ ଥିବା ନଳକୂପରୁ ପାନୀୟଜଳକୁ ନେଇ ଦୁଇ ପରିବାର ମଧ୍ୟରେ ତିକ୍ତତା ଥିଲା। ଉଭୟ ପକ୍ଷରୁ ଥାନାରେ ମଧ୍ୟ ଅଭିଯୋଗ ହୋଇଥିଲା। ଆଜି ଗୋଟିଏ ପକ୍ଷକୁ ଥାନାକୁ ଡାକି ସମାଧାନ କରାଯାଉଥିବା ବେଳେ ଅନ୍ୟ ଏକ ପରିବାର ଆନନ୍ଦ, ମଦନ ଓ ସୋନୁ ମିଳିତ ଭାବେ ଘରେ ପଶି ଶୋଇଥିବା ଅବସ୍ଥାରେ ସୌରଭ ପାଲ୍‌କୁ ମାରଣାନ୍ତକ ଆକ୍ରମଣ କରିଥିଲେ। ଖବର ପାଇ ବାପା ଅସିତ୍ ପାଲ୍ ଓ ମାଆ ବାସନ୍ତୀ ପାଲ୍ ଘର ନିକଟରେ ପହଞ୍ଚିବା ପରେ ତାଙ୍କୁ ମଧ୍ୟ ସଂଘବଦ୍ଧ ଆକ୍ରମଣ କରିବା ସହ ମାଆ ବାସନ୍ତୀଙ୍କ ଠାରୁ ଟଙ୍କା ଛଡ଼ାଇ ନେଇଥିବା ଅଭିଯୋଗ କରିଛନ୍ତି। ତାଙ୍କର ମୁଣ୍ଡ, ହାତ ମୁହଁର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି। ଗୁରୁତର ଭାବେ ପ୍ରଥମେ ସେମାନେ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସେମାନଙ୍କୁ ଅଠରବାଙ୍କୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇ ପୁଲିସ ଅଧିକ ତଦନ୍ତ ଚଳାଇଛି।

## ଜିଲ୍ଲା ବିଜେଡି ସଂଖ୍ୟାଲଘୁ ସଭାପତିଙ୍କ ପରଲୋକ



ଜଗତସିଂହପୁର,୧୦।୨(ସମିସ): ଜଗତସିଂହପୁର ଜିଲ୍ଲା ବିଜୁ ଜନତା ଦଳର ସଂଖ୍ୟାଲଘୁ ବର୍ଗ ସଭାପତି ମୀର ଆଜମୀର ଅଲ୍ଲିଙ୍କର ଆଜି କଟକ ବଡ଼ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ଗତ ଫେବୃଆରୀ ୧ ତାରିଖରେ ହାଜିପୁର ନିକଟରେ ମୀର ଆଜମୀର ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଆଜି ମୀର ଆଜମୀରଙ୍କ ଦେହାନ୍ତ ହୋଇଥିଲା। ସ୍ୱର୍ଗତ ଅଲ୍ଲୀ ଦୀର୍ଘ ବର୍ଷ ଧରି ଜିଲ୍ଲା ବିଜେଡି ସଂଖ୍ୟାଲଘୁ ବର୍ଗ ସଭାପତି ଭାବେ ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ କରିଆସୁଥିଲେ। ତାଙ୍କ ପରଲୋକରେ ଜଗତସିଂହପୁର ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ବିଧାୟକ ଚିରଞ୍ଜିବ ବିଶ୍ୱାଳ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ତିର୍ତ୍ତୋଲ ବିଧାୟକ ଡ.ରମାକାନ୍ତ ଭୋଇ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ପୂର୍ବତନ ସାଂସଦ ଡା. ରାଜଶ୍ରୀ ମଲ୍ଲିକ, ପୂର୍ବତନ ଜିଲ୍ଲା ବିଜେଡି ସଭାପତି ରବି ନାରାୟଣ ଜେନା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ବାଲିକୁଦା,୧୦।୨(ସମିସ): ବାଲିକୁଦା ବ୍ଲକ୍ ତିତିରା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରସନ୍ନ କୁମାର ବେହେରା କର୍ମକ୍ଷେତ୍ରରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ପ୍ରଭାତ ନଳିନୀ ବେହେରା, ନିଲୁଚରଣ ସ୍ୱାଇଁ, ରକ୍ଷେନ୍ଦ୍ର ଦାଶ, ବିଚିତ୍ରାନନ୍ଦ ବିଶ୍ୱାଳ, ନରେନ୍ଦ୍ରନାଥ ମହାପାତ୍ର ପ୍ରମୁଖ ଯୋଗଦେଇ ଶ୍ରୀ ବେହେରାଙ୍କ ଗୁଣଗାନ କରିବା ସହିତ ଦୀର୍ଘବର୍ଷ ଶିକ୍ଷକତା ଜୀବନର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷା ସହ ଛାତ୍ରଛାତ୍ରୀଙ୍କୁ ସୁନ୍ଦର ଭାବେ ଗଢ଼ି ତୋଳିବା ଓ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ସୃଷ୍ଟି କରିବାରେ ଶ୍ରୀ ବେହେରାଙ୍କ ଅବଦାନ ଅତ୍ୟନ୍ତ ଅତୁଳନୀୟ ଅଟେ। ତାଙ୍କର ଅବସର ଶିକ୍ଷା ପାଇଁ ଅପୂରଣୀୟ କ୍ଷତି ବୋଲି ଅତିଥିମାନେ ଓ ଗ୍ରାମବାସୀ ମତବ୍ୟକ୍ତ କରିଥିଲେ। ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଗୁରୁଜୀଙ୍କ ଆଦର୍ଶ କଥାକୁ ମନେ ପକାଇ ଭାବବିହ୍ୱଳ ହୋଇ ପଡ଼ିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସୁଚାରୁ ରୂପେ ପରିଚାଳନା କରିଥିଲେ।

## ହରିବୋଲିଆ ମଠରେ ଗାୟତ୍ରୀ ବିଶ୍ୱଶାନ୍ତି ମହାଯଜ୍ଞ



ପାରାଦୀପ,୧୦।୨(ସମିସ): ବନ୍ଦର ସହରର ୧୪ ନମ୍ବର ୱାର୍ଡରେ ଥିବା ହରିବୋଲିଆ ମଠରେ ଆରମ୍ଭ ହୋଇଛି ଗାୟତ୍ରୀ ବିଶ୍ୱଶାନ୍ତି ମହାଯଜ୍ଞ। ଏହି ଅବସରରେ ମହାଦେବଙ୍କ ପୀଠ ହରିବୋଲ, ହୁଳହୁଳି ଓ ବ୍ରାହ୍ମଣଙ୍କ ବେଦପାଠ ଓ ହୋମଯଜ୍ଞରେ ପ୍ରକମ୍ପିତ ହେଉଛି। ସଂକୀର୍ତ୍ତନ ସହିତ କଳସ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି ଶତାଧିକ ଶ୍ରଦ୍ଧାଳୁ। ସର୍ବପୁରାତନ ହରିବୋଲ ବାବାଙ୍କ ନାମରେ ନାମିତ ହୋଇଛି ଏହି ହରିବୋଲିଆ ମଠ। ଏହି ମଠରେ ପ୍ରଭୁ ମହାକାଳେଶ୍ୱରରେ ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ଜାଗରଯାତ୍ରାକୁ ବାଦଦେଲେ ଏହି ବିଶ୍ୱଶାନ୍ତି ମହାଯଜ୍ଞ ମହାଆଡମ୍ବର ସହକାରେ ପାଳନ କରାଯାଇଥାଏ। ଏହି ଯଜ୍ଞ କାର୍ଯ୍ୟକ୍ରମରେ ନୂଆବଜାରର ସମସ୍ତ ବାସିନ୍ଦା ସାମିଲ ହୋଇଥିଲେ। ଗାୟତ୍ରୀ ମହାଯଜ୍ଞରେ କଳସ ଶୋଭାଯାତ୍ରାରେ ସମସ୍ତ ମହିଳା ସାମିଲ ହୋଇଥାନ୍ତି। ଯାହା ମହାକାଳେଶ୍ୱରଙ୍କ ଆଶୀର୍ବାଦ ବୋଲି କହିଛନ୍ତି ଶ୍ରଦ୍ଧାଳୁ। ଏହି ମହାଯଜ୍ଞରେ ସମଗ୍ର ପାରାଦୀପ ସହିତ ରାଜ୍ୟ, ଦେଶ ଓ ସମଗ୍ର ବିଶ୍ୱରେ ମଙ୍ଗଳ କାମନା ପାଇଁ ମହାଯଜ୍ଞର ମୂଳ ଉଦ୍ଦେଶ୍ୟ ବୋଲି ପୂଜକ ବିଶ୍ୱନାଥ ଦାସ କହିଛନ୍ତି।

### ଜିଲ୍ଲାସ୍ତରୀୟ ଜାତୀୟ କୃମି ନାଶକ କାର୍ଯ୍ୟକ୍ରମ ଉଦ୍‌ଘାଟିତ

# ୩,୧୨,୦୧୫ ଶିଶୁ ଓ କିଶୋରଙ୍କୁ ଔଷଧ ସେବନ ଲକ୍ଷ୍ୟ

ଜଗତସିଂହପୁର,୧୦।୨(ସମିସ)



ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆଜି ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ କୃମିନାଶକ ଔଷଧ ସେବନ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରାଜେନ୍ଦ୍ର କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉପସ୍ଥିତ ଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ଏ ଦିଗରେ ସଚେତନ କରିବା ନିମନ୍ତେ ସେ କୃମିନାଶକ ବଟିକା ଆଲବେଣ୍ଡାଜୋଲ ଖାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ଏହି ଶିରପ୍ ଓ ବଟିକା ସେବନ କରାଇବା ନିମନ୍ତେ ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡି ଦିଦି, ଶିକ୍ଷକ/ଶିକ୍ଷୟିତ୍ରୀ ତଥା ଅଭିଭାବକମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ପ୍ରମୋଦ କୁମାର ବାରିକ ଯୋଗଦେଇ ୨୦୧୫ ମସିହା ଠାରୁ ପ୍ରତିବର୍ଷ ଫେବୃଆରୀ ୧୦ ତାରିଖରେ ଜାତୀୟ କୃମି ନାଶକ ଦିବସ ପାଳନ କରାଯାଉଛି। ଯାହାର ଉଦ୍ଦେଶ୍ୟ ହେଉଛି ୧ରୁ ୧୯ ବର୍ଷ ବୟସର ସମସ୍ତ ଶିଶୁ ଓ କିଶୋର କିଶୋରୀ ତଥା ୨୦ ରୁ ୨୪ ବର୍ଷ ବୟସର ସମସ୍ତ ମହିଳା ଯିଏକି (ଗର୍ଭବତୀ ଓ ପ୍ରସୂତି ହୋଇନଥିବେ) ଙ୍କୁ କୃମି ନାଶକ ବଟିକାର ସେବନ କରାଇ ଏହି ଅଭିଯାନକୁ ସଫଳ କରାଇବା। ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର ଏଥିରେ ଯୋଗଦେଇ କୃମି ଦ୍ୱାରା ସଂକ୍ରମିତ ହେଲେ ପୁଷ୍ଟିହୀନତା, ରକ୍ତହୀନତା, ବଦହଜମୀ, ଶାରୀରିକ ତଥା ମାନସିକ ଅନଗ୍ରସରତା ଦେଖାଯିବା ସହ କାର୍ଯ୍ୟ ଦକ୍ଷତା କମିଯାଏ ବୋଲି ସୂଚନା ଦେଇଥିଲେ। କୃମି ସଂକ୍ରମଣରୁ ରକ୍ଷା ପାଇବା ପାଇଁ କୃମି ନାଶକ ବଟିକା ସେବନ କରିବା ସହିତ ପରିଷ୍କାର ପରିଚ୍ଛନ୍ନ ରହିବା, ମଳତ୍ୟାଗ ସମୟରେ ପାଇଖାନାରେ ଚପଲ ବ୍ୟବହାର, ବିଶୁଦ୍ଧ ପାନୀୟ ଜଳ ସେବନ, ଖାଇବା ପୂର୍ବରୁ ହାତ ସଫା କରିବା, ନଖ କାଟିବା ଆଦି ବିଷୟରେ ଉପସ୍ଥିତ ଅତିଥି ମାନେ ସମସ୍ତଙ୍କୁ ସଚେତନ କରାଇଥିଲେ। ଡିପିଏମ ସୋନାଲି ପ୍ରିୟଦର୍ଶିନୀ ଏହି ଅଭିଯାନ ମାଧ୍ୟମରେ ଜିଲ୍ଲାର ୧୩୬୯ ସରକାରୀ/ବେସରକାରୀ ବିଦ୍ୟାଳୟ, ୧୭୪୨ ଅଙ୍ଗନବାଡି କେନ୍ଦ୍ରରେ ଆଜି ଶୁଭାରମ୍ଭ ହୋଇଥିବା ସୂଚନା ଦେଇଥିଲେ। ଜିଲ୍ଲାର ୩,୧୨,୦୧୫ ଜଣ ୧ରୁ ୧୯ ବର୍ଷ ବୟସର ଶିଶୁ ଓ କିଶୋର, ୫୪,୭୮୨ ଜଣ ୨୦ରୁ ୨୪ ବର୍ଷ ବୟସର ପ୍ରସୂତି ବା ଗର୍ଭବତୀ ହୋଇନଥିବା ପ୍ରଜନନକ୍ଷମ ମହିଳାମାନଙ୍କୁ ଏହି ବଟିକା ଓ ଶିରପ ଦିଆଯିବାର ଲକ୍ଷ୍ୟ ଧାର୍ଯ୍ୟ ରହିଛି। ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସନ୍ତୋଷ କୁମାର ବେହେରା, ଡିଏସଡବ୍ଲୁଓ ବିଷ୍ଣୁପ୍ରିୟା ସେଠୀ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ବାସନ୍ତୀ ପାଲି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତନୟା ମହାନ୍ତି, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ମିହିର କୁମାର ପାଲ ଏବଂ ବିଦ୍ୟାଳୟର ଶିକ୍ଷୟତ୍ରୀ ତଥା ଛାତ୍ରୀମାନେ ଉପସ୍ଥିତ ଥିଲେ। ଡେପୁଟି ମ୍ୟାନେଜର ସନ୍ଧ୍ୟାରାଣୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

## ଫୁଲ ଦେଇ ସଚେତନ କଲେ ଛାତ୍ରଛାତ୍ରୀ



ପାରାଦୀପ,୧୦।୨(ସମିସ): ପାରାଦୀପ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଏକ "ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀଙ୍କ ନିର୍ଦ୍ଦେଶ କ୍ରମେ ଆଜି ଦିନ ୧୦ ଟା ସମୟରେ ସ୍ଥାନୀୟ ଥାନା ଛକ ନିକଟରେ କାର୍ଯର୍ଯ୍ୟକ୍ରମ ଆୟୋଜିତ ହୋଇଥିଲେ। ଏନ୍‌ଏସ୍‌ଏସ୍‌ର ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପାରାଦୀପ ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକ ଓ ଥାନାର କର୍ମଚାରୀନେ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ସଚେତନତା କାର୍ଯ୍ୟକ୍ରମରେ ଫୁଲ ଦେଇ ଯାନବାହନ ଚାଳକମାନଙ୍କୁ ନାନାଦି ସଡ଼କ ସୁରକ୍ଷାର ନିୟମ ସଂପର୍କରେ ଅବଗତ କରାଇଥିଲେ। ବର୍ତ୍ତମାନ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା ସଂଘମିତ୍ରା ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ବହୁ ଅଧ୍ୟାପକ ଓ ଅଧ୍ୟାପିକାମାନେ ମଧ୍ୟ ଉପସ୍ଥିତ ଥିଲେ। ଆଜିର ଆୟୋଜିତ କାର୍ଯ୍ୟକ୍ରମରେ ପାରାଦୀପ ଅଞ୍ଚଳର ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ତୁଲାଇ ଥିଲେ।

## ଡାଲୁଅ ଚାଷୀଙ୍କୁ ମିଳୁନି ପ୍ରୋତ୍ସାହନ



କୁଜଙ୍ଗ,୧୦।୨(ସମିସ): ଶାରଦ ଧାନ ଚାଷୀ ମଣ୍ଡିରେ ଅଖା ସମସ୍ୟା ସହ ମିଲର ଆସୁନଥିବା ବେଳେ ଧାନ ଖଳାରେ ଧରି ବସିଛି। ଅନ୍ୟ ପକ୍ଷରେ ଉପକୂଳ ଅଳରେ ଶହ ଶହ ଡାଲୁଅ ଚାଷୀ ଉନ୍ନତ ଧାନ ବିହନ ପାଉନାହାଁନ୍ତି କି ଜମିକୁ ସେଚ ସୁବିଧା ପାଇଁ ଡହଳ ବିକଳ ହେଉଛନ୍ତି। ଖରାଟିଆ ଧାନ ପାଇଁ ପ୍ରଚୁର ପାଣି ଆବଶ୍ୟକ ଥିବା ବେଳେ ଚାଷୀ ନିଜ ଘରୁ ବିପଦ ସଙ୍କୁଳ ଭାବରେ ବିଦ୍ୟୁତ୍ ତାର ନେଇ ଟୁଲୁ ପମ୍ପରେ ଧାନ ଚାଷ କରୁଥିବା ଦେଖିବାକୁ ମିଳିଛି କୁଜଙ୍ଗ ଥାନା ଅନ୍ତର୍ଗତ ବାମଦେଇପୁରରେ। ଏହି ଅଞ୍ଚଳର ପ୍ରମୁଖ ଚାଷୀ କୈଳାଶ ମହାନ୍ତି, ଗଣେଶ ମହାନ୍ତି, ବଳରାମ ମାଲିକ ପ୍ରମୁଖ ପ୍ରତିଦିନ ଧାନ ଚାଷରେ ପାଣି ପାଇଁ କଷ୍ଟ ସହୁଛନ୍ତି। ପୂର୍ବ ପୁରୁଷରୁ ଏହି ଅଞ୍ଚଳ ଧାନ ପାନ ଓ ମିନ ଚାଷ ପାଇଁ ପରିଚୟ ରହିଥିବା ବେଳେ ଶିଳ୍ପ ସଂସ୍ଥା ଯୋଗୁ ଏହି ଅଞ୍ଚଳରେ ପାନ ମୀନ ଚାଷ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ଏବେ ବର୍ଷକ ଆହାର ଧାନ ଚାଷ କରିବା ଦୁର୍ବିସହ ହୋଇଯାଇଛି। ଚାଷ ଉଜୁଡ଼ି ଯିବାକୁ ବସିଥିବା ବେଳେ ଘରର ପୁଅମାନେ କାମ ପାଇଁ ବାହାର ରାଜ୍ୟକୁ ଯାଉଥିବା କହୁଛନ୍ତି ମହିଳା ଚାଷୀ ସତ୍ୟଭାମା ମହାନ୍ତି। ଡାଲୁଅ ରୁଆ ବେଳେ ପାଣି ସମସ୍ୟା ଦେଖା ଦେଇଥିବା ବେଳେ ରୋଗ ପୋକ ଦମନ ଓ ଅମଳ ହେବା ପରେ ଧାନ ବିକ୍ରି ନେଇ ଚାଷୀ ମାନଙ୍କ ଚିନ୍ତା ବଢୁଛି। ଏହି ସମସ୍ୟା କେବଳ ବାମଦେଇପୁର୍‌ର ନୁହେଁ ନୂଆଗାଁ, ଗଡ଼କୁଜଙ୍ଗ, ଢିଙ୍କିଆ, ବାଲିତୁଠ ଅଞ୍ଚଳର ସହ ସହ ଡାଲୁଅ ଚାଷୀଙ୍କ ସମସ୍ୟା ଲାଗିରହିଛି।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ



କୁଜଙ୍ଗ,୧୦।୨(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ସେଣ୍ଟଜାଭିୟର୍ସ ହାଇସ୍କୁଲ ପରମାନନ୍ଦପୁର ପଙ୍କପାଳର ଏକାଦଶ ବାର୍ଷିକ ଉତ୍ସବ ଉତ୍କର୍ଷ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଦଯାପନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପିପିଏଲର ସିଏମ୍‌ଓ ଅଧିକାରୀ ପାଲାନିସ୍ୱାମୀ ଭେଲୁସାମି ଯୋଗ ଦେଇଥିବା ବେଳେ ସମାଜସେବୀ ତଥା କୈବର୍ତ୍ତ ସଂଘ ସଭାପତି ପ୍ରହ୍ଲାଦ ବେହେରା, ବିଦ୍ୟାଳୟର ଚେୟାରମ୍ୟାନ ଡା. ସୁନାକର ବେହେରା, ମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ବେହେରା, ଅଗପାଳ ସରପଞ୍ଚ ବିପିନ କୁମାର ବିଶ୍ୱାଳ, ବ୍ରହ୍ମ ଜଗନ୍ନାଥ ମିଶନ ମୁଖ୍ୟ ସଂଜୀବ କୁମାର ମୁଦୁଲି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଙ୍କପାଳ ମଣ୍ଡଳ ସଭାପତି ଶତ୍ରୁଘ୍ନ ମଲ୍ଲ, କୁଜଙ୍ଗ ମଣ୍ଡଳ ସଭାପତି ରଞ୍ଜନ କୁମାର ବାରିକ, ପାରାଦୀପ ଗଡ଼ ସଭାପତି ଗଗନ ବିହାରୀ ରାଉତ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ସୋମବାର ଉତ୍ସବକୁ ବ୍ରହ୍ମ ଜଗନ୍ନାଥ ମିଶନ ପ୍ରମୁଖ କ୍ୟାପଟେନ ସଞ୍ଜୀବ କୁମାର ମୁଦୁଲି ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାତା ତଥା ଶିକ୍ଷାବିତ୍ ବାନମ୍ବର ଶତପଥୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ପ୍ରଭାତୀ ଦାସ, ଶ୍ୟାମ ସୁନ୍ଦର ନାୟକ, ସସ୍ମିତା ବିଶ୍ୱାଳ, ଆଇନଜୀବୀ ଦେବାଶିଷ କଣ୍ଠ, ବାବୁରାମ ମହାନ୍ତି, ଦୀପକ କୁମାର ସାମନ୍ତରାୟ, ଅମୂଲ୍ୟ କୁମାର ମହାପାତ୍ର, ସୁଦର୍ଶନ ସାହାଣୀ, ସଞ୍ଜୟ କୁମାର ଦାସ, ଅରବିନ୍ଦ ଦାସ, ପ୍ରତାପ କୁମାର ଦାସ, ସୁଧାକର ମନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଅଶୋକ କୁମାର ସାହୁଙ୍କ ପୌରୋହିତ୍ୟରେ ବିଦ୍ୟାଳୟ ଲୋକ ସଂମ୍ପର୍କ ଅଧିକାରୀ ସୁଶାନ୍ତ କୁମାର ସ୍ୱାଇଁ ସ୍ୱାଗତ ଭାଷଣ, ଆତିଥି ପରିଚୟ ଓ ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ। ମିସ୍ ଅର୍ଚ୍ଚନା ସାହୁ ଓ ପୂର୍ବ ଛାତ୍ର ଆୟୁସ ପଟ୍ଟନାୟକଙ୍କ ସଂଯୋଜନାରେ ଏହି ଉତ୍ସବରେ ଛାତ୍ର ଛାତ୍ରୀ, ଅଭିଭାବକ, ଶିକ୍ଷା ପ୍ରେମୀ ଯୋଗ ଦେଇଥିଲେ।

## ନବନିଯୁକ୍ତି ବିଜେଡି କର୍ମକର୍ତ୍ତାଙ୍କ ସମ୍ବର୍ଦ୍ଧନା



ପାରାଦୀପ,୧୦।୨(ସମିସ): ପାରାଦୀପ ପୌର ପରିଷଦ ଅଧୀନ ବିଜୁ ଜନତା ଦଳର ସଂଗଠନରୁ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବାକୁ ନିଯୁକ୍ତି ହୋଇଥିବା ନବନିଯୁକ୍ତ କର୍ମକର୍ତ୍ତାମାନେ ଆଜି ବିଶିଷ୍ଟ ଶ୍ରମିକ ନେତା ତଥା ବିଜେଡିର ବରିଷ୍ଠ ନେତା ବାପି ସର୍ଖେଲଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏନେଇ ସ୍ଥାନୀୟ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପାରାଦୀପ ନଗର ବିଜେଡି ସଭାପତି କୁମରବର ନାୟକଙ୍କ ସମେତ ଜିଲ୍ଲା ଉପସଭାପତି ଭାବେ ଦାୟିତ୍ୱ ମିଳିଥିବା ଜ୍ୟୋତିକାନ୍ତ ପରିଡା, ସାଧାରଣ ସମ୍ପାଦକ ନରେନ୍ଦ୍ର ସ୍ୱାଇଁ, ଚିନ୍ମୟ ରଞ୍ଜନ ପରିଡା, ସମ୍ପାଦକ ଭାବେ ନିଯୁକ୍ତି ହୋଇଥିବା ଅନୁପ କୁମାର ସହାଣୀ, ମାନସ ରଞ୍ଜନ ବିଶ୍ୱାଳ ଓ ସୁଶୀଳ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପାରାଦୀପ ବିଜେଡିର ନେତା ଶ୍ରୀ ସର୍ଖେଲଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ତେବେ ଆଗକୁ ପାରାଦୀପ ନଗର ସମେତ ପୌରାଞ୍ଚଳରେ ଦଳୀୟ ସଙ୍ଗଠନ ଅଧିକ ମଜବୁତ ହେବା ନେଇ ଶ୍ରୀ ସର୍ଖେଲ ଦୃଢ ବିଶ୍ୱାସ ରଖିଥିବା ସମସ୍ତଙ୍କୁ କହିଛନ୍ତି।

### ମଣ୍ଡିରେ କଟ୍‌ନୀ ଛଟ୍‌ନୀକୁ ଚାଷୀଙ୍କ ବିରୋଧ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲା କୃଷକ ସଂଗଠନ



ଜଗତସିଂହପୁର,୧୦।୨(ସମିସ): ଜଗତସିଂହପୁର ଜିଲ୍ଲାରେ ଖୋଲିଥିବା ଧାନମଣ୍ଡି ମାନଙ୍କରେ ମିଲର ମାନେ ଗରିବ ଚାଷୀର ଧାନ ଚୋରି କରିବା ଘଟଣାର ପ୍ରତିବାଦ କରି ଆଜି ନବନିର୍ମାଣ କୃଷକ ସଂଗଠନ ନେତୃତ୍ୱର ଶହ ଶହ ଚାଷୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବା ସହିତ ପ୍ରାୟ ୫ ଘଣ୍ଟା ଧରି ଧାରଣା ଦେଇଥିଲେ। ପ୍ରଥମେ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ନେତୃତ୍ୱର ଏକ ପ୍ରତିବାଦ ଶୋଭାଯାତ୍ରା ଏସ୍‌ଭିଏମ୍ କଲେଜ ଛକ ଠାରୁ ବାହାରି ଜଗତସିଂହପୁର ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସରକାରଙ୍କ ନୀତି ନିୟମକୁ ଗୋଇଠା ମାରି ସରକାରୀ ଅଧିକାରୀମାନଙ୍କ ଭିତିରି ସହଯୋଗରେ ମିଲରମାନେ ଧାନ ମଣ୍ଡିରେ ଚାଷୀମାନଙ୍କୁ ଏଫ୍‌ଏକ୍ୟୁ ନିୟମର ଭୟ ଦେଖାଇ ଚାଷୀମାନଙ୍କ ଭଲ ଧାନରୁ ମଧ୍ୟ ୫/୭ କିଗ୍ରା ଧାନ ଠକି ନେଉଛନ୍ତି। ଚାଷୀ ମାନଙ୍କୁ ଝୋଟ ଅଖା ନଦେଇ ଚାଷୀମାନଙ୍କ ଠାରୁ ବସ୍ତା ପିଛା ୧୦/୧୫ ଟଙ୍କା ଆଦାୟ କରୁଛନ୍ତି। ଗ୍ରାମ୍ ଓଜନରେ ଠକେଇ କରୁଛନ୍ତି ଏହି ମିଲର ମାନେ। ଚାଷୀ ମାନଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ସରକାରଙ୍କ ଧାନ କିଣା ଯୋଜନା କିନ୍ତୁ ବାସ୍ତବରେ ମିଲର, ସମ୍ପାଦକ ଏବଂ ପ୍ରଶାସନିକ ଅଧିକାରୀ ମାନଙ୍କ ସ୍ୱାର୍ଥ ପାଇଁ ବ୍ୟବହାର କରାଯାଉଛି ବୋଲି ଅଭିଯୋଗ ଉଠାଇଛି କୃଷକ ସଙ୍ଗଠନ। ଆଜିର ଏହି ସତ୍ୟାଗ୍ରହରେ ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗଦେଇ ଧାନ କାଟ୍‌କୁ ତୁରନ୍ତ ବନ୍ଦ୍ କରିବା ପାଇଁ ପ୍ରଶାସନକୁ ଚେତାବନୀ ଦେଇଥିଲେ। ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଆଜିର ଏହି ସତ୍ୟାଗ୍ରହରେ ସାମିଲ ହୋଇ ସରକାରଙ୍କ ଚାଷୀଶୋଷଣ ନୀତି ବିରୋଧରେ ବିଷୋଦଗାର କରିଥିଲେ। ପରେ ସତ୍ୟାଗ୍ରହ ସ୍ଥଳକୁ ଜିଲ୍ଲାପାଳ ଜେ. ସୋନାଲ ଆସି ଅଭିଯୋଗ ଶୁଣିଥିଲେ ମଧ୍ୟ ସମାଧାନ ଦିଗରେ ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ଚାଷୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ତତ୍‌କ୍ଷଣାତ ଜିଲ୍ଲାପାଳ ସତ୍ୟାଗ୍ରହ ସ୍ଥଳରୁ ନିଜ କାର୍ଯ୍ୟାଳୟକୁ ଚାଲି ଯାଇଥିଲେ। ଏହାକୁ ବିରୋଧ କରି କୃଷକ ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀପ୍ରସାଦ ମହାରଣା ଅନଶନରେ ବସିଥିଲେ। ଧାରଣା ଏବଂ ସତ୍ୟାଗ୍ରହ ଚାଲିଥିବା ବେଳେ ଅପରାହ୍ନ ୫ ଘଟିକା ସମୟରେ ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ ସେଠାରେ ପହଞ୍ଚି ସମସ୍ୟା ଗୁଡ଼ିକ ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାର ପ୍ରତିଶ୍ରୁତି ଦେବା ସହିତ ଅନଶନରେ ନ ବସିବାକୁ ନିବେଦନ କରିଥିଲେ। ଏହା ପରେ ସତ୍ୟାଗ୍ରହକୁ ସ୍ଥଗିତ ରଖା ଯାଇଥିଲା। ବିପ୍ଳବୀ ବାସୁଦେବ, ସହ ସଂଯୋଜକ ରଶ୍ମିରଂଜନ ସ୍ୱାଇଁ, ଉମାକାନ୍ତ ଭାରତ, ଜିଲ୍ଲା ସଂଯୋଜକ ଅଶୋକ ସ୍ୱାଇଁ, ଦୁର୍ଗା ଚରଣ ସ୍ୱାଇଁ, ଅଶୋକ କୁମାର ସ୍ୱାଇଁ, ରଘୁନାଥ ନାୟକ, ଅଭୟ ସ୍ୱାଇଁ, ପ୍ରମୋଦ ଦାଶ, ପ୍ରସନ୍ନ କୁଅଁର, ଅମୂଲ୍ୟ ମହାନ୍ତି, ଶରତ ମହାପାତ୍ର, ନିଗମାନନ୍ଦ ଦାସ, ବିଜୟ ପତି, ରମଣୀ ବେହେରା, ଭୁବନାନନ୍ଦ ନାୟକ, ସଞ୍ଜୟ ସାହୁ, ଦେବଦତ୍ତ ସାହୁ, ଆଲୋକ ସ୍ୱାଇଁ, ସୁରେନ୍ଦ୍ର ମହାରଣା, ବାବାଜୀ ନାୟକ, ଅଟଳ ବିହାରୀ ଜେନା, କୈଳାସ ପରିଡ଼ା, ଧୂର୍ଜଟି ମହାନ୍ତି, ସଚ୍ଚିଦାନନ୍ଦ ଦାସ, ଅନନ୍ୟ ମହାନ୍ତି, ଶାରଦା ଜେନା, ଭାସ୍କର ପାଳ, ପ୍ରତାପ ନାୟକ,ଅସୀମ ରାଉତ, ରଶ୍ମି ରଥ, ସୁବାସ ମହାନ୍ତି, ବୈକୁଣ୍ଠ ବିଶ୍ୱାଳ, ବିଭୂତି ଜେନା, ନଟବର ସେଣ, ମଙ୍ଗୁଳି ରାଉତ ରାୟ, ଶରତ ନାୟକ, ବିଜୟ ବେହେରା, ତପନ ମଲ୍ଲିକ, ବିଜନ ମହାପାତ୍ର, ଚନ୍ଦନ ଲାଲ ଚୌଧୁରୀ, ବିନୋଦ ସାମନ୍ତ ରାୟ, କୈଳାସ ପାଳ, ଅଜୟ ପାଲଟା ସିଂହ, ମିଟୁ ଦାସ, ପ୍ରତାପ ସ୍ୱାଇଁ, ବ୍ରହ୍ମାନନ୍ଦ ମହାନ୍ତି, ରମେଶ ମହାପାତ୍ର, ପ୍ରସନ୍ନ ରାଉଳ, କିଶୋର ମଲ୍ଲିକ ପ୍ରଭୃତି ଚାଷୀ ନେତୃତ୍ୱମାନେ ଏଥିରେ ସାମିଲ ହୋଇଥିଲେ।

## ପଣ୍ଡୁଆ ପ୍ରିମିୟର ଲିଗ୍; ଡ୍ରିମ୍ ଏକାଦଶ ଚାମ୍ପିଅନ



କୁଜଙ୍ଗ,୧୦।୨(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଣ୍ଡୁଆ ପଞ୍ଚାୟତରେ ଫଟାଫଟ କ୍ରିକେଟ୍ ଆଇପିଏଲ ଢାଞ୍ଚାରେ ପିପିଏଲ-୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଗତ ଡିସେମ୍ବର ୭ରୁ ଆରମ୍ଭ ହୋଇ ଥିବା କ୍ରିକେଟ କ୍ରୀଡ଼ା ମହାକୁମ୍ଭରେ ମୋଟ ଛଟି ଦଳ ଭାଗ ନେଇଥିଲେ। ଫେବୃୟାରୀ ୮ରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଡ୍ରିମ୍ ଏକାଦଶ ପିଙ୍ଗଲେଶ୍ୱର୍ ଏକାଦଶକୁ ହରାଇ ଚଳିତ ବର୍ଷ ଚାମ୍ପିଅନ ହୋଇଛି। ଫାଇନାଲେର ଟସ୍ ଜିତି ଡ୍ରିମ୍ ଏକାଦଶ ପ୍ରଥମ ବ୍ୟାଟିଂ ଆରମ୍ଭ କରି ୧୫ ଓଭରରେ ସମସ୍ତ ୱିକେଟ ହରାଇ ୧୩୪ ରନ୍ କରିବାକୁ ସମର୍ଥ ହୋଇଥିଲା। ଜବାବରେ ପିଙ୍ଗଲେଶ୍ୱର୍ ୨୫ ଓଭରରେ ଏକ ଧିମା ବ୍ୟାଟିଂ କରି ୭ ୱିକେଟ ହରାଇ ମାତ୍ର ୧୦୯ ରନ୍ କରି ୨୫ ରନ୍‌ରେ ପରାସ୍ତ ହୋଇଥିଲା। ଡ୍ରିମ୍ ଏକାଦଶ, ବାଜରଙ୍ଗୀ ଏକାଦଶ, ସିଦ୍ଧି ସମ୍ରାଟ ଏକାଦଶ, ଆରିୟନ୍ ଏକାଦଶ, ଗାଦିବ୍ରହ୍ମ ଲାୟନ, ପିଙ୍ଗଲେଶ୍ୱର୍ ଏକାଦଶ ମୋଟ ୬ଟି ଦଳ ଭାଗ ନେଇଥିଲେ। ଆୟୋଜିତ ଉତ୍ସବରେ ପାଣ୍ଡୁଆର ଯୁବ ସରପଞ୍ଚ ସିଦ୍ଧାର୍ଥ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟ ଅତିଥି ରୂପେ ଭାରତ ମସଲାର ଏମଡି ଶ୍ରୀମନ୍ତ କୁମାର ପଣ୍ଡା, ଯୁବ ସମାଜସେବୀ ରାକେଶ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜକ କମିଟି ସଭାପତି ଅଜିତି ବିଶ୍ୱାଳଙ୍କ ସଭାପତିତ୍ୱରେ ସମ୍ପାଦକ ଲକ୍ଷ୍ମଣ ବେହେରା, କମିଟି ସଭ୍ୟ ପରୀକ୍ଷିତ ମହାରଣା, ନିହାର ସ୍ୱାଇଁ, ବିକ୍ରମ ଦାସ, ଉଲ୍ଲାସ ଗୁରୁ ପ୍ରମୁଖ ଯୋଗ ଦେଇ ଥିଲେ। ହାପି ମ୍ୟାନ ଅଫ ଦି ହୋଇ ଥିବା ବେଳେ ଶେଖର ପରିଡ଼ା ବେଷ୍ଟ ବ୍ୟଟସ ମ୍ୟାନ, ସ୍ମୃତିରଞ୍ଜନ ମହାପାତ୍ର ଶ୍ରେଷ୍ଠ ବୋଲର ମାନ୍ୟତା ପାଇ ପୁରସ୍କୃତ କରିଥିଲେ। ସବ୍ୟସାଚୀ ଜେନା ଶ୍ରେଷ୍ଠ କ୍ରୀଡାବିତ୍ ଭାବେ ପୁରସ୍କୃତ ହୋଇଥିଲେ।

# ଅଚ୍ୟୁତାନନ୍ଦ ପୀଠରେ ଦର୍ଶନ ଉପରେ କଟକଣା

ନେମାଳ,୧୦।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ପ୍ରସିଦ୍ଧ ନେମାଳ ପୀଠରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ମନ୍ଦିରର ବିକାଶମୂଳକ କାର୍ଯ୍ୟ ପାଇଁ ପ୍ରଶାସନ ପକ୍ଷରୁ ସର୍ବସାଧାରଣ ଦର୍ଶନ ଉପରେ କଟକଣା ଜାରି କରାଯାଇଛି। ପୂର୍ବତନ ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଥିବା ୨୫ କୋଟି ଟଙ୍କାର ବ୍ୟୟଅଟକଳରେ ଏହି ପୀଠର ଉନ୍ନତିମୂଳକ କାମ ଜାରି ରହିଛି। ବର୍ତ୍ତମାନ ମନ୍ଦିରର ଉପରି ଭାଗରେ ବଡ଼ ଧରଣର ଲୁହା ବିମ୍ ଉଠାଯିବାର କାର୍ଯ୍ୟକ୍ରମ ଥିବାରୁ ସୁରକ୍ଷା ଦୃଷ୍ଟିରୁ ଗତ ରବିବାରଠାରୁ ଆସନ୍ତା ୧୩ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପ୍ରବେଶ ଉପରେ ରୋକ ଲଗାଯାଇଛି।



ପ୍ରଶାସନିକ ସୂଚନା ଅନୁଯାୟୀ, ପ୍ରତିଦିନ ସକାଳ ୮ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ପାଠ ବେଢ଼ା ମଧ୍ୟକୁ କୌଣସି ଭକ୍ତ କିମ୍ବା ପୂଜକଙ୍କ ପ୍ରବେଶ ପାଇଁ ଅନୁମତି ଦିଆଯିବ ନାହିଁ।

● ୧୩ ତାରିଖ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କୁ ମନା
● ପୂର୍ବ ସୂଚନା ନ ଥାଇ ପ୍ରଶାସନିକ ରୋକ ଯୋଗୁଁ ଭକ୍ତ ଅସନ୍ତୁଷ୍ଟ

ଭକ୍ତମାନେ କେବଳ ମନ୍ଦିର ବାହାରେ ଭୋଗ ଲାଗି କରିପାରିବେ। ଅନ୍ୟପକ୍ଷରେ, ପ୍ରଶାସନର ଏହି ତରବରିଆ ନିଷ୍ପତ୍ତିକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ରବିବାର ଛୁଟି ଦିନ ଥିବାରୁ ଦୂରଦୂରାନ୍ତରୁ ଆସିଥିବା ଶତାଧିକ ଭକ୍ତ ପୂର୍ବରୁ କୌଣସି ସୂଚନା ପାଇ ନ ଥିବାରୁ ଦର୍ଶନ ନ ପାଇ ନିରାଶରେ ଫେରିଛନ୍ତି। ମନ୍ଦିର ମଧ୍ୟରେ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା ନ ଥିବା ଭକ୍ତମାନେ ବହୁ ହଇରାଣ ହୋଇଥିବା ଦେଖିବାକୁ ମିଳିଛି। ନିର୍ମାଣ କାର୍ଯ୍ୟ ଯୋଗୁଁ ମନ୍ଦିରର ନୀତିକାନ୍ତି ଏବଂ ସନ୍ଧ୍ୟା ଆଳତିରେ ମଧ୍ୟ ବହୁ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରଚାର ପ୍ରସାର କରାଯାଇ ନ ଥିବାରୁ ଶ୍ରଦ୍ଧାଳୁମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ୧୨ ଫେବୃଆରୀ ଧର୍ମଘଟ ପାଇଁ ବାଇକ ଶୋଭାଯାତ୍ରା

କଟକ,୧୦।୨(ସମିସ): ସମଗ୍ର ଦେଶର ଶ୍ରମିକ, କର୍ମଚାରୀ ଓ କୃଷକ ସଂଗଠନର ମିଳିତ ମଞ୍ଚ ଆହ୍ୱାନରେ ୧୬ ଦଫା ଦାବିରେ ୧୨ ଫେବୃଆରୀ ଦେଶବ୍ୟାପୀ ସାଧାରଣ ଧର୍ମଘଟର ସଫଳତା ପାଇଁ ଆଜି କଟକ ସହରରେ ଶତାଧିକ ବାଇକ୍ ଓ ସ୍କୁଟର ପଟୁଆର ସଂଗଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ତଥା ଏଚ୍ଏମ୍ଏସ୍ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଏଆଇଟିୟୁସି ଜିଲ୍ଲା ସଭାପତି କିଶୋର ଜେନା, ସିଆଇଟିୟୁ ଜିଲ୍ଲା ସଭାପତି ରବିନାରାୟଣ ମଲ୍ଲିକ୍ ଓ ଉପସଭାପତି ବଦ୍ରିନାରାୟଣ ଦାଶ, ଏଆଇୟୁଟିୟୁସି ପକ୍ଷରୁ




ଜିଲ୍ଲା ସଭାପତି ଖଗେଶ୍ୱର ସେଠୀ ପ୍ରମୁଖ ଦେଶବ୍ୟାପୀ ଧର୍ମଘଟକୁ ହରତାଳ ଓ ବନ୍ଦରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିଲେ। ବିଶାଳ ବାଇକ୍ ଶୋଭାଯାତ୍ରାରେ ବିରଜା କିଙ୍କର ନାୟକ, ବିନୋଦ ବେହେରା, ରାଜକିଶୋର ମଲ୍ଲିକ, ବିଦ୍ୟାପ୍ରସନ୍ନ ମହାପାତ୍ର, ଅଭୟ ସ୍ୱାଇଁ, ପ୍ରତାପ ମହାପାତ୍ର, ମନମୋହନ ପତି, କିଶୋର ଭୋଇ, ବିରଞ୍ଚି ପ୍ରଧାନ, ସୌଭାଗ୍ୟ ସାମଲ, ବସନ୍ତ ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ବନ୍ଦ ପଡ଼ିଥିବା କାମ ଆରମ୍ଭ କରିବାକୁ ଦାବି

କଣ୍ଟାପଡ଼ା,୧୦।୨(ସମିସ): କଣ୍ଟାପଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ଦୀର୍ଘ ଦେଢ ବର୍ଷ ଧରି ଜିପିଡିପି, ଜିଆଇଏ, ବିକଶିତ ଗାଁ ବିକଶିତ ଓଡ଼ିଶା, ଆଦର୍ଶ

**ଧାରଣାକୁ ଓହ୍ଲାଇବେ ଜନପ୍ରତିନିଧି**



ଗ୍ରାମ ଓ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ ବନ୍ଦ ପଡ଼ିଛି। ଏ ନେଇ କୋଟି କୋଟି ଟଙ୍କା ମଧ ପଡ଼ିରହିଛି। ଏହାକୁ ପୁନଃ ଆରମ୍ଭ କରିବା ପାଇଁ ଗତ ପଞ୍ଚାୟତ ସମିତି ବୈଠକରେ ରିଜୋଲ୍ୟୁସନ ପାରିତ ହୋଇଥିଲା। ନିଷ୍ପତ୍ତି ଅନୁଯାୟୀ ସମସ୍ତ ନିର୍ବାଚିତ ପ୍ରତିନିଧି ବିଡିଓଙ୍କୁ ଡାକି ଆଲୋଚନା କରି ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ସମ୍ମତି ଭିତରେ କାର୍ଯ୍ୟ ଆରମ୍ଭ ହୋଇଥାନ୍ତା। ମାତ୍ର ବ୍ଲକ ପ୍ରଶାସନ ବିଭିନ୍ନ ଆଳ ଦେଖାଇ କାମକୁ ଅଣଦେଖା କରିଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ନିର୍ବାଚିତ ପ୍ରତିନିଧିମାନେ ଆଗାମୀ ୭ ଦିନ ମଧ୍ୟରେ ବିଡିଓ ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ଡାକି କାର୍ଯ୍ୟ ଆରମ୍ଭ ନ କଲେ ନିର୍ବାଚିତ ଜନ ପ୍ରତିନିଧିମାନେ ବ୍ଲକ ପରିସରରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଏକ ପତ୍ର ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ପଞ୍ଚାୟତରାଜ ଓ ପାନୀୟଜଳ ସଚିବ, କଟକ ଜିଲ୍ଲାପାଳ, ଜିଲ୍ଲା ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକ, ଉଭୟ ଓଲଟପୁର ଓ ଗୋବିନ୍ଦପୁର ଥାନାଧିକାରୀଙ୍କୁ ଅବଗତ କରିଛନ୍ତି। ପଞ୍ଚାୟତସମିତି ଅଧ୍ୟକ୍ଷାଙ୍କ ନେତୃତ୍ୱରେ ଉପାଧ୍ୟକ୍ଷ, ୮ ଓ ୯ ନମ୍ବର ଜିଲ୍ଲା ପରିଷଦ ସଭ୍ୟ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଆଜି ଏକତ୍ରିତ ହୋଇ କଣ୍ଟାପଡ଼ା ବିଡିଓ ସ୍ୱପ୍ନିତା ନାୟକଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ।

## ମେଧା ବୃତ୍ତି ପାଇଲେ ୧୮ ଛାତ୍ରଛାତ୍ରୀ

ଚୌଦ୍ୱାର,୧୦।୨(ସମିସ): ରାଜ୍ୟ ସରକାରଙ୍କ ପଠାଣି ସାମନ୍ତ ଗଣିତ ମେଧା ବୃତ୍ତି ପରୀକ୍ଷାରେ ଚୌଦ୍ୱାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୮ ଜଣ ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରିଛନ୍ତି। ୨୦୨୩-୨୪ ଓ ୨୦୨୪-୨୫ ଶିକ୍ଷା ବର୍ଷ ପାଇଁ ଅନୁଷ୍ଠିତ ପରୀକ୍ଷାରେ ଏହି ବିଦ୍ୟାଳୟର ଅଙ୍କିତା ପାଢ଼ୀ, ଲୋହିତା ଷଡ଼ଙ୍ଗୀ, କୀର୍ତ୍ତିରାଜ ବେଜ, ଅନ୍ୟନ୍ୟା ବଳ, ଅନନ୍ୟା ନାୟକ, ଖ୍ୟାତି ସ୍ୱରୂପା ଭୂୟାଁ, ବୈଷ୍ଣବୀ ସାହୁ, ନଳିନୀକାନ୍ତ ଷଡ଼ଙ୍ଗୀ, ଆୟୁଷ ମିଶ୍ର, ଓମ୍ ପ୍ରକାଶ ପ୍ରଧାନ, ଋତୁପୂର୍ଣ୍ଣା ଦ୍ୱିବେଦୀ, ଅର୍ପିତା ଭୂୟାଁ, ଓମପ୍ରକାଶ ମହାପାତ୍ର, ଦେବସ୍ମିତା ସାହୁ, ସୌଜନ୍ୟା ଖୁଣ୍ଟିଆ, ଅନ୍ତର୍ଯ୍ୟାମୀ ମହାନ୍ତି, ସୁଗନ୍ଧା ନାୟକ, ଅଂଶୁମାନ ଚରଣ ଟାଙ୍ଗୀ-ଚୌଦ୍ୱାର ବ୍ଲକର ଗୌରବ ବୃଦ୍ଧି କରିଛନ୍ତି। ପିଲାମାନଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟବୃନ୍ଦ, ପ୍ରଧାନ ଆଚାର୍ଯ୍ୟ ସାରଦା ମହାନ୍ତି ଓ ସମସ୍ତ ଗୁରୁଜୀ ଗୁରୁମା ତଥା ଅଭିଭାବକମାନେ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ୬ ଗୋରୁ ଉଦ୍ଧାର; ୩ ଗିରଫ

ଆଠଗଡ଼,୧୦।୨(ସମିସ): ମଙ୍ଗଳବାର ଭୋର ସମୟରେ ଆଠଗଡ଼-ଭୁବନେଶ୍ୱର ରାସ୍ତାର ମୁଣ୍ଡଳୀ ସେତୁ ନିକଟସ୍ଥ ବାଉଁଶଦଣ୍ଡା ଛକଠାରେ ପାଟ୍ରୋଲିଂ କରୁଥିବା ବେଳେ ପୁଲିସ ଚଢ଼ଉ କରି ୬ଟି ଗାଇ ଉଦ୍ଧାର କରିବା ସହ ପିକ୍ଅପ୍ ଭ୍ୟାନ୍ (ଓଡି-୦୫-ଏଡବ୍ଲୁ-୦୭ ୯୦), ଏକ ମୋଟର ସାଇକଲ (ଓଡି-୦୫ ଏଲ -୦୫୦୭)କୁ ପୁଲିସ ଜବତ କରିଛି। ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଅଭିଯୁକ୍ତମାନେ ହେଲେ କଟକ ଅଞ୍ଚଳର ସେକ୍ ଅଫସର୍ (୩୨), ସେକ୍ ଅନୱର (୨୮) ଏବଂ ମିର୍ଜା



ହାସିମ୍ ବେଗ। ସମସ୍ତ ଗାଇଙ୍କୁ ଚୌଦ୍ୱାରସ୍ଥିତ ଗୋଶାଳାରେ ଛାଡ଼ି ଦିଆଯାଇଥିବା ନେଇ ତଦନ୍ତକାରୀ ଅଧିକାରୀ ଅମଜାଦ ଅହମ୍ମଦ ଖାନ୍ ସୂଚନା ଦେଇଛନ୍ତି।

## ତହସିଲ ଅଫିସରେ କଂଗ୍ରେସର ବିକ୍ଷୋଭ

ସାଲେପୁର,୧୦।୨(ସମିସ): ସାଲେପୁର ବ୍ଲକ୍‌ରେ ୩୫ଟି ପଞ୍ଚାୟତରେ ଥିବା ବିଭିନ୍ନ ସମବାୟ ସମିତି ଓ ମଣ୍ଡିରେ ଧାନ ଠିକ୍ ଭାବରେ ଚାଷୀମାନଙ୍କଠାରୁ ଯଥା ସମୟରେ କିଣା ନ ଯିବା ଓ ଧାନ କିଣାବିକାରେ ଦଲାଲଙ୍କ ମାଧ୍ୟମରେ ହେରଫେର କରାଯିବା ନେଇ କଂଗ୍ରେସ ପକ୍ଷରୁ ବଡ଼ଧରଣର ବିକ୍ଷୋଭ ଓ ସମାବେଶ କରାଯାଇଥିବାବେଳେ ଏହି ଘଟଣାରେ କୃଷିମନ୍ତ୍ରୀ, ଯୋଗାଣ ମନ୍ତ୍ରୀ ଓ ସମବାୟ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। କଂଗ୍ରେସ ନେତା



ତଥା ଯୁବ ସଂଗଠକ ହରିବନ୍ଧୁ ଶତପଥୀଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ସାଲେପୁର ସାହେଶ୍ୱରୀ ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ସାଲେପୁର ବଜାର ପରିକ୍ରମା କରି ସାଲେପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ। କଂଗ୍ରେସ ନେତା ବିଜ୍ଞାନ ଭୂୟାଁ, ସିତୁ କର, ଜ୍ୟୋତିରଞ୍ଜନ କର, ଅଭିମନ୍ୟୁ ଭୋଇ, ସୁରେନ୍ଦ୍ର ସାମଲ, କ୍ଷୀରୋଦ ବାରିକଙ୍କ ସମେତ ବହୁ କଂଗ୍ରେସ କର୍ମୀ ତଥା ସମର୍ଥକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଭାରତ ବନ୍ଦକୁ ଟାଙ୍ଗୀ-ଚୌଦ୍ୱାର ବିଦ୍ୟୁତ୍ ଉପଭୋକ୍ତା ମଞ୍ଚର ସମର୍ଥନ

ଚୌଦ୍ୱାର,୧୦।୨(ସମିସ): ଜନବିରୋଧୀ ବିଦ୍ୟୁତ ଆଇନ୍ ପ୍ରତ୍ୟାହାର, ସ୍ମାର୍ଟ ମିଟର ପ୍ରତ୍ୟାହାର, ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ ବନ୍ଦ କରିବା ଆଦି ଦାବିରେ



ଦେଶର ବିଭିନ୍ନ ସଂଗଠନ ଓ ବିଦ୍ୟୁତ୍ ଉପଭୋକ୍ତା ସଂଘଙ୍କ ତରଫରୁ ଫେବୃୟାରୀ ୧୨ ତାରିଖ ଦିଆଯାଇଥିବା ଭାରତ ବନ୍ଦ ଡକରାକୁ ଟାଙ୍ଗୀ-ଚୌଦ୍ୱାର ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ସମର୍ଥନ କରିବ। ଏନେଇ ଚୌଦ୍ୱାର ବଡ଼ବଜାରସ୍ଥିତ ଆଜାଦ୍ କ୍ଲବ୍‌ରେ ବଳରାମ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜୟ ସିଂ, ବିଷ୍ଣୁଚରଣ ସାହୁ, ଅଜିତ୍ ସ୍ୱାଇଁ, ଶିବ ଶଙ୍କର ସାହୁ, ମୋନାଲିସା ଦାସ, ଝୁଲେନ୍ଦ୍ର ନାୟକ, ସୁବାସଚନ୍ଦ୍ର ଦଳାଇ ପ୍ରମୁଖ ସରକାରଙ୍କ ଜନବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ। ନିଜ ନିଜ ଅଞ୍ଚଳରେ ସମସ୍ତ ବିଦ୍ୟୁତ୍ ଉପଭୋକ୍ତା ଓ ଜନସାଧାରଣ ଏହି ବନ୍ଦକୁ ସମର୍ଥନ କରିବା ସହିତ ସହଯୋଗ କରିବା ପାଇଁ ମଞ୍ଚ ତରଫରୁ ନିବେଦନ କରାଯାଇଛି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ନିମନ୍ତେ ବିଜେଡିର ପ୍ରସ୍ତୁତି

ଟାଙ୍ଗୀ,୧୦।୨(ସମିସ): ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ନାରୀ ନିର୍ଯାତନା ବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗରେ ବିଜୁ ଜନତା ଦଳ ଆସନ୍ତା ୧୩ ତାରିଖ ଶୁକ୍ରବାର ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇବ। ସାଲେପୁର ନିର୍ବାଚନମଣ୍ଡଳୀ ଟାଙ୍ଗୀ ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ



ବୈଠକରେ ୧୩ଟି ପଞ୍ଚାୟତ ବିଶିଷ୍ଟ ଟାଙ୍ଗୀ ଅଞ୍ଚଳରୁ ଅତିକମ ୨ଶହ କର୍ମୀ ବିକ୍ଷୋଭରେ ସାମିଲ ହେବେ ବୋଲି ମତପ୍ରକାଶ ପାଇଥିଲା। ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର କୁମାର ଜେଠୀ ବୈଠକରେ ପୌରହିତ୍ୟ କରିଥିବାବେଳେ ସଫା ସରପଞ୍ଚ ନିବାସଚନ୍ଦ୍ର ପାଣ୍ଡବ, କରଞ୍ଜି ସରପଞ୍ଚ ମହେଶ୍ୱର ମହନ୍ତ, ଉଚ୍ଚପଦା ସରପଞ୍ଚ ପ୍ରତିନିଧି ମାନସ ସ୍ୱାଇଁ, ପ୍ରାକ୍ତନ ସମିତିସଭ୍ୟ ତଥା ଆମ୍ବ ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ବିଜେଡି ସଂଗଠକ ତଥା ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, ଗୋବିନ୍ଦ ଦାସ, ପରମାନନ ନାୟକ, ଦେବେନ୍ଦ୍ର ଜେଠୀ ଖିଲାର ସାମିଲ ହୋଇଥିଲେ।

## ଜାତୀୟ କୃମି ନାଶକ ଦିବସ

ଟାଙ୍ଗୀ,୧୦।୨(ସମିସ): ଜାତୀୟ କୃମି ନାଶକ ଦିବସ ଅବସରରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ କୃମି ନାଶକ ବଟିକା ମଙ୍ଗଳବାର ବଣ୍ଟନ କରାଯାଇଛି। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ବିଭିନ୍ନ ସିଏଚସି ମାଧ୍ୟମରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ଓ ଅଙ୍ଗନବାଡି କେନ୍ଦ୍ରକୁ ୩୯,୨୨୦ କୃମିନାଶକ ବଟିକା ଏବଂ ୮,୮୦୦ ସିରପ ଯୋଗାଇ ଦିଆଯାଇଥିବା ମୁଖ୍ୟ ଡ଼ ମଧୁମିତା ନାୟକ ସୂଚନା ଦେଇଛନ୍ତି। ଶ୍ରୀ ଅରବିନ୍ଦ



ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଆଞ୍ଜୁଆରେ ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସୁପରଭାଇଜର ବିଜୟ ସାହୁ ଓ ଅଙ୍ଗନବାଡି କର୍ମୀ ଚପଳା ସାହୁ ଯୋଗ ଦେଇଥିଲେ। ପୁନର୍ବାର ୧୭ ତାରିଖରେ ଔଷଧ ଖାଇ ନ ଥିବା ୧ରୁ ୨୪ ବର୍ଷ ପିଲାଙ୍କୁ ଔଷଧ ଦିଆଯିବ ବୋଲି ସୂଚନା ମିଳିଛି।

## ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ତଦାରଖ କଲେ ବିଧାୟିକା

କଟକ,୧୦।୨(ସମିସ): ବାରବାଟୀ-କଟକ ନିର୍ବାଚନମଣ୍ଡଳୀର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି ନେଇ ବିଧାୟିକା ବୁଲି ଦେଖିବା ସହ ସେଠାରେ ଉପସ୍ଥିତ ଅଧିକାରୀ ଓ ଆର୍କିଟେକ୍ଟମାନଙ୍କ ସହ ନିର୍ମାଣ ଶୈଳୀ ଓ ମାନ ସମ୍ପର୍କରେ ସେ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସହରର ଐତିହାସିକ ବାରବାଟୀ ଗଡ଼ଖାଇର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମଧ ବିଧାୟିକାଙ୍କ ଗସ୍ତ ସୂଚୀରେ ସାମିଲ ଥିଲା। ସେ ସମ୍ପୂର୍ଣ୍ଣ ଗଡ଼ଖାଇ ଅଞ୍ଚଳ ବୁଲି ଦେଖିବା ସହ ଏହାର ସ୍ୱଚ୍ଛତା ଓ ସଂରକ୍ଷଣ ନେଇ ଅଧିକାରୀଙ୍କ ସହ ପରାମର୍ଶ କରିଥିଲେ। ଏହି ପରିଦର୍ଶନ ସମୟରେ ସିଏମସି ଅଧିକାରୀ, ଡ୍ରେନେଜ ଅଧିକାରୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ



ସୋଫିଆ ଫିରଦୋସ ଆଜି ରୁପା ତାରକସୀ ଶିଳ୍ପର ପ୍ରସାର ନିମନ୍ତେ ନିର୍ମାଣାଧୀନ ନୂତନ 'ତାରକସୀ ହବ୍' କୋଠାର କାର୍ଯ୍ୟ ବିସ୍ତୃତ ଆଲୋଚନା କରିଥିଲେ। ଏହାପରେ ବିଧାୟିକା ପେଟାନାଳ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରି ସିଏମସି ଏବଂ ଡ୍ରେନେଜ୍ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ପ୍ରକଳ୍ପଗୁଡ଼ିକର ବୈଷୟିକ ଦିଗ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

## ଆଶ୍ରୟ ଦି ସେଲ୍‌ଟର୍‌ର ବାର୍ଷିକ ଉତ୍ସବ

କଟକ,୧୦।୨(ସମିସ): ଭିନ୍ନକ୍ଷମ ପିଲାଙ୍କ ତାଲିମ କେନ୍ଦ୍ର 'ଆଶ୍ରୟ ଦି ଶେଲଟର'ର ବାର୍ଷିକ ଉତ୍ସବ ୨୦୨୫ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଅଟିଜିମ୍, ସେରିବ୍ରାଲ ପାଲସି ଓ ମାନସିକ ଅନଗ୍ରସରତା ଭଳି ସମସ୍ୟା ଥିବା ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ସମ୍ପାଦିକା ସୁଜାତା ପଟ୍ଟନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ



ବେହେରା ମୁଖ୍ୟ ଉଦ୍‌ଘାଟକ, ସମ୍ମାନିତ ଅତିଥିଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ରଥ ଯୋଗ ଦେଇଥିଲେ। ନିରତାର ନିର୍ଦ୍ଦେଶକ ଡ. ପତିତପାବନ ମହାନ୍ତି ଅତିଥିଭାବେ ଉପସ୍ଥିତ ଥିବା ବେଳେ ଡ. ଶୈଳେଶ୍ୱର ନନ୍ଦ ସଭାରେ ପୌରୋହିତ୍ୟ କରିଥିଲେ। ଡ. ସୁଚେତା ଜେନା, ନିବେଦିତା ପାତ୍ର, ଜୟଶ୍ରୀ ସାହୁ, ସୁସ୍ମିତା ଜେନା, ଯଶସ୍ୱୀ ମହାପାତ୍ର, ଚିତ୍ତରଞ୍ଜନ ପଣ୍ଡା ଓ ସୌଭାଗ୍ୟ ରାୟ ପରିଚାଳନା କରିଥିଲେ।

## ଟୁକୁନା ମେଡିସିନ ଷ୍ଟୋର୍‌ର ଲାଇସେନ୍ସ ରଦ୍ଦ

ନିଶ୍ଚିନ୍ତକୋଇଲି,୧୦।୨(ସମିସ): ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟିକଟା ବଜାରରେ ଥିବା ଟୁକୁନା ମେଡିସିନ ଷ୍ଟୋର୍‌ର ଲାଇସେନ୍ସକୁ ରଦ୍ଦ କରାଯାଇଛି। ଏହି ମେଡିସିନ ଷ୍ଟୋରରେ ନକଲି ଡାକ୍ତର ରୋଗୀ ସେବା କରୁଥିବା ନେଇ ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୁଲିସ ପକ୍ଷରୁ ତଦନ୍ତ କରାଯାଉଥିଲେ ମଧ ତାହା ଶିଥିଳ ହେବାରୁ ଓଡିଶା ଡ୍ରଗ୍ସ କଣ୍ଟ୍ରୋଲର ସମ୍ପୃକ୍ତ ଦୋକାନୀ ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଔଷଧ ଦୋକାନୀ ରଖିଥିବା ଉତ୍ତରରେ ଅସନ୍ତୋଷ ହୋଇ ଜିଲ୍ଲା ଭେଷଜ ନିରୀକ୍ଷକ ପକ୍ଷରୁ ତଦନ୍ତ କରାଯାଇଥିଲା। ଦୋକାନର ଷ୍ଟକ ରେଜିଷ୍ଟର, କ୍ରୟ ରେଜିଷ୍ଟର, ବିକ୍ରୟ ରେଜିଷ୍ଟର, ରୋଗୀ ସେବା ରେଜିଷ୍ଟର ଏବଂ ଫାର୍ମାସିଷ୍ଟ ବିକ୍ରୟ କରୁଥିବା ପ୍ରମାଣପତ୍ର ନ ଥିଲା। ଯାହାଦ୍ୱାରା ଉକ୍ତ ଔଷଧ ଦୋକାନଟି ଓଡିଶା ଡ୍ରଗ୍ସ କଣ୍ଟ୍ରୋଲର ଧାରାଗୁଡିକୁ ସମ୍ପୂର୍ଣ୍ଣ ଉଲଘଂନ କରୁଥିବା ଦେଖାଯାଇଥିଲା। ଦୋକାନର ଏଭଳି ଅନିୟମିତତା ପାଇଁ ପ୍ରଥମେ ତାର ଲାଇସେନ୍ସକୁ ୭ ଦିନ ପାଇଁ ରଦ୍ଦ କରାଯାଇଥିବା ଜଣାଯାଇଛି। ଏହି ୭ ଦିନ ମଧ୍ୟରେ ସଠିକ୍ ଭାବେ କାଗଜପତ୍ର ଦାଖଲ ନ କଲେ ଅଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାଯାଇଛି।

## ବିରୂପା କଳା ପରିଷଦର ସାଂସ୍କୃତିକ କାର୍ଯ୍ୟକ୍ରମ

ଟାଙ୍ଗୀ,୧୦।୨(ସମିସ): ଟାଙ୍ଗୀଚୌଦ୍ୱାର ବ୍ଲକ ଉଚ୍ଚିମୁଣ୍ଡାରେ ବିରୂପା କଳା ପରିଷଦ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଇଦିନିଆ ଡ୍ରାମା ସୋମବାର ଉଦଘାଟିତ ହୋଇଯାଇଛି। ସାମ୍ବାଦିକ ନିରାକାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ସମ୍ମାନିତ ଅତିଥିଭାବେ ସାଂସଦ ପ୍ରତିନିଧି ପ୍ରଫୁଲ୍ଲ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ତାପସ ସାହୁ, ସଭ୍ୟ ଭକ୍ତବତ୍ସଳ ମହାରଣା, ଆମ୍ବ ଅଧ୍ୟକ୍ଷ ଲକ୍ଷ୍ମଣ ସାହୁ, ସମାଜସେବୀ ଡମ୍ବରୁଧର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ଦିବସରେ ନାଟ୍ୟ ନିର୍ଦ୍ଦେଶକ ନିରଞ୍ଜନ ଗାଁଆଣଙ୍କ ସମେତ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଗ୍ରାମର ଯୁବଗୋଷ୍ଠୀଙ୍କ ଦ୍ୱାରା ପ୍ରଥମ ଦିବସରେ 'ବଦନାମ ହେଲି ତୋରି ପାଇଁ' ମଞ୍ଚସ୍ଥ ହୋଇଥିବା ବେଳେ ଦ୍ୱିତୀୟ ଦିବସରେ 'କଟି କଟି ଡବଲ କଟି' ନାଟ୍ୟ ପରିବେଷଣ ହୋଇଥିଲା। ରବିନ୍ଦ୍ର ସାହୁ, ଧନେଶ୍ୱର ସାହୁ, ଜ୍ୟୋତି ପୃଷ୍ଟି, ଟୁଗୁଲୀ ଦଳେଇ, ଲଛମନ ସାହୁ ଓ ପବିତ୍ର ମହାରଣାଙ୍କ ସମେତ କଳା ପରିଷଦର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



**ଘରୋଇ କୋଚିଂ ସେଣ୍ଟରରୁ ଛାତ୍ରର ମୃତଦେହ ଉଦ୍ଧାର ଘଟଣା**

## ସାଇଣ୍ଟିଫିକ୍ ଟିମ୍ ସହ ପୁଲିସର ତନାଘନା

ସାଲେପୁର,୧୦।୨(ସମିସ): ସାଲେପୁରର ଏକ ଘରୋଇ କୋଚିଂ ସେଣ୍ଟରରେ ଛାତ୍ରର ମୃତଦେହ ଉଦ୍ଧାର ଘଟଣାରେ ଆଜି ପୁଲିସ ପକ୍ଷରୁ ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ତନାଘନା ଆରମ୍ଭ ହୋଇଛି। ପ୍ରକାଶ ଯେ, ସାଲେପୁର ଶିଶୁମନ୍ଦିର ରୋଡ୍‌ରେ ଥିବା ବିଏନ୍‌ବି ଘରୋଇ କୋଚିଂ ସେଣ୍ଟରରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଣ୍ଡିଲୋ ଗ୍ରାମର ଓମ୍‌ପ୍ରକାଶ ସେଠୀ କୋଚିଂ ନେଉଥିବାବେଳେ ଗତକାଲି କୋଚିଂ ସେଣ୍ଟର ହଷ୍ଟେଲର ଏକ ଗୃହ ମଧ୍ୟରୁ ତାହାର ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏନେଇ ମୃତ ଛାତ୍ରଙ୍କ ବାପା ଚନ୍ଦ୍ରମଣି ସେଠୀ ତାଙ୍କ ପୁଅକୁ କୋଚିଂ ସେଣ୍ଟର କର୍ତ୍ତୃପକ୍ଷ ଓ କର୍ମଚାରୀମାନେ ବିଭିନ୍ନ ସମୟରେ ନିର୍ଯାତନା ଦେଇ ଆସୁଥିବାବେଳେ ତାକୁ ହତ୍ୟାକରି ଟାଙ୍ଗିଦେଇ ଆତ୍ମହତ୍ୟାର ରୂପ ଦେଉଛନ୍ତି ବୋଲି ସେ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଲେପୁର ପୁଲିସ ପକ୍ଷରୁ ୯୩/୨୦୨୬ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଆଜି କୋଚିଂ ସେଣ୍ଟର ହଷ୍ଟେଲରେ ଛାତ୍ରର ମୃତଦେହ ଉଦ୍ଧାର ହୋଇଥିବା କୋଠରୀରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ସେଠାରୁ ବିଭିନ୍ନ ନମୁନା ସଂଗ୍ରହ କରିବା ସହ ଅନ୍ୟ ଛାତ୍ର ଓ କର୍ମଚାରୀଙ୍କୁ ପଚରାଉଚୁରା କରିଥିବା ଜଣାଯାଇଛି। ମୃତ ଛାତ୍ରର ମୋବାଇଲ୍ ଯାଞ୍ଚ କରିବାକୁ ମଧ ପୁଲିସ ମୋବାଇଲ୍ ଜବତ କରିଥିବା ଜଣାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ଛାତ୍ର ଜଣକର ମୃତ୍ୟୁର ରହସ୍ୟ ଖୋଲିବ ବୋଲି ଚର୍ଚ୍ଚା ହେଉଛି।



## ସାଲେପୁର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ: ଚାନ୍ଦ କ୍ଲବ୍ ବିଜୟୀ

ସାଲେପୁର,୧୦।୨(ସମିସ): ସାଲେପୁର ହାଇସ୍କୁଲ ପଡ଼ିଆରେ ସାଲେପୁର ସ୍ପୋର୍ଟସ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ସାଲେପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସର ଖେଳ ଶବର କ୍ଲବ୍ ଭୁବନେଶ୍ୱର ଓ ଚାନ୍ଦ କ୍ଲବ୍ କେନ୍ଦ୍ରାପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ସଂଘର୍ଷପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍‌ରେ ଚାନ୍ଦ କ୍ଲବ୍ କେନ୍ଦ୍ରାପଡ଼ା ଶବର କ୍ଲବ୍ ଭୁବନେଶ୍ୱରକୁ ୧-୦ଗୋଲରେ ହରାଇ ବିଜୟୀ ହୋଇଛି। ଖେଳରେ ମୁଖ୍ୟଅତିଥି ରୂପେ ସାଲେପୁର ବ୍ଲକ୍‌ର ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ରବିନ୍ଦ୍ରନାଥ କର, ପୂର୍ବତନ ପ୍ରଧାନଶିକ୍ଷକ ବିବେକାନନ୍ଦ ଜେନା, ସାଲେପୁର ସ୍ପୋର୍ଟସ ଏକାଡେମୀର ଉପାଧ୍ୟକ୍ଷ ମିହିର ଜେନା, ପରବେଶ ଅଲ୍ଲୀ, ଇଂ ବିଭୂତିଭୂଷଣ ପାତ୍ର, ଅଶୋକ ସେଠୀ, ସୁରେଶ ଚନ୍ଦ୍ର ବେହେରା, ଭାସ୍କର ସେଠୀ, ମଦନ ଜେନା, ତାରାକାନ୍ତ ନାୟକ, ଆର.ଆପ୍ପାରାଓଙ୍କ ସମେତ ବହୁ କ୍ରୀଡ଼ା ସଂଗଠକ ଉପସ୍ଥିତ ରହିଥିଲେ। ସାଲେପୁର ସ୍ପୋର୍ଟସ ଏକାଡେମୀର ସଭାପତି ପ୍ରଦୀପ୍ତ କର, ସଂପାଦକ କିରଣ ଭୂୟାଁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ରାତିର ପିଚୁ ସକାଳେ ଉଠିଗଲା

ବାଲେଶ୍ୱର,୧୦।୨(ରୁଚିକ ରଞ୍ଜନ ମହାପାତ୍ର)



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବାଲେଶ୍ୱର ଗସ୍ତ ପୂର୍ବରୁ ମରାମତି ହୋଇଥିବା ରେମୁଣା ବଇଁଚା ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଲୋକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ନିମ୍ନମାନର କାର୍ଯ୍ୟ କରିଛି ପୂର୍ତ୍ତ ବିଭାଗ। ହେଲେ ରାଷ୍ଟ୍ରପତିଙ୍କ ଗସ୍ତ ବେଳେ କୌଣସି ବିଭ୍ରାଟ ନ ଘଟିବ ସେ ପ୍ରତି ଦୃଷ୍ଟି ଦେଇଥିବା ବିଭାଗ ରାଷ୍ଟ୍ରପତିଙ୍କ ଗସ୍ତର ପୂର୍ବଦିନ ରାତିରେ ନିର୍ମାଣ କରିଥିବା ପୂର୍ତ୍ତ ରାସ୍ତାର ପିଚୁ ସକାଳେ ଉଠି ଏବେ ସେହି ରାସ୍ତା ମରଣଯନ୍ତା ପାଲଟିଛି।

ରାଜ୍ୟରେ ନେତା ମନ୍ତ୍ରୀ କୌଣସି କାର୍ଯ୍ୟକ୍ରମ ପାଇଁ ଗସ୍ତ ଆସିଲେ ରାସ୍ତାଘାଟ ମରାମତି କରି ଚକାଚକ କରାଯାଇଥିବାର ଦେଖିବାକୁ ମିଳେ। ରାସ୍ତା ସହ ଅନ୍ୟ ସମସ୍ୟା ଥିବା ଅଞ୍ଚଳକୁ ମନ୍ତ୍ରୀଙ୍କୁ ଅତିଥି ଭାବେ ନେଲେ ଅଞ୍ଚଳର ସମସ୍ୟା ଦୂର ହେବା ସହ ମନ୍ଥର ଗତିରେ ଚାଲିଥିବା କୌଣସି ବି କାର୍ଯ୍ୟ ମଧ କ୍ରୟାଶୀଳ ହେବା ନେଇ ଅଞ୍ଚଳବାସୀ ଆଶା ରଖିଥାନ୍ତି। ଯାହାର ଜ୍ୱଳନ୍ତ ନିଦର୍ଶନ ବାଲେଶ୍ୱର ଜିଲ୍ଲାରେ ଦେଖିବାକୁ ମିଳିଥିଲା। ରେମୁଣା ଗୋଲେଇ ଠାରୁ ବଇଁଚା ପୂର୍ତ୍ତ ରାସ୍ତାରେ ଖାଲ ଖମା ପାଲଟିଥିବା ବେଳେ ଅନେକ ସ୍ଥାନରେ ଗର୍ତ୍ତ ସୃଷ୍ଟି ଯୋଗୁଁ ବହୁ ଦୁର୍ଘଟଣା ଘଟୁଥିଲା। ପୂର୍ତ୍ତ ବିଭାଗ ମରାମତି ଦିଗରେ ଆନ୍ତରିକତା ଦେଖାଇ ନଥିଲା, ଫଳରେ ଦୀର୍ଘଦିନ ଧରି ଜନ ଅସନ୍ତୋଷ ଦେଖା ଦେଇଥିଲା। ଏମିତି କି ଗତ ୩ ବର୍ଷ ତଳେ ନିର୍ମାଣ ହୋଇଥିବା ରାସ୍ତା ମାତ୍ର ୬ ମାସରୁ ୧ ମାସ ମଧରେ ଖରାପ ହୋଇ ଗର୍ତ୍ତ ସୃଷ୍ଟି ହୋଇଥିବାର ଦେଖିବାକୁ ମିଳିଥିଲା। ହେଲେ ଗତ ୩ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବାଲେଶ୍ୱର ଜିଲ୍ଲା ରେମୁଣାସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ଫଳରେ ବିଭିନ୍ନ ବିଭାଗ କ୍ରିୟାଶୀଳ ହୋଇ ପଡ଼ିଥିଲେ। ରାଷ୍ଟ୍ରପତିଙ୍କ ଗସ୍ତର ଆଗଦିନ ଅର୍ଥାତ ୨ ତାରିଖ ରାତିରେ ରେମୁଣା ବଇଁଚା ରାସ୍ତାକୁ ମରାମତି କରି ନିଜର ସ୍ୱଚ୍ଛଳ ଭାବମୂର୍ତ୍ତିକୁ ବଜାଇ ରଖିଥିଲା ପୂର୍ତ୍ତ ବିଭାଗ। ଦୀର୍ଘଦିନ ଧରି କାର୍ଯ୍ୟ ନ ହୋଇ ମରଣଯନ୍ତା ପାଲଟିଥିବା ପୂର୍ତ୍ତ ରାସ୍ତା ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ମରାମତି କରାଯିବା ଯୋଗୁଁ ଅଞ୍ଚଳବାସୀ ଖୁସି ପ୍ରକଟ କରିଥିଲେ। ରାସ୍ତା ମରାମତି ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲେ ଏହି ଟଙ୍କା ଏବେ ପାଣିରେ ପଡିଛି। ରାଷ୍ଟ୍ରପତିଙ୍କ ଗସ୍ତର ପରଦିନ ବେଳକୁ ମରାମତି ହୋଇଥିବା ରାସ୍ତାରୁ ପିଚୁ ଉଠି ଯାଇଛି। ଏହି ରାସ୍ତାରେ ଯାତାୟାତ ଏବେ ମରଣଯନ୍ତା ପାଲଟିଛି। ଏବେ ରାସ୍ତାରୁ ପିଚୁ ଉଠିଯିବା ଯୋଗୁଁ ପ୍ରତ୍ୟକ ଦିନ ବହୁ ବାଇକ ଏବଂ ସ୍କୁଟି ଆରୋହି ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ସେପଟେ ରାଷ୍ଟ୍ରପତିଙ୍କ ଗସ୍ତ ବେଳେ ବହୁ ନେତା ମନ୍ତ୍ରୀ ଏବଂ ଅଧିକାରୀ ଆସିବାକୁ ଥିବା ବେଳେ ରାସ୍ତା ମରାମତି ଏବଂ ନିର୍ମାଣ କାର୍ଯ୍ୟ ଉଚ୍ଚକୋଟିର ହେବ ବୋଲି ଅଞ୍ଚଳବାସୀ ଆଶା ରଖିଥିଲେ, ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁଁ ନିର୍ମାଣ ସରିବାର ଗୋଟିଏ ଦିନ ପରେ ରାସ୍ତାରୁ ପିଚୁ ଉଠି ପଥଚାରୀଙ୍କୁ ବେହାଲ କରିବା ଚିତ୍ର ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି।

**ରାଷ୍ଟ୍ରପତିଙ୍କ ଗସ୍ତ ବେଳେ ନିମ୍ନମାନର କାର୍ଯ୍ୟକୁ ନିନ୍ଦା**

## ଏମାନେ କ'ଣ କୁହନ୍ତି...

▶ ଏହି କାର୍ଯ୍ୟ ୩ ବର୍ଷ ତଳେ ଠିକାଦାର କରିଥିଲା, ଏବେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ପାଇଁ ଗାତ ଖାଲ ହୋଇ ଖରାପ ହୋଇଥିବା ରାସ୍ତାକୁ ମରାମତି କରାଯିବାକୁ ଠିକାଦାରଙ୍କୁ ଚିଠି କରାଯାଇଥିଲା, ହେଲେ ସେ ନିର୍ମାଣ ସମୟରେ ଆମକୁ କିଛି ନ ଜଣାଇ ରାତି ଅଧରେ କରିଥିଲା। ସକାଳେ ସେ ଗୁଡିକରୁ ପିଚୁ ଉଠି ଯାଇଥିବାର ଜାଣିବାକୁ ପାଇବା ପରେ ତାକୁ ସଫାକରି ପୁଣିଥରେ ମରାମତି କରାଇବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଶ୍ରୀନିବାସ ଜେନା, ଏସଡିଓ, ପୂର୍ତ୍ତ ବିଭାଗ

▶ ନିମ୍ନମାନର କାର୍ଯ୍ୟ କରାଯିବା ସଂପର୍କରେ ବିଭାଗୀୟ ଅଧିକାରୀ ଉତ୍ତରଦାୟୀ, କାର୍ଯ୍ୟର ସଠିକ ତଦାରଖ ଅଭାବରୁ କାର୍ଯ୍ୟର ମାନ ଖରାପ ହୋଇଛି, ଏ ଦିଗରେ ବିଧିବଦ୍ଧ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ

▶ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ରାଷ୍ଟ୍ରପତିଙ୍କୁ ଖୁସି କରିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଇଥିବା କାର୍ଯ୍ୟ ଗୋଟିଏ ଦିନ ମଧ୍ୟରେ ଉଠିଯିବା ହାସ୍ୟାସ୍ପଦ। ଏହା ବିରୋଧରେ ସରକାର ବିଧିବଦ୍ଧ ତଦନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ରାଷ୍ଟ୍ରପତିଙ୍କ ଦୃଷ୍ଟିକୁ ମଧ ଏହା ଆସିଲେ ରାଜ୍ୟର ପ୍ରଶାସନ କଳ କିଭଳି ଚାଲିଛି ଜାଣିପାରନ୍ତେ।

ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ବିଧାୟକ, ରେମୁଣା

▶ ପିଚୁ ଉଠିବା ବାବଦରେ ମୁଁ ଜାଣିନାହିଁ , କାମ ଖରାପ ହୋଇଥିଲେ ବିଲ ତ ପାଇବନି, କ'ଣ ହେଇଛି ଦେଖିକି କହିବି।

ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ରେମୁଣା

● ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି ପ୍ରସଙ୍ଗ

## ମାର୍ଚ୍ଚ ୧ରେ ସାଂଗଠନିକ ସମ୍ମିଳନୀ

ବାଲେଶ୍ୱର,୧୦।୨(ସମିସ): ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ଓ କୃଷି ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ଦୀର୍ଘଦିନ ଧରି ବାଲେଶ୍ୱରବାସୀ ଦାବି କରିଆସୁଛନ୍ତି। ଏଥିପାଇଁ ଗଠିତ ଜିଲ୍ଲାସ୍ତରୀୟ କ୍ରିୟାନୁଷ୍ଠାନ ସମିତି ପକ୍ଷରୁ ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସଂପାଦକ ଅଭୟ ଚନ୍ଦ୍ର ମିଶ୍ର ଗତ ବୈଠକର ବିବରଣୀ ପାଠ କରିଥିଲେ। ପୂର୍ବ ନିଷ୍ପତ୍ତି ଅନୁଯାୟୀ ୩ୟ ଜିଲ୍ଲା ସମ୍ମିଳନୀ ଆସନ୍ତା ମାର୍ଚ୍ଚ ୧୫ ତାରିଖରେ ଅନୁଷ୍ଠିତ ହେବ। ସମ୍ମିଳନୀକୁ ସଫଳ କରିବା ପାଇଁ ମାର୍ଚ୍ଚ ପହିଲା ଦିନ ଏକ ସାଂଗଠନିକ ସମ୍ମିଳନୀରେ ବିଭିନ୍ନ ପ୍ରସ୍ତାବ ଗ୍ରହଣ ପରେ ଜିଲ୍ଲା ସମ୍ମିଳନୀ କରିବାପାଇଁ ଆସିଥିବା ପ୍ରସ୍ତାବକୁ ସର୍ବସମ୍ମତକ୍ରମେ ଗ୍ରହଣ କରାଯାଇଛି। ବୈଠକରେ ଅପର୍ଣ୍ଣା ମହାପାତ୍ର ପାତ୍ର, ଡ. କ୍ଷିତୀଶ୍ୱର ଦାଶ, ନିରଞ୍ଜନ ପରିଡ଼ା, ଭୂପତି ପାତ୍ର, ଭାସ୍କର ଚନ୍ଦ୍ର ପାଢ଼ୀ, ନିରଞ୍ଜନ ରାଉତ, ଶ୍ୟାମସୁନ୍ଦର ଜେନା, ସରସ୍ୱତୀ ପଣ୍ଡା, ଡା. ତାରାକାନ୍ତ ନନ୍ଦ, ସୁରେନ୍ଦ୍ର ପ୍ରସାଦ ଦୀକ୍ଷିତ ଓ ପୁରୁଷୋତ୍ତମ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପରୀକ୍ଷା ସମୟରେ ଯାତ୍ରା ପରିବେଷଣ ଅନୁମତି ବନ୍ଦ ଦାବି

ବାଲେଶ୍ୱର,୧୦।୨ (ସମିସ): ଆଉ ଦିନ କେଇଟା ପରେ ମାଟ୍ରିକ ପରୀକ୍ଷା। ଅର୍ଥାତ୍ ଫେବୃଆରି ୧୯ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ପରୀକ୍ଷା ପାଇଁ ପରୀକ୍ଷାର୍ଥୀ ପ୍ରସ୍ତୁତ ହେଉଛନ୍ତି। ସେହିପରି ସେମାନଙ୍କ ଅଭିଭାବକ ମଧ ପ୍ରସ୍ତୁତିରେ ସହଯୋଗରେ ଲାଗିଛନ୍ତି। ମାତ୍ର ଏପରି ସମୟରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଯାତ୍ରା ପାର୍ଟି ପସରା ଜମୁଛି। ଫଳରେ ବିଦ୍ୟାର୍ଥୀଙ୍କ ପାଠପଢ଼ାରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି। ପରୀକ୍ଷା ବେଳେ ଯାତ୍ରା ପରିବେଷଣକୁ ଅନୁମତି ଦେଇ ପ୍ରଶାସନ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଖେଳୁଛି ବୋଲି ସେମାନେ ମତପ୍ରକାଶ କରିଛନ୍ତି। ସିମୁଳିଆ ବ୍ଲକ ପାଟୁଳୀ ଗ୍ରାମର ଜାଗର ମେଳା ପଡିଆରେ ଆଗାମୀ ୧୩ରୁ ୧୫ ତାରିଖ ଯାଏ ଯାତ୍ରା ପରିବେଷଣ ହେବ। ସେହିପରି ଏବେ ସୋର ବ୍ଲକ କୁଡେଇରେ ମଧ ଯାତ୍ରା ପରିବେଷଣ ହେଉଛି। ଅନୁରୂପ ଭାବେ ରେମୁଣା ବ୍ଲକ ଶିଳସୁଆରେ, ନୀଳଗିରି ବ୍ଲକ ଆମ୍ଭଡିହାରେ ଓ ଗାଙ୍ଗପୁରା, ବାଲିଆପାଳ ବ୍ଲକ ସାର୍ଥା, ବାଲେଶ୍ୱର ବାଖରାବାଦ, ହଳଦୀପାଳ ଜାର ବଳବୁଧିରେ ଯାତ୍ରା ପରିବେଷଣ ହେଉଥିବା ଜଣାପଡ଼ିଛି। ପରୀକ୍ଷା ବେଳେ ଜିଲ୍ଲା ପ୍ରଶାସନ ଯାତ୍ରା ପାଇଁ ଅନୁମତି କେମିତି ଦେଲେ ବୋଲି ଶିକ୍ଷକ ଓ ଅଭିଭାବକ ମହଲରୁ ପ୍ରଶ୍ନ ହୋଇଛି। ଏଥିପାଇଁ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଖୋଖୋ ପ୍ରତିଯୋଗିତା ଉଦ୍‌ଘାଟିତ



ବାଲେଶ୍ୱର,୧୦।୨(ସମିସ): ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଖୋଖୋ (ମହିଳା) ପ୍ରତିଯୋଗିତା ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ଅଧୀନରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ହେଉଛି। ଏହି ପ୍ରତିଯୋଗିତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉଦ୍‌ଘାଟନୀ ସମାରୋହ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ତଥା କୁଳପତି ମୁଖ୍ୟଅତିଥି ଭାବେ ସମାରୋହକୁ ଉଦବୋଧନ ଦେଇଥିଲେ। ଏଥିସହିତ ସେ ପ୍ରତିଯୋଗିତାର ଆଧିକାରିକ ଆରମ୍ଭ ସୂଚକ ଭାବେ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ପତାକା ଉତ୍ତୋଳନ କରିଥିଲେ। ଆୟୋଜକ ବିଶ୍ୱବିଦ୍ୟାଳୟର ପତାକା ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ସମ୍ମାନୀତ ଅତିଥି ଭାବେ, ଉତ୍ତୋଳନ କରିଥିଲେ। ଏଥିସହ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଖୋଖୋ (ମହିଳା) ପ୍ରତିଯୋଗିତାର ଆରମ୍ଭ ଘୋଷଣା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। କ୍ରୀଡ଼ା ପରିଷଦ ସହ-ନିର୍ଦ୍ଦେଶକ ଡ. ଅମିତ କୁମାର ଶର୍ମା ଧନ୍ୟବାଦ ଜ୍ଞାପନ କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମର ସମନ୍ୱୟ ସହାୟକ ଅଧାପିକା ଜୀନା ପ୍ରିୟଙ୍କା ଜେଠୀ କରିଥିଲେ। ପଦଯାତ୍ରା ସମାପନ ପରେ ପ୍ରତିଯୋଗିତାର ଦଳଗତ ମ୍ୟାଚ ଗୁଡିକ ଆରମ୍ଭ ହୋଇଥିଲା। ଏହି ଆଞ୍ଚଳିକ ଚାମ୍ପିୟନସିପ୍‌ରେ ଓଡ଼ିଶା, ବିହାର, ଛତିଶଗଡ଼, ଝାରଖଣ୍ଡ, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ ଓ ମଣିପୁରର ୩୪ଟି ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିବା ଜଣାପଡ଼ିଛି।

## ୧୨୦ ଗ୍ରାମ ବ୍ରାଉନସୁଗର ଜବତ, ଜଣେ ଗିରଫ

ବାଲେଶ୍ୱର,୧୦।୨(ସମିସ): ମୋବାଇଲ ଅବକାରୀ ବିଭାଗ ପକ୍ଷରୁ ଆଜି ସେରଗଡ ଛକ ଠାରେ ଚଢ଼ଉ କରାଯାଇ ୧୨୦ଗ୍ରାମ ବ୍ରାଉନସୁଗର ଜବତ କରାଯିବା ସହ ଜଣେ ବେପାରୀକୁ ମଧ ଗିରଫ କରିଛି। ଗିରଫ ବେପାରୀ ଜଣକ ହେଲେ କୈଳାସ ମୁଖୀ(୪୦)। ଏନେଇ ଅବକାରୀ ବିଭାଗ ପକ୍ଷରୁ ୨୭୩/୨୫-୨୬ନମ୍ବରରେ ଏକ ମାମଲା ରୁଜୁ କରି ତାକୁ କୋର୍ଟ ଚାଲାଣ କରିଛି। ସେରଗଡ ଛକ ଠାରେ ବ୍ୟାପକ ଭାବେ ବ୍ରାଉନସୁଗର କାରବାର ହେଉଥିବା ଖବର ପାଇ ମୋବାଇଲ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ଅବକାରୀ ବିଭାଗ କୈଳାସକୁ ଗିରଫ କରିଥିବା ବେଳେ ତା ଠାରୁ ୧୨୦ଗ୍ରାମ ବ୍ରାଉନସୁଗର ଜବତ କରିଥିଲା। ଯାହର ମୂଲ୍ୟ ୧୨ଲକ୍ଷ ଟଙ୍କା ହେବ। ଏହାଛଡା ଏହି ବ୍ୟବସାୟରେ କାରବାର ହେଉଥିବା ଏକ ସ୍କୁଟି ମଧ ଜବତ କରିଛି।

## କଲାମ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବାଦଲଙ୍କୁ ସମ୍ମାନିତ



ବାଲେଶ୍ୱର,୧୦।୨(ସମିସ): ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ 'ବିକଶିତ ଭାରତ ୨୦୪୭' ଥିମ୍ ରେ ଚିତ୍ର ତିଆରି କରି ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବାଲେଶ୍ୱର ମାଟିର ପୁଅ ତଥା ବାଲେଶ୍ୱର ଆର୍ଟ ଏବଂ କ୍ରାଫ୍ଟ କଲେଜର ଛାତ୍ର ବାଦଲ କୁମାର ନାୟକଙ୍କୁ କାଲାମ ମେମୋରିଆଲ ଚାରିଟେବଲ ଟ୍ରଷ୍ଟ ଦ୍ୱାରା ପକ୍ଷରୁ ସମ୍ମାନିତ କରଯାଇଛି। ଏହି ପରିପ୍ରେକ୍ଷୀରେ ସଭାପତି ତଥା ଆଇ. ଟି. ଆର ଚାନ୍ଦିପୁର ର ଅତିରିକ୍ତ ନିର୍ଦ୍ଦେଶକ ଡ଼ଃ ନୀଳାଦ୍ରି ରାୟଙ୍କ ଦ୍ୱାରା ଏକ ସଭା କାର୍ଯ୍ୟ ଆୟୋଜନ କରାଯାଇଥିଲା। ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସାଧାରଣ ସମ୍ପାଦକ ଡ. ପଙ୍କଜ କୁମାର ଜେନା ବାଲେଶ୍ୱର ପାଇଁ ଗର୍ବ ଆଉ ଗୌରବର କଥା ବୋଲି କହିଥିଲେ। ଉପସଭାପତି ଚାର୍ଟାର୍ଡ ଆକାଉଣ୍ଟେଣ୍ଟ ସଂଜୀବ ନାୟକ, ଯୁଗ୍ମ ସମ୍ପାଦକ ଇଂଜିନିୟର ଗୋପାଳ ଚନ୍ଦ୍ର ଜେନା, ସମ୍ପାଦକ ଇଂଜିନିୟର ଉପେନ୍ଦ୍ର ବେହେରା, କୋଷାଧ୍ୟକ୍ଷ ହରିପଦ ଭୂଇଁଆ, ସଦସ୍ୟ ଅଧାପକ ସତ୍ୟନାରାୟଣ ସାହୁ, ଡ଼ଃ ସଂଗ୍ରାମ କୁମାର ରାଉତ, ନିକୁଞ୍ଜବିହାରୀ ଦାସ, ଇନ୍ଦ୍ରଜିତ ପାତ୍ର, ଦିଲ୍ଲୀପ କୁମାର ନାୟକ, ବିଚିତ୍ରା ପ୍ରଧାନ,ସୁଚିତ୍ରା ଜେନା, ଶୁଭଶ୍ରୀ ମିଶ୍ର, ଦମୟନ୍ତୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଭିବି ଜୀ ରାମ ଜୀକୁ ନେଇ ଜିଲ୍ଲା ପ୍ରଶାସନର ସାମ୍ବାଦିକ ସମ୍ମିଳନୀ

ବାଲେଶ୍ୱର,୧୦।୨(ସମିସ): କେନ୍ଦ୍ର ସରକାର ମନରେଗାକୁ ବନ୍ଦ କରି ନୂତନ ଭାବେ ଭିବି ଜି ରାମ ପ୍ରଚଳନ କରିଛନ୍ତି। ଏହାକୁ ନେଇ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପରିଷଦ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ ଯୋଗଦେଇ ଏହି ଭିବି ଜି ରାମ ଜୀରେ ଆସୁଥିବା ବିଭିନ୍ନ ତଥ୍ୟ ଉପରେ ସୂଚନା ଦେଇଥିଲେ। ଏଥିରେ ପୂର୍ବରୁ ଶହେ ଦିନର କାର୍ଯ୍ୟ ରହିଥିବା ବେଳେ ଏବେ ୧୨୫ଦିନ କାର୍ଯ୍ୟ ରହିଛି। ଏହାଛଡା ଏହି ପ୍ରକଳ୍ପ ଇନଫ୍ରାଷ୍ଟ୍ରକଚରକୁ ଗୁରୁତ୍ୱ ପ୍ରଦାନ କରୁଥିବା ବେଳେ ଗ୍ରାମ କୈନ୍ଦ୍ରିକ ଯୋଜନା ସହ ବେରୋଜଗାରୀ ଭତ୍ତା, ଗ୍ରାମପଂଚାୟତ ସ୍ତରରେ ଉନ୍ନତି କରଣ, ପ୍ରାକୃତିକ ବିପର୍ଯ୍ୟୟ ଅଦି ଉପରେ ଗୁରୁତ୍ୱ ରହିଥିବା ବେଳେ ଅନ୍ୟାନ୍ୟ ଉପରେ ମଧ ଗୁରୁତ୍ୱ ରହିଛି ବୋଲି କହିଛନ୍ତି। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେଶ ପ୍ରୀୟଦର୍ଶୀ, ଏହି ପ୍ରୋଜେକ୍ଟର ମୁଖ୍ୟ ଶୀତାଂଶୁ ଶେଖର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## କମଳାକାନ୍ତ ଜେନା ଏଫଏମୟୁ ନୂତନ ପରୀକ୍ଷା ନିୟନ୍ତ୍ରକ

ବାଲେଶ୍ୱର,୧୦।୨(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟର ନୂତନ ପରୀକ୍ଷା ନିୟନ୍ତ୍ରକ ଭାବେ ଡ. କମଳାକାନ୍ତ ଜେନା କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନର ସହାୟକ ଅଧାପକ (ଷ୍ଟେଜ-୩) ଡ଼କ୍ଟର କମଳାକାନ୍ତ ଜେନା ରେମୁଣା ହାଇସ୍କୁଲ, ଫକୀରମୋହନ ମହାବିଦ୍ୟାଳୟ ଓ ବାଣୀବିହାରରୁ ଶିକ୍ଷାଲାଭ ଶେଷ କରି ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ଡକ୍ଟରେଟ ଉପାଧି ଲାଭ କରିଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ସଂପୂର୍ଣ୍ଣ ବିଶ୍ୱବିଦ୍ୟାଳୟ ପରିବାର ଡ଼କ୍ଟର ଜେନାଙ୍କୁ ଅଭିନନ୍ଦନ ଜଣାଇବା ସହ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।



## ଜିଲ୍ଲାସ୍ତରୀୟ ପ୍ରାଥମିକ ଚିକିତ୍ସା ତାଲିମ ଶିବିର




ବାଲେଶ୍ୱର,୧୦।୨ (ସମିସ): ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଯୁବ ରେଡ୍ କ୍ରସ୍ ତରଫରୁ ୩ ଦିନିଆ ଜିଲ୍ଲାସ୍ତରୀୟ ପ୍ରାଥମିକ ଚିକିତ୍ସା ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ରେ ୧୧୦ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ପୂର୍ବତନ ଜିଲ୍ଲା ଚିକିତ୍ସା ଅଧିକାରୀ ଡ. ଅନୁପ କୁମାର ଘୋଷ ଉଦଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ। ଯୁବ ରେଡକ୍ରସ୍‌ର ଜିଲ୍ଲା ସଂଯୋଜକ ସୁଧୀର ମୁଦୁଲି, ଜିଲ୍ଲା ଆବାହକ ଡ. ବିଭୁଦତ୍ତ ବେହେରା, ଡ. ଅଞ୍ଜନା ବେହେରାଙ୍କ ମାର୍ଗ ଦର୍ଶନ ରେ ଶିବିର ଅନୁଷ୍ଠିତ ହୋଇଥିଲା।

## କାନ୍ଥ କାଟି ୨୦ ଲକ୍ଷର ଗହଣା ଚୋରି

ସୋର, ୧୦।୨(ସମିସ): ବାଲେଶ୍ୱର ଜିଲ୍ଲା ସୋର ଥାନା କେଶରୀପୁର ପଞ୍ଚାୟତ ଫଟାଅର୍ଜୁନ ଛକ ନିକଟରେ ଥିବା ଏକ ଗହଣା ଦୋକାନର କାନ୍ଥ କାଟି ୨୦ ଲକ୍ଷରୁ ଅଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଦୁର୍ବୃତ୍ତ ଚୋରି କରିଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। କେଶରୀପୁର ଗ୍ରାମର ରାଜେନ୍ଦ୍ର ସାହୁ ଫଟାଅର୍ଜୁନ ଛକରେ ନୀଳମଣି ଜୁଏଲାରୀ ନାମରେ ଏକ ଗହଣା ଦୋକାନ କରିଛନ୍ତି। ଗତକାଲି ରାତିରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥବା ବେଳେ ଆଜି ସକାଳେ ତାଙ୍କ ଦୋକନ ପଛ ପଟ କାନ୍ଥ କାଟି କେତେକ ଦୁର୍ବୃତ୍ତ ଚୋରି କରି ନେଇଥିବା ଖବର ପାଇ ଥିଲେ। ପରେ ଦୋକାନ ନିକଟରେ ପହଞ୍ଚିବା ପରେ ଦୋକାନ ଲକରରୁ ୫ଶହ ଗ୍ରାମ ସୁନା ଅଳଙ୍କାର ଓ ୫ କେଜିରୁ ଉଦ୍ଧ୍ୱର୍ ରୁପା ଅଳଙ୍କାର ସମେତ କ୍ୟାସ ବାକ୍ସ ଭାଙ୍ଗି ନଗଦ ୧୨ ହଜାର ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇ ସେ ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲେ। ଅପରାହ୍ନରେ ସୋର ଥାନା ଆଇଆଇସି ମୁକୁନ୍ଦ ମୁରାରୀ ପାତ୍ର ସାଇଣ୍ଟିଫିକ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛନ୍ତି। ଏ ବାବଦରେ ରାଜେନ୍ଦ୍ର ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।



## ଦିଲ୍ଲୀ ଗଲେ ପଦ୍ମିନୀ ଓ ସୁମିତ୍ରା

ବାଲେଶ୍ୱର,୧୦।୨(ସମିସ): ଆସନ୍ତା ଏପ୍ରିଲ ୧୩ରୁ ୧୮ ପର୍ଯ୍ୟନ୍ତ ଜାପାନ ଠାରେ ଦୃଷ୍ଟିବାଧିତ ମହିଳା ଫୁଟବଲ ଚମ୍ପିୟାନସିପ ଆରମ୍ଭ ହେଉଛି। ଏଥିପାଇଁ ଭାରତୀୟ ଦଳରେ ପ୍ରାର୍ଥି ଚୟନ ନିମନ୍ତେ ଜାତୀୟ ତାଲିମ ଶିବିର ଦିଲ୍ଲୀ ଠାରେ ଫେବୃଆରୀ ୧୧ ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବାଲେଶ୍ୱର ସହର ରାଣୀପାଟଣା ଦୃଷ୍ଟିହୀନ ଛାତ୍ରୀ ପଦ୍ମିନୀ ଟୁଡୁ ଓ ସୁମିତ୍ରା ସିଂ ଉଭୟ ନିମନ୍ତ୍ରଣ କ୍ରମେ ଉକ୍ତ ତାଲିମ ଚୟନ ଶିବିରରେ ଯୋଗ ଦେବା ପାଇଁ ହାୱଡ଼ାରୁ ଟ୍ରେନ ଯୋଗେ ଦିଲ୍ଲୀ ଯାତ୍ରା କରିଛନ୍ତି। ଅନୁଷ୍ଠାନର ନିର୍ଦ୍ଦେଶକ ଦିବାକର ସ ସେମାନଙ୍କ ସଫଳ ଚୟନ ସହିତ ଉଜ୍ୱଳ ଭବିଷ୍ୟତ ଆଶା ରଖିବା ସହିତ ଉଭୟଙ୍କୁ ଆଶୀର୍ବାଦ କାମନା କରିଛନ୍ତି।



## ଏକମାତ୍ର ରୋଜଗାରିଆ ପୁଅର କଟାଗଲା ଦୁଇ ହାତ

### ସର୍ବସ୍ୱ ହରାଇ ଭାଙ୍ଗି ପଡ଼ିଛନ୍ତି ଅସହାୟ ଜାନକୀ

ଔପଦା,୧୦।୨(ସମିସ): ଭାଙ୍ଗି ଗଲା ମା' ପୁଅଙ୍କ ଖୁସିର ସଂସାର। ଅସୁମାରୀ ଆଶା ଆକାଂକ୍ଷା ଧୂଳିରେ ମିଶିଗଲା। ହଠାତ ଭାଗ୍ୟ ଆକାଶରେ କଳା ବାଦଲ



ଘୋଟିଗଲା। ସ୍ୱାମୀଙ୍କ ଅକାଳ ବିୟୋଗ ପରେ ଜାନକୀଙ୍କ ଏକମାତ୍ର ରୋଜଗାରିଆ ପୁଅ ବିକଳାଙ୍ଗ ହୋଇ ଦୁଇ ହାତ ହରାଇଲା। ପୁଅର ଦୁଇ କୃତିମ ହାତ ଲଗାଇବା ପାଇଁ ଭିକ ମାଗୁଛି ମା'। ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଫତେପୁର ପଞ୍ଚାୟତ ନରଣପୁର ଗ୍ରାମରେ। ଏହି ଗ୍ରାମର ସ୍ୱର୍ଗତ ଦୟାନିଧି ଦାସଙ୍କ ପତ୍ନୀ ଜାନକୀ ଦାସଙ୍କ ଏକମାତ୍ର ପୁତ୍ର ଜୟନ୍ତ କୁମାର ଦାସ (୨୬)ଚେନ୍ନାଇର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ସମୟରେ ବିଦ୍ୟୁତ ଆଘାତରେ ଦୁଇଟି ହାତ ସମ୍ପୂର୍ଣ୍ଣ ଜଳିଯାଇଥିଲା। ଚେନ୍ନାଇ ଡାକ୍ତରଖାନାରେ ଚିକିତ୍ସା ପରେ ଭଲ ନହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନା ରେ ଭର୍ତ୍ତି କରାଯାଇଥିଲା। ଜୟନ୍ତଙ୍କ ହାତ ଦୁଇଟି ସମ୍ପୂର୍ଣ୍ଣ ଜଳିଯାଇଥିବାରୁ ଡାକ୍ତର ହାତ ଦୁଇଟିକୁ କାଟିବାକୁ ବାଧ ହୋଇଥିଲେ। ଏମ୍ସ ଡାକ୍ତରଖାନାରେ ୬ ମାସ ଚିକିତ୍ସା ପରେ ଗତ ୬ ଦିନ ହେବ ଘରକୁ ଫେରିଛନ୍ତି ଜୟନ୍ତ। ଏବେ ଅସହାୟ ଜାନକୀ ଦୁଃଖ ରେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିପଡି ବାହୁନି ବାହୁନି କାନ୍ଦୁଛନ୍ତି। ତାଙ୍କ ପାଇଁ ବଞ୍ଚିବା ଦୁର୍ବିସହ ହୋଇ ପଡିଛି। କୌଣସି ସରକାରୀ ବେସରକାରୀ ଅନୁଷ୍ଠାନ କିମ୍ବା ସହୃଦୟ ବ୍ୟକ୍ତି କୃତ୍ରିମ ହାତ ଲଗାଇବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ମା' ଜାନକୀ ଆକୁଳ ନିବେଦନ କରିଛନ୍ତି। ଏଭଳି ପରିସ୍ଥିତିରେ ସରକାର ଏ ଅସହାୟ ଦିବ୍ୟାଙ୍ଗ ଯୁବକଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ନିବେଦନ କରାଯାଇଛି।

## ରାଜ୍ୟସ୍ତରୀୟ ଜୁନିୟର ରେଡକ୍ରସ୍ ଶିବିରରେ ବାଲେଶ୍ୱର ଛାତ୍ରଛାତ୍ରୀଙ୍କ ସଫଳତା


ବାଲେଶ୍ୱର, ୧୦।୨(ସମିସ)



ରାଜ୍ୟ ସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ତଥା ତାଲିମ୍ ଶିବିର କ୍ୟାପିଟାଲ ହାଇସ୍କୁଲ ୟୁନିଟ୍-୩ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିର ଫେବୃଆରୀ ୫ରୁ ୯ ତାରିଖ ପର୍ଯ୍ୟନ୍ତ ଚାଲିଥିଲା, ଯେଉଁଥିରେ ରାଜ୍ୟର ୩୦ଟି ଜିଲ୍ଲାରୁ ୪୫୦ ଜଣ ଜୁନିୟର ଓ କାଉନସିଲର ଯୋଗ ଦେଇଥିଲେ। ଏହି ଶିବିରକୁ ବାଲେଶ୍ୱର ଜିଲ୍ଲା ତରଫରୁ ୧୦ଜଣ ଜୁନିୟର ମଧ୍ୟରୁ ସରକାରୀ ଉଚ୍ଚ ବିଦ୍ୟାଳୟ ଓଳମରାର ୬ ଜଣ ଛାତ୍ରୀ ମୋନାଲିସା ଦାସ, ରଞ୍ଜିତ ବେହେରା, ଶ୍ୱେତାଲିନ ଜେନା, ପ୍ରିୟଦର୍ଶିନୀ ଘୋଷ, ସୁଚିତ୍ରା ବେହେରା, ତେଜସ୍ୱୀନି ବାରିକ, କୀର୍ତ୍ତିଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ନାରାୟଣପୁରରୁ ୨ ଜଣ ଛାତ୍ରୀ ପୂଜା ସାମନ୍ତରାୟ, ସାଇକ୍ରିଷ୍ଣା ସାହୁ, ଆଦର୍ଶ ବିଦ୍ୟାଳୟ ହିଞ୍ଜଳା ସଦରରୁ ବୈଷ୍ଣବି ନାୟକ, ଫତେପୁର ଉଚ୍ଚ ବିଦ୍ୟାଳୟରୁ କିରଣ ରାଉତ ଏବଂ ୦୨ ଜଣ କାଉନସିଲ କୀର୍ତ୍ତିଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ନାରାୟଣପୁରରୁ ରାଜୀବଲୋଚନ ମଲ୍ଲିକ ଓ ଆଦର୍ଶ ବିଦ୍ୟାଳୟ ହିଞ୍ଜଳା ସଦରରୁ ଭଗ୍ୟଶ୍ରୀ ଦାସ ଯୋଗଦେଇଥିଲେ। ଏହି ପାଞ୍ଚଦିନ ଶିବିରରେ ଶିବିରାର୍ଥୀମାନଙ୍କୁ ବିଭିନ୍ନ ବିଷୟରେ ଯଥା ରେଡ଼କ୍ରସ ଇତିହାସ, ରକ୍ତଦାନ, ଜଳବାୟୁ ପରିବର୍ତ୍ତନ, ଔଷଧୀୟ ବୃକ୍ଷ ରୋପଣ, ପ୍ରାଥମିକ ସହାୟତା, ସଡ଼କ ସୁରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ଓ ପରିଚାଳନା, ନିଶା ନିବାରଣ ଓ ତମାଖୁ ମୁକ୍ତ ସମାଜ, ଏଚଆଇଭି ଏଡ଼ସ, ସାଇବର ସିକ୍ୟୁରିଟି ଉପରେ ତାଲିମ ଦିଆଯିବା ସହ ଧଉଳି ଶିକ୍ଷା ଭ୍ରମଣ କରିଥିଲେ। ଏଥିସହ ଜୁନିୟରମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସେଥିରୁ ୨ଟି ବିଭାଗରେ ବାଲେଶ୍ୱର ଜିଲ୍ଲା ପୁରସ୍କୃତ ହୋଇଛନ୍ତି। ଦଳଗତ ନୃତ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ସରକାରୀ ଉଚ୍ଚ ବିଦ୍ୟାଳୟ ଓଳମରାର ସମସ୍ତ ୬ ଜଣ ଛାତ୍ରୀ ଏବଂ ରଙ୍ଗୋଲିରେ ସରକାରୀ ଉଚ୍ଚ ବିଦ୍ୟାଳୟର ରଞ୍ଜିତା ବେହେରା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ରାଜ୍ୟ ଅଧିକାରୀ ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ ଓଳମରାର କାଉନସିଲର ତଥା ବାଲେଶ୍ୱର ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ନାରାୟଣ ପାଇକରାୟ ଯୋଗଦାନ କରିଥିଲେ ଏବଂ ଶିବିରରେ ମଧ ରକ୍ତଦାନ କରିଥିଲେ। ଶିବିରର ସଫଳତା ପାଇଁ ବାଲେଶ୍ୱର ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ଜୁନିଅର ରେଡ଼କ୍ରସର ଅଧ୍ୟକ୍ଷ ଡ. ବସନ୍ତ କୁମାର ନାୟକ, ଜିଲ୍ଲା ଶାରିରୀକ ଶିକ୍ଷା ନିରୀକ୍ଷକ ତଥା ଜୁନିୟର ରେଡ଼କ୍ରସ ସମ୍ପାଦକ ଚନ୍ଦ୍ରକାନ୍ତ ଘଡେଇ ସହିତ ଜିଲ୍ଲାର ସାଧନ କର୍ମୀ, ପ୍ରଧାନ ଶିକ୍ଷକ ଓ କାଉନସିଲରମାନେ ଶୁଭେଚ୍ଛା ଜଣାଇଛନ୍ତି।

୧୦/୨/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୮୪,୦୨୫/- ସୁନା:୦୮.୫୭୦ ଗ୍ରାମ୍ ରୁପା: ୭୧.୧୦୦ ଗ୍ରାମ୍





● ଆଜି ମହାପ୍ରଭୁଙ୍କ ବନକଲାଗି

## ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ,୧୦।୨(ସମିସ): ଫାଲ୍‌ଗୁନ କୃଷ୍ଣ ଦଶମୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥା'ନ୍ତି।

● ପୁରୀ କୋର୍ଟ ସ୍ଥାନାନ୍ତରକୁ ବିରୋଧ

## ୨୦ରେ ରାସ୍ତାରୋକ ଆନ୍ଦୋଳନ କରିବେ ଆଇନଜୀବୀ

ପୁରୀ,୧୦।୨(ସମିସ): ପୁରୀ କୋର୍ଟ ବାଲୁଖଣ୍ଡ ଅଭୟାରଣ୍ୟ ମଧୁର ଜଳ ଅଞ୍ଚଳକୁ ସ୍ଥାନାନ୍ତର ନିଷ୍ପତ୍ତି ପ୍ରତିବାଦରେ ପୁରୀ ଓକିଲ ସଂଘର ସତ୍ୟାଗ୍ରହ ୩୫୨ ଦିନରେ ପହଞ୍ଚିଲାଣି। ହେଲେ ନା ସରକାର ନା ବିଚାର ବିଭାଗ ସେମାନଙ୍କ ସହିତ କୌଣସି ଆଲୋଚନା କଲେନାହିଁ। ସରକାରୀସ୍ତରରେ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକ ପତ୍ର ଦେଲେ। କିନ୍ତୁ ଫଳ କିଛି ନାହିଁ। ତେଣୁ ଆସନ୍ତା ୨୦ ତାରିଖରେ ମାଳତୀପାଟପୁରଠାରେ ଆଇନଜୀବୀମାନେ ରାସ୍ତାରୋକ ଆନ୍ଦୋଳନ କରିବେ ବୋଲି ମଙ୍ଗଳବାର ସଂଘର ସାଧାରଣ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଯଦି ସରକାର ନ ଶୁଣନ୍ତି ତେବେ ଆସନ୍ତା ୨୭ ତାରିଖରେ ପୁରୀ ବନ୍ଦ କରିବାକୁ ବାଧ୍ୟ ହେବେ। ଏହି ବୈଠକରେ ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ଜ୍ୟୋତି ପ୍ରକାଶ ମିଶ୍ର, ସୋମନାଥ ଦାସ, ପୁଲିନ ଆଚାର୍ଯ୍ୟ, ସୌଭିକ୍ ସେନ୍, ଜୟଦେବ ମିଶ୍ର, ରଚିତା ଦାଶ, ନକୁଳ ପତି, ବିଜୟ ମିଶ୍ର, ବିଭୁଦତ୍ତ ପଟ୍ଟନାୟକ, କର୍ଣ୍ଣବୀର ମହାପାତ୍ର, ପୁଷ୍କର ମହାପାତ୍ର, ସମିର୍ ଘୋଷ, ଅନୀଲ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ସିଦ୍ଧେଶ୍ୱର ମହାଦେବଙ୍କ ସ୍ୱନକ୍ଷତ୍ର ଉତ୍ସବ

ପୁରୀ,୧୦।୨(ସମିସ): ସିଦ୍ଧମହାବୀର ମଙ୍ଗଳା ଲେନ୍‌ସ୍ଥିତ ଶ୍ରୀଶ୍ରୀ ସିଦ୍ଧେଶ୍ୱର ମହାଦେବ ମନ୍ଦିର ବିଗ୍ରହମାନଙ୍କର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ଣରେ ବିଗ୍ରହମାନଙ୍କର ସ୍ୱନକ୍ଷତ୍ର ପୂଜା ଓ ବିମାନ ପ୍ରତିଷ୍ଠା ପରେ ନଗର ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ସମୂହ ବେଦପାଠ, ଭାଗବତ ପାରାୟଣ ଓ ଭଜନ କାର୍ଯ୍ୟକ୍ରମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ମନ୍ଦିର ଟ୍ରଷ୍ଟ ସଭାପତି ଲୋକନାଥ ଦାସ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଦେବକାର୍ଯ୍ୟରେ ଉତ୍ତରପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ଦାସ ଏବଂ ନେବଳ ଦାସ ମଠ ମହନ୍ତ ରାମଚରଣ ଦାସ ଯୋଗଦେଇ ଆଶୀର୍ବଚନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିବାବେଳେ ଟ୍ରଷ୍ଟର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

## ବରିଷ୍ଠ ନାଗରିକଙ୍କ ପାଇଁ ଆୟୁର୍ବେଦ ସ୍ୱାସ୍ଥ୍ୟ ଶିବିର

ପୁରୀ,୧୦।୨(ସମିସ): ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ସଚେତନତା ଉଦ୍ଦେଶ୍ୟରେ ମଙ୍ଗଳବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପର୍କ ତରଫରୁ ଆୟୁର୍ବେଦ ସ୍ୱାସ୍ଥ୍ୟ ପରାମର୍ଶ ଓ ଚିକିତ୍ସା ଶିବିର ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଶିବିରରେ ଯୋଡ଼ା ବେଦନା ଓ ଗୁଠିଆ (ଆର୍ଥ୍ରାଇଟିସ୍), ଗ୍ୟାସ୍, ଅଜୀର୍ଣ୍ଣ, କବଜ, ମଧୁମେହ, ଉଚ୍ଚ ରକ୍ତଚାପ, ନିଦ୍ରାହୀନତା, ମାନସିକ ଚାପ, ସ୍ମୃତିଶକ୍ତି ହ୍ରାସ ଓ ସାଧାରଣ ଦୁର୍ବଳତା ରହିଥିଲା ବିଭିନ୍ନ ପ୍ରକାରର ବାତ ଭଳି ରୋଗଗୁଡ଼ିକର ଆୟୁର୍ବେଦ ଚିକିତ୍ସା ଓ ପରାମର୍ଶ ଦିଆଯାଇଥିଲା। ଶିବିରକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିପିନ ବିହାରୀ ଖୁଣ୍ଟିଆ, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଡ. ନାରାୟଣ ଚନ୍ଦ୍ର ଦାଶ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ କାୟା ଚିକିତ୍ସା ବିଭାଗର ପ୍ରାଧ୍ୟାପିକା ଡାକ୍ତର ସୋନାଲିକା ଜେନାଙ୍କ ସହିତ ଡା. ଭାରତୀ ଲତା ଆଚାର୍ଯ୍ୟ, ଡା. ସୂର୍ଯ୍ୟକାନ୍ତ ପୃଷ୍ଟି, ଡା. ଶିବାନୀ ଦାସ, ଡା. ସୁନନ୍ଦିତା ପ୍ରଧାନ, ଡା. ଜ୍ୟୋସ୍ନାମୟୀ ପାଲ, ଡା. ଦିଗମ୍ବର ନାୟକ, ଡା. ସୌମ୍ୟଦତ୍ତ ସାମନ୍ତରାୟ, ଡା. ସତ୍ୟ ନାରାୟଣ ସାହୁ, ଡା. ସନ୍ଧ୍ୟା ବାହାଲିଆ, ଡା. ଇପ୍ସିତା ଜେନା ଓ ଡା. ସ୍ୱାଗତ ଦତ୍ତ ପ୍ରମୁଖ ୧୪୫ରୁ ଅଧିକ ବରିଷ୍ଠ ନାଗରିକଙ୍କୁ ସେବା ପ୍ରଦାନ କରିଥିଲେ। ସମ୍ପର୍କ ଅନୁଷ୍ଠାନର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ ଶିବିର ପରିଚାଳନା କରିଥିବାବେଳେ ଶୁଭ ପ୍ରସାଦ ଶର୍ମା, ବିଶ୍ୱଜିତ୍ ମିଶ୍ର, ରାକେଶ କୁମାର ବାରିକ ଓ ଅଶ୍ୱୁଜିତ ମହାପାତ୍ର ସହଯୋଗ କରିଥିଲେ।

## ପୁରୀରେ ବ୍ଲଡ୍ କମ୍ପୋନେଣ୍ଟ ପୃଥକୀକରଣ ୟୁନିଟ୍ ସ୍ଥାପନ ଦାବି

ପୁରୀ,୧୦।୨(ସମିସ): ଧର୍ମ ଓ ପର୍ଯ୍ୟଟନର କ୍ଷେତ୍ର ପୁରୀକୁ ବର୍ଷକୁ ଆସୁଛନ୍ତି ପାଖାପାଖି ଅଢ଼େଇ କୋଟି ଭକ୍ତ ଓ ପର୍ଯ୍ୟଟକ। ପୁରୀ ଜିଲ୍ଲାରେ ଅନେକ ଥାଲାସେମିଆ ଓ କର୍କଟ ରୋଗୀ ଅଛନ୍ତି। ଏଠାରେ ଏବେ ବି ରକ୍ତର ଅଭାବ ରହିଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା ମୁଖ୍ୟ ସଦର ଚିକିତ୍ସାଳୟରେ ବ୍ଲଡ୍ କମ୍ପୋନେଣ୍ଟ ପୃଥକୀକରଣ ୟୁନିଟ୍ ସ୍ଥାପନ ପାଇଁ ଓଡ଼ିଶା ଯୁବ ଚେତନା ସଂଗଠନ ଓ ମିଶନ ଓଡ଼ିଶା ଦାବି କରିଛି। ମଙ୍ଗଳବାର ଭୁବନେଶ୍ୱରଠାରେ ଅନୁଷ୍ଠାନର ରାଜ୍ୟ ସଭାପତି ବଦ୍ରି ମିଶ୍ର ଓ ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ନେତୃତ୍ୱରେ ଜୟନ୍ତୀ ମହାପାତ୍ର ଓ ସୌମ୍ୟରଞ୍ଜନ ପାତ୍ରଙ୍କୁ ନେଇ ଏକ ପ୍ରତିନିଧି ଦଳ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ସାକ୍ଷାତ୍ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଖୁବ୍‌ଶୀଘ୍ର ଭକ୍ତ ଓ ପର୍ଯ୍ୟଟକଙ୍କ ସହର ଶ୍ରୀଜଗନ୍ନାଥ ଧାମରେ ବ୍ଲଡ୍ କମ୍ପୋନେଣ୍ଟ ପୃଥକୀକରଣ ୟୁନିଟ୍ ସ୍ଥାପନ କରାଯିବ ବୋଲି ଡ. ମହାଲିଙ୍ଗ ଆଶ୍ୱାସନା ଦେଇଥିବା ପ୍ରତିନିଧି ଦଳ ଜଣାଇଛନ୍ତି। ସୂଚନାଥାଉ କି, ଏହା ସ୍ଥାପନ ହେଲେ ଗୋଟିଏ ରକ୍ତରୁ ଚାରିପ୍ରକାର ରୋଗୀ ଉପକୃତ ହେବେ।

▶ ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳା ଉଦ୍‌ଘାଟିତ

# ଶିଳ୍ପୀ ଉପକୃତ ହେବେ; କଳାର ପରିଚୟ ମିଳିବ




ପୁରୀ,୧୦।୨(ସମିସ): ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆରମ୍ଭ କରିଛନ୍ତି ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳା ଅଭିଯାନ। ଏହା ମାଧ୍ୟମରେ ଆମ କଳାକାର ଓ ଶିଳ୍ପୀମାନଙ୍କ ଉତ୍ପାଦକୁ ପ୍ରଦର୍ଶନ ଓ ବିକ୍ରି ଦ୍ୱାରା ଶିଳ୍ପୀମାନେ ଆର୍ଥିକ ଦୃଷ୍ଟିରୁ ଉପକୃତ ହେବା ସହ କଳାର ପରିଚୟ ମିଳିପାରିବ ବୋଲି କହିଛନ୍ତି ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ। ମଙ୍ଗଳବାର ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ୫ ଦିନିଆ ମେଳାକୁ ଉଦ୍‌ଘାଟନ କରି ଶ୍ରୀ ପଟ୍ଟନାୟକ ସରକାରଙ୍କ ଲକ୍ଷ୍ୟ ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଇବା ସହ ଆର୍ଥିକ ସମୃଦ୍ଧିରେ ସାମିଲ୍ କରିବା। ୪ ବର୍ଗ ଯଥା- କୃଷି, ଯୁବ, ମହିଳା ଓ ଗରିବଙ୍କ ବିକାଶ ହିଁ ବିକଶିତ ଭାରତର ମୂଳଦୁଆ। ନିଜର ପରିଶ୍ରମ ଓ ନିଷ୍ଠା ଯୋଗୁ ଆଜି ସେମାନେ ଉନ୍ନତି ପଥରେ ସଫଳତା ଲାଭ କରିଛନ୍ତି। ଏହା ସେମାନଙ୍କ ଦକ୍ଷତା ପ୍ରଦର୍ଶନର ଏକ ଉପଯୁକ୍ତ ମଞ୍ଚ ବୋଲି କହିଥିଲେ।

ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମେଳାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ୍ ସିଂ, ଡିଏଫ୍ଓ ମଗର ଧନଜ ରାଓସୋ, ଆଇପିଏସ୍ ପ୍ରୋବେସନର ଅନୋଖା କେ. ବିଜୟା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ସିଡିଭିଓ ଡା. ଶରତ ଚନ୍ଦ୍ର ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଜୟ କୁମାର ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଅତିଥିମାନେ ଛେଳି ଚାଷ ପାଇଁ ପିପିଲିର ଅଭିମନ୍ୟୁ ମଲ୍ଲିକ, ଗୋ-ପାଳନ ପାଇଁ ବ୍ରହ୍ମଗିରିର ମଞ୍ଜୁଲତା ମାଣିଆ, ନିମାପଡ଼ା ଡେଣୁଆଁ ଗ୍ରାମର ବାବା ପୂର୍ଣ୍ଣେଶ୍ୱର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସତ୍ୟବାଦୀ ସାମନ୍ତରାପୁରର ମୌସୁମୀ ଦଳାଇଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଚନ୍ଦ୍ର ମୋହନ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅତିଥିମାନେ ମେଳା ପରିଦର୍ଶନ କରିଥିଲେ। ଏଥିରେ ପଲ୍ଲିଶ୍ରୀ ମେଳା, କୃଷି ଯନ୍ତ୍ରପାତି ମେଳା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମେଳା, ହସ୍ତଶିଳ୍ପ ମେଳା, ବୁକ୍ କାଫେ ଇତ୍ୟାଦିର ୧୯୪ଟି ଷ୍ଟଲ୍ ବ୍ୟବସ୍ଥା ହୋଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦ ସହ ବିଭିନ୍ନ ଉଦ୍ୟୋଗୀମାନେ ସେମାନଙ୍କ ଉତ୍ପାଦର ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି। ସେହିପରି ସଂସ୍କୃତି ବିଭାଗ ପକ୍ଷରୁ ବୁକ୍ କାଫେ, ବରପୁତ୍ରମାନଙ୍କ ତଥ୍ୟଭିତ୍ତିକ ପ୍ରଦର୍ଶନୀ ସହ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ବ୍ୟବସ୍ଥା ହୋଇଛି।

ଲୋକନାଥ ପୀଠ ପରିଦର୍ଶନ କଲେ ଅଧିକାରୀ

## ଅପରାହ୍ଣରେ ଜିଲ୍ଲାପାଳ, ସନ୍ଧ୍ୟାରେ ଏସ୍‌ପି






ପୁରୀ,୧୦।୨(ସମିସ): ଆସନ୍ତା ୧୩ ତାରିଖରେ ପଙ୍କୋଦ୍ଧାର ଏକାଦଶୀ ଏବଂ ୧୫ ତାରିଖରେ ମହାଶିବରାତ୍ରୀ। ଉଭୟ ଦିନରେ ଶ୍ରୀଲୋକନାଥଙ୍କ ପୀଠରେ ଶ୍ରଦ୍ଧାଳୁଙ୍କର ପ୍ରବଳ ଗହଳି ସମ୍ଭାବନା ରହିଛି। ତେଣୁ ଶୃଙ୍ଖଳିତ ଦର୍ଶନ ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ମଙ୍ଗଳବାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଏସ୍‌ପି ପ୍ରତୀକ୍ ସିଂ ପୀଠ ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି। ଅପରାହ୍ଣରେ ଜିଲ୍ଲାପାଳ ଶ୍ରୀ ପରିଡ଼ା ଶ୍ରୀଲୋକନାଥଙ୍କ ପୀଠରେ ପହଞ୍ଚି ଠାକୁରଙ୍କ ଦର୍ଶନ ସହ ମନ୍ଦିର ପରିସର ଅନୁଧ୍ୟାନ କରିଥିଲେ। ପରେ ମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରି ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ନିରୀକ୍ଷଣ କରିଥିଲେ। ଶ୍ରଦ୍ଧାଳୁମାନଙ୍କ ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା, ପ୍ରଦୀପ ପ୍ରଜ୍ୱଳନ ସ୍ଥାନ, ପାନୀୟ ଜଳ, ଅଗ୍ନି ନିର୍ବାପକ ଓ ସ୍ୱାସ୍ଥ୍ୟାବସ୍ଥା ଇତ୍ୟାଦି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହି ସମୀକ୍ଷା ସମୟରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶ୍ରୀଶ୍ରୀ ଲୋକନାଥ ଦେବ ମନ୍ଦିର ଟ୍ରଷ୍ଟର ସଦସ୍ୟ ରବି ନାରାୟଣ ପଣ୍ଡା ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

ସେହିପରି ସନ୍ଧ୍ୟାରେ ଏସ୍‌ପି ପ୍ରତୀକ୍ ସିଂ ଲୋକନାଥ ମନ୍ଦିର ପରିସରରେ ଲାଇନ୍ ଦର୍ଶନ ଏବଂ ପରମାଣିକ ଦର୍ଶନ ପାଇଁ କରାଯାଇଥିବା ବ୍ୟାରିକେଡିଂ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଶ୍ରଦ୍ଧାଳୁମାନଙ୍କୁ ସୁବିଧାଜନକ, ସୁସଂଗଠିତ ଏବଂ ସୁରକ୍ଷିତ ଦର୍ଶନ ସୁନିଶ୍ଚିତ କରିବା ନିମନ୍ତେ ସେବାୟତମାନଙ୍କ ସହିତ ଆଲୋଚନା କରାଯାଇଥିଲା। ଭିଡ଼ ନିୟନ୍ତ୍ରଣ, ଲାଇନ୍ ପରିଚାଳନା, ପାର୍କିଂ ବ୍ୟବସ୍ଥା, ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ପରମାଣିକ ଦର୍ଶନ ପାଇଁ ଅଲଗା ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ଅତିରିକ୍ତ ଏସ୍‌ପି ସଚିନ୍ ପଟେଲ, ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର, ଟ୍ରାଫିକ୍ ଡିଏସ୍‌ପି ରାଜକୁମାର ପରିଡ଼ା ଏବଂ ବାସେଲିସାହି ଥାନାର ଆଇଆଇସି ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୀ ବେଳାଭୂମିରେ ବୁଲୁଛନ୍ତି ଜୀବନ୍ତ ଶାମୁକା



ପୁରୀ,୧୦।୨(ସମିସ): ପୁରୀ ବେଳାଭୂମିରେ ଦେଖିବାକୁ ମିଳିଛି ବିରଳ ଦୃଶ୍ୟ। ମଙ୍ଗଳବାର ବେଳାଭୂମିରେ ବହୁ ସଂଖ୍ୟାରେ ଜୀବନ୍ତ ଶାମୁକା ବୁଲୁଥିବା ନଜରକୁ ଆସିଛି। ବିଶେଷକରି ରାତିରେ ଏମାନେ ବିପୁଳ ମାତ୍ରାରେ ବିଚରଣ କରୁଛନ୍ତି। ସୂର୍ଯ୍ୟୋଦୟ ପରେ ପୁନର୍ବାର ସେମାନେ ସମୁଦ୍ର ଭିତରକୁ ଚାଲି ଯାଉଛନ୍ତି। ଯାହାକୁ ଦେଖି ପର୍ଯ୍ୟଟକମାନେ ବେଶ୍ ଖୁସି ହେବା ସହ ଆଶ୍ଚର୍ଯ୍ୟପ୍ରକଟ କରୁଛନ୍ତି। ସାମୁକାଗୁଡ଼ିକ ଛୋଟ ଛୋଟ ଶଙ୍ଖ ଆକୃତିର ହୋଇଛି। ତେବେ ହଠାତ୍ ଏପରି ଶହଶହ ଶାମୁକା ବେଳାଭୂମିକୁ ଆସିବାକୁ ନେଇ ନାନା ପ୍ରକାର ଆଲୋଚନା ହେଉଛି। ଆଗକୁ କିଛି ବିପଦର ସୂଚନା ରହିଛି ବୋଲି କିଛି ବ୍ୟକ୍ତି ଚର୍ଚ୍ଚା କରୁଛନ୍ତି। ଜଳବାୟୁ ପରିବର୍ତ୍ତନ ପାଇଁ ଏପରି ହୋଉଥିବାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ବିଶେଷଜ୍ଞମାନେ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି। ବିଭିନ୍ନ ବ୍ୟକ୍ତିବିଶେଷ ସେମାନଙ୍କ ସୋସିଆଲ ମିଡିଆରେ ଜୀବନ୍ତ ସାମୁକା ବେଳାଭୂମିରେ ବୁଲିଥିବା ଭିଡିଓ ଓ ଫଟୋ ପୋଷ୍ଟ କରିଛନ୍ତି। ବେଳାଭୂମିକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ଏପରି ଦୃଶ୍ୟ ଦେଖି ବେଶ୍ ନିଆରା ଅନୁଭୂତି ନେଇ ଯାଉଛନ୍ତି।

■ ମଣ୍ଡିରେ ଅବ୍ୟବସ୍ଥାର ପ୍ରତିବାଦ

## କୃଷି ଓ ଯୋଗାଣ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



ପୁରୀ,୧୦।୨(ସମିସ): ଜିଲ୍ଲାରେ ଅବ୍ୟବସ୍ଥିତ ମଣ୍ଡି ବିରୋଧରେ ଗର୍ଜିଛି ପୁରୀ ଜିଲ୍ଲା କିଷାନ କଂଗ୍ରେସ। ଏ ନେଇ ମଙ୍ଗଳବାର କିଷାନ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କୃଷିମନ୍ତ୍ରୀ ଏବଂ ଯୋଗାଣ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବିକ୍ଷୋଭକାରୀମାନେ କହିଛନ୍ତି, ମଣ୍ଡିରେ ଅବ୍ୟବସ୍ଥା ଚରମ ସୀମାରେ ପହଞ୍ଚିଛି। ଧାନ କିଣାରେ ବିଳମ୍ବ କାରଣରୁ ମଣ୍ଡିରେ ଧାନ ଜମା କରି ଚାଷୀ ଦିନରାତି ଅପେକ୍ଷା କରୁଛନ୍ତି। କଟ୍‌ନୀଛଟ୍‌ନୀ ନାମରେ କ୍ୱିଣ୍ଟାଲ ଧାନ କ୍ରୟ ବେଳେ ସେଥିରୁ ୮ ରୁ ୧୨ କେଜି ଧାନ ବେଆଇନ ଭାବେ କାଟ୍ କରାଯାଉଛି। ଏହା ବିରୁଦ୍ଧରେ ଚାଷୀମାନେ ଦଳମତ ନିର୍ବିଶେଷରେ ରାଜରାସ୍ତାରେ ଆନ୍ଦୋଳନ ଏବଂ ଧର୍ମଘଟ କରୁଛନ୍ତି। ତଥାପି ସରକାର ଏହାକୁ କର୍ଣ୍ଣପାତ କରୁନାହାନ୍ତି। କଟ୍‌ନୀଛଟ୍‌ନୀ ଜାରି ରହିଛି। ଚାଷୀମାନେ ମଣ୍ଡିରେ ରାତି ରାତି ଉଜାଗର ରହି ଧାନ ଜଗୁଛନ୍ତି। ତେଣୁ ଏହାକୁ ବିରୋଧ କରି ଜିଲ୍ଲା କିଷାନ କଂଗ୍ରେସ ପକ୍ଷରୁ ବିକ୍ଷୋଭ ସହ କୃଷି ମନ୍ତ୍ରୀ ଏବଂ ଯୋଗାଣ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ପୁରୀ ଜିଲ୍ଲା କିଷାନ୍ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ବିନାୟକ ଦାସମହାପାତ୍ର, ନିରଞ୍ଜନ ରଥ, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ସତ୍ୟନାରାୟଣ ଶତପଥୀ, କାଳୀପ୍ରସାଦ ନାୟକ, ବିଶ୍ୱନାଥ ଦାଶ, ସ୍ୱାଧୀନ ପଣ୍ଡା, ରଜତ ସାହୁ, ସୁକାନ୍ତ ପ୍ରଧାନ, ସୁରେନ୍ଦ୍ର ପାଇକରାୟ, ଉମାକାନ୍ତ ବରାଳ, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଅବିନାଶ ମିଶ୍ର, ବ୍ରଜ ବେହେରା, ଉମାକାନ୍ତ ବେହେରା, ମନୋଜ ମହାପାତ୍ର, ଅକ୍ଷୟ କୁମାର ଭୋଇ, ଅରକ୍ଷିତ ବାରିକ, ଗୁଣଧର ପାତ୍ର, ସୁବାସ ଚନ୍ଦ୍ର ଭୋଇ ପ୍ରମୁଖ ସାମିଲ୍ ଥିଲେ।

## ଜାତୀୟ କୃମି ନାଶକ ଦିବସ ଉଦ୍‌ଘାଟିତ: ୩.୪୬ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଦିଆଯିବ ଔଷଧ

ପୁରୀ,୧୦।୨(ସମିସ): ଦୋଳବେଦୀକୋଣ ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ମଙ୍ଗଳବାର ଜିଲ୍ଲାସ୍ତରୀୟ ଜାତୀୟ କୃମି ନାଶକ ଦିବସକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅକ୍ଷୟ କୁମାର ଶତପଥୀ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ୍ୟ ୧ରୁ ୧୯ ବର୍ଷର ସମସ୍ତ ପିଲା ଓ ୨୦ରୁ ୨୪ ବର୍ଷ ପର୍ଯ୍ୟନ୍ତ ଯୋଗ୍ୟ ଦମ୍ପତିଙ୍କୁ ଏହି ଔଷଧ ପ୍ରଦାନର କାର୍ଯ୍ୟକ୍ରମ ରହିଛି। ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ୨୨୦୫ଟି ଶିକ୍ଷାନୁଷ୍ଠାନର ୨ ଲକ୍ଷ ୧ ହଜାର ୩୪୮ ଛାତ୍ରଛାତ୍ରୀ, ୨୫୪ଟି ବେସରକାରୀ ଶିକ୍ଷାନୁଷ୍ଠାନର ୫୬ ହଜାର ୫୬୩ ଛାତ୍ରଛାତ୍ରୀ, ୨୫୬୬ ଅଙ୍ଗନବାଡ଼ି କେନ୍ଦ୍ରର ୮୮ ହଜାର ୬୬୮ ପିଲାଙ୍କୁ ଓ ଜିଲ୍ଲାର ୬୨ ହଜାର ୨୬୦ ଯୋଗ୍ୟ ଦମ୍ପତିଙ୍କୁ ଔଷଧ ପ୍ରଦାନ କରାଯିବ। ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଯାଇଛି। ସରକାରଙ୍କ ମାର୍ଗଦର୍ଶିକା ଆଧାରରେ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ କୃମି ନାଶକ ଆଲ୍‌ବେଣ୍ଡାଜୋଲ (କୃମି ନାଶକ) ବଟିକା ତଥା ସିରପ୍ ପ୍ରଦାନ କରାଯାଇଛି। ଯେଉଁମାନେ ଫେବୃଆରୀ ୧୦ରେ କୃମିନାଶକ ବଟିକା ବା ସିରପ୍ ସେବନ କରିନାହାନ୍ତି ଅଥବା ଅସୁସ୍ଥ ଅଛନ୍ତି ସେମାନେ ଆସନ୍ତା ୧୭ରେ ଏହାକୁ ସେବନ କରିବେ। ପିଲାମାନଙ୍କଠାରେ କୃମି ଦେଖାଯାଏ। ଏହାଦ୍ୱାରା ସେମାନେ ରୁଗ୍‌ଣ ଓ ଦୁର୍ବଳ ହୋଇଥା'ନ୍ତି। ଏଣୁ ବର୍ଷକୁ ଦୁଇଥର ଯଥା- ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଓ ଅଗଷ୍ଟ ମାସରେ ଏହି କୃମି ନାଶକ ଦିବସ ପାଳନ କରାଯାଇଥାଏ। ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ ସ୍ୱାଗତ ଭାଷଣ ରଖିଥିଲେ। ରବୀନ୍ଦ୍ର କୁମାର ପ୍ରଧାନ, ବେଣୁଧର ନାୟକ, ମନୋଜ କୁମାର ପଣ୍ଡା, ଡା. ପ୍ରତ୍ୟୁଷ ନାୟକ, ଡା. ମୋନିକା ଗୁପ୍ତା, ପ୍ରତୀକ ଶ୍ରୀଚନ୍ଦନ, ପ୍ରଦୀପ କୁମାର ବରାଳ, ଦୀପକ କୁମାର ମୁଦୁଲି, ପ୍ରତାପ ଚନ୍ଦ୍ର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କିଶୋର ଚନ୍ଦ୍ରଶେଖର ପ୍ରସାଦ ଦାଶ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ଜିଲ୍ଲା ପ୍ରକଳ୍ପ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଉପସ୍ଥିତ ଶିଶୁମାନଙ୍କୁ କୃମି ନାଶକ ସିରପ୍ ପ୍ରଦାନ କରାଯାଇଥିଲା। ଶେଷରେ ଉକ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ବୃକ୍ଷରୋପଣ କରାଯାଇଥିଲା।

ପୁଲିସର ଅପରାଧ ସମୀକ୍ଷା ବୈଠକ

# ମାମଲାର ତ୍ୱରିତ ତଦନ୍ତ; ଅପରାଧୀଙ୍କୁ ଶୀଘ୍ର ଚିହ୍ନଟ ପାଇଁ ନିର୍ଦ୍ଦେଶ



ପୁରୀ,୧୦।୨(ସମିସ): ପୁରୀ ପୁଲିସର ଫେବୃଆରୀ ମାସର ଅପରାଧ ସମୀକ୍ଷା ବୈଠକ ମଙ୍ଗଳବାର ଏସ୍‌ପି ପ୍ରତୀକ୍ ସିଂଙ୍କ ଅଧ୍ୟକ୍ଷତାରେ ପୁଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୬ ବର୍ଷ ପାଇଁ ପୁଲିସର କାର୍ଯ୍ୟ ପରିକଳ୍ପନା, ଅପରାଧ ନିୟନ୍ତ୍ରଣ ନୀତି, ଜନସୁରକ୍ଷା ଓ ଆଧୁନିକ ପୁଲିସିଂ ପ୍ରଣାଳୀ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଅତିରିକ୍ତ ଏସ୍‌ପି ଅନୋଖା ବିଜୟ, ସୁଶୀଲ ମିଶ୍ର, ଦେବୀ ପ୍ରତାପ, ସଚିନ ପଟେଲ ଓ ସୌମ୍ୟରଞ୍ଜନ ମଲ୍ଲିକଙ୍କ ସମେତ ସବୁ ସବ୍‌ଡିଭିଜନ୍‌ର ଅଧିକାରୀ, ସମସ୍ତ ଥାନାଧିକାରୀ, ସବୁ କୋର୍ଟର ପୁଲିସ ଅଧିକାରୀ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏସ୍‌ପି ଶ୍ରୀ ସିଂ କହିଥିଲେ ଯେ, ପୁଲିସର ପ୍ରଧାନ ଲକ୍ଷ୍ୟ ହେଉଛି ଜନସାଧାରଣଙ୍କ ସୁରକ୍ଷା, ଆଇନ ଶୃଙ୍ଖଳା ରକ୍ଷା ଓ ଆଧୁନିକ ପ୍ରଣାଳୀରେ ଅପରାଧ ନିୟନ୍ତ୍ରଣ। ସେ ସମସ୍ତ ଅଧିକାରୀଙ୍କୁ ନିଷ୍ଠା, ଜନସେବା ମନୋଭାବ ଏବଂ ଜନସାଧାରଣଙ୍କୁ ଭଲ ବ୍ୟବହାର କରିବା ଲାଗି ପରାମର୍ଶ ଦେଇଥିଲେ। ସେହିପରି ସିସିଟିଭି ମନିଟରିଂ, ଡିଜିଟାଲ ତଦନ୍ତ, ସାଇବର ଟୁଲ୍, ଡାଟା ଆନାଲିସିସ୍ ଓ ଅନ୍ୟାନ୍ୟ ଆଧୁନିକ ପ୍ରଣାଳୀ ମାଧ୍ୟମରେ ଅପରାଧ ନିୟନ୍ତ୍ରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅପରାଧ ଘଟିବା ପୂର୍ବରୁ ତାହାକୁ ରୋକିବା ପାଇଁ ପ୍ରୋ ଆକ୍ଟିଭ୍ ପୁଲିସିଂକୁ ଆହୁରି ସକ୍ରିୟ କରିବା, ସନ୍ଦେହଜନକ ବ୍ୟକ୍ତି ଓ ଅପରାଧ ପ୍ରବଣ ଅଞ୍ଚଳ ଉପରେ ନିୟମିତ ନଜର ରଖିବା, ଚେକିଂ ଓ ଇଣ୍ଟେଲିଜେନ୍ସ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମାଜ ସହ ମିଶି କାମ କରିବା ପାଇଁ କମ୍ୟୁନିଟି ପୁଲିସିଂକୁ ଆହୁରି ମଜବୁତ କରିବାକୁ କୁହାଯାଇଥିଲା। ସମସ୍ତ ମାମଲାର ତ୍ୱରିତ ତଦନ୍ତ, ଅପରାଧୀଙ୍କୁ ଶୀଘ୍ର ଚିହ୍ନଟ, ମାମଲାର ସୁପରଭିଜନ୍, କୋର୍ଟ ପ୍ରୋସିଡିଂ ଓ ଭିକ୍ଟିମ୍ ନ୍ୟାୟ ଉପରେ ବିଶେଷ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ତଦନ୍ତରୁ ଆରମ୍ଭ କରି କୋର୍ଟ ପ୍ରୋସିଡିଂ ପର୍ଯ୍ୟନ୍ତ ପ୍ରତ୍ୟେକ ମାମଲାର ନିୟମିତ ସମୀକ୍ଷା, ସଠିକ୍ ତଦନ୍ତ, ଠିକ୍ ଡକ୍ୟୁମେଣ୍ଟେସନ, ସମୟରେ ଚାର୍ଜସିଟ୍ ଦାଖଲ ଓ କୋର୍ଟରେ ସଠିକ୍ ପ୍ରସ୍ତୁତି ମାଧ୍ୟମରେ ଦୃଢ଼ ଜଜ୍‌ମେଣ୍ଟ ନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପୁରୀ ଏକ ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ହୋଇଥିବାରୁ ପର୍ଯ୍ୟଟକ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଗତ ମାସର ଅପରାଧ ପରିସ୍ଥିତି, ଚାଲୁଥିବା ମାମଲାର ଅବସ୍ଥା, ଗୁରୁତ୍ୱପୂର୍ଣ୍ଣ ମାମଲାର ତଦନ୍ତ ପ୍ରଗତି, ଟ୍ରାଫିକ୍ ବ୍ୟବସ୍ଥା, ସାଇବର ଅପରାଧ ନିୟନ୍ତ୍ରଣ ଓ ଆଗାମୀ ଦିନର କାର୍ଯ୍ୟ ପରିକଳ୍ପନା ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା।

## ଲଜ୍ ଉପରକୁ ବୋମାମାଡ଼

ପୁରୀ,୧୦।୨(ସମିସ): ପୁରୀକୁ ଅପରାଧମୁକ୍ତ କରିବା ଲାଗି ପୁଲିସ ପକ୍ଷରୁ ଅପରେସନ ଚକ୍ର ଅଭିଯାନ ଜାରି ରହିଛି। ଏହି ଅଭିଯାନରେ ପୁଲିସକୁ ବିଭିନ୍ନ ସମୟରେ ସଫଳତା ମିଳୁଛି। ତଥାପି ଅପରାଧମୂଳକ ଘଟଣା ଉପରେ ସେମିତି ରୋକ୍ ଲାଗିପାରିନାହିଁ। ବିଭିନ୍ନ ସମୟରେ ଅପରାଧ ଘଟାଉଛନ୍ତି ଅଭିଯୁକ୍ତ। ଏପରିକି ବେଳେବେଳେ ପୁଲିସକୁ ଚ୍ୟାଲେଞ୍ଜ ଦେବାଭଳି ଅପରାଧ ଭିଆଉଛନ୍ତି ଅପରାଧୀ। ମଙ୍ଗଳବାର ପୁରୀ ପୁଲିସ ଅପରାଧ ସମୀକ୍ଷା ବୈଠକ କରିଥିବାବେଳେ ରାତିରେ ସହରରେ ବୋମାମାଡ଼ ହୋଇଛି। ବଳିଆପଣ୍ଡା ଲାଇଟ୍ ହାଉସ ପଛପଟେ ଥିବା ସବିତା ଘର ଲଜ୍ ଉପରକୁ ବୋମାମାଡ଼ କରାଯାଇଥିବା ସୂଚନା ମିଳିଛି। ତେବେ କେଉଁ କାରଣରୁ ବୋମାମାଡ଼ ହୋଇଛି ସେ ନେଇ ସଠିକ୍ ସୂଚନା ମିଳିପାରିନାହିଁ। ପୂର୍ବ ଶତ୍ରୁତାକୁ ନେଇ ବୋମାମାଡ଼ ହୋଇଥିବା ଅନୁମାନ କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ବଳିଆପଣ୍ଡା ଥାନା ଅନ୍ତର୍ଗତ ଲାଇଟ୍ ହାଉସ ପଛପଟେ ଥିବା ସବିତା ଘର ଲଜ୍ ଉପରକୁ ବୋମାମାଡ଼ ହୋଇଛି। ଦୁଇଜଣ ବ୍ୟକ୍ତି ସ୍କୁଟିରେ ଆସି ୩ଟି ବୋମାମାଡ଼ କରିଥିବା କୁହାଯାଉଛି। ବୋମାମାଡ଼ରେ ଲଜ୍‌ର କବାଟ, ଝରକା ଗୁଣ୍ଡ ହୋଇଯାଇଛି। ଯାତ୍ରୀମାନେ ଭୟଭୀତ ଅବସ୍ଥାରେ ଲଜ୍‌ରେ ରହିଥିବା ଜଣାପଡ଼ିଛି। ଏନେଇ ପୁଲିସ ପକ୍ଷରୁ କୌଣସି ସୂଚନା ମିଳିପାରିନାହିଁ।